ଏ ସମ୍ପର୍କରେ ରାଜ୍ୟ ପୋଲିସ ବିଭାଗର ଲ' ଆଣ୍ଡ୍ ଅର୍ଡର ଏଡିଜି ସଞ୍ଜୟ କୁମାର କହିଛନ୍ତି, ଓଡ଼ିଶାରୁ ବିଗତ ଦିନରେ ଆତଙ୍କବାଦୀ ଲିଙ୍କ୍‌ରେ ରହିଥିବା ବ୍ୟକ୍ତିଙ୍କୁ ଗିରଫ ପରେ ପୋଲିସ ଅଧିକ ସକ୍ରିୟ ରହିଛି। କିଛି ଭୟ କରିବାର ନାହିଁ। ଓଡ଼ିଶା ପୋଲିସ ସର୍ବଦା ଦିଲ୍ଲୀ ଏନ୍‌ଆଇଏ ଏବଂ ଆଇବି ସହ ଯୋଗାଯୋଗରେ ରହିଛି। ସେଭଳି କିଛି ଆତଙ୍କବାଦୀ କାର୍ଯ୍ୟକଳାପ ନେଇ ସୂଚନା ମିଳିଲେ ତୁରନ୍ତ ପଦକ୍ଷେପ ନିଆଯିବ। ଏବେ ରାଜ୍ୟ ଗୋଇନ୍ଦା ଏବଂ ଖବରୀ(ସୂଚନାଦାତା)ଙ୍କୁ ଅଧିକ ସକ୍ରିୟ କରାଯାଇଛି। ଦେଶବିରୋଧୀ କାର୍ଯ୍ୟକଳାପରେ କେହି ସମ୍ପୃକ୍ତ ଥିଲେ ତୁରନ୍ତ ଧରାଯିବ ବୋଲି ସେ କହିଛନ୍ତି।

# କାଳିମେଳା ଜଙ୍ଗଲରେ ଥିବା ପାହାଡ଼ ଗୁମ୍ଫାରୁ ବିସ୍ଫୋରକ ସାମଗ୍ରୀ ଜବତ


ବିଏସ୍‌ଏଫ୍ ଯବାନଙ୍କ ଦ୍ୱାରା ଜବତ ବିସ୍ଫୋରକ।

**ମାଲକାନଗିରି,୧୬।୧୧(ସୁଚିତ୍ରା ଦାସ)**

ମାଲକାନଗିରି ଜିଲା କାଳିମେଳା ଥାନା ଦୁଲାଗୁଣ୍ଡି ଜଙ୍ଗଲରେ ଥିବା ପାହାଡ଼ର ଏକ ଗୁମ୍ଫା ଭିତରେ ମାଓବାଦୀମାନେ ଲୁଚାଇଥିବା ବହୁ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି। ମାଲକାନଗିରି ପୋଲିସ ଓ ବିଏସ୍‌ଏଫ୍ ଯବାନ ସର୍ଚ୍ଚ ଅପରେଶନ କରିବା ସମୟରେ ସୂଚନା ପାଇ ସତର୍କତାର ସହ ଗୁମ୍ଫାରୁ ମାଓବାଦୀ ସାମଗ୍ରୀକୁ ଜବତ କରିଥିଲେ। ସେଥିମଧ୍ୟରେ ଗୋଟିଏ ବନ୍ଧୁକ ,ବିପୁଳ ପରିମାଣର ଜୀବନ୍ତ ଗୁଳି, ଜିଲେଟିନ ଷ୍ଟିକ, ଲ୍ୟାଣ୍ଡମାଇନ ପରି ଅନେକ ବିସ୍ଫୋରକ ସାମଗ୍ରୀ ରହିଛି। ମାଓବାଦୀମାନେ ପୋଲିସକୁ ଟାର୍ଗେଟ କରିବା ପାଇଁ ଏହି ବିସ୍ଫୋରକ ସାମଗ୍ରୀ ବହୁଦିନ ତଳେ ରଖିଥିବା ପୋଲିସ ଅନୁମାନ କରୁଛି।

# କ୍ୟାଡର ମାଓବାଦୀ ଦମ୍ପତିଙ୍କ ଆତ୍ମସମର୍ପଣ

**ଫୁଲବାଣୀ,୧୬।୧୧(ରାକେଶ କୁମାର ରାଉତ)**

ସଙ୍ଗଠନର କାର୍ଯ୍ୟକଳାପରେ ଅତିଷ୍ଠ ହୋଇ କ୍ୟାଡର ମାଓବାଦୀ ଦମ୍ପତି କନ୍ଧମାଳ ପୋଲିସ ପାଖରେ ଆତ୍ମସମର୍ପଣ କରିଛନ୍ତି। ସେମାନେ ହେଲେ ଛତିଶଗଡ ରାଜ୍ୟ ସୁକୁମା ଜିଲାର ଉଙ୍ଗା କାଲମୁ ଓରଫ କିଶୋର(୨୫) ଓ ତାଙ୍କ ସ୍ତ୍ରୀ ମାସେ ମାଦଭି(୨୨)। ଉଭୟେ ବଂଶଧାରା ଘୁମୁସର ନାଗାବଳୀ(ବିଜିଏନ୍) ଡିଭିଜନରେ କାମ କରୁଥିଲେ ବୋଲି ରବିବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ସୂଚନା ଦେଇଛନ୍ତି।

୨୦୧୮ରେ କିଶୋର ଓ ମାଦଭି ସିପିଆଇ ମାଓବାଦୀ ସଂଗଠନରେ ଯୋଗଦେବା ପରେ କ୍ୟାଡର ମାଓବାଦୀ ଭାବେ କାର୍ଯ୍ୟ କରୁଥିଲେ। ସୁପ୍ତ ହୋଇ ପଡ଼ିଥିବା ଉତ୍ତର-ଦକ୍ଷିଣ କରିଡରକୁ ପୁନଃସକ୍ରିୟ କରିବା ପାଇଁ ସେମାନେ ନିୟୋଜିତ ହୋଇଥିଲେ। ଝାଡ଼ଖଣ୍ଡ-ଛତିଶଗଡ଼ ଦେଇ ଓଡ଼ିଶାର ଦକ୍ଷିଣ ମଧ୍ୟବର୍ତ୍ତୀ ଅଞ୍ଚଳ ମାଓବାଦୀଙ୍କ ନଜରରେ ଥିଲା। ଏହି ଦମ୍ପତି ଛତିଶଗଡ଼ ଏବଂ ଓଡ଼ିଶାର ବିଭିନ୍ନ ମାଓବାଦୀ ହିଂସା କାର୍ଯ୍ୟକଳାପରେ ସାମିଲ ଥିଲେ। କିନ୍ତୁ ସେମାନେ ସଙ୍ଗଠନର କାର୍ଯ୍ୟକଳାପକୁ ନେଇ ହତାଶ ଏବଂ ମାନସିକ ଦୁଶ୍ଚିନ୍ତାରେ ଥିଲେ। ମହିଳାମାନଙ୍କୁ ଯୌନ ନିର୍ଯାତନା, ଅନୈତିକ ଉପାୟରେ ଅର୍ଥ ଉପାର୍ଜନ, ଯୁବତୀ ଯୁବକଙ୍କୁ ମିଥ୍ୟା ପ୍ରତିଶ୍ରୁତି, ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ଦୁର୍ବ୍ୟବହାର, ଗଞ୍ଜେଇ ଚାଷକୁ ପ୍ରୋତ୍ସାହନ, ମାଓବାଦୀଙ୍କ ବିରୋଧରେ ହେଉଥିବା ଅପରେଶନରେ ଅତିଷ୍ଠ ହେବା ସହ ମାଓବାଦୀ ଦମ୍ପତି ସରକାରଙ୍କ ଥଇଥାନ ନୀତିରେ ଆକର୍ଷିତ ହୋଇ ଆତ୍ମସମର୍ପଣ କରିବାକୁ ଯୋଗାଯୋଗ କରିଥିଲେ। ସେମାନଙ୍କୁ ପୂର୍ଣ୍ଣ ସହଯୋଗ କରାଯାଇଥିଲା। ସରକାରଙ୍କ ନୀତି ନିୟମ ଅନୁସାରେ ସବୁ ସୁବିଧା ଯୋଗାଇ ଦିଆଯିବ। ଯେଉଁମାନେ ଏହି ହିଂସା ପଥରେ ଅଛନ୍ତି, ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ପୁଣି ଅନୁରୋଧ କରୁଛୁ। ମାଓବାଦୀ କାର୍ଯ୍ୟକଳାପ ଛାଡ଼ିଲେ ସରକାରଙ୍କ ଥଇଥାନ ନୀତିରେ ଥିବା ସବୁ ଯୋଜନା ଯୋଗାଇ ଦିଆଯିବ ବୋଲି ଆଇଜି ଶେଖର ଏବଂ କନ୍ଧମାଳ ଏସ୍‌ପି ହରିଶ ବି.ସି. କହିଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବାଲିଗୁଡା ଏସ୍‌ଡିପିଓଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


ଆତ୍ମସମର୍ପଣ କରିଥିବା ମାଓବାଦୀ।



ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ରବିବାର ବ୍ୟାଡମିଣ୍ଟନ ତାରକା ଶ୍ୱେତପର୍ଣ୍ଣା ପଣ୍ଡାଙ୍କୁ ଏକଲବ୍ୟ ପୁରସ୍କାରରେ ସମ୍ମାନିତ କରୁଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଇମ୍ପାକ୍ଟର ଟ୍ରଷ୍ଟି ବୈଜୟନ୍ତ ପଣ୍ଡା ଓ ପାରମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଅଛନ୍ତି। **(ଫଟୋ: ବିକାଶ ନାୟକ)**

# ବାଇକ୍-ସ୍କୁଟି ଧକ୍କା: ୨ ମୃତ, ୪ ଆହତ

**ଢେଙ୍କାନାଳ,୧୬।୧୧(ରତନ ନାୟାର)**

ଢେଙ୍କାନାଳ ଜିଲା ସଦର ଥାନା ଗେଙ୍ଗୁଟିଆ ଓ ତୁମୁସିଙ୍ଗା ଥାନା ପଣ୍ଡୁଆ ଫାଣ୍ଡି କମଗରା ମଧ୍ୟରେ ବ୍ରାହ୍ମଣୀ ନଦୀ ଉପରେ ଥିବା ସାରଙ୍ଗଧର ସେତୁ ଉପରେ ରବିବାର ଅପରାହ୍ନରେ ଏକ ସ୍କୁଟି ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇ ୨ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ୨ ଜଣ ହେଲେ ସଦର ଥାନା ତରଭା ଫାଣ୍ଡି କେଉଟବେରେଣୀ ଗ୍ରାମର ସତ୍ୟଜିତ ବରାଳ(୨୭) ଓ ବିଶ୍ୱପ୍ରସାଦ ବରାଳ(୨୦)। ଉଭୟେ ଏକ ବାଇକ୍‌ରେ ଢେଙ୍କାନାଳରୁ କାମାକ୍ଷାନଗର ଆଡ଼କୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ସ୍କୁଟି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍କୁଟିରେ ବସିଥିବା ୩ ଜଣଙ୍କ ସମେତ ପଛରେ ଆସୁଥିବା ଆଉ ଏକ ବାଇକ୍ ଆରୋହୀ ପିଚିହୋଇ ଆହତ ହୋଇଥିଲେ। ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବରପାଇ ସଦର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିବା ସହିତ ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଦୁର୍ଘଟଣା ପରେ ସାରଙ୍ଗଧର ସେତୁ ଉପରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା।

# ପୋଖରୀରେ ବୁଡ଼ି ୨ ମୃତ

**ଢେଙ୍କାନାଳ,୧୬।୧୧(ରତନ ନାୟାର)**

ପୃଥକ ପୃଥକ ଘଟଣାରେ ଢେଙ୍କାନାଳ ଜିଲା ସଦରଥାନା ବଣସିଂହ ଓ ମହୁଲପଡ଼ା ଗ୍ରାମରେ ରବିବାର ପୋଖରୀରେ ବୁଡ଼ି ୨ ଜଣଙ୍କର ମୃତ୍ୟୁ ଘଟିଛି। ବଣସିଂହରେ ପୋଖରୀରେ ବୁଡ଼ି କାଠିଆ ମହାଲିକ(୬୦)ଙ୍କର ମୃତ୍ୟୁ ଘଟିଥିବା ବେଳେ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ମହୁଲପଡ଼ାରେ ପୋଖରୀରେ ବୁଡ଼ି ଅଜିତ ପରିଡ଼ା(୪୨)ଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଖବରପାଇ ସଦର ଥାନା ଓ ଗୋବିନ୍ଦପୁର ଫାଣ୍ଡି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

# ସଚେତନତା ରୋକିବ ସାଇବର ଠକେଇ

**କଟକ,୧୬।୧୧(କାର୍ତ୍ତିକ ସାହୁ)**

**ରାଜ୍ୟରେ ବୁଲୁଛି ୧୬ ରଥ, ଆୟୋଜନ ହେଉଛି ବିଭିନ୍ନ କାର୍ଯ୍ୟକ୍ରମ**

ସାଇବର ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଓଡ଼ିଶା ପୋଲିସର ୧୬ଟି ସାଇବର ରଥ ସାରା ରାଜ୍ୟର ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପରିକ୍ରମା କରୁଛି। ଏହି ରଥରେ ଲାଗିଥିବା ଏଲ୍‌ଇଡି ପ୍ୟାନେଲରେ ପ୍ରଦର୍ଶିତ ଭିଡିଓ ବାର୍ତ୍ତା ଜନସାଧାରଣ, ବିଶେଷକରି ଛାତ୍ରୀଛାତ୍ରଙ୍କୁ ଆକର୍ଷିତ କରିବା ସହ ସେମାନଙ୍କ ମନରେ ସାଇବର ସୁରକ୍ଷା ପ୍ରତି ବଢୁଥିବା ସଚେତନତା ଏବଂ ଆଗ୍ରହ ସୃଷ୍ଟି କରାଉଛି। ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଜିଲାରେ ଅନୁଷ୍ଠିତ ହୋଇଥିବା ରାଲି, ସେମିନାର, କର୍ମଶାଳା ଏବଂ ସାଧାରଣ ସଭା ସମେତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ସାଧାରଣ ନାଗରିକ ଅଂଶଗ୍ରହଣ କରି ସାଇବର ସୁରକ୍ଷା କ୍ଷେତ୍ରରେ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଛନ୍ତି। ଏହି ଅଭିଯାନରେ ଓଡ଼ିଶାର ୩୩ଟି ପୋଲିସ ଜିଲା ସାମିଲ ହୋଇଥିବାବେଳେ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସର୍ବସାଧାରଣ ସ୍ଥାନରେ ସଚେତନତା କର୍ମଶାଳା ଆୟୋଜନ କରାଯାଇଛି। ଡିଜିଟାଲ ଯୁଗରେ ସାଇବର ସୁରକ୍ଷା ହେଉଛି ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର ଓ ଦାୟିତ୍ୱ। ସଚେତନତା ହିଁ ସାଇବର୍ ଅପରାଧରୁ ସୁରକ୍ଷିତ ରହିବାର ଏକମାତ୍ର ଉପାୟ- ଏଭଳି ବାର୍ତ୍ତା ପୋଲିସ ତରଫରୁ ଦିଆଯାଉଛି। ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ସାଇବର ସଚେତନତା ସମ୍ବଳିତ ଲିଫ୍‌ଲେଟ ବଣ୍ଟନ କରାଯିବା ସହ ଏଲ୍‌ଇଡି ପ୍ୟାନେଲ ମାଧ୍ୟମରେ ଠକେଇ ହେବାର ପ୍ରକ୍ରିୟା ଓ ପ୍ରତିରୋଧ ଉପାୟ ସମ୍ପର୍କିତ ଭିଡିଓ ମଧ୍ୟ ପ୍ରଦର୍ଶିତ ହେଉଛି। ସେହିପରି ଠକେଇ ଫୋନ କଲ, ଓଟିପି ଫିସିଂ, ୟୁପିଆଇ ଠକେଇ, ସେକ୍ସ ଟର୍ସନ, ଲୋନ ଆପ ଠକେଇ, ସୋସିଆଲ ମିଡ଼ିଆ ବ୍ଲାକମେଲିଂ ଭଳି ବିଭିନ୍ନ ସାଇବର୍ ଅପରାଧ ସମ୍ପର୍କରେ ବ୍ୟାପକ ସଚେତନ କରାଯାଉଛି। ଜିଲା ପୋଲିସ ତରଫରୁ ସାଇବର ସଚେତନତା ପ୍ରସାର ପାଇଁ ପଦଯାତ୍ରା, ସାଇବର ସୁରକ୍ଷା ସମ୍ପର୍କିତ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନୀୟ କଳାକାରଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ଆୟୋଜନ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ରାଜ୍ୟରେ ଡିଜିଟାଲ ସୁରକ୍ଷା ସଚେତନତା ବହୁଗୁଣ ବୃଦ୍ଧି ପାଇବ ଓ ସାଇବର୍ ଅପରାଧ ହାର ଅନେକ ମାତ୍ରାରେ କମିବ ବୋଲି ଓଡ଼ିଶା ପୋଲିସ ଆଶା ବାନ୍ଧିଛି। ଉଲ୍ଲେଖଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଏହି ଅଭିଯାନର ଶୁଭାରମ୍ଭ କରିଥିଲେ। ଏଥିରେ ୧୬ଟି ସାଇବର ରଥକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଥିଲା।

# କୋଣାର୍କର ଅର୍କବଟ ସୂର୍ଯ୍ୟଲୋକର ନନ୍ଦନବଟ

**ଡ. ସୁରେନ୍ଦ୍ର କୁମାର ମିଶ୍ର**




ଆମେ ଗତ ସଂଖ୍ୟାରେ କୋଣାର୍କଠାରେ ମନ୍ଦିର ପରିସରରେ ରହିଥିବା 'ଅର୍କବଟ' ପ୍ରସଙ୍ଗ ଆଲୋଚନା କରିଥିଲେ। ମନ୍ଦିରର ବାହାରପଟେ, ମୁଖଶାଳାରେ ସ୍ଥାନିତ ସମସ୍ତ ବିଗ୍ରହ ପ୍ରଥମେ ଅର୍କବଟ ତଳକୁ ବିଜେ କରିବା ପରେ ଯଥାଯୋଗ୍ୟ ସ୍ଥାନରେ ଖଞ୍ଜାଯାଇଥିଲେ।

ଆମେ ତ ପୋଥି ବର୍ଣ୍ଣନା ଦେଖିଲେ। ଶାସ୍ତ୍ର ବର୍ଣ୍ଣନା ବି ଜାଣିବା। ମୈତ୍ରେୟ ବନରେ ଅର୍କବଟ ତଳେ ସାଧୁ, ସନ୍ଥ ଓ ମୁନିମାନେ ଆଶ୍ରୟ ନେଉଥିଲେ। ଅଧ୍ୟାତ୍ମ ଦୃଷ୍ଟିରୁ ତାହା ଥିଲା ମୁକ୍ତିପ୍ରଦ। 'ମୁକ୍ତି'ର ପରିଭାଷା ଆମେ ଜାଣିଛେ। ଅବସୋସରୁ ମୁକ୍ତି। ଅବସୋସ ଷୋହଳ ପ୍ରକାର। ଏଥିରୁ ମୁକ୍ତି ମାନେ ନୀରବତା ଆଡ଼କୁ ଗତି। ମୌନ ଅବସ୍ଥା... ଭାବନାମୁକ୍ତ...। ଶାସ୍ତ୍ର ମତରେ ଶ୍ରୀଆଦିତ୍ୟ ସାକ୍ଷାତ୍ 'ଅର୍କବଟ' ରୂପ ଧାରଣ କରିଥିଲେ। ଅର୍କବଟ ସଂସ୍ପର୍ଶ ମାନେ ଅବଧ। ମାନସିକ ସ୍ତରରେ ଅବଧ। ମାୟାର ମୋହ ତାକୁ କବଳିତ କରିପାରେ ନାହିଁ। ଅର୍କବଟ ତଳେ ମୁନିମାନେ ସୂର୍ଯ୍ୟମନ୍ତ୍ର ଜପ କରୁଥିଲେ। ଜପରୁ ଧ୍ୟାନ ଆଡ଼କୁ ରାସ୍ତା। ତେଣୁ ଅଭୀଷ୍ଟ ପ୍ରାପ୍ତି ହୁଏ। ପ୍ରାଚୀନ ଶାସ୍ତ୍ର କୁହେ- ଯିଏ ଅର୍କବଟ... ତାହା ହିଁ ସୂର୍ଯ୍ୟଲୋକରେ ଥିବା ନନ୍ଦନ ବୃକ୍ଷ। 'ନନ୍ଦନ' ଶବ୍ଦ ଦର୍ଶନ ଶାସ୍ତ୍ରର ପାରିଭାଷିକ ଶବ୍ଦ। ୩୪ ତତ୍ତ୍ୱରେ ନନ୍ଦନ ଏକ ତତ୍ତ୍ୱ। ଏହି ତତ୍ତ୍ୱ ପ୍ରାପ୍ତ ହୁଏ ସାଧନାର ତିନିପକ୍ଷ ମଧ୍ୟରେ। ବାହାରିଆ ଲେଖକ ଏହାକୁ ସଂଯୋଗ କଲେ ବୁଦ୍ଧଦେବଙ୍କ ବୃକ୍ଷତଳେ ୪୯ ଦିନରେ ସିଦ୍ଧି ଲାଭ ସହିତ!!

ସେତିକିବେଳେ ସମସ୍ତ ଶିଳ୍ପୀଙ୍କୁ ଦୁଇଯୋଡ଼ା ଲେଖାଏଁ ବସ୍ତ୍ର ଉପହାର ଦେଇଥିଲେ। ତା' ସହିତ ଦେଇଥିଲେ ପଦ୍ମ ଅଙ୍କିତ ସ୍ୱର୍ଣ୍ଣ ମୁଦ୍ରା। ପୂର୍ବରୁ ସୂଚନା ଦେଇଥିଲୁ- ପଦ୍ମ ଅଙ୍କିତ ସ୍ୱର୍ଣ୍ଣମୁଦ୍ରା ଆମ ସାମ୍ରାଜ୍ୟର ଗୋଟିଏ ସ୍ଥାନରେ ଗଢ଼ାଯାଉଥିଲା, ତାହା ହେଉଛି କଟକର ବିଡ଼ାନାସୀ ଦୁର୍ଗରେ। ପୋଥିରେ ଲିଖିତ ହୋଇଛି ୩୪୬ ଟି ସ୍ୱର୍ଣ୍ଣମୁଦ୍ରା ଦେଇଥିଲେ। ତାହାହେଲେ କ'ଣ ନିର୍ମାଣ କାର୍ଯ୍ୟର ଶେଷ ଶେଷିଆକୁ ୧୮ ଶହ ଶିଳ୍ପୀ, ପଥୁରିଆ, କମାର, ମାଝି, ପାଇଟିଆଳ, ନାରୀ ମୂଲିଆଣୀ, ଶଗଡ଼ିଆ, ହାତୀଆଳ ପ୍ରଭୃତି କମି କମି ଆଉ ୩୪୬ଜଣ ଥିଲେ? ନା କେବଳ ୩୪୬ ଜଣ ଶିଳ୍ପୀ ଅବଶିଷ୍ଟ ଥିଲେ।

ଆମେ ବାରମ୍ବାର 'ଶିଳ୍ପୀ' ଶବ୍ଦ ବ୍ୟବହାର କରିଛୁ। ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣରେ ଯେଉଁମାନେ ଅସୀମ ତ୍ୟାଗ କରିଥିଲେ ସେମାନେ ପଥରଶିଳ୍ପୀ। ସେମାନେ ବଢ଼େଇ ନୁହନ୍ତି। ଅଭିସନ୍ଧି ମୂଳକ ଭାବରେ କିଛି ପାଶ୍ଚାତ୍ୟ ଅନୁଗାମୀ ବ୍ୟବହାର କଲେ- ବାରଶ ବଢ଼େଇ...। ଓଡ଼ିଶାରେ ବଢ଼େଇ କହିଲେ ମହାରଣାମାନଙ୍କୁ ବି ବୁଝାଏ। ଏମାନେ କାଠ କାମ କରନ୍ତି, ପଥର କାମ ନୁହେଁ। ଏଇଠି ଅଭିସନ୍ଧିର ମୂଳବିନ୍ଦୁ। ବଢ଼େଇ ଶବ୍ଦ ପ୍ରୟୋଗ କଲେ ମୂଳରୁ ଓଡ଼ିଶାର ପଥରଶିଳ୍ପୀ କୋଣାର୍କଠାରେ ମନ୍ଦିର ଗଢ଼ି ନାହାନ୍ତି ବୋଲି ପ୍ରମାଣ କରିବାକୁ ସହଜ ହେବ। ବଢ଼େଇ କ'ଣ ମନ୍ଦିର ନିର୍ମାଣ କରନ୍ତି!! ହସରେ ଉଡ଼େଇ ହେବ। ଆମକୁ ନୁଆଁଣିଆ କରିହେବ।

'ମହାରଣା' ସାଙ୍ଗିଆ ଓଡ଼ିଶାରେ ବିଶେଷ ପ୍ରଚଳିତ। ପଥର କାରିଗର, କାଠ କାରିଗର, ଲୁହାକାରିଗର (କମାର), ଚିତ୍ର କାରିଗର, ମାଟି କାରିଗରମାନଙ୍କର 'ମହାରଣା' ସାଙ୍ଗିଆ ଅଛି। କେବଳ 'ବଢ଼େଇ' ଶବ୍ଦକୁ ରୂଢ଼ି କରାଯାଇଛି। ଆମେ ସୂଚନା ଦେଇଥିଲୁ- ପଥର କାରିଗର ଯେପରି ପଥରର ମନ୍ଦିର ନିର୍ମାଣ କରିଥିଲେ। ଆଜି ବି କରୁଛନ୍ତି, ସେହିପରି କାଠ କାରିଗର ବି ଓଡ଼ିଶାରେ କାଠର ମନ୍ଦିର ନିର୍ମାଣ କରିଛନ୍ତି। ଏହା ଏକ ବିରଳ ଘଟଣା। ଓଡ଼ିଶାରେ ତାହା 'କାଠର କୋଣାର୍କ' ଭାବରେ ପ୍ରସିଦ୍ଧ।


ଗଞ୍ଜାମ ଜିଲା ବୁଗୁଡ଼ାସ୍ଥିତ ଶ୍ରୀବିରଞ୍ଚି ନାରାୟଣଙ୍କ କାଠର ମନ୍ଦିର କାନ୍ଥରେ ଥିବା ପ୍ରାଚୀନ ଶ୍ରୀକ୍ଷେତ୍ରର ମାନଚିତ୍ର। ପଟ୍ଟଚିତ୍ରର ଏହି ମାନଚିତ୍ର ଉତ୍ତରପାର୍ଶ୍ୱରେ ରହିଅଛି। **(ଫଟୋ: କାଳିଚରଣ ଦାଶ, ବୁଗୁଡ଼ା)**

ଗଞ୍ଜାମ ଜିଲାର ପ୍ରାଚୀନ ଶ୍ରୀକରନଗର, ବର୍ତ୍ତମାନର ବୁଗୁଡ଼ାଠାରେ ଓଡ଼ିଆ ପୁଅ ଗଢ଼ିଥିଲା ନିହାଣ ମୁନରେ କାଠର କୋଣାର୍କ। ୪୮ଟି ପଥର ଖମ୍ବ ଉପରେ କାଠର ରଥ ସଦୃଶ ମନ୍ଦିର। ସାମ୍ନାରେ 'ଭଦ୍ରମଣ୍ଡପ'। ଏକ ଚକ ବିଶିଷ୍ଟ ମନ୍ଦିରର ଅଗ୍ରଭାଗରେ ସାତୋଟି ଘୋଡ଼ା ରଥକୁ ଟାଣୁଥିବାର ଦୃଶ୍ୟ। କୋଣାର୍କରେ ଶ୍ରୀସୂର୍ଯ୍ୟନାରାୟଣ ପୂର୍ବାଭିମୁଖୀ, ବୁଗୁଡ଼ାରେ ଶ୍ରୀବିରଞ୍ଚିନାରାୟଣ ପଶ୍ଚିମାଭିମୁଖୀ। କୋଣାର୍କରେ ସୂର୍ଯ୍ୟଙ୍କର ଉଦୟକାଳୀନ କିରଣ ଯେପରି ପ୍ରଥମେ ସ୍ପର୍ଶ କରେ, ବୁଗୁଡ଼ାରେ ସୂର୍ଯ୍ୟାସ୍ତ ସମୟରେ ଅସ୍ତଗାମୀ ସୂର୍ଯ୍ୟଙ୍କର ରକ୍ତିମ ଆଭା ଶ୍ରୀବିରଞ୍ଚିନାରାୟଣଙ୍କୁ ସ୍ପର୍ଶ କରେ। ସୂର୍ଯ୍ୟଙ୍କର ଉତ୍ତରାୟଣ ଗତି ହେଉ କି ଦକ୍ଷିଣାୟନ ହେଉ, ତାଙ୍କର ଆଭା ସ୍ପର୍ଶ କରିବାରେ ବ୍ୟତିକ୍ରମ ନାହିଁ। ଆହାଃ... ଓଡ଼ିଆ କାଠଶିଳ୍ପୀଙ୍କର କି ଅନନ୍ୟ କଳାକୃତି!

କାଠର କୋଣାର୍କ ପ୍ରତି ମନେହୁଏ ନଜର ପଡ଼ିନି। ନ ହେଲେ ଲେଖିଥାନ୍ତେ ବାହାର ସାମ୍ରାଜ୍ୟର କାଠଶିଳ୍ପୀ ଆସି ଗଢ଼ିଛନ୍ତି। କାଠର କୋଣାର୍କ ମନ୍ଦିରର ଉତ୍ତର ପାର୍ଶ୍ୱରେ ପଟ୍ଟଚିତ୍ର ମହାରଣା(ଶିଳ୍ପୀ) ପ୍ରାୟ ତିନିଶହ ବର୍ଷ ତଳର ଆଙ୍କି ଦେଇଛନ୍ତି ଶ୍ରୀକ୍ଷେତ୍ରର ମାନଚିତ୍ର। ପଟ୍ଟଚିତ୍ର ଶୈଳୀରେ...।

ଯେଉଁ ଲୋକ ତୁମ ଉପରେ ରାଗୁଛି ବା ତୁମକୁ ଅପମାନ କରୁଛି-ତୁମର ଆଗ ବୁଝିବା ଉଚିତ ଯେ, ସେ ଗୋଟିଏ ଦୁର୍ବଳ ଲୋକ। ଏଣୁ ସେ ଏତେ ରାଗୁଛି। କିନ୍ତୁ ତୁମେ ଯଦି ତା'ର ଏହି ରାଗ ଓ ହିଂସାର ପ୍ରତ୍ୟୁତ୍ତର ଦିଅ ବା ପ୍ରତିକ୍ରିୟା ଦେଖାଅ- ତେବେ ଏ କଥା ନିଶ୍ଚୟ ଜାଣିବ ଯେ, ତୁମେ ମଧ୍ୟ ତା'ଭଳି ଏକ ଦୁର୍ବଳ ବ୍ୟକ୍ତିତ୍ୱ। -ଶ୍ରୀମା



# ପାତ୍ର ଥିଲେ ସିନା

ବିହାର ବିଧାନସଭା ନିର୍ବାଚନ ଫଳ ଭାରତୀୟ ରାଜନୈତିକ ଇତିହାସ ପାଇଁ ଏକ ନୂଆ ପାଣ୍ଡୁଲିପି ଲେଖିଛି। ଦୁଇ ଦଶନ୍ଧି ଧରି ମୁଖ୍ୟମନ୍ତ୍ରୀ ରହିଥିବା ନୀତିଶ କୁମାର ଓ କ୍ଷମତା ରାଜନୀତିରେ ସହଯୋଗୀ ଭାଜପା ସରକାରୀ ବିରୋଧୀ ପବନର ସମ୍ମୁଖୀନ ହୋଇପାରନ୍ତି ବୋଲି ଭୋଟ ଗ୍ରହଣ ପୂର୍ବରୁ ଆଲୋଚନା ହେଉଥିଲା। ତେବେ ଏକ୍‌ଜିଟ ପୋଲ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ଅଧିକ ସିଟ୍ ମିଳିବ ବୋଲି ଆକଳନ କରିଥିବା ବେଳେ ରାଷ୍ଟ୍ରୀୟ ଜନତା ଦଳ(ଆର୍‌ଜେଡି), କଂଗ୍ରେସ ସହ ମିଶି ସୃଷ୍ଟି ହୋଇଥିବା ମହାଗଠବନ୍ଧନ ଦ୍ୱିତୀୟ ସ୍ଥାନରେ ରହିବ ବୋଲି ଅନୁମାନ ଲଗାଯାଇଥିଲା। ହେଲେ ୧୪ ନଭେମ୍ବରରେ ପ୍ରକାଶିତ ଫଳାଫଳ ଆଶଙ୍କା କିମ୍ବା ସମ୍ଭାବନା ଆଦି ସୀମା ଅତିକ୍ରମ କରି ଏନ୍‌ଡିଏକୁ ବିପୁଳ ବିଜୟ ଦେଇଦେଲା। ଫଳ ଦେଖି ଏନ୍‌ଡିଏ ନେତା ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ୨୪୩ ଆସନ ମଧ୍ୟରୁ ୨୦୨ ଆସନ ଜିତି ଏନ୍‌ଡିଏ ଯେଉଁ ଅପ୍ରତ୍ୟାଶିତ ବିଜୟ ହାସଲ କଲା ସେଥିରେ ଭାଜପା ୮୯ ଆସନ ପାଇ ଆଗରେ ଥିବା ବେଳେ ଜେଡିୟୁ ୮୫ ସିଟ୍ ଜିଣି ତା' ପାଖାପାଖି ରହିଲା। ଉଲ୍ଲେଖଯୋଗ୍ୟ ଯେ, ଉଭୟ ଦଳ ସମାନ ସଂଖ୍ୟକ ୧୦୧ ଆସନରେ ଲଢ଼ିଥିଲେ। ନିର୍ବାଚନ ଆରମ୍ଭ ବେଳୁ ନିଜକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରିଥିବା ଆର୍‌ଜେଡିର ତେଜସ୍ୱୀ ଯାଦବ ଅତି କଷ୍ଟରେ ନିଜ ଆସନ ବଞ୍ଚାଇପାରିଥିବା ବେଳେ ଦଳ ପାଇଁ ମାତ୍ର ୨୫ ସିଟ୍ ଗୋଟାଇବାରେ ସକ୍ଷମ ହେଲେ। ସହଯୋଗୀ କଂଗ୍ରେସ ଭାଗରେ ପଡ଼ିଲା କେବଳ ୬। ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ବିରୋଧୀମାନେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍), ଇଭିଏମ୍ ଜାଲିଆତି ଓ ସର୍ବୋପରି ନିର୍ବାଚନ କମିଶନଙ୍କ ଭୂମିକାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଆଗକୁ ବିରୋଧୀ ଆହୁରି କେତେ ଅଭିଯୋଗ ଆଣିପାରନ୍ତି। କିନ୍ତୁ ସାଧାରଣରେ କୁହାଯାଇଥାଏ-ଯିଏ ଜିତିଲେ ସିଏ ସମ୍ରାଟ।

ହିନ୍ଦୀ ଭାଷୀ ଅଞ୍ଚଳ ବିଶେଷକରି ବିହାର ଓ ଉତ୍ତର ପ୍ରଦେଶର ଭୌଗୋଳିକ ସ୍ଥିତି, ଲୋକସଂଖ୍ୟା ଓ ସେମାନଙ୍କ ଚରିତ୍ର, ଜାତି ଓ ଧର୍ମକୁ ନେଇ ରାଜନୀତି ସର୍ବଦା ଭାରତୀୟ ଗଣତନ୍ତ୍ରକୁ ପ୍ରଭାବିତ କରିଥାଏ। ଗତ ଶତାବ୍ଦୀର ଶେଷ ଦଶକକୁ ଯଦି ଦେଖାଯାଏ ହିଂସା, ବୁଥ୍ ଜବରଦଖଲ ଆଦି ବିହାର ନିର୍ବାଚନ ସହ ଯୋଡ଼ି ହୋଇଥିଲା ଏବଂ ଅନେକ ସ୍ଥାନରେ ପୁନଃ ମତଦାନ ହେଉଥିଲା। ୨୦୦୫ରେ ନୀତିଶ କୁମାର ମୁଖ୍ୟମନ୍ତ୍ରୀ ହେବା ପରେ ବିହାର ଅନେକ ପରିବର୍ତ୍ତନ ଦେଖିଲା। ୨୦୨୫ ବିହାର ବିଧାନସଭା ନିର୍ବାଚନ ଅନେକ ଦୃଷ୍ଟିରୁ ଗୁରୁତ୍ୱ ବହନ କରିଛି। କୌଣସି ସ୍ଥାନରେ ପୁନଃ ଭୋଟଗ୍ରହଣ ହୋଇ ନ ଥିବା ବେଳେ ହିଂସାକାଣ୍ଡ ବିଷୟରେ ଖବର ମିଳି ନାହିଁ। ଦୀର୍ଘ ଶାସନ କରିଥିବା ସତ୍ତ୍ୱେ ନୀତିଶ ବିରୋଧୀ ମତ ନ ବହିବା ଏବେ ବେଶି ଆଲୋଚନାର ବିଷୟବସ୍ତୁ ହୋଇଛି। ଏହାର ସମ୍ଭାବ୍ୟ ଉତ୍ତର ରଖାଯାଉଛି ଯେ, ମହାଗଠବନ୍ଧନ ବିହାରବାସୀଙ୍କ ମନକୁ ପଢ଼ିପାରିଲେ ନାହିଁ। ସାମାଜିକ, ଆର୍ଥିକ ଓ ରାଜ୍ୟର ଉନ୍ନତି ପ୍ରସଙ୍ଗ ବିରୋଧୀ ନ ଉଠାଇ ଜେଡିୟୁ, ଭାଜପାକୁ ଟାର୍ଗେଟ କରିବା ସହ ନିର୍ବାଚନ କମିଶନଙ୍କ ଉପରେ ଦୋଷ ଅଜାଡ଼ି ଚାଲିଲେ। ଗଣତନ୍ତ୍ରରେ ଦୋଷ ଲଦିବା ଅପେକ୍ଷା ଲୋକଙ୍କ ପାଇଁ ଦଳ କ'ଣ କରିପାରିବ ତାହା ସେମାନଙ୍କ ନିକଟରେ ପହଞ୍ଚାଇବାର ଥିଲା। କିନ୍ତୁ କମ୍ ଆଲୋଚନା ହେଉଥିବା ବିନ୍ଦୁଟି ହେଉଛି ବୃଦ୍ଧ ନୀତିଶଙ୍କ ବିକଳ୍ପ ଭାବେ ଯୁବ ତେଜସ୍ୱୀ ନିଜକୁ ପ୍ରତିପାଦିତ କରିବାରେ ଅସଫଳ ହେଉଛନ୍ତି। ଲୋକଙ୍କ ପାଖକୁ ଗଲା ବେଳେ ଗୋଟେ ଭଲ ପାତ୍ର ବା ଥାଳ ନେଇ ଯାଇଥିଲେ ଦାନ ପାଇପାରିଥାଆନ୍ତେ। ଏହି ପାତ୍ର ପ୍ରସ୍ତୁତ କରିବା ଲାଗି ଗୋଟେ ସକାରାତ୍ମକ ପରିବେଶ ସୃଷ୍ଟି କରି ନିଜର ବ୍ୟକ୍ତିତ୍ୱ ବିକଶିତ କରାଇପାରିଥିଲେ ଲୋକେ ସେହି ନେତାଙ୍କ ଗୁରୁତ୍ୱ ବୁଝିପାରିଥାଆନ୍ତେ। ଭାରତୀୟ ରାଜନୀତି ଦେଖିଛି ଗୋଟେ ବିକଳ୍ପ ସୃଷ୍ଟି ନ ହେବା ଯାଏ ନେତାମାନେ ଦୀର୍ଘ ବର୍ଷ ଧରି ଶାସନରେ ରହିଆସନ୍ତି। ନଚେତ୍ ନେତା ନେଉଥିବା କୌଣସି ପଦକ୍ଷେପ ସାଧାରଣରେ ସ୍ୱୀକାରଯୋଗ୍ୟ ହେବାରେ ଅସଫଳ ହେଲେ ଭୋଟର ମୁହଁ ମୋଡ଼ିବା ସ୍ୱାଭାବିକ। ଏହା ୨୦୨୪ ନିର୍ବାଚନରେ ଓଡ଼ିଶା ଭୋଟର ପ୍ରମାଣ କରିଦେଇଛନ୍ତି। ଓଡ଼ିଶାର ଉଦାହରଣରୁ ବୁଝିବାକୁ ହେବ ଯେ ସବୁବେଳେ ବିକଳ୍ପ ଖୋଜିବା ପାଇଁ ନାଗରିକ ଅପେକ୍ଷା କରି ବସନ୍ତି ନାହିଁ। ବିରକ୍ତ ହେଲେ ଯାହାକୁ ଇଚ୍ଛା ତାହାକୁ ଶାସନ ଗାଦିରେ ବସାଇଦେଇ ପାରୁଛନ୍ତି।

ଆଜିର ସ୍ଥିତିରେ କଂଗ୍ରେସର ରାହୁଲ ଗାନ୍ଧୀ ହୁଅନ୍ତୁ ବା ଆର୍‌ଜେଡିର ତେଜସ୍ୱୀ ଯାଦବ ଆତ୍ମସମୀକ୍ଷା କରିବା ଗୁରୁତ୍ୱ ଧାରଣ କଲାଣି। ଏକ ଜାତୀୟ ଦଳ ଭାବେ କଂଗ୍ରେସ ୬ଟି ଆସନ ପାଉଥିବାରୁ ସେଥିରୁ ରାହୁଲ ବୁଝିଯିବା ଦରକାର ଯେ, ଜନସାଧାରଣଙ୍କ ନିକଟରେ ତାଙ୍କର ଗ୍ରହଣୀୟତା ସମ୍ପୂର୍ଣ୍ଣ ଲୋପ ପାଇଲାଣି। ତେଣୁ ସେଭଳି ନେତା ନେତୃତ୍ୱ ନେବାରୁ ଓହରିଯିବା ଉଚିତ। ତେଲଙ୍ଗାନା, କର୍ଣାଟକ କିମ୍ବା ହିମାଚଳ ପ୍ରଦେଶରେ କଂଗ୍ରେସ ଶାସନକୁ ଆସିବା ପଛରେ ସ୍ଥାନୀୟ ନେତାଙ୍କ କସରତ ଥିଲା। ତେଲଙ୍ଗାନାରେ ଏ. ରେଭନ୍ତ ରେଡ୍ଡୀ, କର୍ଣାଟକରେ ଡି.କେ. ଶିବକୁମାର ଏବଂ ହିମାଚଳ ପ୍ରଦେଶରେ ସୁଖବିନ୍ଦର ସିଂ ସୁଖୁ ନିଜ ପ୍ରଚେଷ୍ଟାରେ କଂଗ୍ରେସକୁ ଜିତାଇ ପାରିଥିଲେ। ସେହି ବିଜୟ ସହ ରାହୁଲଙ୍କୁ ଆଦୌ ଯୋଡ଼ାଯିବା କଥା ନୁହେଁ। ବିହାର କଂଗ୍ରେସରେ ସେଭଳି ଆଞ୍ଚଳିକ ନେତାଙ୍କ ଅଭାବ ଆରମ୍ଭରୁ ଦିଶୁଥିଲା। ତେଣୁ ଯେତେବେଳେ ନେତାମାନେ ଜାଣୁଛନ୍ତି ଯେ ସେମାନଙ୍କ ଦ୍ୱାରା କିଛି ହୋଇପାରୁ ନାହିଁ, ନିଜଆଡ଼ୁ ସେମାନେ ମଇଦାନରୁ ଅପସରି ଯିବା କଥା। ଓଡ଼ିଶା କଥା ଦେଖିଲେ ଦିନେ ସର୍ବମାନ୍ୟ ନେତା ଭାବେ ନବୀନ ପଟ୍ଟନାୟକଙ୍କୁ ଦେଖାଯାଉଥିଲା। ଏବେ ବହୁ ଦିଗରୁ ତାଙ୍କ ବ୍ୟକ୍ତିତ୍ୱ ହ୍ରାସ ପାଇଥିବାରୁ ତାଙ୍କର ଗ୍ରହଣୀୟତା ସମ୍ପୂର୍ଣ୍ଣ ଭାବେ ଚାଲିଗଲାଣି ବୋଲି ନୂଆପଡ଼ା ଉପନିର୍ବାଚନରୁ ପ୍ରମାଣ ମିଳିଲା। ଏହା ସୁନିଶ୍ଚିତ ବିଷୟ ଯେ ଓଡ଼ିଶାରେ ଶୂନ୍ୟ ବିରୋଧୀ ସ୍ଥାନ ସୃଷ୍ଟି ହୋଇଛି। ସେହି ସ୍ଥାନକୁ ନବୀନ ପଟ୍ଟନାୟକ ପୂରଣ କରିବାର ଅକ୍ଷମତା ପ୍ରଦର୍ଶନ କରିସାରିଲେଣି। ତାଙ୍କ ପାଖରେ କୌଣସି ନୂଆ ମନ୍ତ୍ର ଦେଖିବାକୁ ବାକି ନାହିଁ ବୋଲି ନୂଆପଡ଼ା ଦେଖାଇ ଦେଲା। ଅନୁରୂପ ଭାବେ ଓଡ଼ିଶା କଂଗ୍ରେସରେ ମଧ୍ୟ ଡି.କେ. ଶିବକୁମାର କିମ୍ବା ରେଭନ୍ତ ରେଡ୍ଡୀଙ୍କ ଭଳି ଗ୍ରହଣୀୟ ନେତାଙ୍କ ଉପସ୍ଥିତି ନାହିଁ। ତେଣୁ ବିରୋଧୀ ସ୍ଥାନ ଏବେ ଖାଲି ପଡ଼ିଛି, ଯାହାକୁ କଂଗ୍ରେସ ଏକ ଜାତୀୟ ଦଳ ଭାବେ ପୂରଣ କରିପାରିବ ବୋଲି ବିଶ୍ୱାସ ହେଉନାହିଁ।

# ଆମେରିକାରେ ନୂତନ ତରଙ୍ଗ



ଜନାର୍ଦ୍ଦନ ପତି

ଯୁକ୍ତରାଷ୍ଟ୍ର ଆମେରିକାର କେବଳ ନୁହେଁ ସମଗ୍ର ବିଶ୍ୱର ପୁଞ୍ଜିର ରାଜଧାନୀ ହେଉଛି ନ୍ୟୁୟର୍କ। ସେଇଠି ରହିଛି ରାଷ୍ଟ୍ରସଂଘର ମୁଖ୍ୟ କାର୍ଯ୍ୟାଳୟ। ୱାର୍ଲଡଷ୍ଟ୍ରିଟର କେନ୍ଦ୍ର। ନ୍ୟୁୟର୍କ ଭିତରେ ବହି ଯାଉଥିବା ହଡସନ ନଦୀ ଭିତରେ ଥିବା ଟାପୁରେ ଷ୍ଟାଚ୍ୟୁ ଅଫ୍ ଲିବର୍ଟିର ବିଶାଳ ପ୍ରତିମୂର୍ତ୍ତି। ନ୍ୟୁୟର୍କ ସହରର ମ୍ୟୁନିସିପାଲିଟିର ବାର୍ଷିକ ବଜେଟ ୧୦ହଜାର କୋଟି ଡଲାର ବା ଆଠ ଲକ୍ଷ ଅଶୀ ହଜାର କୋଟି ଟଙ୍କା। ନ୍ୟୁୟର୍କର ଜିଡିପିର ପରିମାଣ ହେଉଛି ୨.୪୪ ଟ୍ରିଲିୟନ ଡଲାର। ଭାରତର ମୋଟ ଜିଡିପି ଅଧାରୁ ଅଧିକ ହେଉଛି ନ୍ୟୁୟର୍କ ସହରର ଜିଡିପି। ଯୁକ୍ତରାଷ୍ଟ୍ର ଆମେରିକାର ପଚାଶଟି ପ୍ରଦେଶ ମଧ୍ୟରୁ ଚାଳିଶଟିର ଲୋକସଂଖ୍ୟା ନ୍ୟୁୟର୍କ ସହରରୁ କମ୍। ଲୋକସଂଖ୍ୟା ପ୍ରାୟ ୮୫ଲକ୍ଷ। ନ୍ୟୁୟର୍କ ଚଳଣି ଖର୍ଚ୍ଚ ବହୁତ ବେଶି। ଘରଭଡ଼ା, ଟ୍ୟାକ୍ସିଭଡ଼ା, ଗ୍ରୋସରି ଦାମ୍ ଖୁବ୍ ଅଧିକ। ଗୋଟିଏ ପଟେ ଅତ୍ୟନ୍ତ ପ୍ରାଚୁର୍ଯ୍ୟ ଓ ଅପରପଟେ ସାଧାରଣ ଲୋକଙ୍କ ଜୀବନଯାପନ ଖୁବ୍ କଷ୍ଟସାଧ୍ୟ।

୪ ନଭେମ୍ବର ୨୦୨୫ରେ ନ୍ୟୁୟର୍କ ମ୍ୟୁନିସିପାଲ ମେୟର ପଦବୀ ପାଇଁ ନିର୍ବାଚନ ହୋଇଥିଲା। ନ୍ୟୁୟର୍କ ସହରର ଭୋଟଦାତାମାନେ ଡେମୋକ୍ରାଟିକ ଦଳକୁ ପ୍ରାୟତଃ ସମର୍ଥନ କରିଥାନ୍ତି। ଡେମୋକ୍ରାଟିକ ଦଳର ବର୍ତ୍ତମାନ ନ୍ୟୁୟର୍କ ମେୟର ଅଛନ୍ତି ଆଣ୍ଡ୍ରେୟୁ କ୍ୟୁମୋ। ତାଙ୍କର କାର୍ଯ୍ୟକାଳ ଜାନୁୟାରୀ ୨୦୨୬ରେ ଶେଷ ହେବ। ନଭେମ୍ବର ୪ ତାରିଖ ନିର୍ବାଚନ ପୂର୍ବରୁ ଡେମୋକ୍ରାଟିକ ଦଳର ମେୟର ପ୍ରାର୍ଥୀ କିଏ ହେବ, ସେଥିପାଇଁ ଦଳ ଭିତରେ ନିର୍ବାଚନ ହୋଇଥିଲା ଓ ଜୋହରାନ ମାମଦାନି ନିର୍ବାଚିତ ହୋଇଥିଲେ ପ୍ରାର୍ଥୀ ହେବା ପାଇଁ। ଆଣ୍ଡ୍ରେୟୁ କ୍ୟୁମୋଙ୍କ ପଛରେ ବହୁ ପୁଞ୍ଜିପତି ଠିଆ ହୋଇଥିଲେ। ମାତ୍ର ଆଣ୍ଡ୍ରେୟୁ ପରାସ୍ତ ହେଲେ ଓ ଡେମୋକ୍ରାଟିକ ଦଳ ପକ୍ଷରୁ ପ୍ରାର୍ଥୀ ହୋଇପାରିଲେ ନାହିଁ।

ଜୋହରାନଙ୍କ ପିତା ମହମ୍ମଦ ମାମଦାନି ଜଣେ ମହାରାଷ୍ଟ୍ରର ମୁସଲମାନ। ସେ ୧୯୪୬ରେ ବମ୍ବେରେ ଜନ୍ମଲାଭ କରିଥିଲେ। ଜଣେ ପ୍ରଫେସର। ଉଗାଣ୍ଡାର ଏକ ବିଶ୍ୱବିଦ୍ୟାଳୟର ସେ କୁଳପତି। ଜୋହରାନଙ୍କ ମା' ମୀରା ନାୟାର, ଓଡ଼ିଶା ରାଉରକେଲାରେ ୧୯୫୭ରେ ଜନ୍ମଗ୍ରହଣ କରିଥିଲେ। ସେ ଜଣେ ଉଚ୍ଚଶିକ୍ଷିତା ଓ ଫିଲ୍ମ ନିର୍ମାତା। ଜୋହରାନଙ୍କ ମାତାପିତା ଉଗାଣ୍ଡା ଯାଇଥିଲେ ଓ ସେଠାରେ ଜୋହରାନ ଜନ୍ମ ହୋଇଥିଲେ। ତା'ପରବର୍ତ୍ତୀ କାଳରେ ସେମାନେ ଯୁକ୍ତରାଷ୍ଟ୍ର ଆମେରିକାକୁ ଯାଇ ସେଠାକାର ନାଗରିକତ୍ୱ ଗ୍ରହଣ କରିଥିଲେ।

ନ୍ୟୁୟର୍କ ସହରର ମେୟର ନିର୍ବାଚନ ସମଗ୍ର ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଛି। କାରଣ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ନିଜ ଦଳର ପ୍ରାର୍ଥୀଙ୍କ ପରିବର୍ତ୍ତେ ଡେମୋକ୍ରାଟିକ ଦଳର ସଦସ୍ୟ ଓ ସ୍ୱାଧୀନ ମେୟର ପ୍ରାର୍ଥୀ ଆଣ୍ଡ୍ରେୟୁ କ୍ୟୁମୋଙ୍କୁ ସମର୍ଥନ ଜଣାଇଥିଲେ। ଫଳରେ ଏହି ନିର୍ବାଚନ ବିତର୍କିତ ହୋଇ ଉଠିଲା।

ଜୋହରାନ ମମଦାନି ଡେମୋକ୍ରାଟିକ ଦଳର ସଦସ୍ୟ ଓ ଡେମୋକ୍ରାଟିକ ସୋସାଲିଷ୍ଟ



ଅଫ୍ ଆମେରିକା ଗ୍ରୁପର ମଧ୍ୟ ସଦସ୍ୟ। ଏହି ଡେମୋକ୍ରାଟିକ ସୋସାଲିଷ୍ଟ ଏକ ରାଜନୈତିକ ଦଳ ନୁହେଁ। ଏହା ଏକ ଆନ୍ଦୋଳନ। ମାମଦାନି ନିର୍ବାଚନ ପୂର୍ବରୁ ଘୋଷଣା କଲେ ଯେ, ସେ ଜଣେ ଡେମୋକ୍ରାଟିକ ସୋସାଲିଷ୍ଟ। ସେ ମଧ୍ୟ ନ୍ୟୁୟର୍କବାସୀଙ୍କ ପାଇଁ କେତୋଟି କାର୍ଯ୍ୟକ୍ରମ ଘୋଷଣା କଲେ। ୧-ନ୍ୟୁୟର୍କରେ ଘରଭଡ଼ା କମାଇବେ ଓ ଦୁଇଲକ୍ଷ ବାସଗୃହ ନିର୍ମାଣ କରି ଶସ୍ତାରେ ଘର ଯୋଗାଇବେ।୨- ମ୍ୟୁନିସିପାଲିଟି ତରଫରୁ ଗ୍ରୋସରି ଦୋକାନ ଖୋଲାଯିବ ଓ ଶସ୍ତାରେ ସମସ୍ତଙ୍କୁ ଆବଶ୍ୟକ ଜିନିଷ ମିଳିବ। ୩- ବସ୍‌ରେ ଯାତାୟାତ ବିନାମୂଲ୍ୟରେ ଯୋଗାଇ ଦିଆଯିବ। ୪- ମହିଳା ଶ୍ରମିକଙ୍କ ଶିଶୁମାନଙ୍କ ସମେତ ସମସ୍ତ ଶିଶୁଙ୍କର ଯତ୍ନ ନିଆଯିବ। ଜୋହରାନଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଘୋଷଣା କେବଳ ନ୍ୟୁୟର୍କକୁ ନୁହେଁ, ସମଗ୍ର ଆମେରିକାକୁ ଦୋହଲାଇ ଦେଲା।

ଏହି ପଟଭୂମିରେ ଟ୍ରମ୍ପଙ୍କ ବୟାନବାଜି ଆରମ୍ଭ ହେଲା। ସେ ଘୋଷଣା କଲେ, ମାମଦାନି ଜଣେ କମ୍ୟୁନିଷ୍ଟ ପାଗଳ। ନ୍ୟୁୟର୍କବାସୀ କମ୍ୟୁନିଷ୍ଟକୁ ସ୍ୱୀକାର କରିବେ ନାହିଁ। ସେ ନ୍ୟୁୟର୍କବାସୀଙ୍କୁ ଆହ୍ୱାନ ଦେଲେ, ଆପଣଙ୍କ ପାଖରେ ବିକଳ୍ପ ନାହିଁ। ତେଣୁ ସ୍ୱାଧୀନ ପ୍ରାର୍ଥୀ ଆଣ୍ଡ୍ରେୟୁ କ୍ୟୁମୋକୁ ସମର୍ଥନ କରନ୍ତୁ। ଆଉ ଯଦି ମାମଦାନି ନିର୍ବାଚିତ ହୁଅନ୍ତି, ତେବେ ସେ ନ୍ୟୁୟର୍କ ମ୍ୟୁନିସିପାଲିଟିକୁ ଅର୍ଥ ଦେବା ବନ୍ଦ କରିଦେବେ। ଜୋହରାନ ଏକ ଚକ୍ରବ୍ୟୂହକୁ ସାମ୍ନା କରିଥିଲେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଆମେରିକାର ବିଲିୟନ କୋଟି ଡଲାରର ମାଲିକ ମାଇକେଲ ବ୍ଲୁମ୍‌ବର୍ଗ, ଜିଓନିଷ୍ଟ କୋଟିପତି ବିଲ୍ ଆକ୍‌ମ୍ୟାନ, ଖବରକାଗଜ ନ୍ୟୁୟର୍କ ଟାଇମ୍‌ସ- ଏମାନେ ସମସ୍ତେ ନିଜର ସମସ୍ତ ଶକ୍ତି ଦେଇ ଜୋହରାନଙ୍କୁ ପରାସ୍ତ କରିବାକୁ ଲାଗି ପଡ଼ିଥିଲେ। ହେଲେ ତାଙ୍କୁ ଅଭିମନ୍ୟୁ ସ୍ଥାନରେ ରଖିପାରିଲେ ନାହିଁ ଆମେରିକାର ପୁଞ୍ଜିପତିମାନେ। ବାରମ୍ବାର ପ୍ରଚାର କରାଗଲା ଯେ ମାମଦାନି ଜଣେ ପକ୍କା କମ୍ୟୁନିଷ୍ଟ।

ଏହି ଅବସରରେ କମ୍ୟୁନିଷ୍ଟ ଇସ୍ତାହାରରେ ଲିପିବଦ୍ଧ ହୋଇଥିବା କେଇପଦ କଥା ଏଠାରେ ବର୍ଣ୍ଣନା କରିବା ଆବଶ୍ୟକ। ଇସ୍ତାହାରରେ ଲେଖାଯାଇଛି (୧୮୪୮)- ଆଜି ଏପରି କୌଣସି ବିରୋଧୀ ଦଳ ଅଛି ଯେ କି କ୍ଷମତାସୀନ ତାହାର ବିପକ୍ଷ ଦଳମାନଙ୍କ ଦ୍ୱାରା କମ୍ୟୁନିଷ୍ଟ ବୋଲି ନିନ୍ଦିତ ହୋଇନାହିଁ ? ଏପରି କୌଣସି ବିରୋଧୀ ଦଳ ଅଛି ଯେ କି ଅପେକ୍ଷାକୃତ ଅଧିକ ପ୍ରଗତିଶୀଳ ବିରୋଧୀ ଦଳକୁ ଏବଂ ନିଜର ପ୍ରତିକ୍ରିୟାଶୀଳ ଶତ୍ରୁମାନଙ୍କୁ ମଧ୍ୟ ଓଲଟି କମ୍ୟୁନିଷ୍ଟ ଆଖ୍ୟା ଦେଇ ନିନ୍ଦା କରିବାକୁ ଛାଡିନାହିଁ? ନ୍ୟୁୟର୍କ ମ୍ୟୁନିସିପାଲ ମେୟର ନିର୍ବାଚନରେ ଯାହାସବୁ ଘଟିଗଲା, ତାହା କ'ଣ ଇସ୍ତାହାରକୁ ଠିକ୍ ବୋଲି ପ୍ରତିପାଦନ କରିନାହିଁ?

ବାସ୍ତବରେ ମାମଦାନି ଜଣେ କମ୍ୟୁନିଷ୍ଟ ନ ଥିଲେ କି ସେ ମାର୍କ୍ସବାଦୀ ନୁହନ୍ତି। ସେ କହିଛନ୍ତି, ଦେଶବାସୀଙ୍କୁ ମୌଳିକ ସୁବିଧା ଦେବା ରାଷ୍ଟ୍ରର କର୍ତ୍ତବ୍ୟ। ଖାଦ୍ୟ, ବାସଗୃହ, ଚିକିତ୍ସା, ଶିକ୍ଷା ଆଦିକୁ ବ୍ୟବସାୟ କରି ପୁଞ୍ଜିପତିମାନେ ଅଜସ୍ର ଅର୍ଥ ଆୟ କରୁଛନ୍ତି। ମଣିଷର ବଞ୍ଚିବା ପାଇଁ ଯେଉଁ ମୌଳିକ ଜିନିଷ ଦରକାର, ସେ ସବୁକୁ ଶସ୍ତାରେ ଯୋଗାଇବାକୁ ରାଷ୍ଟ୍ରକୁ ଦାୟିତ୍ୱ ନେବାକୁ ହେବ।

ନଭେମ୍ବର ୪ ନିର୍ବାଚନରେ ମାମଦାନି ବିଜୟୀ ହୋଇ ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। 'ସମାଜବାଦ' ଏକ ଅଛୁଆଁ ରାଜନୀତି ହୋଇ ରହିନାହିଁ ନ୍ୟୁୟର୍କର ନାଗରିକଙ୍କ ପାଇଁ। ମମଦାନି ସ୍ପଷ୍ଟ ଭାବରେ ପାଲେଷ୍ଟାଇନ ରାଷ୍ଟ୍ର ପାଇଁ ଦାବି କରିଛନ୍ତି ଓ 'ଗାଜା' ନରସଂହାର ମୁଖ୍ୟ ଅପରାଧୀ ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କୁ ଗିରଫ କରାଯିବ ବୋଲି ସେ ଘୋଷଣା କରିଛନ୍ତି।

ମାମଦାନିଙ୍କ ନାଗରିକତ୍ୱକୁ ଲୋପ କରିଦେବା ପାଇଁ ରିପବ୍ଲିକାନ ପାର୍ଟି ପକ୍ଷରୁ ଜୋରସୋରରେ ଉଦ୍ୟମ ଆରମ୍ଭ ହୋଇଛି। ମାମଦାନି ୧୯୯୮ରେ ଉଗାଣ୍ଡାରୁ ଆମେରିକାକୁ ଆସିଥିଲେ। ସେତେବେଳେ ତାଙ୍କର ବୟସ ହୋଇଥିଲା ସାତବର୍ଷ। ୨୦୧୮ରେ ସେ ଯୁକ୍ତରାଷ୍ଟ୍ର ଆମେରିକାର ନାଗରିକତ୍ୱ ହାସଲ କରିଥିଲେ। ନ୍ୟୁୟର୍କ ମେୟର ଭାବେ ଶପଥ ନେବା ପୂର୍ବରୁ ତାଙ୍କୁ ଆମେରିକାରୁ ତଡିଦେବା ପାଇଁ ଉଦ୍ୟମ ବହୁ ପୂର୍ବରୁ ଆରମ୍ଭ ହୋଇଥିଲା। ମାତ୍ର ସେ ନିର୍ବାଚିତ ହେବା ପରେ ଏହି ଉଦ୍ୟମ ବି ଜୋରଦାର ଭାବେ ଚାଲିଛି।

ମାମଦାନିଙ୍କୁ ଇହୁଦୀ ବିରୋଧୀ ବୋଲି ଟ୍ରମ୍ପ ଦାବି କରିଥିଲେ। ମାତ୍ର ନ୍ୟୁୟର୍କର ଇହୁଦୀମାନଙ୍କର ଏକ ବଡ଼ ଅଂଶ ମମଦାନିଙ୍କ ସମର୍ଥନରେ ଥିଲେ। ମାମଦାନି ନିର୍ବାଚିତ ହେବା ପରେ ବିଜୟ ଉତ୍ସବରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ୧୯୪୭ ଅଗଷ୍ଟ ୧୫ ମଧ୍ୟରାତ୍ର, ସ୍ୱାଧୀନତା ଦିବସର ବକ୍ତବ୍ୟକୁ ତୋଳି ଧରିଥିଲେ।

"A moment comes out but rarely in History, when we step out from the old to the new. When an age ends and the soul of a Nation find utterance. To night we step out from the old to the new."

ମାମଦାନି ଭାରତକୁ ଖୁବ୍ ସମ୍ମାନ କରନ୍ତି। ମାମଦାନିଙ୍କ ଡେମୋକ୍ରାଟିକ ସୋସାଲିଜମ୍ ସମଗ୍ର ଆମେରିକାରେ ଏକ ନୂଆ ତରଙ୍ଗ ସୃଷ୍ଟି କରିପାରିଛି।

ମୋ:୯୪୩୭୦୦୭୭୭୦

# ସାକ୍ଷରତାର ବ୍ୟାପକତା



ଶ୍ରୁତକୀର୍ତ୍ତି ତ୍ରିପାଠୀ

ଆଜିକାଲିର ଯୁବପିଢ଼ି ପାଖରେ କେବଳ ଦସ୍ତଖତ ଦେବା, ଅକ୍ଷର ଶିଖିବା ବା ପଢ଼ିପାରିବା ସାକ୍ଷରତା ନୁହେଁ, ଏହା ସହ ହିସାବ କରିବା, ଅନ୍ୟାନ୍ୟ ବିଷୟରେ ଜ୍ଞାନ ଆହରଣ କରିବା, ଶିକ୍ଷାର ଉପଯୋଗ କରି ଉନ୍ନତ ଜୀବନଶୈଳୀଟିଏ ବଞ୍ଚିବା ହେଉଛି ଶିକ୍ଷା ଗ୍ରହଣର ପ୍ରକୃତ ଉଦ୍ଦେଶ୍ୟ। ଜୀବନରେ ଆସୁଥିବା ଅନେକ ସମସ୍ୟା ପ୍ରତି ସଚେତନ ରହିବା ସହ ଏହାର ସମାଧାନର ବାଟ ଖୋଜିପାରିଲେ ହିଁ ଶିକ୍ଷା ଗ୍ରହଣର ମୂଲ୍ୟ ଅଛି। ସାକ୍ଷରତା ଓ ସଚେତନତା ସବୁବେଳେ ପରସ୍ପର ଅନୁପୂରକ। ଏଣୁ ସାକ୍ଷରତା ଅଭିଯାନରେ ସାମିଲ ହେଉଥିବା ଶିଶୁ, ମହିଳା ଓ ବୃଦ୍ଧାବୃଦ୍ଧମାନେ ଏହା ହୃଦ୍‌ବୋଧ କରିବା ଉଚିତ ଯେ, ସେମାନେ ନାମକୁମାତ୍ର ସାକ୍ଷର ହେଉଛନ୍ତି ନା ପ୍ରକୃତରେ ସାକ୍ଷରତାର ସବୁ ଦିଗକୁ ଛୁଇଁପାରୁଛନ୍ତି!

ସାକ୍ଷରତା ହେଉଛି ଏକ ମାନବ ଅଧିକାର। ଜଣେ ଶିକ୍ଷିତ ହେଲେ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାର କ୍ଷମତା ରଖେ। ଏହା କିଛି ଶବ୍ଦକୁ କହିବାର ବା ଲେଖିବାର ଦକ୍ଷତା ନୁହେଁ; ବରଂ ନିଜ ତଥା ସମାଜର ବିକାଶ ନିମନ୍ତେ ଜ୍ଞାନ ଆହରଣ କରିବାର ଏକ ପ୍ରକ୍ରିୟା କହିଲେ ଭୁଲ ହେବ ନାହିଁ। ଜଣେ ଶିକ୍ଷିତ ହେବା ଅର୍ଥ, ନିଜ ଭିତରେ ଲୁଚି ରହିଥିବା ସାମର୍ଥ୍ୟ, ଦକ୍ଷତାକୁ ପରିପ୍ରକାଶ କରିବା। ଶିକ୍ଷିତ ବ୍ୟକ୍ତିଟିଏ ସବୁବେଳେ ସଶକ୍ତ କାରଣ ଶିକ୍ଷା ହିଁ ସେଇ ଅସ୍ତ୍ର, ଯାହାଦ୍ୱାରା ସେ ନିଜର ଆତ୍ମସମ୍ମାନ ଓ ପରିଚୟକୁ ବଜାୟ ରଖିପାରେ। ଏହା କେବଳ ବ୍ୟକ୍ତିର କହିବା, ଲେଖିବାକୁ ମାର୍ଜିତ କରେ ନାହିଁ, ସମକାଳରେ ଚିନ୍ତନ, ବିଶ୍ଳେଷଣ, ନିଷ୍ପତ୍ତି ନେବା ଆଦି ଦିଗରେ ଉନ୍ନତ ପ୍ରଦର୍ଶନରେ ସହାୟକ ହୁଏ। ବିଶେଷକରି ମହିଳାମାନଙ୍କ କ୍ଷେତ୍ରରେ ସାକ୍ଷର ହେବା ଅତ୍ୟନ୍ତ ପ୍ରୟୋଜନୀୟ। କାରଣ ପ୍ରତିପରିବାରର ମଙ୍ଗ ସବୁବେଳେ ମହିଳାଟିଏ ହାତରେ ଥାଏ। ସେଥିପାଇଁ ତ କଥାରେ ଅଛି, ''ପୁରୁଷଟିଏ ଶିକ୍ଷିତ ହେଲେ ଜଣେ ଶିକ୍ଷିତ ହେଲା ବୋଲି କୁହାଯାଏ, କିନ୍ତୁ ମହିଳାଟିଏ ଶିକ୍ଷିତ ହେଲେ ପୂରା ପିଢ଼ି ଶିକ୍ଷିତ ହୋଇଥାଏ। ''ଲିଙ୍ଗ, ଜାତି, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଶିକ୍ଷିତ ହେବାର ଅଧିକାର ଆମ ସମ୍ବିଧାନରେ ରହିଛି। ସତ କହିବାକୁ ଗଲେ ଖୁସି ଓ ସଫଳ ଜୀବନ ବଞ୍ଚିବାର ପ୍ରଥମ ପାହାଚ ହେଉଛି ଶିକ୍ଷିତ ହେବା। କାରଣ ଶିକ୍ଷା ବିନା ଜଣେ ତା'ର ଦୈନନ୍ଦିନ ସମସ୍ୟାଗୁଡ଼ିକୁ ଠିକ୍ ଭାବରେ ବୁଝିପାରିବ ନାହିଁ କି ତା'ର ସମାଧାନ କରିପାରିବ ନାହିଁ। ଜୀବନରେ ଆସୁଥିବା ଅସଂଖ୍ୟ ସମସ୍ୟାର ଗୋଟିଏ ସମାଧାନ ହେଉଛି ଶିକ୍ଷା।

ନିରକ୍ଷରତା ଭୋଗୁଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କରିବା, ସେମାନଙ୍କୁ ଶିକ୍ଷିତ କରିବାର ଦାୟିତ୍ୱ କେବଳ ସରକାରଙ୍କର ତା' ନୁହେଁ; ଶିକ୍ଷିତ ବ୍ୟକ୍ତିମାନେ ମଧ୍ୟ ଏହାର କର୍ଣ୍ଣଧାର ସାଜିପାରିବେ। ତେବେ ଏହାର ଶୁଭାରମ୍ଭ କରିବା ପାଇଁ ବେଶି ଦୂରକୁ ଯିବାକୁ



ହେବ ନାହିଁ। ଆମ ଘରେ କିମ୍ବା ଆଖପାଖରେ କାମ କରୁଥିବା ମହିଳା, ଶିଶୁ ବା ବୟସ୍କ ଲୋକ, ଯେଉଁମାନଙ୍କ ପାଖରେ କୌଣସି ଅନୁଷ୍ଠାନକୁ ଯାଇ ଶିକ୍ଷା ଗ୍ରହଣ କରିବାର ସୁଯୋଗ ନାହିଁ ଅଥବା ଅଭାବ, ଅସୁବିଧାର ସମ୍ମୁଖୀନ ହୋଇ ସେମାନେ ଶିକ୍ଷା ଗ୍ରହଣରୁ ବଞ୍ଚିତ ହୋଇଛନ୍ତି, ସେମାନଙ୍କୁ ଶିକ୍ଷିତ କରେଇବାର ଭାର ଆମ ଭଳି ଶିକ୍ଷିତ ଗୋଷ୍ଠୀ ନେବାର ଆବଶ୍ୟକତା ରହିଛି। ବୟସ ଏହା ପାଇଁ ପ୍ରତିବନ୍ଧକ ହୋଇ ନ ପାରେ, ଜଣେ ଇଚ୍ଛା କଲେ ଯେକୌଣସି ବୟସରେ ଶିକ୍ଷାଗ୍ରହଣ କରିପାରିବ।

ସମାଜ ତଥା ଜାତି ସମେତ ରାଜ୍ୟ ଓ ଦେଶର ପ୍ରଗତି ପାଇଁ ମହିଳାଙ୍କୁ ଶିକ୍ଷିତ କରିବା ଜରୁରୀ। ଏହାପରେ ମହିଳା ନିଜ ଅଧିକାର ବିଷୟରେ ସଚେତନ ହେବ, ନିଜର ଦକ୍ଷତା ଓ ଆବଶ୍ୟକତା ପାଇଁ ସ୍ୱର ଉତ୍ତୋଳନ କରିବ। ନିଜ ପ୍ରତି ହେଉଥିବା ଅତ୍ୟାଚାରକୁ ପ୍ରତିରୋଧ କରିବ, ଘରୋଇ ହିଂସା, ଶୋଷଣ ଓ ଅପରାଧ ଦାଉରୁ ସୁରକ୍ଷିତ ରଖିପାରିବ। ନିଜ ପରିବାର ଓ ପିଲାଙ୍କ ଭବିଷ୍ୟତ ମହିଳା ହାତରେ, ଯାହା ସେ ଶିକ୍ଷିତ ହେଲା ପରେ ଆହୁରି ଉନ୍ନତ ଭାବରେ ଗଢ଼ିପାରିବ। ନିଜେ ରୋଜଗାର କରି ଆତ୍ମନିର୍ଭରଶୀଳ ହେବା ସମ୍ଭବ କେବଳ ଶିକ୍ଷା ଯୋଗୁ। ସେ କୃଷି ହେଉ କି ଶିଳ୍ପ, ବ୍ୟବସାୟ, ଚାକିରି ; ପ୍ରତିଟି କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ କରିବାର ଦକ୍ଷତା ଶିକ୍ଷିତ ହେବା ପରେ ଆସେ। ପିଲାମାନେ ଅବାଟରେ ଯାଉଥିଲେ କିମ୍ବା କୌଣସି ଅସୁବିଧା ଭୋଗୁଥିଲେ ମହିଳାଟିଏ ହିଁ ତାକୁ ଠିକ୍ ରାସ୍ତା ଦେଖାଇଥାଏ।

ଶିକ୍ଷା ପାଇଁ ସୁଯୋଗ ଓ ସହଯୋଗର ଆବଶ୍ୟକତା ଅଛି। ଧରାଯାଉ ଜଣେ ଶିକ୍ଷିତ ହେବା ପାଇଁ ଇଚ୍ଛା କଲା ଏବଂ ତା' ପାଖରେ ସରକାରୀ ସୁବିଧା ଉପଲବ୍ଧ; ମାତ୍ର ଶିକ୍ଷାଗ୍ରହଣ ପାଇଁ ନିର୍ଦ୍ଧାରିତ ସ୍ଥାନ ଓ ସମୟ ଭିତରେ ସେ ପହଞ୍ଚିପାରିଲା ନାହିଁ; ଏଥିରେ ବ୍ୟାଘାତ ସୃଷ୍ଟି କଲେ ତା'ର ପରିବାର କିମ୍ବା ତା'ର ସ୍ୱାମୀ କିମ୍ବା ତା'ର ଘରକାମ ବା ରୋଜଗାର ପନ୍ଥା ବା ଆଉ କିଛି। ସେହି ସମୟରେ ଶିକ୍ଷାଗ୍ରହଣ ପାଇଁ ଆଗ୍ରହୀ ବ୍ୟକ୍ତିକୁ ଉପଯୁକ୍ତ ପରିବେଶ ଓ ସ୍ୱାଧୀନତା ଲୋଡ଼ା ହୁଏ, ଯାହା ନ ମିଳିଲେ ସୁବିଧା, ସୁଯୋଗ ଥାଇ ସୁଦ୍ଧା ତାହା କାମରେ ଲାଗି ପାରେ ନାହିଁ। ପରସ୍ପର ବୁଝାମଣା ଏବଂ ସକାରାତ୍ମକ ମାନସିକତା ଥିଲେ ହିଁ ସଫଳତା ମିଳିପାରିବ, ଏଥିରେ ଦ୍ୱିମତ ନାହିଁ।

ନିକଟରେ ଆରମ୍ଭ ହୋଇଥିବା ସାକ୍ଷରତା ଅଭିଯାନଗୁଡ଼ିକରେ ପଢ଼ିବା, ଲେଖିବା ବ୍ୟତୀତ ହିସାବ କରିବା, ମୋବାଇଲ, ଲାପ୍‌ଟପ୍, କମ୍ପ୍ୟୁଟର ଭଳି ଯାନ୍ତ୍ରିକ ଉପକରଣ ବିଷୟରେ ଜ୍ଞାନ, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା, ରୋଗ ଓ ଏହାର ନିରାକରଣ ପ୍ରତି ସଚେତନତା, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହା ସହ ଲଢ଼ିବା ଏବଂ ଥଇଥାନ ବିଷୟରେ ଧାରଣା, ଜରୁରିକାଳୀନ ପରିସ୍ଥିତିରେ କ'ଣସବୁ କରଣୀୟ ସେ ବିଷୟରେ ଶିକ୍ଷା ଦିଆଯାଉଛି। ବାସ୍ତବରେ ଏହାହିଁ ବର୍ତ୍ତମାନ ସମୟର ଆବଶ୍ୟକତା। ପ୍ରକୃତ ସାକ୍ଷରତା ସେତେବେଳେ ସମ୍ଭବ ହେବ, ଯେବେ ବ୍ୟକ୍ତିର ଜୀବନଶୈଳୀରେ ପରିବର୍ତ୍ତନ ଆସିବ। ଯେଉଁଦିନ ଶିକ୍ଷାରୁ ବଞ୍ଚିତ ଗୋଷ୍ଠୀ କାହାର ଠକାମିର ଶିକାର ହେବେ ନାହିଁ, ନିଜେ ଉତ୍ପାଦନ କରୁଥିବା ବସ୍ତୁଗୁଡ଼ିକର ସଠିକ ମୂଲ୍ୟାୟନ କରି ରୋଜଗାର କରିବେ, ନିଜ ପିଲାଙ୍କ ଶିକ୍ଷା ଓ ଉନ୍ନତ ସ୍ୱାସ୍ଥ୍ୟ ପାଇଁ ସୁବିଧା ପାଇବେ, ନିଜ ଅଧିକାର ବିଷୟରେ ସଚେତନ ହେବେ, ସେହିଦିନ ସାକ୍ଷରତାର ନୂତନ ସୂର୍ଯ୍ୟୋଦୟ ହେଲା ବୋଲି ଧରିନିଆଯିବ।

ଭୁବନେଶ୍ୱର, ମୋ: ୬୩୭୦୫୧୬୪୭୮

## ଏଇ ଭାରତରେ

ସମାଜରେ ଲୋକଙ୍କୁ ରୋଜଗାରକ୍ଷମ କରିବାରେ ପଞ୍ଜାବର ଜଣେ ଭାରତୀୟ ବନ ସେବା (ଆଇଏଫ୍‌ଏସ୍) ଅଧିକାରୀ ଉଦାହରଣ ସୃଷ୍ଟି କରିଛନ୍ତି। ପଞ୍ଜାବ ବନ ବିଭାଗରେ କାର୍ଯ୍ୟରତ ଏହି ଅଧିକାରୀ ଜଣକ ହେଉଛନ୍ତି ଧରମବୀର ଧୈରୁ। ସେ ଧର୍ ବ୍ଲକ୍‌ରେ ରେଶମକୀଟ ପାଳନର ପୁନରୁଦ୍ଧାର ପାଇଁ କାର୍ଯ୍ୟକ୍ରମ ଚଳାଇ ସଫଳ ହୋଇପାରିଛନ୍ତି। ଉଲ୍ଲେଖନୀୟ ଯେ, ଏହି ବ୍ଲକ୍‌ରେ ପୂର୍ବରୁ ରେଶମକୀଟ ପାଳନ କରାଯାଉଥିଲା ଏବଂ ସମୟକ୍ରମେ କୃଷକମାନେ ସେଥିରୁ ଦୂରେଇ ଯାଇଥିଲେ। ତେବେ ୨୦୨୨ରେ ପଠାନକୋର୍ଟ ଫରେଷ୍ଟ ଡିଭିଜନରେ ଡିଏଫ୍‌ଓ ଭାବେ ଧରମବୀର ଯୋଗଦେବା ପରେ ତାଙ୍କ ଉଦ୍ୟମରେ ଧର୍ ବ୍ଲକ୍‌ର କୃଷକମାନେ ରେଶମକୀଟ ପାଳନ କରି ରୋଜଗାରକ୍ଷମ ହୋଇପାରିଛନ୍ତି। ବ୍ଲକର ବିଭିନ୍ନ ଗାଁରେ ମୁଲବେରି ଗଛ ରୋପଣ କରାଯାଇ ରେଶମକୀଟ ପାଳନକୁ ବ୍ୟାପକ କରାଯାଇଛି। ବିଶେଷକରି ମହିଳାଙ୍କୁ ଏହି ଚାଷରେ ଜଡ଼ିତ କରାଯାଇଛି। କୀଟପାଳନ ସହିତ ରେଶମ କୋଷା ସଂଗ୍ରହ ଉପାୟ ସମ୍ପର୍କରେ କୃଷକଙ୍କୁ ପ୍ରଶିକ୍ଷଣ ଦିଆଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୧୭ ନଭେମ୍ବର ୧୯୭୬

- ରାଜ୍ୟସଭାର ଇତିହାସରେ ପ୍ରଥମ ଥର ପାଇଁ ସୁବ୍ରମଣ୍ୟନ୍ ସ୍ୱାମୀଙ୍କୁ ରାଜ୍ୟସଭା ସଭ୍ୟପଦରୁ ବହିଷ୍କାର କରିଦିଆଯାଇଛି।
- ଜାତିସଂଘର ନିରାପତ୍ତା ପରିଷଦରେ ଭିଏତନାମ ଜାତିସଂଘର ସଭ୍ୟ ହେବା ସପକ୍ଷରେ ପ୍ରାୟ ସମସ୍ତ ସଭ୍ୟଙ୍କର ବିପୁଳ ସମର୍ଥନ ମିଳିଥିବା ସତ୍ତ୍ୱେ ଆମେରିକା ଏହା ବିରୁଦ୍ଧରେ ପୁଣି ଭିଟୋ ପ୍ରୟୋଗ କରିଛି।

## ଚିରନ୍ତନୀ

ଭୁବନ ତିନ୍ତିଲାଣି ପ୍ରଭାତ ଛନ୍ଦେ
ହରଷ ଉପୁଜାଏ ପବନ ମନ୍ଦେ
ଉଠ ଗୋ ଉଠ ପ୍ରିୟ ! ଫୁଲକେ ମାଜି ହିଆ
ବଦନ ପଖାଳ ଗୋ ପରାଗ ଗନ୍ଧେ
ଭୁବନ ତିନ୍ତିଲାଣି ପ୍ରଭାତ ଛନ୍ଦେ ।

-(ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମଦମୁକ୍ତ ହେଉ ଓଡ଼ିଶା

ମହାଶୟ,

ବର୍ତ୍ତମାନର ସରକାର ବିରୋଧୀ ଦଳରେ ଥିଲାବେଳେ କହିଥିଲେ କ୍ଷମତାକୁ ଆସିଲେ ଓଡ଼ିଶାକୁ ମଦମୁକ୍ତ କରିଦେବେ। ରାଜ୍ୟବାସୀ ଖୁସି ହୋଇ ବିପୁଳ ଭୋଟରେ ଜୟଯୁକ୍ତ କରାଇଥିଲେ। ମଦର ଅପକାରିତା ବିଷୟରେ ସମସ୍ତେ ଉଣାଅଧିକେ ଅବଗତ ଥିବେ। ମଦୁଆମାନେ ସ୍ୱାର୍ଜିତ ଅର୍ଥକୁ ମଦ ପାଣିରେ ଭସାଇ ଦେଉଛନ୍ତି। ପିଲାଛୁଆଙ୍କୁ ପେଟପୂରା ଖାଇବାକୁ ଦେଇ ପାରୁନାହାନ୍ତି। ମଦ ନିଶାରେ ମଦୁଆମାନେ ସ୍ତ୍ରୀ, ପିଲାଙ୍କୁ ବାଡ଼ିଆପିଟା କରୁଛନ୍ତି। ମଦନିଶାରେ କାମ ନ କରି ବିଛଣାରେ ଶୋଇ ରହୁଛନ୍ତି। ମଦ ପିଇ କେଉଁଠି ରାସ୍ତା ଉପରେ ତ କେଉଁଠି ନାଳନର୍ଦ୍ଦମାରେ ପଡୁଛନ୍ତି। ସେମାନେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଉଛନ୍ତି , ଅନ୍ୟକୁ ମାରୁଛନ୍ତି ଏବଂ ନିଜେ ମଧ୍ୟ ମରୁଛନ୍ତି। ମଦ ପିଇ ପିଇ ଲୋକେ ରୁଗ୍ଣ ହେବା ସହ ଆର୍ଥିକ ଦୁରବସ୍ଥା ମଧ୍ୟରେ ଜୀବନଯାପନ କରୁଛନ୍ତି। ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ସବୁବେଳେ ଲାଗିରହୁଛି। ଏପରିକି ଛାଡ଼ପତ୍ର ଦିଆନିଆ ହେଉଛି କିମ୍ବା କେହି କାହାରିକୁ ହତ୍ୟା ମଧ୍ୟ କରୁଛି। ତେଣୁ ସରକାର ରାଜସ୍ୱ ଉପରେ ଗୁରୁତ୍ୱ ଦେଇ ମଣିଷ ଜୀବନକୁ ହାହତାଶ ମଧ୍ୟକୁ ଠେଲି ନ ଦିଅନ୍ତୁ। ନିଜ କଥାକୁ ନିଜେ ରକ୍ଷା କରନ୍ତୁ।

-ଅକ୍ଷୟ ମହାନ୍ତି, କଳିଙ୍ଗନଗର, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | 9 | | | | |
| 9 | | | 1 | 5 | | | | |
| | | | | | 4 | | | |
| | 4 | 3 | 6 | | | | | 2 |
| | | 8 | | 7 | | 5 | | |
| | | 9 | 8 | | | | | 6 |
| 2 | | | | | | 1 | | |
| | 5 | | | | | 8 | | |
| 7 | | | | | 6 | | | 3 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 3 | 6 | 1 | 5 | 9 | 8 | 2 |
| 8 | 9 | 6 | 2 | 7 | 4 | 5 | 3 | 1 |
| 5 | 1 | 2 | 3 | 8 | 9 | 4 | 7 | 6 |
| 6 | 7 | 5 | 4 | 3 | 2 | 1 | 9 | 8 |
| 3 | 8 | 9 | 7 | 5 | 1 | 2 | 6 | 4 |
| 1 | 2 | 4 | 9 | 6 | 8 | 7 | 5 | 3 |
| 4 | 5 | 7 | 8 | 2 | 6 | 3 | 1 | 9 |
| 9 | 6 | 1 | 5 | 4 | 3 | 8 | 2 | 7 |
| 2 | 3 | 8 | 1 | 9 | 7 | 6 | 4 | 5 |

ଗତକାଲିର ଉତ୍ତର

# ସମ୍ବଲପୁରୀ କବିତା ପାଠୋତ୍ସବ



ସମ୍ବଲପୁରୀ କବିତା ପାଠୋତ୍ସବରେ ମଞ୍ଚାସୀନ ଅତିଥି ଏବଂ କର୍ମକର୍ତ୍ତା।

**ସମ୍ବଲପୁର,୧୬।୧୧(ଭବାନୀ ଶଙ୍କର ଭୋଇ)**

ସାଂସ୍କୃତିକ ପରିଷଦ ତରଫରୁ ଆୟୋଜିତ ସମ୍ବଲପୁର ମହୋତ୍ସବର ଦ୍ୱିତୀୟ ଦିବସରେ ରବିବାର ମୁଖ୍ୟମଞ୍ଚରେ ସମ୍ବଲପୁରୀ କବିତା ପାଠୋତ୍ସବ ଆୟୋଜିତ ହୋଇଯାଇଛି। ଆଲୋଚନା, କର୍ମଶାଳା ଓ କବିତା ପାଠୋତ୍ସବ କମିଟିର ଆବାହକ ମାନସ କୁମାର ଷଡଙ୍ଗୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ସଭାରେ ପ୍ରାରମ୍ଭରୁ ମହୋତ୍ସବର ସଂଯୋଜକ ଡ. ସପନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ପ୍ରଫେସର ଡ. ଗୋପୀନାଥ ବାଗ, ସମ୍ମାନିତ ଅତିଥି ଡକ୍ଟର ପ୍ରଦୀପ ନାଥ, କବି ଅଶୋକ ପୂଜାହାରୀ, ନାଟ୍ୟକାର ରାଜେଶ କାରିଆ ଏବଂ ଅନୁଷ୍ଠାନ ତରଫରୁ ଶିକ୍ଷାବିତ୍ ଭକ୍ତ ପ୍ରାସାଦ ନନ୍ଦ, ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ, ସଦାନନ୍ଦ ପଣ୍ଡା ମଞ୍ଚାସୀନ ଥିଲେ। କବିତା ପାଠୋତ୍ସବକୁ କବୟିତ୍ରୀ ଅନୁପମା ବିଶ୍ୱାଳ, କବି ଫିରୋଜ ପଟେଲ, ଅଧ୍ୟାପକ ତୁଷାର ରଞ୍ଜନ ବାରିକ୍, କବି ତରଣୀସେନ୍ ମେହେର ସଂଯୋଜନା କରିଥିଲେ। ଏହି କବି ସମ୍ମିଳନୀର ସଫଳ ରୂପାୟନ ପାଇଁ କମିଟିର ସହ ଆବାହକ ପ୍ରବୀଣ ସୂପକାର, ରାଜେଶ ଚଇନିକ, ପ୍ରୀତମ ବାରିକ ଓ ଜୟଶ୍ରୀ ପୁରୋହିତ ବିଶେଷ ସହଯୋଗ କରିଥିଲେ। ଏଥିରେ ସମଗ୍ର ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରୁ ଶତାଧିକ କବି ଲେଖକ ଯୋଗଦାନ କରିଥିଲେ। ସେହିପରି ସନ୍ଧ୍ୟାରେ ସମ୍ବଲପୁରୀ ଲୋକ ସଙ୍ଗୀତ ଏବଂ ଲୋକନୃତ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରାଜସ୍ୱ ବିଭାଗ କ୍ରିୟାଶୀଳ ହେଲେ ଲୋକେ ସୁଫଳ ପାଇବେ

**ସମ୍ବଲପୁର,୧୬।୧୧(ପ୍ରମୋଦ ବହିଦାର)**

## ଆରଡିସି ଡିଭିଜନସ୍ତରୀୟ ପ୍ରଶାସନିକ କର୍ମଶାଳା ଉଦ୍‌ଯାପିତ



ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ବକ୍ତବ୍ୟ ରଖୁଛନ୍ତି।

ସମ୍ବଲପୁରଠାରେ ଚାଲିଥିବା ଦୁଇଦିନିଆ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନସ୍ତରୀୟ ପ୍ରଶାସନିକ କର୍ମଶାଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ରାଜସ୍ୱ ବିଭାଗ ହେଉଛି ରାଜ୍ୟ ସରକାରଙ୍କ ମେରୁଦଣ୍ଡ। ଏହି ବିଭାଗ ଠିକ୍ ଭାବେ କ୍ରିୟାଶୀଳ ହେଲେ ରାଜ୍ୟବାସୀ ଏହାର ସୁଫଳ ପାଇପାରିବେ। ପ୍ରତ୍ୟେକ ଦିନ ଜନସାଧାରଣ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ରାଜସ୍ୱ ଅଧିକାରୀଙ୍କ ପାଖକୁ ଆସିଥାନ୍ତି। ଏହି ସମସ୍ୟାଗୁଡ଼ିକୁ ତୃଣମୂଳସ୍ତରରୁ ଖୋଜି ସେଗୁଡ଼ିକର ସ୍ଥାୟୀ ସମାଧାନ କରିବା ଦିଗରେ ବ୍ରତୀ ହେବାକୁ ଉପସ୍ଥିତ ରାଜସ୍ୱ ଅଧିକାରୀଙ୍କୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏଥିରେ ଅନୁଗୋଳ ଜିଲାପାଳ ଅବଦୁଲ ଏମ ଅଖତାର, ଜିଲା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ସଚିବ ସୁରଞ୍ଜନ ପ୍ରଧାନ, ଇନ୍‌ସପେକ୍ଟର ଜେନେରାଲ୍ ଅଫ୍ ରେଜିଷ୍ଟ୍ରେଶନ ପି. ଅନ୍ୱେଷା ରେଡ୍ଡୀ, ଏନ୍‌ଆରସିସି ନିର୍ଦ୍ଦେଶକ ୱାଇ. ଗିରିରାଓ, କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚ୍‌ଡି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଯୁଗ୍ମ ସଚିବ ପ୍ରଦୀପ କୁମାର ସାହୁ, ରାଜସ୍ୱ ବୋର୍ଡ ସଚିବ ଲକ୍ଷ୍ମୀକାନ୍ତ ସେଠୀ, ବଣାଇ ଉପଜିଲାପାଳ ଅକ୍ଷୟ ପିଲାଇ, ଅବସରପ୍ରାପ୍ତ ଉତ୍ତରାଞ୍ଚଳ ସଚିବ ସୁକାନ୍ତ ତ୍ରିପାଠୀ ଯୋଗଦେଇଥିଲେ। ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଧନ୍ୟବାଦ ଅର୍ପଣ କରିଥିଲେ।

# କେନ୍ଦ୍ର କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ଭିନିଲ କ୍ରିଷ୍ଣାଙ୍କ ବଲାଙ୍ଗୀରର ଲନ୍‌ବଲ କୋର୍ଟ ପରିଦର୍ଶନ

**ବଲାଙ୍ଗୀର,୧୬।୧୧(ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀର ରାଜେନ୍ଦ୍ର ନାରାୟଣ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସସ୍ଥିତ ନବନିର୍ମିତ ଲନ ବଲ୍ କୋର୍ଟକୁ କେନ୍ଦ୍ର କ୍ରୀଡ଼ା ବିଭାଗ ଯୁଗ୍ମ ସଚିବ ଭିନିଲ କ୍ରିଷ୍ଣା ପରିଦର୍ଶନ କରିଛନ୍ତି। ଏବେ ବଲାଙ୍ଗୀରରେ ଲନ୍‌ବଲ କୋର୍ଟ ତିଆରି ହୋଇଛି। ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ଅଧିକରୁ ଅଧିକ ପଦକ ଆଣିପାରିବ ବୋଲି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ରାଜ୍ୟ ଲନ୍ ବଲ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଯୁଗ୍ମ ସଚିବ ଭିନିଲ କ୍ରିଷ୍ଣାଙ୍କୁ ବଲାଙ୍ଗୀରରେ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନ କରିବା ଦିଗରେ ଅନୁରୋଧ କରିଥିଲେ। ଏଠାରେ ଏବେ ଲନ୍ ବଲ ଖେଳାଳିଙ୍କ ସକାଶେ ଗୋଟିଏ ଛାତ୍ରାବାସର ଆବଶ୍ୟକତା ରହିଛି ବୋଲି ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯୁଗ୍ମ ସଚିବ କ୍ରିଷ୍ଣା ଏ ଦିଗରେ ଆଗକୁ ଆଲୋଚନା କରାଯିବ କହିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି ପଞ୍ଚାୟତର ଧାନକ୍ରୟକୁ ଗୋଛରା ଚାଷୀଙ୍କ ବିରୋଧ

**କୁଚିଣ୍ଡା,୧୬।୧୧(ବିରଞ୍ଚି ଦର୍କା)**

ସମ୍ବଲପୁର ଜିଲାରେ ଖରିଫ ଧାନକ୍ରୟ ପାଇଁ ସୋମବାର ଡିଏଲପିସି(ଜିଲାସ୍ତରୀୟ ଧାନ କ୍ରୟ କମିଟି)ବୈଠକ ବସୁଛି। ଏଥିରେ ଧାନ କ୍ରୟ ନିମନ୍ତେ ମଣ୍ଡି ପରିଚାଳନା, ତାରିଖ ଧାର୍ଯ୍ୟ, ମଣ୍ଡି ବୃଦ୍ଧିସହ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। କୁଚିଣ୍ଡା ବ୍ଲକର ପାରୁଆଭାଡି ଲ୍ୟାମ୍ପ୍ସ ସମିତି ପକ୍ଷରୁ ଗୋଛରା ମଣ୍ଡିରେ ସମସ୍ତ ପ୍ରକ୍ରିୟା ସରିଥିବା ବେଳେ ଧାନ କ୍ରୟ ପାଇଁ ଉଲୁଣ୍ଡା ପାଣି ପଞ୍ଚାୟତ ପ୍ରଶାସନକୁ ଆବେଦନ କରିଛନ୍ତି। ହେଲେ ଗୋଛରା ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟଙ୍କ ସମେତ ଚାଷୀମାନେ ଏହାକୁ ବିରୋଧ କରିଛନ୍ତି। ଏହି ମର୍ମରେ ସେମାନେ ଜିଲାପାଳ, ଜିଲା ଯୋଗାଣ ଅଧିକାରୀ, କୁଚିଣ୍ଡା ଉପଜିଲାପାଳ ଓ ସହକାରୀ ନିବନ୍ଧକ ସମୂହଙ୍କୁ ଲ୍ୟାମ୍ପ୍ସ ଦ୍ୱାରା ଖୋଲିବାକୁ ଥିବା ମଣ୍ଡିରେ ସେମାନେ ଧାନ ବିକ୍ରୀ କରିବାକୁ ଦାବି ଜଣାଇଛନ୍ତି।

# 'ସୁରକ୍ଷିତ ଜୀବନ ପାଇଁ ସଞ୍ଚୟ ଗୁରୁତ୍ୱ ବହନ କରେ'

**ସମ୍ବଲପୁର,୧୬।୧୧(ପ୍ରମୋଦ ବହିଦାର)**

ଜିଲା ପ୍ରଶାସନ ଅଧିନ ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ପକ୍ଷରୁ ସମ୍ବଲପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ମାତୃ ବିହାରଠାରେ ଆର୍ଥିକ ସାକ୍ଷରତା ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସଞ୍ଚୟ ଓ ଆର୍ଥିକ ସେବା ବିଭାଗ ସହନିର୍ଦ୍ଦେଶକ ନୀଳାଞ୍ଚଳ ସେଠୀଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟବକ୍ତା ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ସମ୍ବଲପୁର ଆର୍ଥିକ ସେବା ଉପଦେଷ୍ଟା ଗୋପବନ୍ଧୁ ଜଗଦଲା ଯୋଗଦେଇ ସମାଜରେ ଆର୍ଥିକ ସାକ୍ଷରତା ନିତାନ୍ତ ଆବଶ୍ୟକ ବୋଲି କହିଥିଲେ। ଏକ ସୁସ୍ଥ ଓ ସୁରକ୍ଷିତ ଜୀବନ ପାଇଁ ସଞ୍ଚୟ ବିଶେଷ ଗୁରୁତ୍ୱ ବହନ କରେ। ସଭାପତୀୟ ଅଭିଭାଷଣରେ ସହ ନିର୍ଦ୍ଦେଶକ ସେଠୀ ସମସ୍ତେ ମିତବ୍ୟୟୀ ହୋଇ ଅଯଥା ଖର୍ଚ୍ଚରୁ ନିବୃତ ହୁଅନ୍ତୁ ବୋଲି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ନିହାର ରଞ୍ଜନ ପଣ୍ଡା, ଅଧ୍ୟକ୍ଷ ସଞ୍ଜୀବ କୁମାର ଗୁରୁ, ସହକାରୀ ଶିକ୍ଷକ ରମେଶ ଚନ୍ଦ୍ର ମିଶ୍ର, ସହକାରୀ ଶିକ୍ଷକ ଲମ୍ବୋଦର ଜେନା ସଞ୍ଚୟକୁ ଅଧିକ ଗୁରୁତ୍ୱ ଦେବାକୁ ଉପସ୍ଥିତ ଛାତ୍ରୀଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶେଷ ଭାଗରେ ସଞ୍ଚୟ ଓ ଆର୍ଥିକ ସ୍ୱାକ୍ଷରତା ଉପରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଚାଉଁରପୁରସ୍ଥିତ ସୁମତି ବେହେରା ଉଚ୍ଚ ବିଦ୍ୟାଳୟରେ ମଧ ଅନୁରୂପ ଭାବେ ଏକ ଆର୍ଥିକ ସ୍ୱାକ୍ଷରତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାସହ ବିଦ୍ୟାଳୟ ପରିସରରେ ଏକ ମେଗା ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଧାନଶିକ୍ଷକ ଅଜୟ କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

**Odisha Lift Irrigation Corporatiom Ltd.**
(A Govt. of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, BARGARH**
**E-Procurement Notice - EE/OLIC/BGH-04/2025-26**
E-mail : eeolicbgh@gmail.com, Ph : 06646-246126
No.CAD-2317 **No.2305/Dated : 12.11.2025**

1. Name of the tender Inviting Officer : Executive Engineer, L.I. Division, Bargarh
2. Name of the work : Reinforcement of 02 nos. Package (03 Nos. CLIPS) in different Block of Bargarh District under State Plan Grant 2024-25
3. No. of Packages : 02 Nos.
4. Tender Amount : Varies from 15.97 Lakhs to 25.79 Lakhs.
5. Date and time of availability of bid documents in the portal for on line bidding **from 10.00 hrs dated 19.11.2025 to 17.00 hrs dated 28.11.2025.**
6. Last date and time of receipt of bids in the portal up to **17.00 hrs. Dated-28.11.2025.**
7. Last date and time of clarification up to **17.00 hrs Dated-27.11.2025.**
8. Date of opening of bid at **11.00 hrs. Dated-29.11.2025.**
9. Further details can be seen from the e-procurement portal of Govt. of Odisha i.e. **www.tendersorissa.gov.in**
10. Subsequent corrigendum/addendum/cancellation of tender if required shall be available in the above portal.

OIPR-
Sd./- Executive Engineer
L.I. Division, Bargarh

## ଓଡ଼ିଶା ସରକାର

# ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

**No.RDM-LAA-MBJ-0024-2024-22182/ R&DM, Dated: 19 JUN 2025**

No.XXI-17: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାରେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାଉତରା ସବ୍ ମାଇନର ନିର୍ମାଣ ନିମନ୍ତେ ସରକାରୀ ବ୍ୟୟରେ ମୌଜା: **ରାଉତରା**, ଥାନା: ବେତନଟୀ ନଂ. ୧୧୪, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧୦.୬୪ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

### ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. **ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ** – ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ରାଉତରା ସବ୍ ମାଇନର ନିର୍ମାଣ ନିମନ୍ତେ ।
୨. **ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ** – ଅଧିକ୍ଷଣ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷି, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ– ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ– ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ– ଉପଜିଲ୍ଲାପାଳ, ବାରିପଦା।
୬. ଜମିର ବିବରଣୀ–

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ମୟୂରଭଞ୍ଜ | ବେତନଟୀ | ରାଉତରା | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ. ୨୭.୧୯ | ଏ. ୧୦.୬୪ | ଏଥିସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ ନଂ.୨, ବହଳଦା, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା, ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି **ମୟୂରଭଞ୍ଜ** ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./– (ସୁରଞ୍ଜନ ପ୍ରଧାନ)**
**ଅତିରିକ୍ତ ଶାସନ ସଚିବ**

### ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା: ୪୩/ ୨୦୨୨
ଏ.୧୦.୬୪ ଡି.

**ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ରାଉତରା ସବ୍-ମାଇନର ନିମନ୍ତେ ମୌଜା-ରାଉତରା, ଥାନା-ବେତନଟୀ ନଂ-୧୧୪, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜ**

| ଖାତା ନଂ. | ପ୍ଲଟ ନଂ. | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ |
| ୧ | ୯୮୨ | ଶାରଦ ଦୁଇ | ୦.୨୩ | ୦.୧୧ | ଅନନ୍ତ ଦାସ, କର୍ମୁ ଦାସ, ହାଡିବନ୍ଧୁ ଦାସ, ପି. କାହ୍ନୁ ଦାସ, ଜା:ମୋଚି, ବା:ନିଜଗାଁ |
| | ୭୬ | ଶାରଦ ଦୁଇ | ୦.୧୫ | ୦.୧୧ | |
| | ୬୩୦ | ଶାରଦ ତିନି | ୦.୧୭ | ୦.୦୮ | |
| ୪ | ୬୩୮ | ଶାରଦ ତିନି | ୦.୧୨ | ୦.୧୨ | ଅନୁକୂଳ ମହାନ୍ତ, ଶ୍ରୀହରି ମହାନ୍ତ, ପି:ଦ୍ୱାରି ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| ୭ | ୯୮୪ | ଶାରଦ ଦୁଇ | ୦.୧୫ | ୦.୦୨ | ଆରତୀ ମହାନ୍ତ, ପି:ଭାଗବତ ମହାନ୍ତ, ନୀର ମହାନ୍ତ, ସ୍ୱା:ଭାଗବତ ମହାନ୍ତ, ଜା:କନ୍ଧଶବର, ବା:ନିଜଗାଁ |
| ୮ | ୭୩ | ଶାରଦ ଦୁଇ | ୦.୨୩ | ୦.୧୫ | ଆରତୀ ମହାନ୍ତ, ପି:ଭାଗବତ ମହାନ୍ତ, ନୀର ମହାନ୍ତ, ସ୍ୱା:ଭାଗବତ ମହାନ୍ତ, ନବୀନ ମହାନ୍ତ, ପି:ଲାଲମୋହନ ମହାନ୍ତ, ଜା:କୁଡୁମି,ବା:ନିଜଗାଁ |
| ୧୨ | ୯୬୩ | ଶାରଦ ଦୁଇ | ୦.୧୬ | ୦.୧୦ | ଉଦୟ ନାଥ ମହାନ୍ତ, ପି:ସାନ ଚୈତନ୍ୟ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୮ | ୮୯୨/୧୧୭୨ | ଶାରଦ ତିନି | ୦.୧୦ | ୦.୦୫ | କର୍ମୁ ମହାନ୍ତ, ପି:ଗଙ୍ଗା ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୮୯୨/୧୧୭୩ | ଶାରଦ ତିନି | ୦.୪୩ | ୦.୨୨ | |
| ୨୨ | ୬୮୭ | ଶାରଦ ଦୁଇ | ୦.୦୬ | ୦.୦୬ | କାଳିଆ ମାଝୀ, ପି:ନିମାଇ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| | ୬୮୪ | ଶାରଦ ତିନି | ୦.୧୩ | ୦.୧୩ | |
| ୨୭ | ୭୪ | ଶାରଦ ଦୁଇ | ୦.୧୭ | ୦.୦୮ | ଗଣେଶ୍ୱର ମହାନ୍ତ, ବିନୋଦ ମହାନ୍ତ, ପି:କନ୍ଦର୍ପ ମହାନ୍ତ, ଚଞ୍ଚଳା ମହାନ୍ତ, ସ୍ୱା: ଲାଲ ମୋହନ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| ୨୯ | ୬୯୩ | ଶାରଦ ଦୁଇ | ୦.୦୪ | ୦.୦୪ | ଗଣେଶ ମହାନ୍ତ, ରମେଶ ମହାନ୍ତ, ଶଶଧର ମହାନ୍ତ, ସର୍ବେଶ୍ୱର ମହାନ୍ତ, ରତ୍ନି ମହାନ୍ତ, ପି:ଚନ୍ଦ୍ରମୋହନ ମହାନ୍ତ, ସୁଗା ମହାନ୍ତ, ସ୍ୱା: ଚନ୍ଦ୍ରମୋହନ ମହାନ୍ତ, ହର ମୋହନ ମହାନ୍ତ, ଗୋକୁଳ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ପି:ମଧୁ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୭୬୬ | ଶାରଦ ଦୁଇ | ୦.୭୨ | ୦.୦୫ | |
| ୩୦ | ୮୫୪ | ଶାରଦ ତିନି | ୦.୬୮ | ୦.୩୨ | ଗଦାଧର ମହାନ୍ତ, ପି:ପ୍ରାଣକୃଷ୍ଣ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୩୧ | ୭୬୯ | ଶାରଦ ଦୁଇ | ୦.୨୨ | ୦.୧୪ | ଗହ୍ଣା ମହାନ୍ତ, ଗୌର ମହାନ୍ତ, ପି:ସହରାଇ ମହାନ୍ତ, ଥୁପି ମହାନ୍ତ, ଚିତ୍ତ ମହାନ୍ତ, ପି:କୁବରାଜ ମହାନ୍ତ, କୃପାସିନ୍ଧୁ ମହାନ୍ତ, ନୃପଚନ୍ଦ୍ର ମହାନ୍ତ, ସୁରେନ୍ଦ୍ର ମହାନ୍ତ, ପି:ସନାତନ ମହାନ୍ତ, ଚୁଡାମଣୀ ମହାନ୍ତ, ସ୍ୱା:ସନାତନ ମହାନ୍ତ, କାନ୍ଦରୀ ମହାନ୍ତ, ପେଲି ମହାନ୍ତ, ଗୁଞ୍ଜରୀ ମହାନ୍ତ, ପି:ମନବୋଧ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୬୭୯ | ଶାରଦ ତିନି | ୦.୧୫ | ୦.୧୨ | |
| | ୯୩୯ | ଶାରଦ ଦୁଇ | ୦.୭୫ | ୦.୧୭ | |
| | ୯୪୨ | ଶାରଦ ଦୁଇ | ୧.୨୦ | ୦.୩୮ | |
| | ୯୬୨ | ଶାରଦ ଦୁଇ | ୦.୧୭ | ୦.୧୭ | |
| | ୮୪୮ | ଶାରଦ ଦୁଇ | ୦.୨୮ | ୦.୨୦ | |
| ୩୭ | ୯୩୭ | ଶାରଦ ଏକ | ୦.୬୮ | ୦.୧୮ | ଗୋବରା ମହାନ୍ତ, ପି:ଦଶରଥ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| | ୯୩୮ | ଶାରଦ ଦୁଇ | ୦.୧୪ | ୦.୧୪ | |
| ୩୮ | ୬୩୪ | ଶାରଦ ଦୁଇ | ୦.୨୩ | ୦.୧୧ | ଗୋବର୍ଦ୍ଧନ ମହାନ୍ତ, କୌଶଲ୍ୟା ମହାନ୍ତ, ଯତନୀ ମହାନ୍ତ, ପି:ଚନ୍ଦ୍ରମୋହନ ମହାନ୍ତ, ମଡୀ ମହାନ୍ତ, ସ୍ୱା:ଚନ୍ଦ୍ର ମୋହନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୪୧ | ୯୨୯ | ଶାରଦ ଦୁଇ | ୦.୬୪ | ୦.୩୫ | ଗୌରଚନ୍ଦ୍ର ମହାନ୍ତ, ପି:ସହରୋଇ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୪୩ | ୯୮୫ | ଶାରଦ ଦୁଇ | ୦.୩୨ | ୦.୩୨ | ଗୌର ମୋହନ ମହାନ୍ତ, ମହେନ୍ଦ୍ର ମହାନ୍ତ, ପି:ହରି ମୋହନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୪୭ | ୮୮୯ | ଶାରଦ ଏକ | ୦.୬୦ | ୦.୧୪ | ଚନ୍ଦ୍ରୁ ମହାନ୍ତ, ପି:ବଡ ଶଙ୍କର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୮୭୧/୧୧୫୪ | ଶାରଦ ଦୁଇ | ୦.୧୧ | ୦.୧୧ | |
| | ୮୭୧/୧୧୫୫ | ଶାରଦ ଦୁଇ | ୦.୧୨ | ୦.୧୨ | |
| ୪୯ | ୬୮୫ | ଶାରଦ ତିନି | ୦.୨୨ | ୦.୧୮ | ଚୈତନ ମହାନ୍ତ, ପି:ଗୋସାଇଁ ଦାସ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୫୨ | ୮୮୬ | ଶାରଦ ତିନି | ୦.୦୯ | ୦.୦୯ | ଜଗବନ୍ଧୁ ମହାନ୍ତ, ପି:ସାହେବରାମ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| | ୯୧୦ | ଶାରଦ ଦୁଇ | ୦.୧୮ | ୦.୦୩ | |
| ୬୮ | ୯୩୪ | ଶାରଦ ଏକ | ୦.୮୨ | ୦.୧୩ | ଦୁଲା ମାଝୀ, ପି:ମାତାଲ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୭୩ | ୬୮୮ | ଶାରଦ ଦୁଇ | ୦.୪୬ | ୦.୪୧ | ଦେବେନ୍ଦ୍ର ମହାନ୍ତ, ଗଜେନ୍ଦ୍ର ମହାନ୍ତ, ଶୁକ୍ରିଆ ମହାନ୍ତ, ପି:ହଗୁରୁ ମହାନ୍ତ, ଯୁଡାନୀ ମହାନ୍ତ, ସ୍ୱା:ହଗରୁ ମହାନ୍ତ, ସାଗରା ମହାନ୍ତ, ପି:ଗୋପିନାଥ ମହାନ୍ତ, ଜା:କୁଡୁମି, ବା:ଯୁଆଳିଭଙ୍ଗା |
| | ୬୯୪ | ଶାରଦ ଦୁଇ | ୦.୦୮ | ୦.୦୫ | |
| ୭୭ | ୮୫୫ | ଶାରଦ ତିନି | ୦.୨୦ | ୦.୦୬ | ନବୀନ ମହାନ୍ତ, ପି:ଲାଲମୋହନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୭୬୮/୧୧୫୮ | ଶାରଦ ଦୁଇ | ୦.୦୬ | ୦.୦୬ | |
| | ୯୮୪/୧୧୬୦ | ଶାରଦ ଦୁଇ | ୦.୧୩ | ୦.୦୨ | |
| ୮୩ | ୯୩୧/୧୧୮୧ | ଶାରଦ ଦୁଇ | ୦.୬୯ | ୦.୧୮ | ନୁନାରାମ ମହାନ୍ତ, ପି:ନାରାୟଣ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| ୮୮ | ୮୫୧ | ଶାରଦ ତିନି | ୦.୪୦ | ୦.୧୬ | ପ୍ରଫୁଲ ମହାନ୍ତ, ପ୍ରଭାକର ମହନ୍ତ, ପି:ଶତୃଘନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୬୨୮ | ଶାରଦ ତିନି | ୦.୧୪ | ୦.୦୧ | |
| ୯୪ | ୬୯୬ | ଶାରଦ ଦୁଇ | ୦.୧୯ | ୦.୦୪ | ଫୁଲ ମାଝୀ, ସ୍ୱା:ଲିପା ମାଝୀ, ଜା:ସାନ୍ତାଳ, ବା: ନିଜଗାଁ |
| | ୬୮୩ | ଶାରଦ ତିନି | ୦.୧୩ | ୦.୧୩ | |
| ୯୬ | ୬୩୫ | ଶାରଦ ଦୁଇ | ୦.୨୨ | ୦.୧୮ | ବାଇଧର ମହାନ୍ତ, ଗେହ୍ଲୀ ମହାନ୍ତ, ପି:ସାନ ଦୁଃଖ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୬୦୪ | ଶାରଦ ତିନି | ୦.୩୬ | ୦.୦୩ | |
| ୧୧୨ | ୬୮୯ | ଶାରଦ ଦୁଇ | ୦.୬୩ | ୦.୧୩ | ଭାଗୀରଥି ମହାନ୍ତ, ପ୍ରାଣକୃଷ୍ଣ ମହାନ୍ତ, ପି:ଶଙ୍କର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୧୬ | ୮୭୨ | ଶାରଦ ଦୁଇ | ୦.୪୪ | ୦.୦୩ | ମଥୁରା ନନ୍ଦ ମହାନ୍ତ, ପି:ନରସିଂହ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୧୮ | ୬୯୧ | ଶାରଦ ଦୁଇ | ୦.୦୭ | ୦.୦୧ | ମହାଦେବପ୍ରସାଦ ଖଣ୍ଡେଲବାଲା, ରାମପ୍ୟାରି ଲାଲ ଖଣ୍ଡେଲବାଲା, ବୈଦନାଥ ଖଣ୍ଡେଲବାଲା, ପି:ଚୁନିଲାଲ ଲଛମି ନାରାୟଣ ଜା:ବୈଶ୍ୟ ବଣିଆ, ବା:ମୋତିଗଞ୍ଜବଜାର, ଜି:ବାଲେଶ୍ୱର |
| ୧୨୪ | ୮୮୫ | ଶାରଦ ତିନି | ୦.୦୮ | ୦.୦୮ | ମୋଚିରାମ ମହାନ୍ତ, ପି:କୃଷ୍ଣ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| | ୬୪୧ | ଶାରଦ ତିନି | ୦.୨୬ | ୦.୦୯ | |
| | ୯୦୬ | ଶାରଦ ଦୁଇ | ୦.୪୯ | ୦.୦୩ | |
| | ୯୦୭ | ଶାରଦ ଦୁଇ | ୦.୧୮ | ୦.୧୮ | |
| ୧୨୬ | ୬୯୫ | ଶାରଦ ଦୁଇ | ୦.୫୧ | ୦.୦୪ | ରମାକାନ୍ତ ମହାନ୍ତ, ଉମେଶ ମହାନ୍ତ, ଗେହ୍ଲେଇ ମହାନ୍ତ, ତରୁ ମହାନ୍ତ, ଉର୍ବଶି ମହାନ୍ତ, ଶଚି ମହାନ୍ତ, ପି:ସନାତନ ମହାନ୍ତ, ସମବାରି ମହାନ୍ତ, ସ୍ୱା:ସନାତନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୨୭ | ୮୮୭ | ଶାରଦ ତିନି | ୦.୬୪ | ୦.୦୪ | ରମାନାଥ ମହାନ୍ତ, ପି:ବୁଧୁ ମହାନ୍ତ, ଜା:କୁଡୁମି, ବା:ଅମଣିଦା |
| ୧୩୩ | ୬୮୬ | ଶାରଦ ଦୁଇ | ୦.୧୨ | ୦.୦୫ | ରାଙ୍କୁ ମାଝୀ, ଭିଲୁ ମାଝୀ, ରାମ ମାଝୀ, ପି:ଫାଗୁ ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୧୩୫ | ୮୭୧ | ଶାରଦ ଦୁଇ | ୦.୩୫ | ୦.୧୬ | ରାମହରି ମହାନ୍ତ, ପି:ବଡ ଶଙ୍କର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୮୮୯/୧୧୨୮ | ଶାରଦ ଏକ | ୦.୯୧ | ୦.୨୦ | |
| ୧୪୭ | ୬୭୮ | ଶାରଦ ତିନି | ୦.୨୦ | ୦.୦୧ | ଲକ୍ଷ୍ମଣ ମାଝୀ, ପି:ସୁନ୍ଦର ମାଝୀ, ଲାଦୁମ ମାଝୀ, ପି:ପଞ୍ଚା ମାଝୀ, ସମ୍ବାରି ମାଝୀ, ପି:ସୁବୁଦା ମାଝୀ, ପାନ ମାଝୀ, ସ୍ୱା:ସୁବୁଦା ମାଝୀ, ଜା:ସାନ୍ତାଳ, ବା:ନିଜଗାଁ |
| ୧୪୮ | ୭୮ | ଶାରଦ ତିନି | ୦.୪୦ | ୦.୧୦ | ଲକ୍ଷ୍ମୀ ମହାନ୍ତ, ସ୍ୱା:ଦୁର୍ଯ୍ୟୋଧନ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| ୧୫୩ | ୮୮୩ | ଶାରଦ ଦୁଇ | ୦.୨୨ | ୦.୦୪ | ସତୃଘନ ମହାନ୍ତ, ପି:ନରସିଂହ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୮୮୪ | ଶାରଦ ଦୁଇ | ୦.୧୩ | ୦.୧୩ | |
| ୧୫୪ | ୮୭୯ | ଶାରଦ ଦୁଇ | ୦.୩୪ | ୦.୧୦ | ସତୃଘନ ମହାନ୍ତ, ଦେବେନ୍ଦ୍ର ମହାନ୍ତ, ପି:ନରସିଂହ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୫୬ | ୭୬୭ | ଶାରଦ ଦୁଇ | ୦.୩୩ | ୦.୧୮ | ଶତୃଘନ ମହାନ୍ତ, ମଥୁରାନନ୍ଦ ମହାନ୍ତ, ଦେବେନ୍ଦ୍ର ମହାନ୍ତ, ପି:ନରସିଂହ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୬୦ | ୬୯୨ | ଶାରଦ ଦୁଇ | ୦.୧୭ | ୦.୧୪ | ସମବାରୀ ମହାନ୍ତ, ପି:ଲାଲ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୭୬୮ | ଶାରଦ ଦୁଇ | ୦.୦୬ | ୦.୦୬ | |
| | ୭୩/୧୧୬୨ | ଶାରଦ ଦୁଇ | ୦.୧୦ | ୦.୧୦ | |
| ୧୬୩ | ୮୬୮ | ଶାରଦ ତିନି | ୦.୪୪ | ୦.୦୧ | ସାଧୁ ଚରଣ ପାତ୍ର, ପି:ଚନ୍ଦ୍ର ମୋହନ ପାତ୍ର, ଜା:କାପୁଡିଆ, ବା:ବାରିପଦା |
| ୧୬୮ | ୮୯୫ | ଶାରଦ ଦୁଇ | ୦.୪୨ | ୦.୨୧ | ଶିବ ମହାନ୍ତ, ଶଙ୍କର ମହାନ୍ତ, ଗୁରୁ ଚରଣ ମହାନ୍ତ, ମୁଖ ମହାନ୍ତ, ସୁଖ ମହାନ୍ତ, ସଜନୀ ମହାନ୍ତ, ପି:ଆଷାଢୁ ମହାନ୍ତ, ପେମ ମହାନ୍ତ, ସ୍ୱା:ଆଷାଢୁ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୮୩ | ୮୯୪ | ଶାରଦ ଦୁଇ | ୦.୧୭ | ୦.୧୦ | ହୃଦାନନ୍ଦ ମହାନ୍ତ, ସର୍ବେଶ୍ୱର ମହାନ୍ତ, ଅପୂର୍ବ ମହାନ୍ତ, ସୁରୁମଣି ମହାନ୍ତ, ଚାନ୍ଦମଣି ମହାନ୍ତ, ପି:ହରି ମହାନ୍ତ, ମହେଶ୍ୱରୀ ମହାନ୍ତ, ସ୍ୱା:ହରି ମହାନ୍ତ, ସୁର ମହାନ୍ତ, ପି:ଭୀମ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୮୯୬ | ଶାରଦ ଦୁଇ | ୦.୪୬ | ୦.୦୩ | |
| | ୮୯୩ | ଶାରଦ ତିନି | ୦.୫୬ | ୦.୦୧ | |
| ୧୮୪ | ୮୯୨ | ଶାରଦ ଦୁଇ | ୦.୩୫ | ୦.୦୮ | ହେମ ମହାନ୍ତ, ପି:ଗଙ୍ଗାଧର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୬୭୯/୧୨୦୬ | ଶାରଦ ତିନି | ୦.୧୪ | ୦.୦୮ | |
| ୧୮୫ | ୭୭ | ଶାରଦ ଦୁଇ | ୦.୧୮ | ୦.୧୮ | ହେମ ମହାନ୍ତ, ପି:କାଳିଆ ମହାନ୍ତ, ଯେହେରୁ ମହାନ୍ତ, ପି:ରାସୁ ମହାନ୍ତ, ଶୁକାନ୍ତ ମହାନ୍ତ, ପି: ପ୍ରେମଚାନ୍ଦ ମହାନ୍ତ, ଜା:କୁଡୁମି, ବା:ଶଶା |
| ୧୮୭/୫୯ | ୯୦୯/୧୨୫୦ | ଶାରଦ ଦୁଇ | ୦.୬୧ | ୦.୪୨ | ଯୁଧିଷ୍ଠିର ମହାନ୍ତ, ମନୋରଞ୍ଜନ ମହାନ୍ତ, ପି:ସୀତାନାଥ ମହାନ୍ତ,ଜା:କୁଡୁମି,ବା:ନିଜଗାଁ |
| ୧୮୭/୬୩ | ୭୪/୧୨୫୫ | ଶାରଦ ଦୁଇ | ୦.୧୬ | ୦.୦୮ | ମୁଲକ ଚାନ୍ଦ ମହାନ୍ତ, ପି:ବିନୋଦ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| ୧୮୭/୬୫ | ୬୩୩ | ଶାରଦ ଦୁଇ | ୦.୩୪ | ୦.୦୯ | ବୁଦ୍ଧେଶ୍ୱର ମହାନ୍ତ, ପି:ଅମିନ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୬୩୨ | ଶାରଦ ତିନି | ୦.୦୫ | ୦.୦୧ | |
| ୧୮୭/୮୧ | ୬୩୯ | ଶାରଦ ତିନି | ୦.୧୫ | ୦.୦୮ | ମନୋରଞ୍ଜନ ମହାନ୍ତ, ପି:ରମେଶ ଚନ୍ଦ୍ର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| | ୬୪୦ | ଶାରଦ ତିନି | ୦.୩୦ | ୦.୩୦ | |
| ୧୮୭/୯୪ | ୬୨୯ | ଶାରଦ ତିନି | ୦.୦୪ | ୦.୦୨ | ମହେନ୍ଦ୍ର ନାଥ ମହାନ୍ତ, ପି:ହରମୋହନ ମହାନ୍ତ, ଜା:କୁର୍ମୀ କ୍ଷତ୍ରୀୟ, ବା:ନିଜଗାଁ |
| | ୬୩୧ | ଶାରଦ ତିନି | ୦.୧୫ | ୦.୦୬ | |
| ୧୮୭/୧୦୦ | ୭୨ | ଶାରଦ ଦୁଇ | ୦.୦୯ | ୦.୦୯ | ପ୍ରଭାକର ମହାନ୍ତ, ପି:ମାନ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| ୧୮୭/୧୦୬ | ୮୮୮ | ଶାରଦ ଦୁଇ | ୦.୬୨ | ୦.୨୨ | ନବୀନ ଦାସ, ପି:ପୂର୍ଣ୍ଣଚନ୍ଦ୍ର ଦାସ, ଜା:ମୋଚି, ବା:ନିଜଗାଁ |
| ୧୮୭/୧୨୮ | ୯୩୦/୧୩୧୧ | ଶାରଦ ଦୁଇ | ୦.୩୯ | ୦.୧୦ | ସୀତାନାଥ ମହାନ୍ତ, କୃଷ୍ଣଚନ୍ଦ୍ର ମହାନ୍ତ, ପି:ରିଦୟ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୮୭/୧୨୯ | ୯୩୦ | ଶାରଦ ଦୁଇ | ୦.୩୯ | ୦.୦୫ | ଯୁଧିଷ୍ଠିର ମହାନ୍ତ, ମନୋରଞ୍ଜନ ମହାନ୍ତ, ପି:ସୀତାନାଥ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୮୭/୧୪୧ | ୬୮୫/୧୩୨୨ | ଶାରଦ ଏକ | ୦.୧୧ | ୦.୦୨ | ଡମ୍ବରୁଧର ମହାନ୍ତ, ଉଗ୍ରେଶ୍ୱର ମହାନ୍ତ, ବିଶ୍ୱଜିତ ମହାନ୍ତ, ପି:ସନ୍ୟାସୀ ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୮୭/୧୪୯ | ୬୩୭ | ଶାରଦ ଦୁଇ | ୦.୩୦ | ୦.୦୮ | କମଳାକାନ୍ତ ମହାନ୍ତ, ପି:ଚନ୍ଦ୍ର ମୋହନ ମହାନ୍ତ, ଜା:କୁଡୁମି,ବା:ରାଉତରା |
| ୧୮୭/୧୫୧ | ୯୦୯ | ଶାରଦ ଦୁଇ | ୦.୩୫ | ୦.୨୨ | ସୁରେନ୍ଦ୍ର ମହାନ୍ତ, ପି:ରାମେଶ୍ୱର ମହାନ୍ତ, ଜା:କୁଡୁମି, ବା:ନିଜଗାଁ |
| ୧୮୭/୧୫୮ | ୭୪/୧୩୩୦ | ଶାରଦ ଦୁଇ | ୦.୧୭ | ୦.୦୭ | ମୁଲୁକ ଚାନ୍ଦ ମହାନ୍ତ, ପି:ବିନୋଦ ମହାନ୍ତ, ଜା:କୁଡୁମି, ବା:ପୁରିନ୍ଦା |
| ୧୮୭/୧୫୯ | ୭୧ | ଶାରଦ ଦୁଇ | ୦.୧୦ | ୦.୦୮ | ରାଧାମଣୀ ମହାନ୍ତ, ସ୍ୱା:ହରିଶ୍ଚନ୍ଦ୍ର ମହାନ୍ତ, ଜା:କୁଡୁମି କ୍ଷେତ୍ରିୟ, ବା:ରାଉତରା |
| ମୋଟ | ୯୧ ପ୍ଲଟକୁ | ଏ.୨୭.୧୯ ଡେ.ମି. | ଏ.୧୦.୬୪ ଡେ.ମି. | | |

Sd./- Amin, Deuli Zone
Sd./- Revenue Inspector, Deuli Zone
Sd./- Zone Officer-cum-L.A. Collector, S.I.P. Deuli Zone
Sd./- Spl. Land Acquisition Officer, S.I.P. Baripada

OIPR-

# ଲକ୍ଷଣକୁ ପ୍ରାଥମିକତା ଦେବା

**ଆଜି ଜାତୀୟ ଅପସ୍ମାର ଦିବସ**

ଅପସ୍ମାର ବା ଏପିଲେପ୍ସୀ ଏକ ପ୍ରକାର ମସ୍ତିଷ୍କ ରୋଗ। ଏହାକୁ ମୃଗୀ ରୋଗ ବୋଲି ମଧ୍ୟ କହନ୍ତି। ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କୁ ସାଧାରଣତଃ ବାରମ୍ବାର ହଠାତ୍ ବାତ ମାରିଥାଏ। ରୋଗୀଠାରେ ମାଂସପେଶୀଗୁଡ଼ିକରେ ଘନଘନ ଆକସ୍ମିକ ସଂକୋଚନ ହେବା ସଙ୍ଗେ ସଙ୍ଗେ ସେ ମୂର୍ଚ୍ଛା ଯାଇପାରେ। ମସ୍ତିଷ୍କ ସ୍ନାୟୁକୋଷର କାର୍ଯ୍ୟଧାରାରେ ବିଶୃଙ୍ଖଳା ସୃଷ୍ଟି ହିଁ ଏଭଳି ଲକ୍ଷଣ ପ୍ରକାଶ ପାଇବାର କାରଣ। ରୋଗୀ ଓ ଜନସାଧାରଣଙ୍କଠାରେ ଏପିଲେପ୍ସୀ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ନିମନ୍ତେ ପ୍ରତିବର୍ଷ ନଭେମ୍ବର ୧୭ରେ ପାଳିତ ହୋଇଥାଏ 'ଜାତୀୟ ଅପସ୍ମାର ଦିବସ' ବା 'ଜାତୀୟ ଏପିଲେପ୍ସି ଡେ'। ଅଧିକାଂଶ ରୋଗୀଙ୍କ କ୍ଷେତ୍ରରେ ରୋଗର କୌଣସି କାରଣ ଠଉରେଇ ହୁଏ ନାହିଁ। ଅବଶିଷ୍ଟ କ୍ଷେତ୍ରରେ ମସ୍ତିଷ୍କର କୋଷୀକ ବିଦ୍ୟୁତ୍ ରାସାୟନିକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼େ। ଯେପରିକି ମୁଣ୍ଡରେ ଜୋର୍‌ରେ ମାଡ଼ ବାଜିଲେ, ଶିଶୁ ଜନ୍ମ ସମୟରେ ତା' ପାଇଁ ଅମ୍ଳଜାନର ଅଭାବ ହେଲେ, ମସ୍ତିଷ୍କରେ ପ୍ରଦାହ ହେଲେ କି ମସ୍ତିଷ୍କରେ ଅର୍ବୁଦ ବା ଟ୍ୟୁମର୍ ହୋଇଥିଲେ ଏପିଲେପ୍ସିର ଲକ୍ଷଣମାନ ପ୍ରକାଶ ପାଇଥାଏ। ଏପିଲେପ୍ସିର ମଧ୍ୟ ରହିଛି ବଂଶଗତ ପ୍ରଭାବ। ଏପିଲେପ୍ସି ରହିଥିବା ଦୁଇଟି ପରିବାର ବିବାହ ସମ୍ପର୍କରେ ଜଡ଼ିତ ହୋଇପଡ଼ିଲେ ସନ୍ତାନମାନଙ୍କୁ ଏପିଲେପ୍ସି ହେବାର ଆଶଙ୍କା ଅଧିକ। ତେବେ



ଯେକୌଣସି ବ୍ୟକ୍ତି ଜୀବନରେ ଯେକୌଣସି ସମୟରେ ଏହି ରୋଗର ଶିକାର ହୋଇପାରନ୍ତି। ବାତ ମାରିବା ଆରମ୍ଭ ହେବା ପୂର୍ବରୁ ଯେଉଁସବୁ ସୂଚନା ପ୍ରକାଶ ପାଇପାରେ, ତାକୁ ଡାକ୍ତରୀ ଭାଷାରେ 'ଅରା' ବୋଲି କୁହନ୍ତି। ଏହି ରୋଗ ନିର୍ଣ୍ଣୟ ପାଇଁ ଇଲେକ୍ଟ୍ରୋଏନ୍‌ସେଫାଲୋଗ୍ରାଫି ବା ଇ.ଇ.ଜି, ଭିଡିଓ ଇଇଜି, ମୁଣ୍ଡରେ ଏକ୍ସ-ରେ। ମସ୍ତିଷ୍କରେ ସି.ଟି. ସ୍କାନ୍, ଏମ୍.ଆର୍.ଆଇ ସ୍କାନ୍, ପି.ଇ.ଟି. ସ୍କାନ୍, ରେଡିଓ ଆଇସୋଟୋପ୍ ସ୍କାନ୍ ଏବଂ ମ୍ୟାଗ୍ନେଟୋଏନ୍‌ସେଫାଲୋଗ୍ରାଫି ଆଦି ପରୀକ୍ଷା କରାଯାଇଥାଏ। ଏପିଲେପ୍ସିର ପ୍ରକାର ବିଧି। ଏହାର ଚିକିତ୍ସା ପାଇଁ ଏକାଧିକ ଔଷଧ ଉପଲବ୍ଧ। ତେଣୁ ସ୍ନାୟୁରୋଗ ବିଶେଷଜ୍ଞଙ୍କ ପରାମର୍ଶରେ ଚିକିତ୍ସିତ ହେବା ବିଜ୍ଞତାର କାର୍ଯ୍ୟ। ଚିକିତ୍ସା କରିବା ନିମନ୍ତେ ବିଶେଷଜ୍ଞ ଡାକ୍ତର ରୋଗୀର ବୟସ, ଲିଙ୍ଗ, ବୃତ୍ତି, ଆନୁଷଙ୍ଗିକ ବ୍ୟାଧି ଓ ଲକ୍ଷଣଗୁଡ଼ିକ ବିଚାରକୁ ନେଇଥାନ୍ତି। ଔଷଧ ଚାଲୁ ରଖିବା କି ବନ୍ଦ କରିଦେବା ନିଷ୍ପତ୍ତି ଗ୍ରହଣ କରିଥାନ୍ତି। ପିଲାବେଳେ ବାତ ମାରିବା ଲକ୍ଷଣ ପ୍ରକାଶ ପାଇଥିଲେ, ବୟସ ବଢ଼ିବା ସଙ୍ଗେ ସଙ୍ଗେ ବାତ ମାରିବା ଧୀରେ ଧୀରେ କମି ପୂରାପୂରି ବନ୍ଦ ହୋଇଯିବା କିଛି ଅସମ୍ଭବ କୁହେଁ। ତେବେ ନିୟମିତ ଚିକିତ୍ସା ସତ୍ତ୍ୱେ ଅନ୍ତତଃ ଏକ ଚତୁର୍ଥାଂଶ ରୋଗୀଙ୍କ କ୍ଷେତ୍ରରେ ଯେତେ ଯାହା ଔଷଧ ଦେଲେ ବି ଚିକିତ୍ସା ବିଶେଷ ଫଳବତୀ ହୋଇ ନଥାଏ। ସୀମିତ କ୍ଷେତ୍ରରେ ଅପରେଶନ୍ ଚିକିତ୍ସାର ମଧ୍ୟ ସାହାଯ୍ୟ ନିଆଯାଇପାରେ।

**– ଡା. ନିତ୍ୟାନନ୍ଦ ସ୍ୱାଇଁ,** ଅଭୀପ୍ସା, ସେକ୍ଟର-୬, ପ୍ଲଟ ନଂ-୧୧୩୧, ଅଭିନବ ବିଡାନାସୀ, କଟକ-୧୪

# ଟ୍ରକ୍ ଧକ୍କାରେ ୩ ବାଇକ୍ ଆରୋହୀ ମୃତ

ପରଜଙ୍ଗ,୧୬।୧୧(ନିଗମାନନ୍ଦ ଦଳବେହେରା) ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ୧୪୯ ନଂ. ଜାତୀୟ ରାଜପଥର କୁଲେଇ ଗ୍ରାମ ନିକଟସ୍ଥ ଜିଏମ୍ ଆଣ୍ଡ ଆଇରନ ଷ୍ଟିଲ ପ୍ଲାଣ୍ଟଠାରୁ ୫ ଶହ ମିଟର ଦୂରରେ ଶନିବାର ରାତି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୩ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପରଜଙ୍ଗ ଥାନା ସରାଙ୍ଗ ଫାଣ୍ଡି ଖାଲପାଳ ଗ୍ରାମର ବାଇକ୍ ଚାଳକ ଗୁଟୁ ମଲ୍ଲିକ (୪୧), ଦଦରାଘାଟି ଫାଣ୍ଡି କୁଲେଇ ଗ୍ରାମର ସନ୍ତୋଷ ମଲ୍ଲିକ(୨୦) ଓ ମହାବିରୋଡ ଥାନା କରୁମୁଣ୍ଡା ଗ୍ରାମର ଗୋପବନ୍ଧୁ ନାଏକ (୩୦)। ସୂଚନା ଅନୁଯାୟୀ, ଉକ୍ତ ୩ ଜଣ ଗୁଟୁଙ୍କ ବାଇକ୍‌ରେ କୁଲେଇ ଗ୍ରାମରୁ ଖାଲପାଳ ଗ୍ରାମକୁ ଫେରୁଥିବାବେଳେ ପାଲଲହଡା ଆଡ଼କୁ ଯାଉଥିବା ଏକ ଅଜଣା ଟ୍ରକ ଧକ୍କାଦେଇଥିଲା। ଫଳରେ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ଘଟାଇ ଟ୍ରକ୍‌ଟି ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ଗୁଡ଼ିକ ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ଘଟଣା ସମ୍ପର୍କରେ ମୃତ ଗୁଟୁଙ୍କ ବଡ଼ ଭାଇ ସୁଧାକର ମଲ୍ଲିକ ପରଜଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପରଜଙ୍ଗ ପୋଲିସ କେସ୍ ନଂ. ୫୪୦/୨୫ ରେ ଏକ ମାମଲା ରୁଜୁ କରି ମୃତଦେହ ଗୁଡ଼ିକୁ ରବିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦଦରା ଘାଟି ଫାଣ୍ଡି ଅଧିକାରୀ ବିକାଶ ଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଗୁଡ଼ିକ ଉଦ୍ଧାର କରିବା ସହ ଅଧିକ ତଦନ୍ତ ଜାରି ରଖିଛନ୍ତି। ମୃତକଙ୍କ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ସହାୟତା କରାଯିବାକୁ ପରିବାର ଲୋକେ ନିବେଦନ କରିଛନ୍ତି।


## OFFICE OF THE MUNICIPAL COUNCIL, BHAWANIPATNA, DIST.-KALAHANDI, PIN-766001

'e' Procurement NOTICE. No.3598 dtd. 15.11.2025

Bid Identification No. BPM/03/2025-26

No.C-1486 : The Executive Officer on behalf of Bhawanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil works : 20 (Twenty) numbers
2. Estimated Costs : 3.32 lakhs to 16.95 lakhs
3. Period of completion : As per NIT
4. Date and time of availability of the bid documents in the portal : From 10.00 A.M. of 17.11.2025 to 04.00 P.M. of 28.11.2025
5. Last Date/Time for receipt of bids in the portal : 04.00 P.M. of 28.11.2025
6. Bids will be opened on : 5.00 P.M. of Dt.28.11.2025
7. Name and address of the officer inviting bid : Executive Officer, Bhawanipatna Municipality.

Sd./- Executive Officer, Bhawanipatna Municipality

OIPR-

## OFFICE OF THE DEAN & PRINCIPAL M.K.C.G. MEDICAL COLLEGE, BERHAMPUR - 760004 (GANJAM)

ବଲାଙ୍ଗୀର ଜିଲା ତୁଷୁରା ସହରସ୍ଥିତ ତୋଷାଳୀ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ତୁଷୁରା ଏନଏସି ସଭାଗୃହରେ ରବିବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ସଂଘ ସଭାପତି ଶମ୍ଭୁ ପ୍ରସାଦ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହେଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଆଇନଜୀବୀ ତଥା ବିଧାୟକ ପ୍ରାର୍ଥୀ ବୀରେନ୍ଦ୍ର ବାଗ ଯୋଗଦେଇ ସାମ୍ବାଦିକମାନଙ୍କ କର୍ତ୍ତବ୍ୟ ଉପରେ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ହେମନ୍ତ କୁମାର ଦାଶ ଯୋଗଦେଇ ଗଣତନ୍ତ୍ରର ଚାରୋଟି ସ୍ତମ୍ଭ ଏବଂ ଚତୁର୍ଥ ସ୍ତମ୍ଭର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଦେବବ୍ରତ ପାଣିଗ୍ରାହୀ ଯୋଗଦେଇ ସାମ୍ବାଦିକମାନେ ନିର୍ଭିକତାର ସହ ଖବର ପରିବେଷଣ କଲେ ଜନତା ଆପଣଙ୍କ ସହ ସବୁବେଳେ ରହିବେ ବୋଲି କହିଥିଲେ। ସଭାରେ ମାରୱାଡ଼ି ମହିଳା ସମିତି ଓ ଜାଗୃତି ଶାଖାର ସଦସ୍ୟା ବୃନ୍ଦ, ଧାନଘରା ଏସଏଚଜି ଗ୍ରୁପର ସଦସ୍ୟା ବୃନ୍ଦ, ୟୁଥ ଏକସନ କମିଟିର ସଦସ୍ୟ, ବଜରଙ୍ଗ ଦଳ ସଦସ୍ୟ ତଥା ଅଞ୍ଚଳର ସମସ୍ତ ସାମ୍ବାଦିକ ଓ ସମ୍ବାଦପତ୍ର ବିତରକମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସଂଘ ପକ୍ଷରୁ କର୍ତ୍ତବ୍ୟନିଷ୍ଠ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ଅରବିନ୍ଦ ବିଶ୍ୱାଳ, ପଞ୍ଚାନନ ନାଏକ, ଚୌଧୁରୀ ସାହୁ, ହରଗୌରୀ ସାହୁ, ସୁଶାନ୍ତ ମେହେର, ରମେଶ ସାହୁ, ସୁନୀଲ ସାହୁ, ଉଦ୍ଧବ ବହିର, ତୁଷୁରରାଜ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସଂଘର ସମ୍ପାଦକ ମନୋଜ ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।

# ବରଗଡ଼କୁ ହରାଇ ବୌଦ୍ଧ ଗେହ୍ଲା ମା’ ଏଫ୍‌ସି ଫାଇନାଲରେ



ଉଭୟ ଦଳର ଖେଳାଳିଙ୍କ ସହ ଅତିଥି(ବାମ), ପୁରସ୍କାର ପାଇଥିବା ଖେଳାଳି ପ୍ରକାଶ ମହାନନ୍ଦ ।

**ଲୋଇସିଂହା,୧୬।୧୧(ସୁଶାନ୍ତ ବାରିକ)**

**ଲୋଇସିଂହା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ**

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମର ପ୍ରତିଷ୍ଠା ଦିବସ ଉପଲକ୍ଷେ ଚାଲିଥିବା ରାଜ୍ୟସ୍ତରୀୟ ଲୋଇସିଂହା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ରବିବାର ବରଗଡ ଓ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ୧-୧ ଗୋଲରେ ଉଭୟ ଦଳ ସମାନ ସ୍ଥିତିରେ ରହିବାରୁ ଟ୍ରାଇବ୍ରେକରରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା । ଏଥିରେ ୧-୦ ଗୋଲରେ ବରଗଡକୁ ହରାଇ ବୌଦ୍ଧ ଗେହ୍ଲା ମା’ ଏଫ୍‌ସି ବିଜୟୀ ହୋଇଛି। ଏ ଗ୍ରୁପରୁ ପ୍ରଥମ ଦଳ ଭାବରେ ବୌଦ୍ଧ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲ ପ୍ରଥମାର୍ଦ୍ଧରୁ ଉଭୟ ଦଳ ବହୁ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ହେଲେ ପ୍ରଥମାର୍ଦ୍ଧରେ କେହି କାହାକୁ ଗୋଲ ସ୍କୋର କରିବାରେ ସକ୍ଷମ ହୋଇ ପାରିନଥିଲେ । ଦ୍ୱିତୀୟାର୍ଦ୍ଧରେ ଖେଳର ୪୬ ମିନିଟ ସମୟରେ ବରଗଡ ଦଳ ଖେଳାଳି ଅମର ଖାଡିଆ ଗୋଲ ସ୍କୋର କରି ଦଳକୁ ଆଗୁଆ ରଖିଥିଲେ । ଅପରପକ୍ଷେ ଏହାର ୬ ମିନିଟ ପରେ ଅର୍ଥାତ ଖେଳର ୫୨ ମିନିଟ ସମୟରେ ବୌଦ୍ଧ ଦଳର ପ୍ରକାଶ ମହାନନ୍ଦ ଗୋଲ ସ୍କୋର କରି ଖେଳକୁ ବରାବର ସ୍ଥିତିକୁ ଆଣିଥିଲେ । ନିର୍ଦ୍ଧାରିତ ସମୟରେ ଆଉ କେହି ଗୋଲ ସ୍କୋର ନ କରିବାରୁ ରେଫରି ଟ୍ରାଇବ୍ରେକରର ସହାୟତା ନେଇଥିଲେ। ବୌଦ୍ଧ ଦଳର ପ୍ରକାଶ ପ୍ଲେୟାର ଅଫ ଦ ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ । ମ୍ୟାଚରେ ବରଗଡ ଦଳର ଅମର ପ୍ରଥମ ଗୋଲ ଦେଇଥିବାରୁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ପକ୍ଷରୁ ୨ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା । ରବିବାର ହୀରାପୁର ସରପଞ୍ଚ ରମାକାନ୍ତ ବିଶ୍ୱାଳ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଖବରଦାତା ଅଭିଳାଷ ହୋତା, ଟ୍ରଷ୍ଟବୋର୍ଡର ବରିଷ୍ଠ ସଦସ୍ୟ ବିଭୂତି ଭୂଷଣ ସାହାଣୀ, ଦିଲୀପ ବେହେରା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ସୋମବାର ଭୁବନେଶ୍ୱର ଓ ଝାରସୁଗୁଡା ଏକାଦଶ ମଧ୍ୟରେ ଖେଳାଯିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

# ବିଦ୍ୟାଳୟସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ

**ସଇଁତଲା,୧୬।୧୧(ରାଖାଲ ପ୍ରସାଦ ଶତପଥୀ)**

ସଇଁତଲା ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, କେରମେଲିଠାରେ ବିଦ୍ୟାଳୟସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଦର୍ଶନୀରେ ବିଭିନ୍ନ ଶ୍ରେଣୀର ୧୮ ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶନୀକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚାଣ୍ଡାଳ ମିଶ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଜ୍ଞାନ ଶିକ୍ଷକ ସୁରେଶ ମିଶ୍ର ବିଚାରକ ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସବିତା ଏକ୍କା ଓ ସୌମ୍ୟ ରଞ୍ଜନ ମହାନ୍ତିଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି ପ୍ରଦର୍ଶନୀରେ ବିଦ୍ୟାଳୟର ମୋନାଲିସା ମହାପାତ୍ର, ରଶ୍ମିତା ନାୟକ, ପି. ବାଗ, ମିନତୀ ଦାସ, ଜି. ମହାକୁର, ଚନ୍ଦ୍ରଶେଖର ସାହୁ, ମଧୁମିତା ପ୍ରଧାନ ଓ ଅନୁପମ ମହାନ୍ତି ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ଜାତୀୟ ପ୍ରେସ୍ ଦିବସ ପାଳିତ

**ପାଟଣାଗଡ଼,୧୬।୧୧(ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ଏନଏସିସ୍ଥିତ ହରିଶଙ୍କର ସମ୍ମିଳନୀ ସଦନଠାରେ ରବିବାର ଉପଖଣ୍ଡସ୍ତରୀୟ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ ଓ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁମନ ମିଞ୍ଜ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଥମେ ଉପଖଣ୍ଡସ୍ତରୀୟ ସାମ୍ବାଦିକ ସଂଘ ସଭାପତି ପ୍ରହ୍ଲାଦ ପାଢ଼ୀ ସଭା କାର୍ଯ୍ୟ ଆରମ୍ଭ କରିଥିବା ବେଳେ ଅଭୟ ତ୍ରିପାଠୀ ପରିଚାଳନା କରିଥିଲେ। ସାମ୍ବାଦିକ ସଦାଶିବ ସରାଫ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀକାନ୍ତ ମିଶ୍ର, ବଂଶୀଧର ସେଠ, ସଦାନନ୍ଦ ବେହେରା, ଉମାକାନ୍ତ ପ୍ରଧାନ, ସୁନୀଲ ଚୋପଦାର, ପାର୍ଥିବ ଭୋଇ, ଦିଲିପ ଭୋଇ, ପ୍ରବୀଣ କୁମାର ପୁରୋହିତ, ବିଶାସ ପଟ୍ଟନାୟକ, ରଞ୍ଜନ ମେହେର, ସୁବ୍ରତ ମହାକୁର, ରିଙ୍କୁ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ପରମ୍ପରା ବିକଶିତ ଯାତ୍ରା ଶୁଭାରମ୍ଭ

**ଦେଓଗାଁ,୧୬।୧୧(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**



ଯାତ୍ରା ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଡୁମେରପିଟା ପଞ୍ଚାୟତ ମୁଖ୍ୟାଳୟରେ ଶନିବାର ସ୍ଥାନୀୟ ଲୋକ ଉନ୍ନତି ସଂଗଠନ ପକ୍ଷରୁ ପରମ୍ପରା ବିକଶିତ ଯାତ୍ରାର ଶୁଭାରମ୍ଭ ହୋଇଯାଇଛି । ସୁରଥ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଜନ୍ମଜୟନ୍ତୀ ପାଳନ କରାଯାଇଥିଲା । ଏହି ଯାତ୍ରାରେ ଆଦିବାସୀଙ୍କ ବିଲୁପ୍ତ ଜ୍ଞାନ ଓ କୌଶଳକୁ ଜାଣିବା ପାଇଁ ପ୍ରୟାସ କରାଯିବ। ଏହାଛଡା କୃଷକ ତଥା ଆଦିବାସୀମାନେ ସେମାନଙ୍କ ଜମି , ଜଙ୍ଗଲ, ପାରମ୍ପରିକ ଖାଦ୍ୟ, ସଂସ୍କୃତି, ଜୀବିକା ଓ ଆଗାମୀ ସ୍ୱପ୍ନଗୁଡିକ ଅବଗତ କରିବେ । ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ଜ୍ଞାନକୁ ବ୍ୟାଖ୍ୟା ଓ ଲିପିବଦ୍ଧ କରିବାରେ ସମସ୍ତଙ୍କ ସହଯୋଗ ନିତାନ୍ତ ଜରୁରୀ ବୋଲି ସଂଗଠନର ବ୍ଲକ ସଂଯୋଜକ ରୁପାଧର ପୁଟା ମତବ୍ୟକ୍ତ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବାସନ୍ତୀ ପଟେଲ, ମଦନ ବରିହା, ନୟନ ମିର୍ଦ୍ଧା, ଯଶୋବନ୍ତ କୁମାର ମାଝୀ ଯୋଗଦେଇ ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ସମସ୍ତଙ୍କ ଉଦ୍ୟମ ରହିବା ଆବଶ୍ୟକ ବୋଲି କହିଥିଲେ। ଏଫଇଏସର ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ ଯୋଗଦେଇ ଜୈବିକ ପଦ୍ଧତିରେ କୃଷିର ଉପାଦେୟତା ଓ ଜୈବିକ ସାର ପ୍ରସ୍ତୁତି ସମ୍ପର୍କରେ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ସନାତନ ବରିହା, ପ୍ରେମାନନ୍ଦ ମାଝୀ, ବାସୁଦେବ ମାଝୀ, ଶୁଶିଳ ନନ୍ଦ, ଶ୍ରୀବସ୍ତୀ ନାଗ, ଶରତ ସୁନା, ବିଦ୍ୟାଧର ଜାଲ, ସଂଗଠନର ସମ୍ପାଦିକା ବିନ୍ଦୁମୁଖି ସୁନା ତଥା ଅନ୍ୟମାନେ ଉପସ୍ଥିତ ଥିଲେ । ଅହଲ୍ୟା ରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାବ-ଚର୍ଚ୍ଚା ସାରସ୍ୱତ ସମାରୋହ



ସାରସ୍ୱତ ସମାରୋହରେ ନିସାର ଅହମ୍ମଦ ନିସାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

**ଲୋଇସିଂହା,୧୬।୧୧(ସୁଶାନ୍ତ ବାରିକ)**

ଶନିବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଭାଗୃହରେ ସୁରସଙ୍ଗମ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଭାବ-ଚର୍ଚ୍ଚା ବିଷୟ ଭିତ୍ତିକ ଏକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ବରପାଲିର ସାମାଜିକ କର୍ମୀ ନରେନ୍ଦ୍ର କୁମାର ହୋତା ସମାରୋହକୁ ଉଦ୍‌ଘାଟନ କରିଥିଲେ। ସମାରୋହରେ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ତଥା ସୃଜନୀ କଳାପଟା ସମ୍ପାଦକ ଗୌରୀଶଙ୍କର ସାହୁ ଯୋଗ ଦେଇଥିଲେ ଏହି ଅବସରରେ ନିସାର ଅହମ୍ମଦ ନିସାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ଉପସ୍ଥିତ କବି ତଥା ଗବେଷକ କୋଶଳି କବିତା ଉପରେ ଆଲୋଚନା କରିଥିଲେ। କୋଶଲୀ କବି ସୁକାନ୍ତ ବାଗଙ୍କ ଉପସ୍ଥାପନା ବହୁତ ଭାବଗର୍ଭକ ଥିଲା। ରାମଚନ୍ଦ୍ର ପଟେଲ, ଜ୍ୟୋତି ପ୍ରକାଶ ସାହୁ, ଦେବେନ୍ଦ୍ର ମିସ୍ତ୍ରୀ, ଲଳିତମୋହନ ବାରିକ, ବାସନ୍ତୀ ହନୁମାନ, ବ୍ରଜମୋହନ ବିଶୋଇ, ସରୋଜ ବିଶ୍ୱାଳ, ସାଲେଗ୍ରାମ ହୋତା, ମଧୁସୂଦନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସରୋଜ ମହାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏକତା ମଣିଷ ଜୀବନକୁ ଉନ୍ନତିର ମାର୍ଗ ଦେଖାଏ



ଶିକ୍ଷକ କର୍ମଚାରୀ ସମାବେଶରେ ମଞ୍ଚାସୀନ ଅତିଥିଗଣ ।

**ବେଲପଡ଼ା,୧୬।୧୧(ମନୋଜ କୁମାର ମିଶ୍ର)**

ସମାଜର ପ୍ରଗତି ପାଇଁ ଏକତାର ଆବଶ୍ୟକତା ନିତାନ୍ତ ଜରୁରୀ ଓ ଏକତା ମଣିଷ ଜୀବନକୁ ଉନ୍ନତିର ମାର୍ଗ ଦେଖାଏ ବୋଲି ବଲାଙ୍ଗୀର ଜିଲା ବେଲପଡ଼ା ଦିନ ରଘୁ ମେହେର ହାଇସ୍କୁଲଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ ମାଧ୍ୟମିକ ଶିକ୍ଷକ ଓ କର୍ମଚାରୀ ସମାବେଶରେ ଯୋଗଦେଇ ଅତିଥିଗଣ ମତବ୍ୟକ୍ତ କରିଛନ୍ତି। ଡି ଆର ମେହେର ହାଇସ୍କୁଲ ପରିସରରେ ଶିକ୍ଷକ କିଶୋର ବେହେରାଙ୍କ ପରିଚାଳନା ଓ ନୋଡାଲ ସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରବୀର ପଣ୍ଡା , ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର , ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସାରଙ୍ଗଧର ଠାକୁର, ନବୋଦୟ ବିଦ୍ୟାଳୟ ଅଧ୍ୟକ୍ଷ ରାମ ନାରାୟଣ ମେହେର ଯୋଗ ଦେଇଥିଲେ। ସମାବେଶରେ ଚଳିତବର୍ଷ ବ୍ଲକର ବିଭିନ୍ନ ହାଇସ୍କୁଲର ୬ଜଣ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ କର୍ମଚାରୀଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ମାନିତ କରାଯାଇଥିଲା। ବ୍ଲକର ବିଭିନ୍ନ ହାଇସ୍କୁଲର ୧୫ ଜଣ ନବାଗତ ଶିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦାୟ ଓ ସମ୍ବର୍ଦ୍ଧନା ଉତ୍ସବରେ ଶିକ୍ଷକ କୁଶ ପୃଷ୍ଟି ବାଗ, ଭକ୍ତ ଚରଣ ବାଗ, ହେମନ୍ତ ବାଗ, ପ୍ରେମାନନ୍ଦ ନାଗ, ରାକେଶ ସା, ଶିକ୍ଷୟିତ୍ରୀ ସୁଜାତା ମେହେର, କବିତା ମେହେର, ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିଲେ। ସମାବେଶରେ ବ୍ଲକର ୨୪ଟି ହାଇସ୍କୁଲର ୨୩୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ଯୋଗ ଦେଇଥିଲେ । ଶେଷରେ ଶିକ୍ଷକ ଭେଙ୍କଟେଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ‘ଭ୍ରମାତ୍ମକ ଖବର ରୋକିବା ମିଳିତ ଦାୟିତ୍ୱ’

## ବଲାଙ୍ଗୀରରେ ଜାତୀୟ ପ୍ରେସ ଦିବସ ପାଳିତ

**ବଲାଙ୍ଗୀର,୧୬।୧୧(ବୀରେନ୍ଦ୍ର କୁମାର ଝାଙ୍କର)**




ଜାତୀୟ ପ୍ରେସ ଦିବସ ଅବସରରେ ବଲାଙ୍ଗୀର ସାମ୍ବାଦିକ ଭବନଠାରେ ମଞ୍ଚାସୀନ ଅତିଥି ।

ବଲାଙ୍ଗୀର ଜିଲା ପ୍ରଶାସନ ଓ ଜିଲା ସାମ୍ବାଦିକ ସଂଘର ମିଳିତ ଉଦ୍ୟମରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ରବିବାର ପୂର୍ବାହ୍ନରେ ଜାତୀୟ ପ୍ରେସ ଦିବସ ପାଳନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବଲାଙ୍ଗୀର ପୌରାଧ୍ୟକ୍ଷା ଲିକା ସାହୁ, ସାମ୍ବାଦିକ ସଂଘର ଉପସଭାପତି ବଳରାମ ମିଶ୍ର, ବକ୍ତା ଭାବେ ପ୍ରଫେସର ଡ. ପ୍ରେମଚାନ୍ଦ ମହାନ୍ତି ଓ ନାଟ୍ୟ ଭୂଷଣ ଜଗଦାନନ୍ଦ ଛୁରିଆ ମଞ୍ଚାସୀନ ଥିଲେ। ଜାତୀୟ ପ୍ରେସ ଦିବସ ୨୦୨୫ର ଆଲୋଚ୍ୟ ବିଷୟ ‘ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମର ବିଶ୍ୱସନୀୟତାର ସଂରକ୍ଷଣ’ ଶୀର୍ଷକରେ ଅତିଥି, ବକ୍ତା ଓ ଗଣମାଧ୍ୟମ ପ୍ରତିନିଧିମାନେ ଆଲୋଚନା କରିଥିଲେ। ଭ୍ରମାତ୍ମକ ଖବର ପ୍ରସାରଣ କେବଳ ଗଣମାଧ୍ୟମର ବିଶ୍ୱନୀୟତା କମାଏ ନାହିଁ ବରଂ ଗଣତାନ୍ତ୍ରିକ ମୂଲ୍ୟବୋଧ, ସାମାଜିକ ଏକତା ଏବଂ ସର୍ବୋପରି ସାମ୍ବିଧାନିକ ସଙ୍କଟ ସୃଷ୍ଟି କରେ। ଅନେକ ସମୟରେ ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମରେ ବହୁଳ ଭାବେ ପ୍ରସାରିତ ଭ୍ରାମାତ୍ମକ ଖବର ଅଚଳାବସ୍ଥା ସୃଷ୍ଟି କରୁଛି। ଗଣମାଧ୍ୟମ, ପ୍ରଶାସନ ଏବଂ ଜନସାଧାରଣଙ୍କ ମିଳିତ ଉଦ୍ୟମ ଭ୍ରମାତ୍ମକ ଖବର ପରିବେଷଣକୁ ରୋକି ଏକ ସୁସ୍ଥ, କ୍ରିୟାଶୀଳ ଏବଂ ପ୍ରଗତିଶୀଳ ସମାଜ ପ୍ରତିଷ୍ଠା କରିପାରିବ ବୋଲି ଅତିଥି, ବକ୍ତା ଓ ଗଣମାଧ୍ୟମ ପ୍ରତିନିଧିମାନେ କହିଥିଲେ। ମୁଖ୍ୟବକ୍ତା ପ୍ରଫେସର ମହାନ୍ତି ବିଶ୍ୱସ୍ତରରେ ଗଣମାଧ୍ୟମର ସ୍ଥିତି ଓ ଅଭିବ୍ୟକ୍ତିର ସ୍ୱତନ୍ତ୍ରତାକୁ ନେଇ ଶାସନକଳର ଦମନ ଉପରେ କହିଥିଲେ। ସାମ୍ବାଦିକତାରେ ନୋବେଲ ପୁରସ୍କାର ବିଜେତାଙ୍କ ସଂଘର୍ଷ ଏବଂ ନିର୍ଭୀକତାକୁ ସେ ପ୍ରାଞ୍ଜଳ ଭାବେ କହିଥିଲେ। ଅନ୍ୟତମ ବକ୍ତା ନାଟ୍ୟଭୂଷଣ ଛୁରିଆ ଗଣମାଧ୍ୟମ ପ୍ରତିନିଧିଙ୍କୁ ଜନସ୍ୱାର୍ଥ ରକ୍ଷାକାରୀ ସେନାନୀ ବୋଲି କହିଥିଲେ। ପୌରାଧ୍ୟକ୍ଷା ସାହୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରେସ ଦିବସର ଅଭିନନ୍ଦନ ଜଣାଇ ଭ୍ରାମାତ୍ମକ ଖବର ରୋକିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ସଭାପତୀୟ ଅଭିଭାଷଣରେ ଅତିରିକ୍ତ ଜିଲାପାଳ ଡ. ସେଠୀ ଗଣମାଧ୍ୟମର ବିଶ୍ୱସନୀୟତା ପାଇଁ ଗଣମାଧ୍ୟମ, ପ୍ରଶାସନ ଏବଂ ଜନସାଧାରଣଙ୍କ ମିଳିତ ପ୍ରୟାସ ଆବଶ୍ୟକ ବୋଲି କହିଥିଲେ। ପ୍ରାରମ୍ଭରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେନ୍ଦ୍ର କୁମାର ମାଝି ସ୍ୱାଗତ ଭାଷଣ ଦେଇଥିଲେ। ସଂଘ ଉପସଭାପତି ବଳରାମ ମିଶ୍ର ଗଣମାଧ୍ୟମ ପ୍ରତିନିଧିଙ୍କ ଆହ୍ୱାନ ଏବଂ ସମସ୍ୟା ଉପରେ ଆଲୋଚନା କରିଥିଲେ। ଆଜିର ଆଲୋଚନାରେ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ଆନନ୍ଦ ଚନ୍ଦ୍ର ସାହୁ, ସୁଧୀର କୁମାର ମିଶ୍ର, ଅରୁଣ ମିଶ୍ର, ପାର୍ଥ ମହାପାତ୍ର, ଦୀପକ ପୁରୋହିତ, ମୁକେଶ ବହିଦାର, ତରୁଣ ସାହୁ, ରଘୁନନ୍ଦନ ସିଂ, ମୋହନ ଅଗ୍ରୱାଲ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ବୀରେନ୍ଦ୍ର କୁମାର ଝାଙ୍କର ସଂଯୋଜନା କରିଥିଲେ। ଶେଷରେ ଗଣମାଧ୍ୟମ ପ୍ରତିନିଧି ଚିତ୍ତ ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ସାମ୍ବାଦିକ ସଂଘର ବହୁ ସଦସ୍ୟ, ବଲାଙ୍ଗୀର ସହରର ବିଭିନ୍ନ ବୌଦ୍ଧିକ, ସାହିତ୍ୟିକ ଏବଂ ସାଂସ୍କୃତିକ ସଙ୍ଗଠନର ସଦସ୍ୟ ଯୋଗଦାନ କରିଥିଲେ।

# ବିର୍ସା ମୁଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ

**ବରଗଡ଼,୧୬।୧୧(ପ୍ରେମାନନ୍ଦ ଖମାରୀ)**



ବିର୍ସା ମୁଣ୍ଡା ଜୟନ୍ତୀ ସମାରୋହରେ ଅତିଥିଙ୍କ ଗହଣରେ ଶିଶୁ କଳାକାରବୃନ୍ଦ।

ବରଗଡ଼ର ବିଭିନ୍ନ ସ୍ଥାନରେ ରବିବାର ବିର୍ସାମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଅଗ୍ରଗାମୀ ଯୁବକ ସଂଘ ବରଗଡ଼ଠାରେ ରବିବାର ଓଡ଼ିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦ ବରଗଡ଼ ଶାଖା ପକ୍ଷରୁ ଅନୁଷ୍ଠିତ ସମାରୋହରେ ପରିଷଦର ସଭାପତି ଖୁଦେଶ୍ୱର ତାଣ୍ଡିଙ୍କ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ଏବଂ ସମ୍ପାଦକ ରବିନ୍ଦ୍ର ଭୁତେକ ମଞ୍ଚାସୀନ ଥିଲେ। ଏହା ସହ ବରଗଡ଼ ବ୍ଲକ ପରିଷଦର ସଭାପତି ଚୁନ୍ନିଲାଲ ସେଠ, ଅତାବିରା ସଭାପତି ଗୋପାଳ ମେହେର, ଅମ୍ଭାଭୋନା ସଭାପତି ରାଜକୁମାର ବଗେଲ ମଞ୍ଚାସୀନ ଥିଲେ। ଜିଲା ପରିଷଦର ସାଂସ୍କୃତିକ ସମ୍ପାଦକ ରୋହିତ କୁମାର ଭୁଏ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହାକୁ ପରିଚାଳନା କରିଥିଲେ ବରଗଡ଼ ବ୍ଲକ ସମ୍ପାଦକ ମନୋରଞ୍ଜନ ଲୁହା। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଉଦ୍ଧବ ମହାନନ୍ଦ, ଉଦ୍ଧବ ଭୁଏ, ରାଜିବ ବିଶାଳ, ଅଲେଖ କନ୍ଦେର, ରାହୁଲ ସେଠ ତଥା ବରଗଡ଼ ଜିଲାର ସମସ୍ତ ବ୍ଲକର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର କର୍ମଚାରୀଗଣ ଯୋଗଦାନ କରି ସହଯୋଗ କରିଥିଲେ। ସେହିପରି ବରଗଡ଼ର ଯଦୁମଣି ଅଡିଟୋରିୟମଠାରେ ଧରତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଦିନଟିକୁ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁଙ୍କ ସଭାପତିତ୍ୱରେ ଜନଜାତୀୟ ଗୌରବ ଦିବସ ରୂପେ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ପ୍ରଦୀପ ପୁରୋହିତ ଏବଂ ସମ୍ମାନିତ ଅତିଥି ରୂପେ ବରଗଡ଼ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ଜିଲା ମଙ୍ଗଳ ଅଧିକାରୀ ମନୋଜ କୁମାର ଶତପଥୀ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଅତିଶ କୁମାର ଭୋଇ ଏବଂ ବରଗଡ଼ ଜିଲାର ସମସ୍ତ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଗଣ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ବିର୍ସା ମୁଣ୍ଡା ଓ ଘେଁସ ଜମିଦାର ଶହୀଦ ମାଧୋ ସିଂହଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସଭାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଫୁଟବଲ ଖେଳରେ ନିପୁଣତା ପ୍ରଦର୍ଶନ କରିଥିବା ଜନଜାତିର କ୍ରୀଡାବିତ ବରପାଲି ବ୍ଲକ ଅନ୍ତର୍ଗତ କକଳପାଲିର ନିକିତା ବିଶ୍ଵିଙ୍କୁ ମାନପତ୍ର ଓ ଉପଢୌକନ ସହ ସମ୍ମାନିତ କରାଯାଇଥିଲା। ବିଜେପୁର ବ୍ଲକ ଅନ୍ତର୍ଗତ କୁର୍କୁଟା ଗ୍ରାମବାସୀଙ୍କୁ ଏହି ଅବସରରେ ଗୋଷ୍ଠୀ ଜଙ୍ଗଲ ଅଧିକାରର ମାଲିକାନା ପ୍ରଦାନ କରାଯାଇଥିଲା। ଜନଜାତୀୟ ଗୌରବ ଦିବସରେ ବ୍ୟାଣ୍ଡ ଗ୍ରୁପ ବରଗଡ଼ର ଜର୍ଜ ହାଇସ୍କୁଲ,ସ୍ୱାଗତ ସଙ୍ଗୀତରେ ଅଧ୍ୟାପିକ ସମଲେଶ୍ୱରୀ ହାଇସ୍କୁଲ, ଜନଜାତି ଲୋକକଳା ଓ ସାଂସ୍କୃତିକ ବିଚିତ୍ର ପରିବେଷଣରେ ପଦ୍ମପୁର ଅନେଷା ହଷ୍ଟେଲ , ପଦ୍ମପୁର ବାଳିକା ବିଦ୍ୟାଳୟର ଛାତ୍ରୀ,ବରତୋଲ ଅନେଷା ହଷ୍ଟେଲର ଛାତ୍ରୀ, ବରତୋଲ ଆଶ୍ରମ ବିଦ୍ୟାଳୟର ଛାତ୍ରୀ ଓ ଗୋପାଳପୁର ଆଶ୍ରମ ବିଦ୍ୟାଳୟର ଛାତ୍ରୀମାନେ ଅଂଶଗ୍ରହଣ ପୂର୍ବକ ପୁରସ୍କୃତ ହୋଇଥିଲେ। ସଭାଟିକୁ ପରିଚାଳନା କରିଥିଲେ ଗୌରଚରଣ ସା(ବ୍ୟାଙ୍ଗମାଷ୍ଟର)। ବରଗଡ଼ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସଭାଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଘେଁସ ଜମିଦାର ଶହୀଦ ମାଧୋ ସିଂହଙ୍କ ଦାୟାଦ ଲୋକେଶ୍ୱର ସିଂ ବରିହାଙ୍କୁ ଏହି ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। ବରଗଡ଼ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିର୍ସା ମୁଣ୍ଡା ସଂଘର୍ଷ ବାହିନୀର ସଭାପତି ମାରିୟନ ବାର୍ଲା ଓ ସନ୍ନିଧାନ ପୁରୁଷା ମଞ୍ଚ ଆବାହକ ପବିତ୍ର ଦେହେରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ବ୍ୟାଙ୍କ ଅଧିକାରୀ ନରେନ୍ଦ୍ର ନାଏକ, ସାମାଜିକ କର୍ମୀ କୁଞ୍ଜ ବିହାରୀ ଭୋଇ, ଇନ୍ଦ୍ରମଣି ମୁଣ୍ଡା, ୱିଲିୟମ ଟପ୍ପୋ, ଫାଦର ପିୟୁଷ ଲାକ୍ରା, ରବୀନ ଲୁଗୁନ, ସାମାଜିକ କର୍ମୀ ଜଗଦୀଶ ଲୁହା ଉପସ୍ଥିତ ଥିଲେ।

## କନ୍‌ଷ୍ଟେବଲଙ୍କୁ ହତ୍ୟା ଘଟଣା: ଅଭିଯୁକ୍ତ କୋର୍ଟଚାଲାଣ

**ହରଭଙ୍ଗା,୧୬।୧୧(ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ଥାନାର ଯାଜପୁର ଗ୍ରାମରେ କନ୍‌ଷ୍ଟେବଲ ଉଦୟ ରଞ୍ଜନ ପଜନାୟକ(୫୪)ଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ରବିବାର ପୋଲିସ ଅଭିଯୁକ୍ତ ସଞ୍ଜୟ ନାଏକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଯାଜପୁର ଗ୍ରାମର ବାଲିସାହିର ପୋଲିସ କନ୍‌ଷ୍ଟେବଲ ପଜନାୟକ କନ୍ଧମାଳ ଜିଲା ବାଲିଗୁଡାଠାରେ କାର୍ଯ୍ୟରତ ଥିଲେ। କିଛିଦିନ ହେବ ମୃତ କନ୍‌ଷ୍ଟେବଲ ବାଲିସାହିକୁ ଆସିଥିଲେ। ଗ୍ରାମରେ ରହିବା ସମୟରେ ଗ୍ରାମର ସଞ୍ଜୟଙ୍କ ସହ କନ୍‌ଷ୍ଟେବଲ ମିଳାମିଶା କରୁଥିଲେ। କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସଞ୍ଜୟ ତାଙ୍କୁ ଏକ ପଥରରେ ଛେଚି ହତ୍ୟା କରିବା ପରେ ଘର ପଛପଟ ଏକ ଅଳିଆ ଗଦାରେ ପୋତି ଦେଇଥିଲେ। ମୃତଦେହ ପଚି ଗନ୍ଧ ହେବାରୁ ଶନିବାର ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ (ନଂ.୧୯୪/୨୫) ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସଞ୍ଜୟକୁ ଗିରଫ କରିଥିଲେ। ହତ୍ୟା ନେଇ ପୁରୁଣାକଟକ ଥାନା ଅଧିକାରୀ ଅରୁଣ କୁମାର ସିଂହ ପଚାରିବାରୁ ପୂର୍ବ ଶତ୍ରୁତାକୁ ନେଇ ହତ୍ୟା କରାଯାଇଥିବା ସୂଚନା ଦେଇଛନ୍ତି।

## ଫ୍ଲାଇଓଭର ବ୍ରିଜ୍ ନିର୍ମାଣ ନେଇ ବୈଠକ

**ଗୋଡ଼ଭଗା/ ଅତାବିରା,୧୬।୧୧ (ସୁରେଶ ଦାଶ/ ଯୁଧିଷ୍ଠିର ମହାପାତ୍ର)**

ଅତାବିରା ବ୍ଲକ ଗୋଡ଼ଭଗା ଛକରେ ଜାତୀୟ ରାଜପଥ ଉପରେ ସରକାରଙ୍କ ପ୍ରସ୍ତାବିତ ଓଭର ବ୍ରିଜ ନିର୍ମାଣ ସମ୍ବନ୍ଧରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ନାରାୟଣ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଯାଇଛି। ଅଞ୍ଚଳବାସୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପ୍ରସ୍ତାବିତ ଓଭର ବ୍ରିଜ ପରିବର୍ତ୍ତେ କଲମ ପିଲାର ଫ୍ଲାଇ ଓଭର ନିର୍ମାଣ ନେଇ ସର୍ବସମ୍ମତି ପ୍ରସ୍ତାବ ଗ୍ରହଣ କରାଯାଇଛି। ଆରମ୍ଭରୁ ଫ୍ଲାଇ ଓଭର ଶେଷ ହେବା ପର୍ଯ୍ୟନ୍ତ ଯେପରି ଠିକ ଭାବେ ହୋଇ ପାରିବ ସେଥିପାଇଁ ମା ଦୁର୍ଗା କମିଟି, ଦୁର୍ଗାପୂଜା କମିଟି, ନାଗରିକ କମିଟି, ସ୍ପନ୍ଦନ ଆଞ୍ଚଳିକ ଯୁବକ ସଂଘ, ଲାୟନ୍ସ କ୍ଲବ, ଜଗନ୍ନାଥ ମନ୍ଦିର କମିଟି, ବଜରଙ୍ଗ ଦଳ, ପ୍ରଭୁଭକ୍ତି ଆଶ୍ରମ ଆଦି ଅନୁଷ୍ଠାନକୁ ନେଇ କ୍ରିୟାନୁଷ୍ଠାନ କମିଟି ଗଠନ କରି ସମସ୍ତ କାର୍ଯ୍ୟ ନିର୍ବାହ ପାଇଁ ପ୍ରସ୍ତାବ ନିଆଯାଇଛି।

## ଜାତୀୟ ପ୍ରେସ୍ ଦିବସରେ ଖବରଦାତା ସମ୍ବର୍ଦ୍ଧିତ




ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ବୌଦ୍ଧ,୧୬।୧୧(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ପ୍ରଶାସନ ଓ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ରବିବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, କନ୍ଧମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, ଜିଲା ସାମ୍ବାଦିକ ସଂଘ ସଭାପତି ଦେବାଶିଷ ପୁରୋହିତ, ନାଗରିକ କମିଟି ସମ୍ପାଦକ ବିଶେଶ୍ୱର ପୃଷ୍ଟି, ବରିଷ୍ଠ ଖବରଦାତା ରଜନୀକାନ୍ତ ଦାସ, ପ୍ରଦୋଷ କୁମାର ମିଶ୍ର, ସୌମିତ୍ରି ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଖବରଦାତା ଜ୍ଞାନେନ୍ଦ୍ର ନାରାୟଣ ରଥ, ସଜ୍ଜନ କୁମାର ଅଗ୍ରୱାଲା, ସତ୍ୟନାରାୟଣ ପାଣି, ହିମାଂଶୁ ଶେଖର ସାହୁ, ବଂଶୀଧର ମାଝୀ, ରଞ୍ଜନ କୁମାର ଦାଶ, ଦେବାନନ୍ଦ ସାହୁଙ୍କୁ ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଜନଜାତୀୟ ଗୌରବ ଦିବସ ସମାରୋହ



ହରଭଙ୍ଗା ବ୍ଲକରେ ଆଦିବାସୀଙ୍କ ରାଲି।

**ହରଭଙ୍ଗା ୧୬।୧୧(ନରେନ୍ଦ୍ର କୁମାର ସାହୁ)**

ଧରତୀ ଆବା ଭଗବାନ ବିର୍ସାମୁଣ୍ଡାଙ୍କ ଜନ୍ମ ବାର୍ଷିକୀ ଉପଲକ୍ଷେ ହରଭଙ୍ଗା ବ୍ଲକରେ ବିର୍ସାମୁଣ୍ଡା ଆଦିବାସୀ (କନ୍ଧ) ମହାସଂଘ ପକ୍ଷରୁ ଜନଜାତୀୟ ଗୌରବ ଦିବସ ଗତ ଶନିବାର ପାଳିତ ହୋଇଯାଇଛି। ବିର୍ସାମୁଣ୍ଡା ଆଦିବାସୀ ମହାସଂଘର ୧୦ ଗୋଟି ଶାଖା ପକ୍ଷରୁ ହଜାର ହଜାର ଆଦିବାସୀ ସାମିଲ ହୋଇ ବ୍ଲକ ଚାରିଛକ ବଜାରସ୍ଥିତ ଠିଡ଼ିକାଯୋଗର ଡାଲଖାଇ ପଡ଼ିଆଠାରୁ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ମା’ ଧରଣୀପେନୁକୁ ପୂଜାର୍ଚ୍ଚନା କରିବା ପରେ ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ। ଶୋଭାଯାତ୍ରା ଚାରିଛକ ବଜାର ପରିକ୍ରମା କରିବା ସହ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହା ପରେ ଚାରିଛକସ୍ଥିତ ଆଦିବାସୀଙ୍କ ସଂଘ କାର୍ଯ୍ୟାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଦିବାସୀ ମହାସଂଘର ସଭାପତି କର୍ଣ୍ଣ ପ୍ରଧାନ, ଉପସଭାପତି ସତ୍ୟ କହଁର, ସମ୍ପାଦକ ବିରଞ୍ଚି ମଲିକ, ସହ ସମ୍ପାଦକ ଲଳିତ ନାଏକ, କୋଷାଧ୍ୟକ୍ଷ ବାଲି ନାଏକ, ବେଦବର ପ୍ରଧାନ, ସୁଶିଲ କୁମାର ଦେହୁରୀ, ଜନକ ପାତ୍ର, ଶ୍ରୀଧର କହଁର ଆଦିବାସୀଙ୍କ ଅଧିକାର ନେଇ ମତବ୍ୟକ୍ତ କରିଥିଲେ। ବୈଠକରେ ଅତିଥି ଭାବେ ହରଭଙ୍ଗା ବିଡିଓ ବିଜୟ କୁମାର ପ୍ରଧାନ ଯୋଗଦେଇ ଆଦିବାସୀଙ୍କ ଉନ୍ନତି ପାଇଁ ସମସ୍ତ ପ୍ରକାର କାର୍ଯ୍ୟ କରାଯିବାକୁ କହିବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଙ୍ଗଲ ଜମି ଉପରେ ମତବ୍ୟକ୍ତ କରିଥିଲେ।

## ୧୮ରୁ ପଞ୍ଚମ ରାଜ୍ୟସ୍ତରୀୟ ମା’ ଭୈରବୀ ମହୋତ୍ସବ

**ହରଭଙ୍ଗା,୧୬।୧୧(ନରେନ୍ଦ୍ର କୁମାର ସାହୁ)**

- ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ
- ସଜେଇ ହେଉଛି ମହୋତ୍ସବ ପଡ଼ିଆ

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକଠାରେ ଥିବା ଅଧିଷ୍ଠାତ୍ରୀ ଦେବୀ ମା’ ଭୈରବୀଙ୍କ ନାମରେ ନାମିତ ଭୈରବୀ ମହୋତ୍ସବ ଚଳିତବର୍ଷ ପଞ୍ଚମ ବର୍ଷରେ ପହଞ୍ଚିଛି। ଦିନକ ପରେ ଅର୍ଥାତ୍ ଆସନ୍ତା ୧୮ ତାରିଖରୁ ଆରମ୍ଭ ହେବାକୁ ଯାଉଛି ପଞ୍ଚମ ରାଜ୍ୟସ୍ତରୀୟ ମା’ ଭୈରବୀ ମହୋତ୍ସବ। ମହୋତ୍ସବ ପୁରୁଣାକଟକସ୍ଥିତ ମିନି ଷ୍ଟାଡିୟମରେ ଆୟୋଜିତ ହେବାକୁ ଥିବାବେଳେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ଜଣାପଡ଼ିଛି। ଏପେଟ ସୁନ୍ଦର ଭାବେ ମହୋତ୍ସବ ପଡ଼ିଆ ସଜେଇ ହେଉଛି। ଏହି ମହୋତ୍ସବ ପାଇଁ ପୂରା ପୁରୁଣାକଟକ ଚଳଚଞ୍ଚଳ ହୋଇପଡ଼ିଛି। ମହୋତ୍ସବ ଦିନ ଏକ ସାଂସ୍କୃତିକ ଶୋଭାଯାତ୍ରା ମା’ଙ୍କ ମନ୍ଦିରରୁ ବାହାରି ମହୋତ୍ସବ ପଡ଼ିଆକୁ ଯିବାର କାର୍ଯ୍ୟକ୍ରମ ରହିଛି। ଏହି ଶୋଭାଯାତ୍ରାରେ ଶହ ଶହ କଳାକାର ଭାଗନେବାର କାର୍ଯ୍ୟକ୍ରମ ରହିଛି। ଏହି ମହୋତ୍ସବ ଆସନ୍ତା ୧୮ ତାରିଖଠାରୁ ଆରମ୍ଭ ହୋଇ ନଭେମ୍ବର ୨୩ ତାରିଖରେ ଶେଷ ହେବ। ଚଳିତବର୍ଷ ମହୋତ୍ସବରେ ମିନାବଜାର, ରାମଦୋଳି, ବିଭିନ୍ନ ଖାଦ୍ୟ ଷ୍ଟଲ ଥିବା ସହ ବହୁ ସାମଗ୍ରୀ ବିକ୍ରି ପାଇଁ ଷ୍ଟଲ କରାଯାଇଛି। ଏହା ସହ ପ୍ରତିଦିନ ସନ୍ଧ୍ୟାରେ ରାଜ୍ୟ ଓ ରାଜ୍ୟ ବାହାରର ଓ ସ୍ଥାନୀୟ ଅଞ୍ଚଳର କଳାକାରମାନଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ଅଛି।

## କୃଷି ଯନ୍ତ୍ରପାତି ବ୍ୟବହାର କରି କୃଷକ ଆଗକୁ ବଢ଼ନ୍ତୁ

**ପଦ୍ମପୁର,୧୬।୧୧(ପ୍ରଦୀପ୍ତ ଦାଶ)**

**କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ**

କୃଷି ଯନ୍ତ୍ରପାତି ବ୍ୟବହାର କରି ଓଡ଼ିଶାର କୃଷକ ଆଧୁନିକ ପ୍ରଣାଳୀରେ ଚାଷ କରି ଆଗକୁ ବଢନ୍ତୁ ବୋଲି ରବିବାର ପଦ୍ମପୁର ଅଶୋକ ପଡ଼ିଆରେ ଅନୁଷ୍ଠିତ ଉପଖଣ୍ଡ ସ୍ତରୀୟ କୃଷି ଯନ୍ତ୍ରପାତି ମେଳା -୨୦୨୫ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏମ୍‌ପି ପ୍ରଦୀପ ପୁରୋହିତ କହିଛନ୍ତି। ବରଗଡ଼ ଜିଲା ମୁଖ୍ୟ କୃଷି ଅଧିକାରୀ ଲୋଚନ ଚନ୍ଦ୍ର ମାଝୀଙ୍କ ସ୍ୱାଗତ ଭାଷଣ ଓ ସଭାପତିତ୍ୱରେ ଅନୁଷ୍ଠିତ ଏହି ମେଳାରେ ସମ୍ମାନିତ ଅତିଥି ଭାବରେ ରାଜବୋଡାସମ୍ବର ବ୍ଲକ ଅଧ୍ୟକ୍ଷ ରଣଜିତ ସିଂ ବରିହା, ଉତ୍ତରାଞ୍ଚଳ ଅଧୀକ୍ଷଣ ଯନ୍ତ୍ରୀ (କୃଷି) ନରେନ୍ଦ୍ର କୁମାର ପଣ୍ଡା, ନିର୍ବାହୀ ଯନ୍ତ୍ରୀ (କୃଷି) ତ୍ରିଲୋକେଶ୍ୱର ନାଏକ, ପଦ୍ମପୁର ସହକାରୀ କୃଷି ନିର୍ଦ୍ଦେଶକ ଗୋବିନ୍ଦ ପଧାନ, ସହକାରୀ କୃଷି ଜିଲା ଅଧିକାରୀ ପ୍ରଭାସ ପଣ୍ଡା ଜିଲା ପରିଷଦ ସଭ୍ୟ ସରସ୍ୱତୀ ସାହୁ, ସୁରେନ୍ଦ୍ର ସିଂ ବରିହା ପ୍ରମୁଖ ମଞ୍ଚାସୀନ ଥିଲେ। ତିନିଦିନ ଧରି ଚାଲିଥିବା ଏହି ମେଳାରେ ମୋଟ ୪୨ଗୋଟି ଷ୍ଟଲ ଲାଗିଛି। ଏହି ମେଳାରେ ୪୦% ରିହାତି ମୂଲ୍ୟରେ ପୁରୁଷ ଚାଷୀଙ୍କୁ, ୫୦%ରିହାତି ମୂଲ୍ୟରେ ମହିଳା ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୭୫% ରିହାତିରେ କୃଷି ଯନ୍ତ୍ରପାତି ଯୋଗାଇ ଦିଆଯାଉଛି ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ଏହି ଅବସରରେ ପଦ୍ମପୁର ବ୍ଲକ ସର୍ଗିବାହାଲ ଗ୍ରାମର ଶୋଭାମୟ ସାହୁ ଓ ପାଇକମାଳ ବ୍ଲକ ପୁରେନା ଗ୍ରାମର ଦୁର୍ଯ୍ୟୋଧନ ପୁଟାଙ୍କୁ ଶ୍ରେଷ୍ଠ ଚାଷୀ ଭାବରେ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ପଦ୍ମପୁର ଜିଲା କୃଷି ଅଧିକାରୀ ପ୍ରଭାସ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ପଦ୍ମପୁର ବ୍ଲକର ଜଣେ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ବରିଷ୍ଠ ନାଗରିକ ସଂଘର ଶିଶୁ ଦିବସ

**ଗୋଡ଼ଭଗା,୧୬।୧୧(ସୁରେଶ ଦାଶ)**

ଚାଚା ନେହେରୁଙ୍କ ଜନ୍ମ ଦିବସ ଅବସରରେ ଅତାବିରା ବରିଷ୍ଠ ନାଗରିକ ସଂଘର ଏକ ନିଆରା ଶିଶୁଦିବସ ଶୁକ୍ରବାର ପାଳନ କରାଯାଇଛି। ଅତାବିରା ବ୍ଲକରେ ଥିବା ଗଉଡ଼ଟିକିରା ସ୍ଥିତ ଶ୍ରୀକ୍ରିଷ୍ଣାନନ୍ଦ ଅନାଥାଶ୍ରମଠାରେ ପ୍ରାୟ ପଚାଶ ଜଣ ଅନାଥ ଶିଶୁଙ୍କ ସହ ବରିଷ୍ଠ ନାଗରିକ ସଂଘର ସଦସ୍ୟମାନେ ଉପସ୍ଥିତ ରହି ତାଙ୍କ ସହ ସମୟ ଅତିବାହିତ କରିଥିଲେ। ସଂଘ ପକ୍ଷରୁ ‘ଶିଶୁଦିବସ’ ଉପରେ ପ୍ରତିଯୋଗିତାର ଆୟୋଜନ କରି କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଶିଶୁମାନଙ୍କୁ ନେଇ ଏକ ‘ଜଣା ଅଜଣା’ କାର୍ଯ୍ୟକ୍ରମ କରାଯାଇଥିଲା। ସଂଘର ପ୍ରାୟ ୭୦ଜଣ ସଦସ୍ୟ ପିଲାମାନଙ୍କ ସହ ଭୋଜନରେ ସାମିଲ ହୋଇଥିଲେ। ମଙ୍ଗଳୁ ଚରଣ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



ଅନାଥାଶ୍ରମ ଅନ୍ତେବାସୀଙ୍କ ସହ ବରିଷ୍ଠ ନାଗରିକ ସଦସ୍ୟ।

## ମାନସିକ, ବୌଦ୍ଧିକ ଜ୍ଞାନ ବୃଦ୍ଧି କରେ ଶିଶୁ ସାହିତ୍ୟ

**ବରଗଡ଼,୧୬।୧୧(ପ୍ରେମାନନ୍ଦ ଖମାରୀ)**

ଶିଶୁମାନେ ହେଉଛନ୍ତି ଦେଶର ଆଗାମୀ ଭବିଷ୍ୟତ । ଶିଶୁ ମାନଙ୍କ ଶିକ୍ଷା, ସାହିତ୍ୟ ସଂସ୍କୃତି ବିକଶିତ ହେଲେ ଉତ୍କୃଷ୍ଟ ସମାଜଟିଏ ଗଠିତ ହୋଇ ପାରିବ ବୋଲି ଶନିବାର ରାଣା ପ୍ରତାପ ସ୍କୁଲସ୍ଥିତ ଭାରତୀ ଶିଶୁ ସାହିତ୍ୟ ସଂସଦ ଆନୁକୁଲ୍ୟରେ ଅନୁଷ୍ଠିତ ସାହିତ୍ୟ ଚର୍ଚ୍ଚାରେ ମତପ୍ରକାଶ ପାଇଛି। ସଂସଦର ସଭାନେତ୍ରୀ (ଛାତ୍ରୀ) ଧରିତ୍ରୀ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ସାହୁ ମୁଖ୍ୟ ଅତିଥି ଏବଂ ଆଲୁମୁନି ସଦସ୍ୟ କପିଳ ବାଗ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶିଶୁମାନକ ସାମଗ୍ରିକ ବିକାଶରେ ହିଁ ଉତ୍କୃଷ୍ଟ ଓ ପ୍ରଗତିଶୀଳ ଭାରତ ଗଠିତ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ଶିଶୁ ମାନଙ୍କ ମାନସିକ, ବୌଦ୍ଧିକ ଶକ୍ତିର ବିକାଶ ଶିଶୁ ସାହିତ୍ୟରେ ହିଁ ହୋଇଥାଏ ବୋଲି ଅତିଥିବୃନ୍ଦ କହିଥିଲେ। ସଂସଦର ସମ୍ପାଦିକା(ଛାତ୍ରୀ) ସାଲିନି ସାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀ ଆର୍. ଜୟଶ୍ରୀ, ସପ୍ନାରାଣୀ ବାରାଡ, କ୍ରିଷ୍ଟିନା ମେହେର ପ୍ରମୁଖ ଉପସ୍ଥିତ ରହି ଶିଶୁଙ୍କ ପାଇଁ ଶିଶୁ ସାହିତ୍ୟ ପରମବନ୍ଧୁ ବୋଲି କହିଥିଲେ।

## ଖୋଲିନି ମଣ୍ଡି, ରାସ୍ତାରେ ଗଦାକଲେ ଅମଳ ଧାନ

**ପଦ୍ମପୁର,୧୬।୧୧(ପ୍ରଦୀପ୍ତ ଦାଶ)**

**ଅବହେଳାରୁ ଅଭାବୀ ବିକ୍ରି**

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଖରିଫ ଧାନ ଅମଳ ଆରମ୍ଭ ହୋଇଛି। ଉପଖଣ୍ଡର ବିଭିନ୍ନ ବ୍ଲକରେ ପ୍ରାୟ ୯୦ ପ୍ରତିଶତ ଧାନ ଅମଳ ସରିଗଲାଣି। ହେଲେ ଏଥର ଧାନ ସଂଗ୍ରହ ପକ୍ରିୟାକୁ ଅନ୍ୟ ବର୍ଷ ତୁଳନାରେ ବିଳମ୍ବିତ କରାଯାଇଛି। ଅନ୍ୟ ବର୍ଷ ନଭେମ୍ବର ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେଉଥିଲା। କିନ୍ତୁ ଚଳିତ ମାସ ୨୮ତାରିଖରେ ଧାନ ସଂଗ୍ରହ ଆରମ୍ଭ କରାଯିବାକୁ ପ୍ରଶାସନ ଜିଲା ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ହୋଇଛି। ଏଭଳି ବିଳମ୍ବିତ ପ୍ରକ୍ରିୟା ଚାଷୀଙ୍କ ପାଇଁ ଅଡୁଆ ସାଜିଥିବା ବେଳେ ଚାଷୀ ଅଭାବୀ ବିକ୍ରିର ଶିକାର ହେଉଛି। ମଣ୍ଡି ଖୋଲି ନ ଥିବାରୁ ଚାଷୀମାନେ ସେମାନଙ୍କ ଅମଳ ଧାନକୁ ରାସ୍ତା, କ୍ଷେତ, ଖଳାରେ ଗଦାକରିଥିବା ଦେଖିବାକୁ ମିଳିଛି। ଉପଖଣ୍ଡର ଝାରବନ୍ଧଠାରୁ ଆରମ୍ଭ କରି ପଦ୍ମପୁର ବିଜେପୁର ସୋହେଲାରେ ଏଭଳି ସ୍ଥିତି ଉପୁଜିଛି। ଚାଷୀଙ୍କ ଧାନ ଅମଳ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ବେଳେ ମଣ୍ଡି ଖୋଲିବାକୁ ଆହୁରି ୧୨ଦିନ ବାକି ଥିବାରୁ ଚାଷୀମାନେ କେଉଁଠି ଧାନ ବିକିବେ ଓ କେତେ ଦିନ ଧରି ଅମଳ ଧାନକୁ ଜଗିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି।



ଚାଷୀମାନେ ରାସ୍ତାରେ ଧାନ ଶୁଖାଇଛନ୍ତି।

## ଧାନବସ୍ତା ରଖି ଆଞ୍ଚଳିକ କୃଷକ ମହାସଂଘର ଧାରଣା

**ପାଇକମାଳ,୧୬।୧୧(ବଢ଼ ଶତପଥୀ)**

**ମଣ୍ଡି ଖୋଲିବା ପୂର୍ବରୁ ପଞ୍ଜୀକରଣ ଦାବି**

ବରଗଡ଼ ଜିଲାର ବିଭିନ୍ନ ସୋସାଇଟିରୁ ଚାଷୀମାନେ ଚଳିତ ଖରିଫ ଋତୁରେ ଧାନ ବିକ୍ରୟ ପାଇଁ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ସେଥିରୁ ଜାମସେଠ ସୋସାଇଟିରୁ ୨୫୫ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଏନେଇ ଆୟୋଜକ ବରଗଡ଼ ସଂଯୁକ୍ତ କୃଷକ ସଙ୍ଗଠନ ତରଫରୁ ବରଗଡ଼ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ ଦିବାରାତ୍ର ଗଣଧାରଣା ଦିଆଯାଇଛି। ବରଗଡ଼ ସଂଯୁକ୍ତ କୃଷକ ସଙ୍ଗଠନକୁ ସମର୍ଥକ ଜଣାଇ ମାଣ୍ଡୋସିଲ ଆଞ୍ଚଳିକ କୃଷକ ମହାସଂଘ ତରଫରୁ ମାଣ୍ଡୋସିଲ ଧାନମଣ୍ଡି କାର୍ଯ୍ୟାଳୟ ସମ୍ମୁଖରେ ଧାନ ବସ୍ତା ରଖି ରବିବାର ପ୍ରତିବାଦ କରିଛନ୍ତି। ଆସନ୍ତା ୨୮ ତାରିଖରେ ଜିଲାରେ ଧାନ ମଣ୍ଡି ଖୋଲିବାକୁ ଯାଉଥିବାରୁ ତା’ ପୂର୍ବରୁ ବଞ୍ଚିତ ଚାଷୀମାନଙ୍କ ପଞ୍ଜୀକରଣ କରାଯାଉ ବୋଲି ଚାଷୀମାନେ ଦାବି ଜଣାଇଛନ୍ତି। ଧାରଣାରେ ଚାଷୀ ନିରଞ୍ଜନ ଡନସନା, ମଳୟ କୁମାର ହଂସ, କୃପାସିନ୍ଧୁ ବରିହା, ଦେବେନ୍ଦ୍ର ପଟେଲ, ମୁକୁନ୍ଦ ଧରୁଆ, ହରି ଭରାସାଗର, ଖଗେଶ୍ୱର ଧରୁଆ, ତୁଲସୀରାମ ଏଣ୍ଡଜା, ଟିକେଶ୍ୱର ବିଶ୍ୱାଳ, ଗୋକୁଳାନନ୍ଦ ଧରୁଆ, ନିର୍ବାଣ ସିଦାର, ଚନ୍ଦ୍ରଭାନୁ ବିଶ୍ୱାଳ, ପୀତବାସ ସାହୁ, ନୂଆ ମାଝୀ, ତୁଳାରାମ ବିଶ୍ୱାଳ, ଭିଏସନନ୍ଦ ବରିହା, ହାଡୁ ପ୍ରଧାନ, ଦଶରଥ ବିନାଟ, କସ୍ତୁବ ମହାନନ୍ଦ, ଦୁର୍ଯ୍ୟୋଧନ ମାଝୀ ପ୍ରମୁଖ ଧାରଣାରେ ବସିଥିଲେ।



ଧାନବସ୍ତା ରଖି ଆଞ୍ଚଳିକ କୃଷକ ମହାସଂଘର ଧାରଣା ।

# ପ୍ରଥମ ଦିବସରେ ୬ ନାଟକ ମଞ୍ଚସ୍ଥ

## ୨୦ତମ ଶିଶୁ ମହୋତ୍ସବ ଉଦ୍‌ଘାଟିତ

ରାଉରକେଲା,୧୬।୧୧(ବିପ୍ଳବ ରଞ୍ଜନ ଦାଶ)


ଶିଶୁମାନେ ନାଟକ ପରିବେଷଣ କରୁଛନ୍ତି।

ଆର୍‌ଏସ୍‌ପି ଆନୁକୂଲ୍ୟରେ ସ୍ପନ୍ଦନ ଓ ଗୃହସ୍ଥୀ ଉଦ୍ୟୋଗ ପକ୍ଷରୁ ରାଉରକେଲା ସିଭିକ୍ ସେଣ୍ଟର ପ୍ରେକ୍ଷାଳୟରେ ରବିବାର ୨୦ତମ ଶିଶୁ ମହୋତ୍ସବ-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଆର୍‌ଏସ୍‌ପି ଲୋକସମ୍ପର୍କ ବିଭାଗ ସଞ୍ଚାର ମୁଖ୍ୟ ଅର୍ଚ୍ଚନା ଶତପଥୀ ସ୍ୱତନ୍ତ୍ର ଅତିଥି ଏବଂ ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ହରିହର ଦାଶ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଆଜିର ଶିଶୁ ଆସନ୍ତାକାଲିର ଭବିଷ୍ୟତ। ଏଣୁ ଶିଶୁମାନେ ଶିକ୍ଷା ସହ କଳା ଓ ସଂସ୍କୃତି ବିଷୟରେ ମଧ୍ୟ ବିଜ୍ଞ ହେବା ଆବଶ୍ୟକ। ଏଣୁ ଆଜିର ଏହି ମଞ୍ଚ ସମ୍ପୂର୍ଣ୍ଣ ଭାବେ ଶିଶୁମାନଙ୍କ ପ୍ରତିଭା ଉଜାଗର ସକାଶେ ପ୍ରସ୍ତୁତ। ଏଣୁ କେବଳ ଶିଶୁମାନେ ନୁହେଁ ଅଭିଭାବକମାନେ ମଧ୍ୟ ଶିଶୁମାନଙ୍କ ମଧ୍ୟରେ ଥିବା କଳା ପ୍ରତିଭାକୁ ପ୍ରସ୍ଫୁଟିତ କରିବାରେ ସହଭାଗୀ ହେଲେ ଶିଶୁ ସମାଜ ନାଟ୍ୟକଳାରେ ମଧ୍ୟ ପାରଙ୍ଗମ ହୋଇପାରିବେ ବୋଲି ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ କହିଥିଲେ। ସାଧାରଣ ସମ୍ପାଦକ ପ୍ରଫେସର ସମର ମୁଦାଲି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ପାଦକ ସତ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ୬ଟି ବିଦ୍ୟାଳୟର ଶିଶୁ କଳାକାରମାନଙ୍କୁ ନେଇ ନାଟକ ପରିବେଷଣ ହୋଇଥିଲା। ପ୍ରଥମେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସେକ୍ଟର-୬ର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ନାଟକ 'ତମେ କିଏ' ପରିବେଷଣ ହୋଇଥିଲା। ଏହାପରେ ଦୀପିକା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଦ୍ୱିତୀୟ ନାଟକ 'ସମୟର ଡୋରି', ସେକ୍ଟର-୭ ଚିନ୍ମୟ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ତୃତୀୟ ନାଟକ 'ଅନୁତାପ' ପରିବେଷଣ ହୋଇଥିଲା। ଏହାପରେ ଚତୁର୍ଥ ନାଟକ 'ମୋ ମାଟି'କୁ ପରିବେଷଣ କରିଥିଲେ ହମିରପୁର ସେଣ୍ଟପଲ୍‌ସ ସ୍କୁଲର ଛାତ୍ରୀଛାତ୍ର। ସେହିପରି ୫ମ ନାଟକ 'ନୂତନ ସଙ୍ଗତି ଜୀବନ ରୀତି'କୁ ପରିବେଷଣ କରିଥିଲେ ସେକ୍ଟର-୫ ଶ୍ରୀ ଅରବିନ୍ଦ ସ୍କୁଲର ଛାତ୍ରୀଛାତ୍ର। ପରେ ବିଶ୍ରା ଡାହାର ରୋଡ୍ ସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଷଷ୍ଠ ନାଟକ 'ଉପହାର' ପରିବେଷଣ କରାଯାଇଥିଲା। ଏଡି ଅବସରରେ ପ୍ରତ୍ୟେକ ସ୍କୁଲର ଶିଶୁ କଳାକାର ଦଳଙ୍କୁ ଫଳକ ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଆସନ୍ତା ୧୮ତାରିଖରେ ଦଳଗତ ନୃତ୍ୟ ସାଙ୍ଗକୁ ମୟୂରଭଞ୍ଜର ଉତ୍ତର ସାହି ଛଉ ପ୍ରତିଷ୍ଠାନ ପକ୍ଷରୁ ଛଉନୃତ୍ୟ ପରିବେଷଣ ହେବ। ଉଦଘାଟନୀ ସନ୍ଧ୍ୟାରେ ଝିଲିମା ମହାନ୍ତି ଉଦଘୋଷିକା ଦାୟିତ୍ୱ ନିର୍ବାହ କରିଥିବା ବେଳେ ସୁଶ୍ରୀ ଯାସିକା ପ୍ରସାଦ ନାଟ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୋମନାଥ ଜ୍ୟୋତିର୍ଲିଙ୍ଗ ଦର୍ଶନ ମହୋତ୍ସବ ପ୍ରସ୍ତୁତି


ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା,୧୬।୧୧(ସଙ୍ଗୀତା ଜେନା)

ରାଉରକେଲା ଭଞ୍ଜଭବନ ପ୍ରାଙ୍ଗଣରେ ଆସନ୍ତା ୧୮ ତାରିଖ ସନ୍ଧ୍ୟାରେ ରାଉରକେଲା ଆର୍ଟ ଅଫ୍ ଲିଭିଂ ପରିବାର ପକ୍ଷରୁ ସୋମନାଥ ମହାଦେବଙ୍କ ପ୍ରାଚୀନ ତଥା ମୂଳ ଜ୍ୟୋତିର୍ଲିଙ୍ଗ ଦର୍ଶନ ଏବଂ ରୁଦ୍ରାଭିଷେକ ଉପଲକ୍ଷେ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏ ନେଇ ରବିବାର ପୂର୍ବାହ୍ନ ୧୦ଟା ୩୦ରେ ସେକ୍ଟର-୧ସ୍ଥିତ ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟା ମନ୍ଦିରରେ ଏକ ଖବରଦାତା ସମ୍ମିଳନୀରେ ପ୍ରଶିକ୍ଷକ ରଶ୍ମି ରଞ୍ଜନ ଦାସ କହିଥିଲେ, ବିଗତ ଏକ ହଜାର ବର୍ଷ ତଳେ ବିଦେଶୀ ଆକ୍ରମଣକାରୀ ସୋମନାଥ ମନ୍ଦିରକୁ ବାରମ୍ବାର ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ମନ୍ଦିର ଭାଙ୍ଗିବା ସହ ସୋମନାଥଙ୍କ ମୂଳ ଜ୍ୟୋତିର୍ଲିଙ୍ଗକୁ ମଧ୍ୟ ଖଣ୍ଡ ଖଣ୍ଡ କରି ଦିଆଯାଇଥିଲା। ମହାପ୍ରଭୁଙ୍କ ଅଗ୍ନିହୋତ୍ରୀ ପୂଜକମାନେ ଜ୍ୟୋତିର୍ଲିଙ୍ଗ ବିଖଣ୍ଡିତ ଅଂଶଗୁଡ଼ିକୁ ଯତ୍ନର ସହିତ ସାଇତି ରଖିଥିଲେ ଏବଂ ୧୯୨୪ରେ କାଞ୍ଚି କାମକୋଟି ପୀଠ ଶଙ୍କରାଚାର୍ଯ୍ୟଙ୍କୁ ଅବଗତ କରାଇଥିଲେ। ଜ୍ୟୋତିର୍ଲିଙ୍ଗ ସମୂହକୁ କର୍ଣ୍ଣାଟକର ସନ୍ଥ ଶ୍ରୀ ଶ୍ରୀ ରବିଶଙ୍କରଙ୍କୁ ଅର୍ପଣ କରିବା ପାଇଁ ସେ ସମୟରେ ଶଙ୍କରାଚାର୍ଯ୍ୟ ନିର୍ଦ୍ଦେଶ ଦେଇଥିଲେ। ବିଗତ ଏକ ଶହ ବର୍ଷ ତଳର ନିର୍ଦ୍ଦେଶ ଅନୁଯାୟୀ ଏହି ଅଗ୍ନିହୋତ୍ରୀ ପୂଜକମାନେ ଗତ ଜାନୁଆରୀ ମାସରେ ଏହି ସର୍ବ ପୁରାତନ ଜ୍ୟୋତିର୍ଲିଙ୍ଗ ସମୂହକୁ ସନ୍ଥ ତଥା ଆର୍ଟ ଅଫ୍ ଲିଭିଂ ଫାଉଣ୍ଡେଶନର ସଂସ୍ଥାପକ ପରମ ପୂଜ୍ୟ ଶ୍ରୀ ଶ୍ରୀ ରବିଶଙ୍କରଙ୍କ ହସ୍ତରେ ଅର୍ପଣ କରିଛନ୍ତି। ଶ୍ରଦ୍ଧାଳୁମାନେ ଜ୍ୟୋତିର୍ଲିଙ୍ଗ ଦର୍ଶନ ଏବଂ ରୁଦ୍ରାଭିଷେକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ ବୋଲି ଦାସ କହିଛନ୍ତି।

# ଶୂନ୍ୟହାନୀରେ ମୁଖ୍ୟ ମରାମତି କାର୍ଯ୍ୟ ସମ୍ପନ୍ନ

## ନୂତନ ପ୍ଲେଟ ମିଲ୍

ରାଉରକେଲା,୧୬।୧୧(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ନୂତନ ପ୍ଲେଟ ମିଲ (ଏନ୍‌ପିଏମ୍) ବିଭାଗର ମୁଖ୍ୟ ମରାମତି କାର୍ଯ୍ୟ ପୂର୍ବ ଯୋଜନା ମୁତାବକ ୧୦ଦିନ ଅବଧି ଅର୍ଥାତ ନଭେମ୍ବର ୩ରୁ ୧୨ତାରିଖ ମଧ୍ୟରେ ସଫଳତାର ସହିତ ସମ୍ପନ୍ନ ହୋଇଛି। ଶୂନ୍ୟ ହାନିର ଦୃଢ ସଂକଳ୍ପ ସହ ବ୍ୟାପକ ମରାମତି କରାଯିବା ସହିତ ସୂକ୍ଷ୍ମ ଯୋଜନା, ଦଳଗତ କାର୍ଯ୍ୟ ମାଧ୍ୟମରେ ଏକ ସୁରକ୍ଷିତ ତଥା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହାକୁ କାର୍ଯ୍ୟକାରୀ କରାଯାଇଛି। ଏହାର ପ୍ରମୁଖ ମରାମତି ସମୟରେ ରି-ହିଟିଙ୍ଗ ଫର୍ନେସ ରୋଲିଙ୍ଗ, ରୋଲିଙ୍ଗ ମିଲ ଷ୍ଟାଣ୍ଡ, ଫିନିସିଙ୍ଗ୍ ଲାଇନ ଉପକରଣ ଏବଂ ଏଥିସହ ଜଡିତ ବହୁ ସହାୟକ ଯନ୍ତ୍ରାଂଶ ପରି ଗୁରୁତ୍ୱପୂର୍ଣ୍ଣ ଉପକରଣଗୁଡିକୁ ସମ୍ପୂର୍ଣ୍ଣ ଭାବେ ମରାମତି ଏବଂ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ରକ୍ଷଣାବେକ୍ଷଣ କରାଯାଇଛି। ନିୟମିତ ପ୍ରତିରୋଧକ ଏବଂ ସଂଶୋଧନମୂଳକ ରକ୍ଷଣାବେକ୍ଷଣ କାର୍ଯ୍ୟ ବ୍ୟତୀତ ଅନେକ ପ୍ରଥମ ଏବଂ ଅଭିନବ କାର୍ଯ୍ୟ ସଫଳତାର ସହ ସମ୍ପାଦିତ ହୋଇଥିଲା। ସମସ୍ତ ଦଳ ମଧ୍ୟରେ ସୁସମନ୍ୱୟ ଏବଂ ବିଭିନ୍ନ ବିଭାଗର କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ଜଟିଳ କାର୍ଯ୍ୟ ସଫଳତାର ସହ ସମ୍ପାଦନ ହେବା ସମ୍ଭବ ହୋଇଥିଲା। ଆର୍‌ଏଚ୍‌ଏଫ୍ ନିକଟରେ ଏକ ସୁରକ୍ଷା କର୍ନର ସ୍ଥାପନ ୟୁ ସିଲ ଡ୍ରେନ୍ ଭଲ୍‌ଵ ଲକିଂ ବିଭାଗ ମୁଖ୍ୟ ଏବଂ ବରିଷ୍ଠ ଅଧିକାରୀଙ୍କ ଦ୍ୱାରା ଟୁଲବକ୍ସ ଟକ୍(ଟିବିଟି), ସୀମିତ ସ୍ଥାନ ସହ ଉଚ୍ଚତାରେ କାମ କରିବାର ଅନୁମତି (ପିଟିଡବ୍ଲ୍ୟୁଏସ୍) ପ୍ରଦାନ ଏବଂ ଭୂତଳ ସ୍କେଲ ଚ୍ୟାନେଲରେ ଅମ୍ଳଜାନ ସ୍ତରର ଦୈନିକ ତଦାରଖ ଭଳି ପଦକ୍ଷେପ ଗୁଡିକ ମଧ୍ୟ ନିଷ୍ଠାର ସହ ଗ୍ରହଣ କରାଯାଇଥିଲା। ଏହି ଅଭିଯାନରେ କୌଣସି ଦୁର୍ଘଟଣା ଘଟି ନ ଥିଲା ଓ ସମ୍ପୂର୍ଣ୍ଣ ଅଭିଯାନ ଶୂନ୍ୟହାନି ସହିତ ଶେଷ ହୋଇଥିଲା। ଉକ୍ତ କାର୍ଯ୍ୟଗୁଡିକ ଏନ୍‌ପିଏମ୍ ଏଣ୍ଡ ଏସ୍‌ପିପି ବିଭାଗର ସିଜିଏମ୍ ଆର. କେ. ମୁଦୁଲିଙ୍କ ମାର୍ଗଦର୍ଶନ ସହିତ ଏନ୍‌ପିଏମ୍‌ର ବିଭିନ୍ନ ସେକ୍ସନ ମୁଖ୍ୟଙ୍କ ନେତୃତ୍ୱରେ ସମ୍ପାଦିତ ହୋଇଥିଲା।


ନୂତନ ପ୍ଲେଟ୍ ମିଲ୍‌ର ମରାମତି କାର୍ଯ୍ୟ କରିଥିବା ଦଳ।

# ମୁକ୍ତମଞ୍ଚ ନାଟକ ଉଦ୍‌ଘାଟିତ


ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

ରାଉରକେଲା,୧୬।୧୧(ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡସ୍ଥିତ ଭିଏସ୍‌ଏସ୍ ମାର୍କେଟ ପରିସରରେ ଶ୍ରୀକୃଷ୍ଣ ସାଂସ୍କୃତିକ କଳା ପରିଷଦ ପକ୍ଷରୁ ସଭାପତି ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଶନିବାର ରାତି ସାଢେ ୯ଟାରେ ମୁକ୍ତମଞ୍ଚ ନାଟକ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଉରକେଲା ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ସଭାପତି ଦିଲୀପ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଟକ ସର୍ବଦା ସମାଜରୁ କୁସଂସ୍କାର ଓ କୁପ୍ରଥାରୁ ଦୂରେଇ ରଖିବା ପାଇଁ ଶିକ୍ଷା ଦେଇଥାଏ ବୋଲି ମତପ୍ରକାଶ କରିଥିଲେ। କମଳ କଲ୍ୟାଣ ପଣ୍ଡା, ସମ୍ପାଦକ ଭରତ ଚନ୍ଦ୍ର ସେଠୀ, ବିଚିତ୍ର ଜେନା ଓ ବିନୟ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ଦୀନବନ୍ଧୁ ଚୌଧୁରୀଙ୍କୁ ଶ୍ରୀକୃଷ୍ଣ ସାଂସ୍କୃତିକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ନାଟ୍ୟ ନିର୍ଦ୍ଦେଶକ ସଚିନ୍ଦ୍ର ସାହୁ ଓ ସୂର୍ଯ୍ୟନାରାୟଣ ଦାଶଙ୍କୁ ଶ୍ରୀକୃଷ୍ଣ ମୁକ୍ତମଞ୍ଚ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଯୁବ ନିର୍ଦ୍ଦେଶକ ସନ୍ଦୀପ କୁମାର ଚାନ୍ଦଙ୍କୁ ସମ୍ମାନିତ କରାଯାଇଥିଲା। ଏହି ମଞ୍ଚରେ ଉପଦେଷ୍ଟା ଆଲୋକ ବୋଷ, ଚନ୍ଦ୍ରମଣି ମାଝୀ, ଅମୂଲ୍ୟ କୁମାର ଧଳ, ସୁରେନ୍ଦ୍ର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଆର. ଜେ ପ୍ରବୀର କୁମାର ଜେନା ମଞ୍ଚ ପରିଚାଳନା କରିଥିଲେ। ପରେ ନିର୍ଦ୍ଦେଶକ ସନ୍ଦୀପ କୁମାର ଚାନ୍ଦଙ୍କ ନିର୍ଦ୍ଦେଶନାରେ ନାଟକ 'କଳଙ୍କ ମୋ ପାଇଁ ଚନ୍ଦନ ଟୋପା' ପ୍ରଦର୍ଶିତ ହୋଇଥିଲା। ଜଣେ ନାରୀ ତାର ପରିବାରର ସମସ୍ତ ଦୁଃଖ, ଦୁର୍ଦ୍ଦଶାକୁ ଦୂର କରିବା ପାଇଁ କିଭଳି ସତ୍‌ପଥରେ ରହି କାର୍ଯ୍ୟ କରିବାକୁ ଉଦ୍ୟମ କରୁଥିବାବେଳେ ତା'କୁ ସମାଜ କିଭଳି କଳଙ୍କିତ କରିବାକୁ ଚେଷ୍ଟା କରୁଛି ତାହା ଉପରେ ନାଟକଟି ପର୍ଯ୍ୟବେସିତ ଥିଲା। କଳାକାର ବିଜୟ ପ୍ରଧାନ, ପ୍ରଶାନ୍ତ ରାଉତ, ଜିତେନ୍ଦ୍ର ବିଶୋଇ, ପ୍ରଭାକର ଶର୍ମା, ମାନସ ସାହୁ, ବିକ୍ରମ ମହାକୁଡ, ଭରତ ଚନ୍ଦ୍ର ସେଠୀ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ।

# ସମ୍ବିଧାନ ଶିକ୍ଷା ମାର୍ଗଦର୍ଶିକା ହେଉ

## ଜ୍ଞାନ ବିକାଶ କେନ୍ଦ୍ରର ସାହିତ୍ୟ ମହୋତ୍ସବ

ରାଉରକେଲା,୧୬।୧୧(ଦିନେଶ ମିଶ୍ର)

ରାଉରକେଲା ଜେଲ୍ ରୋଡ୍ ସ୍ଥିତ ପଦ୍ମାବତୀ ମେମୋରିଆଲ ହଲରେ ରବିବାର ଶ୍ରୀଧର ସ୍ମୃତିଜ୍ଞାନ ବିକାଶ କେନ୍ଦ୍ର ପକ୍ଷରୁ ସଭାପତି ଡକ୍ଟର ଉମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ମାସିକ ସାହିତ୍ୟ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ପ୍ରଶାସନିକ ଅଧିକାରୀ ମହେନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସମ୍ବିଧାନ ହେଉଛି ଭାରତର ସର୍ବୋଚ୍ଚ ଆଇନ। ଆଉ ଏହାକୁ ସମସ୍ତେ ଅନୁସରଣ କଲେ ଦେଶର ନ୍ୟାୟ ବ୍ୟବସ୍ଥା ଠିକ୍ ରହିବ ବୋଲି କହିଥିଲେ। ହୃଷୀକେଶ ରାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ରଜନୀକାନ୍ତ ମିଶ୍ର ମୁଖ୍ୟ ବକ୍ତା, ଗାନ୍ଧୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର ଶ୍ୟାମ ପ୍ରସାଦ ସ୍ୱାଇଁ, ବରିଷ୍ଠ ସାହିତ୍ୟିକ ସୁଧାଂଶୁ ଅଶୋକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ପ୍ରଫେସର ସୁବାଷ ଚନ୍ଦ୍ର ଲେଙ୍କା ବିବରଣୀ ପାଠ କରିଥିଲେ। ପରେ 'ସମ୍ବିଧାନ ଶିକ୍ଷା ଏହା ମାର୍ଗଦର୍ଶିକା ହେଉ' ଶୀର୍ଷକ ନେଇ ବକ୍ତାମାନେ ଆଲୋଚନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ବ୍ରହ୍ମାନନ୍ଦ ପାଢୀଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି କନକଲତା ଜେନା ଓ ଉର୍ବଶୀ ଦାଶ କବିତାଗୁଡ଼ିକୁ ସଂଯୋଜନା କରିଥିବାବେଳେ ପ୍ରାୟ ୪୦ ଜଣ କବୟିତ୍ରୀ କବି ସ୍ୱରଚିତ କବିତା ପାଠ କରିଥିଲେ। ଉପସଭାପତି ଅନୀଲ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।


ସାହିତ୍ୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# କିକ୍ ବକ୍ସିଂ ଖେଳାଳିଙ୍କୁ ସମ୍ବର୍ଦ୍ଧନା

ବନ୍ଧମୁଣ୍ଡା,୧୬।୧୧(ସୁବ୍ରତ ଦେ)

ବନ୍ଧମୁଣ୍ଡା ବି-ସେକ୍ଟରଠାରେ ରବିବାର ସୁନ୍ଦରଗଡ଼ କିକ୍ ବକ୍ସିଂ ସଙ୍ଗଠନ ପକ୍ଷରୁ ଏକ ସମ୍ବର୍ଦ୍ଧନା ସମାରୋହ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବାଙ୍ଗାଲୋରର ସି.ଏମ.ଆର. ୟୁନିଭର୍ସିଟିରେ ନଭେମ୍ବର ୩ରୁ ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ୱାକୋ ଇଣ୍ଟରନ୍ୟାଶନାଲ କିକ୍ ବକ୍ସିଂ ଟ୍ରେନିଂ କ୍ୟାମ୍ପ୍‌ରେ ତାଲିମ ନେଇ ଫେରିଥିବା ଖେଳାଳିମାନଙ୍କୁ ଏହି ସମାରୋହରେ ସମ୍ବର୍ଦ୍ଧିତ କରାଯାଇଛି। ସମାରୋହରେ ଖେଳାଳିଙ୍କୁ ସେମାନଙ୍କର ପ୍ରମାଣପତ୍ର ଓ କିକ୍ ବକ୍ସିଂ ବେଲ୍ଟ ପ୍ରଦାନ କରି ସମ୍ମାନିତ କରାଯାଇଛି। କାର୍ଯ୍ୟକ୍ରମରେ ଦେବ କୁମାର ଦେ, ଖେଳପ୍ରେମୀ ମନୋଜ କୁମାର ପ୍ରଧାନ ଏବଂ ସାମାଜିକ କର୍ମୀ ରତିଆ ଏକ୍କା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଖେଳାଳିଙ୍କୁ ସମ୍ମାନପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କିକ୍ ବକ୍ସିଂ ସଙ୍ଗଠନର ମୁଖ୍ୟ କୋଚ ବିଚିତ୍ର ନାରାୟଣ ଜେନା, ପ୍ରଶିକ୍ଷକ ସଞ୍ଜୀବ ଖେସ, ରବୀନ୍ଦ୍ର ସିଂହ, ଅଶୋକ କୁଅଁର, ଜ୍ୟୋତିଷ ମହାନନ୍ଦ, ଜୟନାଥ ତୁତିଲଙ୍କ ସହିତ ଅନେକ ଖେଳାଳି ଓ ଅଭିଭାବକ ଉପସ୍ଥିତ ଥିଲେ।

# ଭାଜପା ପାଳିଲା ଜନଜାତୀୟ ଗୌରବ ଦିବସ


ଜନଜାତୀୟ ଦିବସ ପାଳନରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା।

ରାଉରକେଲା,୧୬।୧୧(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଭାଜପା ସାଙ୍ଗଠନିକ ଜିଲା ପକ୍ଷରୁ ବିଶ୍ରା ଛକସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ନିକଟରେ ଶନିବାର ଜନଜାତୀୟ ଗୌରବ ଦିବସ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ରାଉରକେଲା ଭାଜପା ସାଙ୍ଗଠନିକ ଜିଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟାଙ୍କ ନେତୃତ୍ୱରେ ପ୍ରାକ୍ତନ ରାଜ୍ୟ ଉପ ସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗବନ୍ଧୁ ବେହେରା, ପ୍ରାକ୍ତନ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକ, ଜିଲା ମୁଖପାତ୍ର ଗଙ୍ଗାଧର ଦାଶ, ମନୋଜ ସେନାପତି, ଅଙ୍କୁଶ ବର୍ମା, ନିରଜ ଚତୁର୍ବେଦୀ, ଦିଲୀପ ସିଂ (ଗୁଡ୍ଡୁ), ରଞ୍ଜିତା କିସପଟା, ନିରଞ୍ଜନ ପଟେଲ, ଶ୍ରୀକାନ୍ତ ପାଢ଼ୀ, ଶୀଲା ପାତ୍ର, ସୂର୍ଯ୍ୟକାନ୍ତ ପ୍ରଧାନ, ଗୋପାଳ ଚୌଧୁରୀ, ମନଜିତ ସିଂ, ପଙ୍କଜ ଚୌଧୁରୀ ଓ ଏସ୍. କେ. ଗୁଫରାନଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ସହରର ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ରାଉରକେଲା,୧୬।୧୧(ସଙ୍ଗୀତା ଜେନା)

ରାଉରକେଲା ସହରର ସାମଗ୍ରିକ ବିକାଶ ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜନଜାତି ଗୌରବ ଦିବସ ଉପଲକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଉରକେଲା ଗସ୍ତରେ ଆସିଥିବାବେଳେ ରବିବାର ପୂର୍ବାହ୍ନ ୧୦ଟାରେ ହିନ୍ଦ୍ ମଜଦୁର ସଭା, ସେଭ୍ ରାଉରକେଲା, ଥିଙ୍କର୍ସ ଫୋରମ୍ ପକ୍ଷରୁ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଥଲା। ଏହି ସମୟରେ ଶ୍ରମିକ ନେତା ଦିଗମ୍ବର ମହାନ୍ତି, ଇଞ୍ଜିନିୟର ସୁପ୍ରତୀକ ମିଶ୍ର ଉପସ୍ଥିତ ଥିଲେ। ରାଉରକେଲାକୁ ସ୍ୱାଧୀନ ଜିଲା ଘୋଷଣା, ଆର୍‌ଜିଏଚ୍‌କୁ ଏମ୍ସ ସ୍ତରକୁ ବିକାଶ କରିବା, ସରକାରୀ କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା, ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର ସହିତ ଏଫ୍‌ଏମ୍‌ସିଜି, ବୟନ ଶିଳ୍ପ, ଆଇଟି, ଇଲେକ୍ଟ୍ରୋନିକ୍ସ ପାର୍କ ପ୍ରତିଷ୍ଠା କରି ଲକ୍ଷ ଲକ୍ଷ ଯୁବତୀଯୁବକଙ୍କୁ ରୋଜଗାର ପ୍ରଦାନ, ବେଦବ୍ୟାସ ଏବଂ ବ୍ରାହ୍ମଣୀ ନଦୀ କୂଳକୁ ପର୍ଯ୍ୟଟନ କେନ୍ଦ୍ର ଭାବେ ବିକଶିତ କରିବା, ରିଂରୋଡ୍ ନିର୍ମାଣ ଆଦି ଦାବି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସେହିପରି ରାଉରକେଲା ୱାର୍କିଂ ଜର୍ନାଲିଷ୍ଟ କୋପରେଟିଭ୍ ସୋସାଇଟି ପକ୍ଷରୁ ଖବରଦାତାମାନଙ୍କ ବାସଗୃହ ସମ୍ପର୍କିତ ଦୀର୍ଘଦିନରୁ ଦାବି ହୋଇଆସୁଥିବା ଗୃହ ସମସ୍ୟାର ସମାଧାନ ପାଇଁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଅନୁରୂପ ଭାବେ ଉତ୍ତର ଭାରତ ରେଳ ସମନ୍ୱୟ ଅନୁଷ୍ଠାନ ସମେତ ଏକାଧିକ ସାମାଜିକ ଅନୁଷ୍ଠାନ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦର ମାସିକ ସାହିତ୍ୟ ଆସର

ରାଉରକେଲା,୧୬।୧୧(ବିପ୍ଳବ ରଞ୍ଜନ ଦାଶ)

ଅଖିଳ ଭାରତୀୟ ସାହିତ୍ୟ ପରିଷଦ ରାଉରକେଲାର ମାଧବ ନଗର ଶାଖା ପକ୍ଷରୁ ରବିବାର ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ରବୀନ୍ଦ୍ର କୁମାର ଜେନା ଅଧ୍ୟକ୍ଷତା କରିଥିଲେ। ନିରୁପମା ପତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାଧବ ନଗର ଶାଖା ସଭାପତି ବ୍ରଜେନ୍ଦ୍ର ଦାଶ ପ୍ରାକ୍ କଥନ ରଖିଥିଲେ। କାର୍ଯ୍ୟକ୍ରମରେ ବିଷୟ ବିଶେଷଜ୍ଞ ଭାବେ ଗାଳ୍ପିକା ତଥା ଆଲୋଚିକା ପୁଷ୍ପାରାଣୀ ପଟେଲ 'ନୈତିକ ମୂଲ୍ୟବୋଧ ଓ ଗଳ୍ପ: ଆଜିର ଅଭିଜ୍ଞାନ' ଏବଂ ବିଶିଷ୍ଟ କବି ତଥା ଆଲୋଚକ ମୀନକେତନ ପଶାୟତ 'ଆଧୁନିକ କବିତାରେ ସାମାଜିକ ପରିବର୍ତ୍ତନ ଓ ନୂତନ ସମ୍ବେଦନା' ଶୀର୍ଷକ ଉପରେ ତଥ୍ୟାତ୍ମକ ଆଲୋଚନା କରିଥିଲେ। ଶିକ୍ଷାବିତ୍ ତଥା ସଙ୍ଗଠକ ଗିରିଜା ଶଙ୍କର ଗୋସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଳ୍ପର ନୈତିକ ମୂଲ୍ୟବୋଧ ଓ କବିତାର ମାନବିକ ସମ୍ବେଦନା ଉପରେ ଆଲୋଚନା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଗାଳ୍ପିକ କାଶୀନାଥ ନନ୍ଦୀ ସଭାପତିତ୍ୱ ଅଭିଭାଷଣ ପ୍ରଦାନ କରିଥିଲାବେଳେ କବି ଧରିତ୍ରୀ ପାଇକରାୟ ଏବଂ ଶିକ୍ଷୟିତ୍ରୀ ଲଳିତା ବେହେରା କବିତା ସଂଯୋଜନା କରିଥିଲେ। ପ୍ରିୟଙ୍କା ପଲାଇ ସ୍ୱର୍ଗତ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ କବିତା ଏବଂ କରୁଣାକର ପାଢଶାଣୀ ସ୍ୱର୍ଗତ ଶଙ୍କର ପରିଡ଼ାଙ୍କ କବିତା ଆବୃତ୍ତି ସହ କାବ୍ୟିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସହସମ୍ପାଦକ ସୁମନ୍ତ କୁମାର ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।



ସାହିତ୍ୟ ଆସରରେ ଉପସ୍ଥିତ ଅତିଥି।

# ଦାୟିତ୍ୱବୋଧ ରହିଲେ ଗଣମାଧ୍ୟମର ବିଶ୍ୱସନୀୟତା ବଜାୟ ରହିବ

## ରାଉରକେଲାରେ ଜାତୀୟ ପ୍ରେସ ଦିବସ ପାଳିତ

ରାଉରକେଲା,୧୬।୧୧
(ବିପ୍ଳବ ରଞ୍ଜନ ଦାଶ/ ସଙ୍ଗୀତା ଜେନା)



ଜାତୀୟ ପ୍ରେସ୍ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଉରକେଲାସ୍ଥିତ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଆଇଟିଡିଏ ସମ୍ମିଳନୀ କକ୍ଷରେ ରବିବାର ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମର ବିଶ୍ୱସନୀୟତା ସଂରକ୍ଷଣ' ଶୀର୍ଷକ ଉପରେ ଆଲୋଚନା ହୋଇଥିଲା। ଏଥିରେ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଆର୍‌ଏମ୍‌ସି ଆୟୁକ୍ତ ସୁଶ୍ରୀ ଦୀନା ଦସ୍ତଗୀର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟ ପ୍ରେସ୍ ଦିବସର ଗୁରୁତ୍ୱ ଏବଂ ଆବଶ୍ୟକତା ସମ୍ପର୍କରେ ସେ ନିଜର ଅଭିଜ୍ଞତା ବଖାଣିଥିଲେ। ଏହାସହିତ ସମାଜରେ ସନ୍ତୁଳନ ଓ ସମାଜ ହିତ ପାଇଁ ବିଭିନ୍ନ ବର୍ଗର ସାମ୍ବାଦିକମାନଙ୍କ ଦାୟିତ୍ୱବୋଧ ରହିଲେ ଗଣମାଧ୍ୟମର ବିଶ୍ୱସନୀୟତା ବଜାୟ ରହିବ ବୋଲି ଦସ୍ତଗୀର କହିଥିଲେ। ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାମ୍ବାଦିକମାନେ ସର୍ବଦା ଠିକ୍ ବା ସତ୍ ସମ୍ବାଦ ପରିବେଷଣ କଲେ ସମାଜ ଓ ବ୍ୟବସ୍ଥା ସଠିକ୍ ଭାବେ ଚାଲିବ ବୋଲି ମତ ଦେଇଥିଲେ। ଅଧ୍ୟାପକ ମହେନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବଣାଇ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବଣାଇଁ ଓ ରାଉରକେଲାର ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ବଦ୍ରିନାଥ ରାଉତ, ବିନିତା କର, ଭୋମା ଅହିର, ପ୍ରଦୀପ ମଲ୍ଲିକ, ଏଡ୍‌ୱିନ୍ ତିର୍କୀ ଏବଂ ସୀତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

## ଭଲପାଠ ପଢ଼ି ଦେଶର ଟେକ ରଖ

### ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ

କୁଚିଣ୍ଡା,୧୬।୧୧(ବିରଞ୍ଚି ଦର୍ଦ୍ଦା)

ସମ୍ବଲପୁର ଜିଲା କୁଚିଣ୍ଡା ବ୍ଲକର ଅର୍ଦ୍ଧାବାହାଲସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜନଜାତି ଗୌରବ ଦିବସ ଓ ଭଗାନ ବିର୍ସା ମୁଣ୍ଡାଙ୍କ ଜନ୍ମ ବାର୍ଷିକୀ ଅବସରରେ ଅଭିଭାବକ ଆମ ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ସର୍ଣ୍ଣପ୍ରଭା ଯାଦବ ଏଥିରେ ସଭାପତିତ୍ୱ କରି ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ବାର୍ଷିକୀର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ଏଥିସହ ବିର୍ସା ମୁଣ୍ଡାଙ୍କ ପରି ସାହସୀ ହେବାସହ ଭଲ ପାଠ ପଢ଼ି ସୁନାମ ଅର୍ଜନ କରିବାକୁ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମେଡିକାଲ ଅଫିସର ସସ୍ମିତା ଦୋରା ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନୀଳମଣି ସାହୁ ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗଦୀଶ ଭାଇଁଷା,ସରପଞ୍ଚ ସୁଲେଶ୍ୱରୀ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟରେ ଅଭିଭାବକମାନେ ବିଦ୍ୟାଳୟ ସହ ଉତ୍ତମ ସମ୍ପର୍କ ସ୍ଥାପନ କରିବା ସହ ଭଲ ପରାମର୍ଶ ଦେଲେ ଯାଇ ପିଲାଙ୍କ ଚରିତ୍ର ଗଠନରେ ସହାୟକ ହେବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ବୀରେନ୍ଦ୍ର ନାଏକ ସଭା ପରିଚାଳନା କରିଥିବାବେଳେ ହରିହର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ରାଜେନ୍ଦ୍ର କୁମାର ସାହୁ, ବିକାଶ ବିଜୟ ନାୟକ, ରଞ୍ଜନ ସାହୁ, ଚନ୍ଦନ ମାକର, ଶିକ୍ଷୟିତ୍ରୀ ଶିବାନୀ ମରେଇ, ସୁଷମା ପାଣି, ଦୀପିକା ନାୟକ, ଲଳିତା କୁସୁମ, ଧରିତ୍ରୀ ବେହେରା, ଅନିତା ପଟେଲ, ତ୍ରିନାଥ ପଟେଲ, ମେଘନାଦ ମହାକୁଳ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟକ ଅଭିଭାବିକା ଓ ଅଭିଭାବକ ଯୋଗଦେଇଥିଲେ।

## ଡିସେମ୍ବର ୨୦ରୁ ଜାତୀୟ ସମ୍ବଲପୁରୀ ସମ୍ମେଳନୀ

ସମ୍ବଲପୁର,୧୬।୧୧(ଭବାନୀ ଶଙ୍କର ଭୋଇ)

ଡିସେମ୍ବର ୨୦ରୁ ଦୁଇ ଦିନିଆ ଜାତୀୟ ସମ୍ବଲପୁରୀ ସମ୍ମେଳନୀ ଆୟୋଜିତ ହେବ। ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ରବିବାର ଅନୁଷ୍ଠିତ ବୈଠକରେ ଏହା ସ୍ଥିର ହୋଇଛି। ପଶ୍ଚିମାଞ୍ଚଳ ଏକତା ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସିଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସମ୍ବଲପୁରୀ ଭାଷାର ସ୍ୱୀକୃତି ପାଇଁ ଚାଲିଥିବା ଲଢେଇକ୍ରମରେ ଚଳିତ ବର୍ଷ ସମ୍ବଲପୁରୀ ଭାଷାର ଦାବିକୁ ନେଇ ଗୁରୁତ୍ୱ ଦିଆଯିବା ଉପରେ ଆଲୋଚନା କରାଯାଇଥିଲା। ଏହାସହ ସମ୍ମେଳନୀ ପୂର୍ବରୁ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଅଟକି ଯାଇଥିବା ବିକାଶ କାର୍ଯ୍ୟକୁ ପୁଣିଥରେ ତ୍ୱରାନ୍ୱିତ କରିବାକୁ ଆଲୋଚନା କରାଯାଇଥିଲା। ବିଶେଷକରି ଡେରାର ସୁରକ୍ଷା ବ୍ୟବସ୍ଥା ଉପରେ ପଦକ୍ଷେପ ନିଆଯିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ଡେରାରେ ସୁରକ୍ଷା ଅଭାବରୁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀଭାବେ ବ୍ୟବହୃତ ହେଉଛି। ଏହାଦ୍ୱାରା ଡେରା ପରିସରକୁ ସନ୍ଧ୍ୟାରେ ବିଭିନ୍ନ କାର୍ଯ୍ୟକ୍ରମ ପାଇଁ ସାମିଲ ହେବାକୁ ଅନେକ କୁଣ୍ଠାବୋଧ କରୁଥିବା ଅଭିଯୋଗ ହେଉଛି । ସେଥିପାଇଁ ଡେରାର ସୁରକ୍ଷା ନେଇ ପ୍ରଶାସନ ସହିି ଆଲୋଚନା କରି ପଦକ୍ଷେପ ନେବାକୁ ବୈଠକରେ ସ୍ଥିର ହୋଇଥିଲା। ଏହାସହ ଡେରା ପରିସରକୁ ସମ୍ବଲପୁରୀ ଭାଷା ସଂସ୍କୃତିର ପ୍ରସାର ପାଇଁ ଅଧିକରୁ ଅଧିକ ଉପଯୋଗ କରିବାକୁ ବୈଠକରେ ବିଭିନ୍ନ ପଦକ୍ଷେପ ନେବାକୁ ସ୍ଥିର କରାଯାଇଥିଲା। ବୈଠକରେ ଅମିତାଭ ମାଝୀ, ଦେବୀ ପ୍ରସାଦ ଭୋଇ, ରାଜେଶ ସ୍ୱାଇଁ, ରାହୁଲ ଗୁପ୍ତା, ପ୍ରେମ ସାହାଣୀ ପ୍ରମୁଖ ଉପସ୍ଥିତ ରହି ନିଜର ମତାମତ ଦେଇଥିଲେ ।

# ଶିଶୁ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ସମ୍ବଲପୁର,୧୬।୧୧(ପ୍ରମୋଦ ବହିଦାର)

**ର୍‍ୟାମ୍ପ ୱାକରେ ଭାଗନେଲେ ୪୮ ଶିଶୁ, ବାଳିକାବାଳକ**

ସାଇ ଶିକ୍ଷା ପରିଷଦ ଆନୁକୂଲ୍ୟରେ ସମ୍ବଲପୁରରେ ଚାଲିଥିବା ଦୁଇଦିନିଆ ଲିଟିଲ୍ ମିସ୍ ଓ ମାଷ୍ଟର ଏବଂ ମିସ୍ ଓ ମାଷ୍ଟର୍ ଟିନ୍ ଶିଶୁ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟରେ ଅନୁଷ୍ଠିତ ମିସ୍ ଓ ମାଷ୍ଟର ଟିନ୍ ପ୍ରତିଯୋଗିତାରେ ପାରମ୍ପରିକ ସମ୍ବଲପୁରୀ ବସ୍ତ୍ରରେ ସଜ୍ଜିତ ୨୪ ଜଣ ବାଳିକା ଓ ବାଳକ ର୍‍ୟାମ୍ପରେ ସେମାନଙ୍କ କଳା ପ୍ରତିଭା ପ୍ରଦର୍ଶନ କରିଥିଲେ। ମିସ୍ ଓ ମାଷ୍ଟର ଟିନ୍ ପ୍ରତିଯୋଗିତା ବାଳିକା ଓ ବାଳକଙ୍କ ପାଇଁ ଦୁଇଟି ପୃଥକ ବର୍ଗରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ଶେଷରେ ଶନିବାର ଅନୁଷ୍ଠିତ ଉଭୟ ବର୍ଗ ଲିଟିଲ୍ ମିସ୍ ଓ ମାଷ୍ଟର ଏବଂ ରବିବାର ଅନୁଷ୍ଠିତ ଉଭୟ ବର୍ଗ ମିସ୍ ଓ ମାଷ୍ଟର ଟିନ୍ ପ୍ରତିଯୋଗିତାରେ ଭଗ ନେଇଥିବା ୪୮ ଜଣ ଶିଶୁ, ବାଳିକା ଓ ବାଳକ ପରମ୍ପରିକ ସମ୍ବଲପୁରୀ ବସ୍ତ୍ର ପରିଧାନ କରି ମିଳିତ ର୍‍ୟାମ୍ପ୍ ୱାକ୍‌ରେ ଭାଗ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ଭାଜପା ନେତା ଅନୀଲ କୁମାର ବେହେରା, ସମୀର ରଞ୍ଜନ ବାବୁ, ଶୁଭଶ୍ରୀ ମିଶ୍ର, ସୁଧୀର ରଞ୍ଜନ ବହିଦାର, ସୁଶାନ୍ତ କୁମର ପୁରୋହିତ, ଶ୍ୟାମ ମେଟାଲିକ୍ସ ଏଚ୍‌ଆର୍ ମୁଖ୍ୟ ଭୁପିନ୍ଦର ସିଂ ଖୁସାୱତ, ଏନ୍‌ଏଲ୍‌ସି ଡିଜିଏମ୍ ସୁବ୍ରତ କୁମାର ବିଶ୍ୱାଳ, ହିଣ୍ଡାଲ୍‌କୋ ସିଏସ୍‌ଆର୍ ଉପଦେଷ୍ଟା ସୁଶାନ୍ତ କୁମାର ମହାପାତ୍ର, ସରୋଜ କୁମାର ଆଚାର୍ଯ୍ୟ ଅତିଥିଭାବେ ଯୋଗଦେଇଥିଲେ। ଆୟୋଜନ କମିଟି ଅଧ୍ୟକ୍ଷ ଇଂ. ସୁଶାନ୍ତ କୁମାର ଗୁରୁ, ଭକ୍ତପ୍ରସାଦ ନନ୍ଦ, ଭୋଳା ଶଙ୍କର ମହନ୍ତମଙ୍କ ଗହଣରେ ପ୍ରଦୀପ ପ୍ରଜ୍ୱଳ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ପରିଶେଷରେ ଅତିଥିମାନେ ଉଭୟ ବିଭାଗରେ ଶିଶୁ ତଥା ବାଳିକା ଓ ବାଳକ ବର୍ଗର ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ୫ଟି ରାଉଣ୍ଡରେ ଅନୁଷ୍ଠିତ ପ୍ରତିଯୋଗିତାରେ ଡ. ଅଶୀତ ଶତପଥୀ ଅସୀମ ପ୍ରଧାନ, ରାନୀ ଦାଶ, ହେମନ୍ତ ପ୍ରଧାନ, ତନୁଜା ମହାପାତ୍ର, ସୁବ୍ରତ ଷଡ଼ଙ୍ଗୀ, ସୁଚିସ୍ମିତା ଷଡ଼ଙ୍ଗୀ, ରେଷ୍ମା ଶ୍ରୀକୁମାର, ସୀମାନ୍ତିକା ଦାଶ, ଶିଶିର କର ବିଚାରକ ଦାୟିତ୍ୱ ନିର୍ବାହ କରିଥିଲେ। ସାଇ ଶିକ୍ଷା ପରିଷଦର ନିର୍ଦ୍ଦେଶକ ନନ୍ଦ କିଶୋର ସାହୁ ଅତିଥି ପରିଚୟ ପ୍ରଦାନ, ମୁଖ୍ୟ ସଂଯୋଜକ ମହମ୍ମଦ ପରିଭେଜ ଅଲ୍ଲୀଖାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ତ୍ରିଲୋଚନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ତନ କର୍କଟ ଚିକିତ୍ସା ଶିବିର



ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଅତିଥିମାନେ ଭ୍ରାମ୍ୟମାଣ ଚିକିତ୍ସା ବାହାନର ଶୁଭାରମ୍ଭ କରୁଛନ୍ତି।

ସମ୍ବଲପୁର,୧୬।୧୦(ବି.ଶଙ୍କର)

ଆଦିତ୍ୟ ଆଲୁମିନିୟମ ପକ୍ଷରୁ ସ୍ତନ କର୍କଟ ଚିକିତ୍ସା ଶିବିର, ଇସିଜି ମେଶିନ ଓ ଭ୍ରାମ୍ୟମାଣ ଚିକିତ୍ସା ବାହାନର ଶୁଭାରମ୍ଭ ରେଙ୍ଗାଲି ହସ୍ପିଟାଲରେ ଅନୁଷ୍ଠିତ ହୋଇଛି। ଆଦିତ୍ୟ ଆଲୁମିନିୟମ ଓ ବାଲ୍‌କୋର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ମାମୋଗ୍ରାଫି ଓ ପାପ ସ୍ମିର ଟେଷ୍ଟ ଓ ହେଡ୍‌ମିକ କ୍ୟାନସର ସ୍କ୍ରିନିଂ ଟେଷ୍ଟ ପରୀକ୍ଷା ମାଗଣାରେ କରାଯାଇଥିଲା। କାର୍ଯ୍ୟକ୍ରମରେ ରେଙ୍ଗାଲି ରୋଗୀ କଲ୍ୟାଣ ସମିତି ସହଯୋଗ କରିଥିଲେ। ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ଶଶୀଭୂଷଣ ସାହୁ, ଅଶୋକ ଗୁରୁ ଉପସ୍ଥିତ ଥିଲେ । ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ପୂର୍ବତନ ସରପଞ୍ଚ ମୁରାଲି ବିଶ୍ୱାଳ, ବୋମାଲୋଇ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶେଷଦେବ ପଧାନ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଡାକ୍ତର ସୁଚିତ୍ରା ସାହୁ, ଡାକ୍ତର ଜ୍ଞାନରଞ୍ଜନ ମହାନ୍ତି, ରେଙ୍ଗାଲି ହସ୍ପିଟାଲର ଡାକ୍ତର ଶୁଭମ ସିଂହ, ଫାର୍ମାସିଷ୍ଟ ସୁରେନ୍ଦ୍ର ମୋହନ ବେହେରା, ଆଦିତ୍ୟ ଆଲୁମିନିୟମ କାରଖାନା ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକ, ମାନବ ସମ୍ବଳ ମୁଖ୍ୟ ବିନୋଦାନନ୍ଦ ଠାକୁର, ସିପିପି ମୁଖ୍ୟ ଗୁଲସନ୍ ତିୱାରୀ, ଓଡ଼ିଶା ଆଞ୍ଚଳିକ ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ, ଆଞ୍ଚଳିକ ସିଏସ୍‌ଆର ମୁଖ୍ୟ ଶିବ ପ୍ରସାଦ ମହାପାତ୍ର, ଲ୍ୟାଣ୍ଡମୁଖ୍ୟ ବିଘ୍ନେଶ୍ୱର ପଣ୍ଡା ଓ ଆଞ୍ଚଳିକ ସ୍ୱାସ୍ଥ୍ୟ ମୁଖ୍ୟ ସୁବ୍ରତ ଚାଟାର୍ଜୀ ଓ ବାଲ୍‌କୋର ଡାକ୍ତର ଗୌରଭ ଗୁପ୍ତା ଯୋଗଦେଇଥିଲେ। ଏହି ଅବସରରେ ୫୭ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିବାବେଳେ ୯ଜଣଙ୍କୁ ମୋତିଆ ବିନ୍ଦୁ ଅପରେଶନ ପାଇଁ ପରାମର୍ଶ ଦିଆଯାଇଥିଲା। ଶିବ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସିଏସ୍‌ଆର ମୁଖ୍ୟ ରବି ନିୱାସ, ସୁକାନ୍ତ ମହାପାତ୍ର ଓ ମନୋରଞ୍ଜନ ବେହେରା ପରିଚାଳନା କରିଥିଲେ।

# ଜ୍ଞାନକୌଶଳ, ଉତ୍ତମ ମନୋବୃତ୍ତି ଦ୍ୱାରା ସଫଳତା ମିଳିଥାଏ



ବାର୍ଷିକୋତ୍ସବରେ ଅତିଥି, କର୍ମକର୍ତ୍ତା ଓ ସମ୍ବର୍ଦ୍ଧିତ ପ୍ରତିଭା।

ସମ୍ବଲପୁର,୧୬।୧୦(ବି.ଶଙ୍କର)

**ବିଦ୍ୟା ବିକାଶର ବାର୍ଷିକୋତ୍ସବ ପରିକ୍ରମା-୨୦୨୫**

ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ୧୫ତମ ବାର୍ଷିକୋତ୍ସବ ପରିକ୍ରମା–୨୦୨୫ ସମ୍ବଲପୁର ଜିଲା ଶାସନସ୍ଥିତ ବିକାଶ ଦ କନ୍‌ସେପ୍ଟ ସ୍କୁଲ ପରିସରରେ ଶନିବାର ରାତିରେ ଅନୁଷ୍ଠିତ ହୋଇଛି । ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଉତ୍ସବ ପ୍ରାରମ୍ଭରେ ବିଭିନ୍ନ ଖେଳ ପ୍ରତିଯୋଗିତା ପାଇଁ ଉଦ୍ଦିଷ୍ଟ ବିଦ୍ୟା ବିକାଶ ସ୍ପୋଟର୍ସ ଏରିନାର ଉଦଘାଟନ କରିଥିଲେ । ବିଦ୍ୟା ବିକାଶ ଗ୍ରୁପର ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିକାଶ ଦ କନ୍‌ସେପ୍ଟ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି, ବିକାଶ ହାଇୟର ସେକଣ୍ଡାରୀ ଅଧକ୍ଷ ଡ. ଦିବ୍ୟସିଂହ ମହାନ୍ତ, ବିକାଶ ଫାଷ୍ଟ ଷ୍ଟେପ ଅଧକ୍ଷା ଡି. ଶାନ୍ତା ଚୌଧୁରୀ, ବିକାଶ ନର୍ସିଂ କଲେଜର ଅଧକ୍ଷ ଇଶ୍ୱର ନାଗ ନିଜ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ବକ୍ତା ପ୍ରଫେସର ଦାଶ କହିଥିଲେ, ଜ୍ଞାନ, କୌଶଳ ଓ ଉତ୍ତମ ମନୋବୃତ୍ତି ଦ୍ୱାରା ଜୀବନରେ ସଫଳତା ମିଳିଥାଏ। ପ୍ରତ୍ୟେକ ଛାତ୍ରୀଛାତ୍ର ପାଠପଢ଼ା ସହିତ ଅନ୍ୟାନ୍ୟ କୋକରିକଲାର ଏକ୍ଟିଭିଟିଜ୍ ଉପରେ ମଧ୍ୟ ଧ୍ୟାନ ଦେବା ଉଚିତ। ଲକ୍ଷ୍ମୀ ବିକାଶ ଗ୍ରୁପର ଚେୟାରମ୍ୟାନ୍ ଡି. ନାଗେଶ୍ୱର ରାଓ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟା ବିକାଶ ଗ୍ରୁପର ଚେୟାରମ୍ୟାନ୍ ତଥା ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ବିଦ୍ୟା ବିକାଶ ଗ୍ରୁପ୍‌ର ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟର ବିଭିନ୍ନ ସ୍ଥାନ ଏବଂ ବିଭିନ୍ନ ରାଜ୍ୟରେ ପ୍ରତିଷ୍ଠା କରାଯାଇଥିବା ଅନୁଷ୍ଠାନ ଉପରେ ସୂଚନା ଦେଇଥିଲେ। ବିଦ୍ୟା ବିକାଶ ଗ୍ରୁପର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର ଜି. ରାମକ୍ରିଷ୍ଣା ବିଦ୍ୟା ବିକାଶ ଗ୍ରୁପ୍ ଓଡ଼ିଶାରେ ଓ ଜାତୀୟସ୍ତରରେ ହାସଲ କରିଥିବା ର୍‍ୟାଙ୍କ, ବିଭିନ୍ନ ଏନ୍‌ଟ୍ରାନ୍ସ, ଟେକ୍ନୋ ପାଠ୍ୟ ଖସଡ଼ାର ସୁବିଧା ସୁଯୋଗ ଉପଲବ୍ଧି ବିଷୟରେ ମନ୍ତବ୍ୟ ରଖିଥିଲେ। ବିକାଶ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନ୍‌ର ଡିନ୍ ପୀତାମ୍ବର ଦାସ ଓ ବିଦ୍ୟା ବିକାଶ ଗ୍ରୁପର ଏକାଡେମିକ୍ ଆଡ୍‌ଭାଇଜର ନବୀନ ଶର୍ମା ବେଷ୍ଟ ହାଉସକୁ ନେଇ ସୂଚନା ଦେଇଥିଲେ। ଭୁବନେଶ୍ୱର ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ ଚେୟାରମ୍ୟାନ୍ ତଥା ମ୍ୟାନେଜିଂ ଡାଇରେକ୍ଟର ଭି. ଶ୍ରୀନିବାସ କାର୍ଯ୍ୟକ୍ରମରେ ସ୍କୁଲ ସଫଳତା କହିଥିଲେ। ବିକାଶ ସିନିୟର ସେକଣ୍ଡାରୀ ସ୍କୁଲ ଅଧକ୍ଷା ଡ. ପୁଷ୍ପିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ତଥା ଜାତୀୟ କ୍ରୀଡାରେ ସଫଳତା ସକାଷା ପ୍ରତୀକ ମହାରଣା ଓ ସମାଜ କଲ୍ୟାଣ ପାଇଁ ସମ୍ବଲପୁର ମାରୱାଡ଼ି ଯୁବାମଞ୍ଚକୁ ସମ୍ମାନିତ କରାଯାଇଥିଲା।

## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ମନଷ୍ଟାର ଇଲେଭେନ ଚାମ୍ପିୟନ

କୁଚିଣ୍ଡା,୧୬।୧୧(ବିରଞ୍ଚି ଦର୍ଦ୍ଦା)

ସମ୍ବଲପୁର ଜିଲା ଲାଡଠାରେ ଜୟ ହିନ୍ଦ କ୍ଲବ ଆୟୋଜିତ ସପ୍ତମ କାଳିଆ ଦା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ପଡିଆବାହାଲ ଏଫସି ଓ ଶରଧାପାଲି ମନଷ୍ଟାର ଇଲେଭେନ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଏଥିରେ ୧–୦ଗୋଲରେ ଶରଧାପାଲି ମନଷ୍ଟାର ଏଲେଭେନ ଚାମ୍ପିୟନ ହୋଇଥିଲା। ଲାଡ଼ ଗ୍ରାମର ବିଶିଷ୍ଟ ଫୁଟବଲ ଖେଳାଳିସୁମନ୍ତ ଲୁହା (କାଳିଆ)ଙ୍କ ଅକାଳ ବିୟୋଗ ପରେ ତାଙ୍କ ସ୍ମୃତିରେ ପ୍ରତିବର୍ଷ ଲାଡ ଗ୍ରାମର ଜୟହିନ୍ଦ କ୍ଲବ ପକ୍ଷରୁ ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ ହୋଇଆସୁଛି। ଟୁର୍ଣ୍ଣାମେଣ୍ଟରେ ୧୬ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ପଞ୍ଚାୟତରାଜ ମନ୍ତ୍ରୀଙ୍କ ପ୍ରତିନିଧି ସୁଶିଳ କର ମୁଖ୍ୟଅତିଥି, ପୂର୍ବତନ ସରପଞ୍ଚ ନବୀନ ମାଝି, ସ୍ୱର୍ଗତ କାଳିଆଙ୍କ ବାପା ଫକୀର ମୋହନ ଲୁହା, ସାମାଜିକ କର୍ମୀ ସଞ୍ଜୟ ମିଶ୍ର, ଅବସରପ୍ରାପ୍ତ ଅଗ୍ନିଶମ ବିଭାଗ କର୍ମଚାରୀ ସୁବୋଧ ମାଝି, ପୋଲିସ ଏସଆଇ ଯଦୁମଣି ବାଗ, ସିଲାସ ଡୁଙ୍ଗଡୁଙ୍ଗ, ପ୍ରଭାତ ପରିଡ଼ା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ଚାମ୍ପିୟନ ଶରଧାପାଲି ମନଷ୍ଟାର ଇଲେଭେନ ଦଳକୁ ଚାମ୍ପିୟନ କପ ସହ ୬୦ ହଜାର ଟଙ୍କା ଅର୍ଥରାଶି ଓ ପଡିଆବାହାଲ ଏଫସିକୁ ରନର୍ସଅପ କପ ସହ ନଗଦ ୪୦ ହଜାର ଟଙ୍କାର ନଗଦ ଅର୍ଥରାଶି ପ୍ରଦାନ କରିଥିଲେ। ଶ୍ରୀକାନ୍ତ କଉଡ଼ି ଖେଳ ଧାରା ବିବରଣୀ ପ୍ରଦାନ କରିଥିଲେ। ଟୁର୍ଣ୍ଣାମେଣ୍ଟକୁ କ୍ଲବ ସଭାପତି ସୁବେଶ ବାଗ ଓ ସମ୍ପାଦକ ସୁବ୍ରତ ଭାଇଁସା, ଶିବା କେନ୍ଦୁ, ସୁନୀଲ ଭଇଁଷା, ଅକ୍ଷୟ ଭଇଁଷା, ସୁନୀଲ ବାଘଙ୍କ ସମେତ ସମସ୍ତ ସଦସ୍ୟ ପରିଚାଳନା କରିଥିଲେ।

# ନିରପେକ୍ଷ କଲମ ଚାଳନା ଦ୍ୱାରା ସମାଜରେ ସଂସ୍କାର ଆସିବ




କାର୍ଯ୍ୟକ୍ରମରେ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ସହ ଅନ୍ୟମାନେ।

କୁଚିଣ୍ଡା,୧୬।୧୧(ବିରଞ୍ଚି ଦର୍ଦ୍ଦା)

**କୁଚିଣ୍ଡାରେ ଜାତୀୟ ପ୍ରେସ୍ ଦିବସ**

ସମ୍ବଲପୁର ଜିଲା କୁଚିଣ୍ଡା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ସ୍ଥାପୀ ସାମ୍ବାଦିକ ଭବନରେ ପାଳିତ ହୋଇଯାଇଛି। ସଂଘ ସଭାପତି ଦିନେଶ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥି ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ନିର୍ଭୀକ ହୋଇ ଖବର ପରିବେଷଣ କଲେ ସମାଜରେ ସଂସ୍କାର ଆସିବା ସହ ଏକ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ ବୋଲି କହିଥିଲେ। ଖବରଦାତାଙ୍କ ସୁରକ୍ଷା, ପେନସନ ଓ ଆକ୍ରିଡେସନ ସହ ବୀମା ଆଦି ବିଷୟ ସରକାରଙ୍କ ବିଚାରାଧିନ ରହିଛି ବୋଲି କହିଥିଲେ। ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟବକ୍ତା, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ପ୍ରସନ୍ନ କୁମାର ସାମଲ, ଜିଲା ସାମ୍ବାଦିକ ସଂଘ ସଭାପତି ପ୍ରଭାତ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ଖବରଦାତାଙ୍କ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପଖଣ୍ଡ ଡ଼ାକ୍ତରଖାନାର ମୁଖ୍ୟ ଚିକିତ୍ସାଧିକାରୀ ଡା.ସୁବୋଧ କୁମାର ନାୟକ, କୁଚିଣ୍ଡା ବ୍ଲକ ଅଧକ୍ଷ ଭୁବନେଶ୍ୱର କିଷାନ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ବରିଷ୍ଠ ନାଗରିକ ସଂଘ ସଭାପତି ଧିରେନ୍ଦ୍ର ମହାନ୍ତି, ସମ୍ପାଦକ ଜନ କାମିଲ ଲାକ୍ରା, ଅବସରପ୍ରାପ୍ତ କଲେଜ ଅଧକ୍ଷ ଗଗନ କୁମାର ପଣ୍ଡା ଯୋଗଦେଇଥିଲେ। ସଂଘର ବରିଷ୍ଠ ସଦସ୍ୟ ବିରଞ୍ଚି ନାରାୟଣ ଦର୍ଦ୍ଦା ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଧାରଣ ସମ୍ପାଦକ ତପନ ଦାଶ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସଞ୍ଜୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ମହାଲକ୍ଷ୍ମୀ ବ୍ୟବସାୟୀ ସଂଘ କର୍ମକର୍ତ୍ତା ଚୟନ

ପଡିଆବାହାଲ,୧୬।୧୧(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ପଡିଆବାହାଲ ମହାଲକ୍ଷ୍ମୀ ବ୍ୟବସାୟୀ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ ହୋଇଯାଇଛି। ସଂଘକୁ ସକ୍ରିୟ କରିବା ପାଇଁ ବସିଥିବା ବୈଠକରେ ସର୍ବସମ୍ମତି କ୍ରମେ ବେଣୁଧର ତ୍ରିପାଠୀଙ୍କୁ ସଭାପତି, ଆନନ୍ଦ ପଣ୍ଡାଙ୍କୁ ଉପସଭାପତି, ନନ୍ଦି କିଶୋର ସାହୁ ସାଧାରଣ ସମ୍ପାଦକ, ଅମୂଲ୍ୟ ପୂଜାରୀ ସହ ସମ୍ପାଦକ, ସମ୍ବିତ କୁମାର ବେହେରାଙ୍କୁ କୋଷାଧକ୍ଷ ମନୋନୀତ କରାଯାଇଥିଲା। ରୋହିତ ମେହେର, ହରିହର ନାୟକ, ରାଧାମୋହନ ଷଡ଼ଙ୍ଗୀ, ବରୁଣ ସାହୁ, ଦେବାନନ୍ଦ ଭୁସାଗର, ନରେନ୍ଦ୍ର ବାରିକ, ଶକ୍ତିପ୍ରସନ୍ନ ବଡ଼ପଣ୍ଡା, ସୁବୋଧ ନାୟକ, କିଶୋର ବେହେରା, ମନୋଜ ନାୟକ, ଝସକେତନ ନାୟକ, ପ୍ରଦୀପ ମେହେର, ପ୍ରଦୀପ ମେହେର, ଦୀପକ ବାରିକ, ଲୋକନାଥ ପଣ୍ଡାଙ୍କୁ ସଂଘର ଉପଦେଷ୍ଟା ମଣ୍ଡଳୀରେ ଚୟନ କରାଯାଇଛି। ଆଗାମୀ ବୈଠକରେ କମିଟି ସାମ୍ପ୍ରସାରିତ କରି କାର୍ଯ୍ୟକାରୀ ସଦସ୍ୟଙ୍କୁ ସାମିଲ କରିବାକୁ ପ୍ରସ୍ତାବ ରଖାଯାଇଛି।

# ବିଶ୍ୱସନୀୟତା ବଜାୟ ରଖିବା ଗଣମାଧ୍ୟମ ପାଇଁ ଆହ୍ୱାନ

ସମ୍ବଲପୁର,୧୬।୧୧(ଭବାନୀ ଶଙ୍କର ଭୋଇ)

**ସମ୍ବଲପୁର ପ୍ରେସ କ୍ଲବ ପକ୍ଷରୁ ଜାତୀୟ ଗଣମାଧ୍ୟମ ଦିବସ**

ସମ୍ବଲପୁର ପ୍ରେସ କ୍ଲବ ତରଫରୁ ରବିବାର ଜାତୀୟ ଗଣମାଧ୍ୟମ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଗଣମାଧ୍ୟମର ବିଶ୍ୱସନୀୟତାର ସଂରକ୍ଷଣ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରେସ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ବର୍ତ୍ତମାନ ବିଶ୍ୱ ଏକ ଅସାଧାରଣ ସମୟ ଓ ପରିସ୍ଥିତି ଦେଇ ଗତି କରୁଛି। ଏଭଳି ସ୍ଥିତିରେ ଗଣମାଧ୍ୟମର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି। ସରକାର ତଥା ଶାସନ କ୍ଷମତାରେ ଥିବା ବ୍ୟକ୍ତିବିଶେଷଙ୍କ ଭୁଲକୁ ଲୋକଲୋଚନକୁ ଆଣିବା ସହ ଉଚିତ ରାସ୍ତା ଦେଖାଇବା ଗଣମାଧ୍ୟମର ମୁଖ୍ୟ ଦାୟିତ୍ୱ। କିନ୍ତୁ ବର୍ତ୍ତମାନ ଗଣମାଧ୍ୟମ ଓ ଖବରଦାତାଙ୍କ ସ୍ଥିତି ମଧ୍ୟ ପୂର୍ବଭଳି ନାହିଁ। ସବୁ ନିଷ୍ପତ୍ତି ନେବାର କ୍ଷମତା ସେମାନଙ୍କ ହାତରେ ନାହିଁ । ତେଣୁ ଏସବୁ ଭିତରେ ସନ୍ତୁଳନ ରକ୍ଷା କରି ରାଷ୍ଟ୍ର ତଥା ବିଶ୍ୱ ହିତରେ କାର୍ଯ୍ୟ କରିବା ଏକ ବଡ ଆହ୍ୱାନ, ଯାହାର ମିଳିତ ଭାବେ ମୁକାବିଲା କରିବାକୁ ହେବ ବୋଲି ପ୍ରଫେସର ପାଢୀ କହିଥିଲେ। ସାମାଜିକ ଗଣମାଧ୍ୟମର ଯୁଗରେ ଅନିୟନ୍ତ୍ରିତ ଖବର ପରିବେଷଣ ମଧ୍ୟରେ ମୁଖ୍ୟସ୍ରୋତର ଗଣମାଧ୍ୟମ ପାଇଁ ଏହାର ବିଶ୍ୱସନୀୟତା ବଜାୟ ରଖିବା ସହଜ ହୋଇ ରହି ନାହିଁ। ଏହାସତ୍ତ୍ୱେ ଗଣମାଧ୍ୟମ ଉପଯୁକ୍ତ ଢଙ୍ଗରେ ନିଜ କର୍ତ୍ତବ୍ୟ ସମ୍ପାଦନ ପାଇଁ ଅହରହ ପ୍ରୟାସରତ ବୋଲି କହିଥିଲେ। ସଭାପତି ପ୍ରଧାନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଯୁବପିଢୀର କଣ୍ଟେଣ୍ଟ କ୍ରିଏଟର୍ ଓ ୟୁଟ୍ୟୁବର୍ ମାନଙ୍କୁ ଖବର ପରିବେଷଣ ବେଳେ ସର୍ବୋଚ୍ଚ ବିଶ୍ୱସନୀୟତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଶେଷରେ ଖବରଦାତା ବାଦଶାହ ଜୁଲ୍ଫନ ରଣା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ପ୍ରେସ କ୍ଲବର ପୂର୍ବତନ ସଭାପତି ହେମନ୍ତ ମହାପାତ୍ର, ବରିଷ୍ଠ ସଦସ୍ୟ ବିରେନ୍ଦ୍ର ପାଣିଗ୍ରାହୀ, ମନୋରଞ୍ଜନ ପଟ୍ଟନାୟକଙ୍କ ସହ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ନିରପେକ୍ଷ ଖବର ପରିବେଷଣ ଖବରଦାତାଙ୍କ କର୍ତ୍ତବ୍ୟ

ସମ୍ବଲପୁର,୧୬।୧୧(ଭବାନୀ ଶଙ୍କର ଭୋଇ)




ଜାତୀୟ ଗଣମାଧ୍ୟମ ଦିବସ ସଭାରେ ମଞ୍ଚାସୀନ ଅତିଥି।

**ଜିଲାସ୍ତରୀୟ ଜାତୀୟ ଗଣମାଧ୍ୟମ ଦିବସ**

ସମ୍ବଲପୁର ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ପରିସରସ୍ଥ ମନମୋହନ ପଟ୍ଟନାୟକ ପ୍ରେକ୍ଷାଳୟରେ ଜିଲାସ୍ତରୀୟ ଜାତୀୟ ଗଣମାଧ୍ୟମ ଦିବସ ରବିବାର ପାଳିତ ହୋଇଯାଇଛି। ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ 'ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆଇନ ଅଧ୍ୟାପକ ପ୍ରୟାସ ଡନସେନା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଦେଶ ତଥା ସମାଜର ବିକାଶ ପଥରେ ଗଣମାଧ୍ୟମର ଅବଦାନ ରହିଛି। ସତ୍ୟର ଅନୁସନ୍ଧାନ ପୂର୍ବକ ଖବର ପରିବେଷଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସାମାଜିକ ଗଣମାଧ୍ୟମ ଆସିଲା ପରେ ମୋବାଇଲ ଥିବା ଯେକୌଣସି ବ୍ୟକ୍ତି ପାଖରେ ଖବର ପହଞ୍ଚିପାରୁଛି। ହେଲେ ଖବରର ସଠିକ ବିଶ୍ଳେଷଣ ନ କରି ଭ୍ରମାତ୍ମକ ଖବର ପରିବେଷଣ କରାଯାଉଥିବାରୁ ତାହା ସାଧାରଣ ବ୍ୟକ୍ତିଠାରୁ ଅରମ୍ଭ କରି ସମାଜ ପାଇଁ କ୍ଷତିସାଧନ କରୁଥିବା ସେ କହିଥିଲେ। ଗଣମାଧ୍ୟମର ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ଜନସାଧାରଣଙ୍କୁ ସତ୍ୟ ଓ ମତାମତ ଆଧାରିତ ସକାରାତ୍ମକ ଖବର ପରିବେଷଣ କରିବାକୁ ଡନସନା ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଯୋଗଦେଇ ବରିଷ୍ଠ ଖବରଦାତା ହେମନ୍ତ ମହାପାତ୍ର ସମ୍ବାଦିକତା ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ହୋଇଥିବାରୁ ଖବରଦାତା ମାନଙ୍କର ଦାୟିତ୍ୱ ମଧ୍ୟ ସେତିକି କର୍ତ୍ତବ୍ୟ ରହିଛି। ଜନସାଧାରଣଙ୍କୁ ଠିକ ତଥ୍ୟ ପ୍ରସାରଣ କରିବା ଆଗରୁ ଖବରଦାତା ନିଜେ ଆତ୍ମ ସମୀକ୍ଷା କରିବା ଦରକାର ବୋଲି କହିଥିଲେ। ସେହିପରି ବରିଷ୍ଠ ଖବରଦାତା ପ୍ରିୟ ରଞ୍ଜନ ସାହୁ କହିଥିଲେ ସାମ୍ବାଦିକତାର ମୌଳିକ ନୀତି ହେଉଛି ଜନସାଧାରଣଙ୍କ ପାଖରେ ସତ୍ୟ, ବସ୍ତୁନିଷ୍ଠ ଓ ଉତ୍ତମ ମାନର ନିରପେକ୍ଷ ଖବର ପହଞ୍ଚାଇବା। ଖବରଦାତାମାନେ ହେଲେ ରାଷ୍ଟ୍ରର ଜାଗ୍ରତ ପ୍ରହରୀ। ସେହି ଦୃଷ୍ଟିରୁ ସେମାନେ ଯଦି ବାହ୍ୟଶକ୍ତି ଦ୍ୱାରା ପ୍ରଭାବିତ ହୋଇ ନିଜ କର୍ତ୍ତବ୍ୟରୁ ବିଚ୍ୟୁତ ହୁଅନ୍ତି ଏବଂ ଭୁଲ ଖବର ପରିବେଷଣ କରନ୍ତି ତେବେ ରାଷ୍ଟ୍ରର ପ୍ରଗତି ଅସମ୍ଭବ। ପ୍ରତିକୂଳ ପରିସ୍ଥିତିରେ ଜନକଲ୍ୟାଣ ପାଇଁ ସାମ୍ବାଦିକ ସ୍ୱର ଉତ୍ତୋଳନ କରିଥାନ୍ତି ଯାହାର ସୁଫଳ ପରବର୍ତ୍ତୀ ସମୟରେ ସାମଗ୍ରିକଭାବେ ଲୋକମାନେ ପାଇଥାନ୍ତି। ତେଣୁ ସତ୍ୟ, ନିରପେକ୍ଷ ଗଠନମୂଳକ ଖବର ପରିବେଷଣ ସାମ୍ବାଦିକମାନଙ୍କ ଆଭିମୁଖ୍ୟ ହେବା ଉଚିତ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ବିରୂପାକ୍ଷ ପ୍ରଧାନ ପରିଚାଳନା କରିଥିଲେ।

# ଲାଞ୍ଜିଗଡ଼ର ୨ ମହିଳା ଓଡ଼ିଶାର ଶ୍ରେଷ୍ଠ ଚାଷୀ

ଲାଞ୍ଜିଗଡ଼, ୧୬।୧୧(ରମେଶଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକର ୨ମହିଳା ଓଡ଼ିଶାର ଶ୍ରେଷ୍ଠ ଚାଷୀ ଭାବେ ସମ୍ମାନିତ ହୋଇଛନ୍ତି। ସେହି ୨ ମହିଳା ଚାଷୀ ହେଲେ ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଲାଖବାହିଲି ପଞ୍ଚାୟତ ତାଲବୋରା ଗ୍ରାମର ସାଇବେନି ମାଝୀ ଓ ବେନଗାଁ ପଞ୍ଚାୟତ ପଦ୍ମଥପା ଗାଁର ବାସନ୍ତୀ ହରିଜନ। ଉଭୟ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ମାଣ୍ଡିଆ ଦିବସ ଅବସରରେ ଓଡ଼ିଶାର ଶ୍ରେଷ୍ଠ ଚାଷୀ ଭାବେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ଓ ରାଜ୍ୟପାଳ ହରିବାବୁ କୁମ୍ଭମପାଟିଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି।

ସୂଚନା ଅନୁସାରେ ସାଇବେନି ଜୈବିକ ଓ ଆଧୁନିକ ପଦ୍ଧତି ଦ୍ୱାରା ମାଣ୍ଡିଆ ଚାଷରେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ସେ ୨ ହେକ୍ଟର ଜମିରୁ ହାରାହାରି ୩୧ କୁଇଣ୍ଟାଲ ମାଣ୍ଡିଆ ଉତ୍ପାଦନ କରିଥିଲେ। ସେ ଏମ୍ଏସ୍ପି ଦରରେ ମଣ୍ଡିରେ ବିକ୍ରି କରିଥିଲେ। ଅବଶିଷ୍ଟ ବିହନ ସେ ଏଫପିଓ ଆପକଲ ଲାଞ୍ଜିଗଡ଼କୁ ଯୋଗାଇଥିଲେ। ୧.୫ କୁଇଣ୍ଟାଲ ବିହନ ବ୍ୟାଙ୍କ ପାଇଁ ସଂରକ୍ଷଣ କରିଥିଲେ। ମାଣ୍ଡିଆ ସହିତ ସେ କୋସଲା, ବାଜରା, କାଙ୍ଗୁ, କୋଦୋ ଓ ଖେଡଜନା ଭଳି ବିଭିନ୍ନ କ୍ଷୁଦ୍ରଶସ୍ୟ ଚାଷ କରି ଅତିରିକ୍ତ ଆୟ ସୃଷ୍ଟି କରିଥିଲେ। ନିଜ ସମ୍ପ୍ରଦାୟର ଆର୍ଥିକ ସଶକ୍ତିକରଣରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କ ସଫଳତାରେ କଳାହାଣ୍ଡି ସ୍ୱେଚ୍ଛାସେବୀ ସଂସ୍ଥା ଜନସାହାଯ୍ୟର ତାଲିମ ଓ ପ୍ରେରଣା ରହିଛି। ତାଙ୍କର ଏହି ଉଲ୍ଲେଖନୀୟ କାମ ପାଇଁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ତାଙ୍କୁ ଶ୍ରେଷ୍ଠ କ୍ଷୁଦ୍ରଶସ୍ୟ ଚାଷୀ ପୁରସ୍କାରରେ ସମ୍ମାନିତ କରିଛନ୍ତି। ସେହିପରି ବାସନ୍ତୀ ହରିଜନ ଦେଶୀ ବିହନ ସଂରକ୍ଷଣ ଓ ପାରମ୍ପରିକ ଫସଲ ଚାଷରେ ଅଗ୍ରଗାମୀ ଭୂମିକା ଗ୍ରହଣ କରିଛନ୍ତି। ସେ ୫.୨୦ ଏକର ଜମିରେ ମାଣ୍ଡିଆ, ୧ଏକରରେ କୋସଲା ଏବଂ ୨ଏକରରେ ଅନ୍ୟାନ୍ୟ କ୍ଷୁଦ୍ରଶସ୍ୟ ଚାଷ କରୁଛନ୍ତି। ସେହିପରି ୬ ଏକର ଅଞ୍ଚଳରେ ପନିପରିବା, ଡାଲି, ତୈଳବୀଜ, ମସଲା ଓ ବିଭିନ୍ନ ପ୍ରଜାତିର ଦେଶୀ ଧାନ (ବାସ୍ନା ଧାନ) ଚାଷ କରିଛନ୍ତି। ତାଙ୍କ ସଂଗୃହିତ ଦେଶୀ ବିହନ ଅନ୍ୟାନ୍ୟ ଚାଷୀଙ୍କୁ ଉପଲବ୍ଧ ହୋଇ ଅଞ୍ଚଳରେ ବିହନ ସଂରକ୍ଷଣ ଓ ପ୍ରଚାରରେ ସହାୟକ ହେଉଛି। ସ୍ଥାୟୀ କୃଷି ଓ ଜୈବ ବିବିଧତା ପ୍ରତି ତାଙ୍କ ଅନୁରାଗ ତାଙ୍କୁ ସଂଗ୍ରହୀତ ବିହନ ରାଣୀ ଭାବେ ପରିଚିତ କରିଛି। ତାଙ୍କ ଏହି ଅବଦାନ ପାଇଁ ରାଜ୍ୟପାଳ ତାଙ୍କୁ ପାରମ୍ପରିକ ଫସଲ ସଂରକ୍ଷଣରେ ଶ୍ରେଷ୍ଠ ଚାଷୀ ଭାବରେ ସମ୍ମାନିତ କରିଛନ୍ତି। ଏହି ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡା, ଜନସାହାଯ୍ୟ ସଂସ୍ଥାର ସମ୍ପାଦିକା ଅନ୍ୱେଷିତା ସାମଲ, ପ୍ରକଳ୍ପ ପରିଚାଳକ ପୂର୍ଣ୍ଣେନ୍ଦୁ ପଣ୍ଡା, ଉପପ୍ରକଳ୍ପ ପରିଚାଳକ ସୁବାସ ନାଏକଙ୍କ ସହିତ ଜିଲା ଓ ବ୍ଲକ ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତେ ଉଭୟ ଚାଷୀଙ୍କୁ ଅଭିନନ୍ଦନ ଜଣାଇ ତାଙ୍କର ଆଗାମୀ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତା କଳାହାଣ୍ଡି ଜିଲାରେ ମହିଳା ଚାଷୀଙ୍କ ଉଦ୍ୟମ, ସ୍ୱାଭିମାନ ଓ ସ୍ୱାବଲମ୍ବନର ଗର୍ବନୀୟ ଦୃଷ୍ଟାନ୍ତ ସୃଷ୍ଟି କରିଛି। ଏହା ରାଜ୍ୟରେ ସ୍ଥାୟୀ କୃଷି ଓ ମିଲେଟ ଆନ୍ଦୋଳନକୁ ନୂତନ ଦିଗ ଦେଇଛି।


ଲାଞ୍ଜିଗଡ଼ ବ୍ଲକର ୨ମହିଳା ଚାଷୀ।

# ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ବକ୍ତୃତାମାଳା


ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ନିମନ୍ତ୍ରିତ ବକ୍ତୃତାମାଳାରେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଓ ଅନ୍ୟମାନେ।

ଭବାନୀପାଟଣା,୧୬।୧୧(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସମାଜବିଜ୍ଞାନ ବିଭାଗ ଏବଂ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ 'ସାଇଣ୍ଟିଫିକ ରିଭୋଲ୍ୟୁସନ, ପଜିଟିଭିଜିମ ଆଣ୍ଡ ନଲେଜ' ଶୀର୍ଷକ ଉପରେ ଅନ୍ୱେଷା ବକ୍ତୃତାମାଳା-୪୫ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ସଭାପତିତ୍ୱ କରି ଅନ୍ୱେଷା ବକ୍ତୃତାମାଳାର ଉଦ୍ଦେଶ୍ୟ ଓ ପରିସର ବିଷୟରେ ନିଜର ମତ ଉପସ୍ଥାପନ କରିଥିଲେ। ଏହି ନିମନ୍ତ୍ରିତ ବକ୍ତୃତାମାଳାରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ସମାଜବିଜ୍ଞାନ ବିଭାଗର ମୁଖ୍ୟ ହିମାଂଶୁ ଶେଖର ଷଡଙ୍ଗୀ ବକ୍ତାରୂପେ ଉପସ୍ଥିତ ହୋଇ ବୈଜ୍ଞାନିକ ବିପ୍ଳବ କିପରି ମାନବ ବୁଝାମଣାକୁ ପରିବର୍ତ୍ତନ କରିଥିଲା ଏବଂ ପରବର୍ତ୍ତୀ ସମୟରେ ଜ୍ଞାନ ଆହରଣ ପାଇଁ ଏକ ଦାର୍ଶନିକ ଢାଞ୍ଚା ଭାବରେ ସକାରାତ୍ମକତାର ଆର୍ବିଭାବ ହୋଇଥିଲା, ସେ ସମ୍ପର୍କରେ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ସମାଜବିଜ୍ଞାନ ବିଭାଗର ମୁଖ୍ୟ ଡ. ବିରେନ୍ଦ୍ର ସୁନା ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ସହକାରୀ ପ୍ରଫେସର ଡ. ପ୍ରିୟରଞ୍ଜନ ବେହେରା ଓ ସହକାରୀ ପ୍ରଫେସର ଅଶ୍ୱିନୀ ଗମାଙ୍ଗୋ ମଞ୍ଚ ପରିଚାଳନା କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ବକ୍ତା ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବାର୍ତ୍ତାଳାପ ହୋଇ ବିଭିନ୍ନ ପ୍ରଶ୍ନର ସରଳ ସମାଧାନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜବିଜ୍ଞାନ ବିଭାଗର ଅଧ୍ୟାପକ ଆରିଫ ରାଜା, ଅଧ୍ୟାପିକା ଡ. ରୋଜାଲିନ ବେହେରା ଓ ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକମାନେ ଉପସ୍ଥିତ ଥିଲେ।

# ସତ୍ୟ ପ୍ରକାଶ କରିବାର ସାହସ ରଖିବା ଉଚିତ


ଜାତୀୟ ପ୍ରେସ ଦିବସ ଅବସରରେ ଅତିଥିମାନେ ଆଲୋଚନା କରୁଛନ୍ତି।

ନୂଆପଡା, ୧୬।୧୧ (ମକାରୁ ବେମାଲ)

ସ୍ଥାନୀୟ ସଭାବନା ସଭା ଗୃହରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ରବିବାର ପାଳିତ ହୋଇଯାଇଛି। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ଜିଲାର ଖବରଦାତାମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ। ଏବର୍ଷ ପାଇଁ ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ ତରଫରୁ ଥିମ ଥିଲା 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମର ବିଶ୍ୱାସନୀୟତାର ସଂରକ୍ଷଣ'। ଏହା ଉପରେ ବକ୍ତାମାନେ ଆଲୋଚନା କରିଥିଲେ। ଜିଲାପାଳ ଦାଶ କହିଥିଲେ, ଖବରଦାତାମାନେ ମିଥ୍ୟା ସୂଚନାରୁ ଦୂରେଇ ରହି ସବୁବେଳେ ସତ୍ୟ ପ୍ରକାଶ କରିବାର ସାହସ ରଖିବା ଉଚିତ। ସଭାକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ପରିଚାଳନା କରିଥିଲେ। ବର୍ତ୍ତମାନର ଡିଜିଟାଲ ଯୁଗରେ ମିଥ୍ୟା ଏବଂ ନକଲି ଖବର ପ୍ରସାରଣରୁ ସମାଜକୁ କିଭଳି ସୁରକ୍ଷା ମିଳିବ ଏହି ବିଷୟରେ ସେ ଖବରଦାତାମାନଙ୍କୁ ସୂଚନା ଦେଇଥିଲେ। ନୂଆପଡ଼ା ଜିଲା ସାମ୍ବାଦିକ ସଂଘ ସଭାପତି ସୁରେଶ ଆଚାରୀ, ସିମାଞ୍ଚଳ ମହାପାତ୍ର, ଦିପକ ମିଶ୍ର ପ୍ରମୁଖ ଖବରଦାତାମାନଙ୍କ ବିଭିନ୍ନ ସମସ୍ୟା ଉତ୍ଥାପନ କରିବା ସହିତ ଦିବସର ଥିମ ଉପରେ ନିଜର ମତାମତ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ, ବରିଷ୍ଠ ରାଜସ୍ୱ ସହାୟକ ବିଭୂଦତ୍ତ ମିଶ୍ର, ସହାୟକ ରାଜେଶ ରଞ୍ଜନ ବହିଦାର, ଗଦାଧର ମାଝି ପ୍ରମୁଖ ସହାୟତା କରିଥିଲେ। ଜିଲା ସଦର ମହକୁମାରେ ଏକ ସାମ୍ବାଦିକ ଭବନ ନ ଥିବାରୁ ଏହା ଉପରେ ଜିଲାପାଳଙ୍କ ଦୃଷ୍ଟିଆକର୍ଷଣ କରାଯାଇଥିଲା। ଜିଲାପାଳ ସହୃଦୟତାର ସହିତ ଏହି ସମସ୍ୟା ହୃଦୟଙ୍ଗମ କରି ବିହୀତ ପଦକ୍ଷେପ ନେବା ପାଇଁ ଆଶ୍ୱାସନା ଦେଇଥିଲେ।

# ଜାତୀୟସ୍ତରରେ କଳାହାଣ୍ଡିର ଛବି ଚମକିବ


ଭବାନୀପାଟଣାରେ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସରେ ଜିଲାପାଳ ଓ ଅନ୍ୟମାନେ।

- ଜିଲାର ବିକାଶ ଦିଗରେ ଗଣମାଧ୍ୟମ ଲେଖନୀ ଚାଳନା କରୁ
- ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ

ଭବାନୀପାଟଣା,୧୬।୧୧(ଉତ୍ତମ କୁମାର ଦାଶ)

ସମୟର ପରିବର୍ତ୍ତନ ଓ ଟେକ୍ନୋଲୋଜିର ବିକାଶ ସହିତ ଗଣମାଧ୍ୟମର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସି (ଏଆଇ)ଯୁଗରେ ଗଣମାଧ୍ୟମ ସତର୍କତାର ସହ ନିଜ ଦାୟିତ୍ୱ ସମ୍ପାଦନ କରିବାର ସମୟ ଆସିଛି। ରବିବାର ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଅବସରରେ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ' ଶୀର୍ଷକ ଉପରେ ଆୟୋଜିତ ଆଲୋଚନାଚକ୍ରରେ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ସୋସିଆଲ ମିଡ଼ିଆରେ ବର୍ତ୍ତମାନ ଫେକନ୍ୟୁଜ ହାର ବୃଦ୍ଧି ପାଉଥିବା କାରଣରୁ ଉଦ୍ବେଗ ପ୍ରକାଶ କରାଯାଇଥିଲା। ଜିଲାର ବିକାଶ ଉପରେ ଗଣମାଧ୍ୟମ ଲେଖନୀ ଚାଲୁକଲେ ଜାତୀୟ ସ୍ତରରେ କଳାହାଣ୍ଡିର ଛବି ଆହୁରି ଚମକିବ ବୋଲି ଜିଲାପାଳ ପାୱାର ସଚିନ ପ୍ରକାଶ କହିଥିଲେ। ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ଉମାଶଙ୍କର କର, ନିମନ୍ତ୍ରିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଜିଲା କ୍ରୀଡ଼ା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ, ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଉପକୂଳ ସଚିବ ଡ.ଜୟଦେବ ସାହୁ, ସ୍ୱାଧୀନ ପାତ୍ର, ସତ୍ୟନାରାୟଣ ମହାପାତ୍ର, ଶାନ୍ତନୁ ବେହେରା, ଦେବେନ୍ଦ୍ର ବିଶି ପ୍ରମୁଖ ଯୋଗଦେଇଥିଲେ। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ପରିଚାଳନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ହାଇସ୍କୁଲ ଓ କଲେଜସ୍ତରରେ ହୋଇଥିବା ରଚନା ଓ ବିତର୍କ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ମିଳିଲାନି ଆମ୍ବୁଲାନ୍ସ, ବାଇକ୍‌ରେ ଆଣିଲେ ଡାକ୍ତରଖାନା

**ଚିକିତ୍ସାଧୀନ ଅବସ୍ଥାରେ ଗୁରୁତର ସାଇକେଲ ଚାଳକଙ୍କ ମୃତ୍ୟୁ**

ଲାଞ୍ଜିଗଡ,୧୬।୧୧(ରମେଶଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ବିଶ୍ୱନାଥପୁର ଥାନା ଅନ୍ତର୍ଗତ ବିଜେପୁର-ବିଶ୍ୱନାଥପୁର ମୁଖ୍ୟ ରାସ୍ତାର ଖଜୁରଗୁଡା ଗାଁ ମାଣ୍ଡିଆ ରୁଚା ନିକଟରେ ଜଣେ ସାଇକେଲ ଆରୋହୀ ମୁଖ୍ୟ ରାସ୍ତାରେ ପଡ଼ିଯାଇ ଗୁରୁତର ହୋଇଥିଲେ। ହେଲେ ତାଙ୍କୁ ଡାକ୍ତରଖାନା ଆଣିବାକୁ ମିଳି ନ ଥିଲା ଆମ୍ବୁଲାନ୍ସ। ଫଳରେ ୬କିମି ଦୂର ବାଇକ୍‌ରେ ଆଣି ବିଶ୍ୱନାଥପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା ଚାଲିଥିବାବେଳେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଟଙ୍କ ମାଝୀ (୩୫)। ତାଙ୍କ ଘର ଲାଞ୍ଜିଗଡ ବ୍ଲକ କୁମଖାଲ ପଞ୍ଚାୟତ ଟିମନବାଡ଼ି ଗାଁ। ସେ ନିଜ ସାଇକେଲରେ ଗାଁଠାରୁ ମଧ୍ୟାହ୍ନ ୧୨ଟା ୩୦ରେ ବିଶ୍ୱନାଥପୁର -ବିଜେପୁର ମୁଖ୍ୟ ରାସ୍ତା ଦେଇ ଲୁମା ଗାଁ ଛକକୁ ଯାଉଥିବାବେଳେ ମାଣ୍ଡିଆରୁଚା ନିକଟରେ ସାଇକେଲରୁ ମୁଖ୍ୟରାସ୍ତାରେ ପଡ଼ିଯାଇଥିଲେ। ଫଳରେ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ଖବରପାଇ ସ୍ତ୍ରୀ ସୂର୍ଯ୍ୟ ମାଝୀ ଓ ତାଙ୍କ ଭାଉଜ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ସ୍ଥାନୀୟ ଯୁବକମାନେ ୧୦୮ ଓ ୧୦୨ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ ମିଳି ନ ଥିଲା। ଫଳରେ ସେହି ରାସ୍ତା ଦେଇ ଆସୁଥିବା ୨ଜଣ ଯୁବକ ୬ କିମି ଦୂର ବାଇକରେ ଆଣିବା ପରେ ବିଶ୍ୱନାଥପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ଚାଲିଥିବା ବେଳେ ଟଙ୍କଙ୍କ ମୃତ୍ୟୁ ଘଟିଥିଲା। ଆମ୍ବୁଲାନ୍ସ ଯୋଗାଯୋଗ କରିଥିଲେ ମଧ୍ୟ ସେହି ଅଞ୍ଚଳରେ ଆମ୍ବୁଲାନ୍ସ ଉପଲବ୍ଧ ନ ଥିବା ସୂଚନା ମିଳିଥିଲା। ଫଳରେ ଚିକିତ୍ସା ଯୋଗାଇବା ବିଳମ୍ବ ଯୋଗୁ ଜଣେ ଆଦିବାସୀ ଯୁବକଙ୍କ ମୃତ୍ୟୁ ଘଟିଛି ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ସାଇବର ସୁରକ୍ଷା ସଚେତନତା


ପ୍ରଗତି ଶିକ୍ଷାନୁଷ୍ଠାନରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଅତିଥି।

ଭବାନୀପାଟଣା,୧୬।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହର ଉପକଣ୍ଠସ୍ଥ ପ୍ରଗତି ଶିକ୍ଷାନୁଷ୍ଠାନରେ ଜିଲା ପୋଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା ସମ୍ବନ୍ଧୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଗତି ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶେଷଦେବ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସାଇବର ସେଲ ବିଶେଷଜ୍ଞ ଇନ୍ସପେକ୍ଟର ଚନ୍ଦନ କୁମାର ସାହୁ, ଭବାନୀପାଟଣା ସଦର ଏସ୍ଆଇ ବିନୟ ବରାହ, ବିପିନ କିଶୋର ଜରିଆ, ସୋନୁ କନ୍ଧ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଇଣ୍ଟରନେଟ ବ୍ୟବହାରକାରୀଙ୍କୁ କିଭଳି ଭାବରେ ସାଇବର ଅପରାଧ, ଅନ୍‌ଲାଇନ ଠକେଇ ଭଳି ଅପରାଧର ଶିକାର ହେବାକୁ ପଡ଼େ, ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରିବା ସହିତ କିଭଳି ଭାବରେ ଏଭଳି ଠକାମିରୁ ନିଜକୁ ବଞ୍ଚେଇ ପାରିବେ ସେ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଗତି ଶିକ୍ଷାନୁଷ୍ଠାନର ସମସ୍ତ କର୍ମକର୍ତ୍ତା ସହ ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ସଂସ୍କାର ଭାରତୀର ବାର୍ଷିକ ସାଧାରଣ ସଭା



ସଂସ୍କାର ଭାରତୀର ବାର୍ଷିକ ସାଧାରଣ ସଭାରେ ଅତିଥି।

ଭବାନୀପାଟଣା, ୧୬।୧୧ (ଉତ୍ତମ କୁମାର ଦାଶ)

କଳା ଓ ସଂସ୍କୃତି ପାଇଁ ସଦା ସମର୍ପିତ ସଂସ୍କାର ଭାରତୀ। ରବିବାର ଭବାନୀପାଟଣାସ୍ଥିତ ଜିଲା ଲେଖକ କଳା ପରିଷଦ ସଭାଗୃହରେ ସଂସ୍କାର ଭାରତୀ ଉତ୍କଳ ପଶ୍ଚିମ ପ୍ରାନ୍ତ କଳାହାଣ୍ଡି ଜିଲାର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ସଭାପତି ଭାଗୀରଥୀ ବେହେରା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରଭାସ ଚନ୍ଦ୍ର ମିଶ୍ର, ଜିଲା ମହାମନ୍ତ୍ରୀ ପ୍ରମୋଦ କୁମାର ପରିଡା, କୋଷାଧ୍ୟକ୍ଷ ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲା ନାଟ୍ୟ ପ୍ରମୁଖ ଆଲୋକ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଜିଲା ମହାମନ୍ତ୍ରୀ ପ୍ରମୋଦ କୁମାର ପରିଡା ବାର୍ଷିକ ବିବରଣୀ ଓ ଗତବର୍ଷ ସାଧାରଣ ସଭା ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ଗୋପାଳ ସାହୁ ବାର୍ଷିକ ଆୟବ୍ୟୟ ବିବରଣୀ ଉପସ୍ଥାପନା କରିଥିଲେ। ପ୍ରାନ୍ତ ମହାମନ୍ତ୍ରୀ ଉମେଶ ଚନ୍ଦ୍ର ପଣ୍ଡା ସଙ୍ଗଠନର ସୁଦୃଢ଼ତା ବିଷୟରେ ମାର୍ଗଦର୍ଶନ କରିଥିଲେ। ଚଳିତ ବର୍ଷ ପାଇଁ ଜିଲା ସଭାପତି ଭାବେ ତିଲକରାମ ନିଆଲ, ବିଶ୍ୱମୋହନ ରଥ, ଅର୍ଚ୍ଚନା ଦାସ ଓ ନବ କିଶୋର ବେହେରା ଉପସଭାପତି, ଗୋପାଳ ଚନ୍ଦ୍ର ସାହୁ ମହାମନ୍ତ୍ରୀ, ପ୍ରୀତି ପଟ୍ଟନାୟକ ସହମହାମନ୍ତ୍ରୀ, ଓମ ପ୍ରକାଶ ବେହେରା, ନମିତା ମିଶ୍ର ଓ ମୋହନ ଚନ୍ଦ୍ର ଭଞ୍ଜ ସମ୍ପାଦକ, ଦିଲ୍ଲୀପ କୁମାର ସା (ବଲବସପୁର) ଲୋକକଳା, ମାନସ ପଣ୍ଡା ଦୃଶ୍ୟକଳା, ପ୍ରତାପ ଚନ୍ଦ୍ର ପଣ୍ଡା ସାହିତ୍ୟ, ଶୁଭେନ୍ଦୁ କୁମାର ମହାପାତ୍ର ମଞ୍ଚକଳା, ତାପସ ରଞ୍ଜନ ପଟେଲ ସଙ୍ଗୀତ, ଲିପ୍ସା ବାରିକ ନୃତ୍ୟ, ଭାରତୀ ସାହୁ ରଙ୍ଗୋଲି, ଶିବାତ୍ମିକା ନନ୍ଦ, ନରେନ୍ଦ୍ର କୁମାର ଦାସ, ଶ୍ୟାମ ସୁନ୍ଦର ପ୍ରଧାନ, କେ ସି ସିଂହ ଜିଲା କାର୍ଯ୍ୟକାରିଣୀ ସଭ୍ୟ ଭାବେ ଚୟନ କରାଯାଇଥିଲା। ଏହି ଅବସରରେ ସମସ୍ତ ନୂତନ ସଭ୍ୟାସଭ୍ୟଙ୍କୁ ସ୍ୱାଗତ କରାଯାଇଥିଲା। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାର ସମସ୍ତ କର୍ମକର୍ତ୍ତା ସକ୍ରିୟ ଅଂଶଗ୍ରହଣ କରିଥିଲେ। ନୂତନ କାର୍ଯ୍ୟକାରିଣୀ ମନୋନୟନରେ ପ୍ରାନ୍ତୀୟ ସଭାପତି ହରେକୃଷ୍ଣ ଭୋଇ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ନଗର କାର୍ଯ୍ୟବାହ ଶ୍ରୀନିବାସ ଶର୍ମା ସହଯୋଗ କରିଥିଲେ। ଶେଷରେ ସମବେତ ବନ୍ଦେ ମାତରମ ପରେ ସଭା ସାଙ୍ଗ ହୋଇଥିଲା।

# ପୁସ୍ତକ ଲୋକାର୍ପଣ ସମାରୋହ

ଖଡିଆଳ,୧୬।୧୧(ସୁଜିତ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଗୋଇମୁଣ୍ଡି ଗ୍ରାମ ସ୍ଥିତ ଭାଗବତ ଧର୍ମ ସାଂସ୍କୃତିକ ଅନୁଷ୍ଠାନ ପରିସରରେ କବି କ୍ଷୀର ପ୍ରସାଦ ରାଉତରାୟଙ୍କ ଲିଖିତ ଭଜନ ତତ୍ତ୍ୱବୋଧ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଆୟକର କମିଶନର ଶ୍ରୀକାନ୍ତ ଚାଟର୍ଜୀ, ବିଶିଷ୍ଟ ଅତିଥି ଭାବେ ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଫଣିନ୍ଦମ ସିଂଦେଓ ଯୋଗଦାନ କରି ରାଉତରାୟଙ୍କ ଲେଖା ଉଚ୍ଚକୋଟିର ବୋଲି ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ପ୍ରାକ୍ତନ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. ସୁଶାନ୍ତ କୁମାର ବିଶି ସଭାପତିତ୍ୱ କରିଥିଲେ। ସମୀକ୍ଷକ ଭାବେ ଅଧ୍ୟାପକ ଲୋହିତାକ୍ଷ ଯୋଶୀ, ବିଶିଷ୍ଟ ଅନୁବାଦକ ଓ ପ୍ରାବନ୍ଧିକ ତଥା ପଲ୍ଲୀ ପ୍ରଗତି ମହାବିଦ୍ୟାଳୟର ଦୋହେଲପଡାର ଅଧ୍ୟକ୍ଷ ଅଧ୍ୟାପକ ରୁଦ୍ର ମାଧବ ବାରିକ ଯୋଗଦାନ କରି ସମୀକ୍ଷା କରିଥିଲେ। ପ୍ରଥମ ଅଧିବେଶନରେ ଅତିଥି ପରିଚୟ ଶିକ୍ଷାବିତ ତୁମେଶ୍ୱର ଚଲାନ ପ୍ରଦାନ କରିଥିବାବେଳେ କ୍ରୀଡା ଶିକ୍ଷକ ରାଜକପୂର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଦ୍ୱିତୀୟ ଅଧିବେଶନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲବ୍ଧ ପ୍ରତିଷ୍ଠିତ କବି ନୀଳଲୋହିତ ସିଂ ଦେଓ, ସମ୍ମାନିତ ଅତିଥି ଭାବେ ସୁସାହିତ୍ୟିକ ବୈଷ୍ଣବ ମେହେର ଯୋଗଦାନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିଭୂଦତ୍ତ ଚଲାନ ଅଧ୍ୟକ୍ଷତା କରିଥିଲେ। ସଂଯୋଜନା ଦାୟିତ୍ୱରେ କବୟିତ୍ରୀ ମାନିନୀ ମେହେର ଯୋଗଦାନ କରି ଦାୟିତ୍ୱ ସମ୍ପାଦନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଶିକ୍ଷାବିତ ଦେବାନନ୍ଦ ଚଲାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଗୋଇମୁଣ୍ଡି ଗୌନ୍ତିଆ ଶୁଶିଲ କୁମାର ଚଲାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶୁଲପାଣି ସାଂସ୍କୃତିକ ଅନୁଷ୍ଠାନ ସଦସ୍ୟମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନିମନ୍ତ୍ରିତ ଅତିଥି ଭାବେ ପଦ୍ମନ ସିଂ ଚଲାନ, ମହେନ୍ଦ୍ର ସିଂ ଚଲାନ, ପଞ୍ଚୁସର ଚଲାନ, ଜଗଦାନନ୍ଦ ରାଉତ ଉପସ୍ଥିତ ଥିଲେ। ସନ୍ତୋଷ ବୁଡେକ, ଶୁଭମ ବାରିକ, ସତ୍ୟମ ବାରିକ, ଯୁବରାଜ ବୁଡେକ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

# ୨୦୨୭ ସୁଦ୍ଧା କୁଷ୍ଠ ରୋଗର ସମ୍ପୂର୍ଣ୍ଣ ନିରାକରଣ

ନୂଆପଡ଼ା,୧୬।୧୧ (ମକାରୁ ବେମାଲ)

ନୂଆପଡ଼ା ଜିଲାରୁ କୁଷ୍ଠ ରୋଗ ସମୂଳେ ବିନାଶ ପାଇଁ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ରବିବାର ଜିଲା ମୁଖ୍ୟ ଚିକିତ୍ସାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ.ଧନେଶ୍ୱର ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଡିଏମଓ ଡ. ମନୋଜ କୁମାର ସାହୁ, ଏଡିପିଏଚଓ ଡ. ରୁଦ୍ରପ୍ରତାପ ଜେନା, ଡ.ଜଗତବନ୍ଧୁ ମହାପାତ୍ର, ଡିପିଏମ ସତ୍ୟନାରାୟଣ ତ୍ରିପାଠୀ, ଡିଏସ୍‌ଡବ୍ଲ୍ୟୁଓ ଏସ ଗୀତା, ଡିଏସଏସଓ ଅନନ୍ତ କୁମାର ହେମ୍ବ୍ରମ, ଏଡିଇଓ ସୁଧାଂଶୁ ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଫିରୋଜ କୁମାର ବାଗ, ଶରତ ଚନ୍ଦ୍ର ନାଏକ ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ୨୦୨୭ ସୁଦ୍ଧା ଜିଲାରୁ କୁଷ୍ଠ ରୋଗ ସମ୍ପୂର୍ଣ୍ଣ ଲୋପ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସିଡିଏମଓ ସମସ୍ତଙ୍କୁ ଆହ୍ୱାନ କରିଛନ୍ତି। ଏହି ବୈଠକରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏଡିପିଏଚଓ ଡ.ଚିନ୍ମୟ ତ୍ରିପାଠୀ କହିଲେ, ଜିଲାରେ କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ନଭେମ୍ବର ୧୭ ରୁ ୩୦ ପର୍ଯ୍ୟନ୍ତ ଚାଲିବ । ଗାଁ ଓ ପ୍ରତ୍ୟେକ ଘରକୁ ଯାଇ ଆଶା ଓ ସ୍ୱାସ୍ଥ୍ୟକର୍ମୀ ରୋଗୀଙ୍କୁ ଚିହ୍ନଟ କରି ନିକଟସ୍ଥ ଉପ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଦ୍ୱାରା ରୋଗ ନିଦାନ କରାଇ ନିଶୁଳ୍କ ଭାବରେ ଔଷଧ ପ୍ରଦାନ କରିବେ। ଏଥିପାଇଁ ବୈଠକ କରି ଆଶା ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଇଛି। ଜିଲାର ସମସ୍ତଙ୍କୁ ଅନୁରୋଧ ଯେ, ଯିଏ ମଧ୍ୟ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି,ତାହାକୁ ଲୁଚାଇବେ ନାହିଁ କିମ୍ବା ଚିକିତ୍ସାରେ ଅବହେଳା କରିବେ ନାହିଁ । ତା'ହେଲେ ଜିଲାରେ ୨୦୨୭ ସୁଦ୍ଧା କୁଷ୍ଠ ରୋଗ ନିରାକରଣ ହୋଇପାରିବ। ଜିଲା ସଂଯୋଜକା ଡ. ଅନୀତା ସାହୁ କହିଲେ, ଏଥିପାଇଁ ଜିଲାଠାରୁ ଆରମ୍ଭ କରି ଗ୍ରାମସ୍ତର ପର୍ଯ୍ୟନ୍ତ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ତାଲିମ ପ୍ରଦାନ କରାଯିବ। ଅଭିଯାନ ସମୟରେ ପୂର୍ବରୁ ଡାକବାଜି ଯନ୍ତ୍ର, ବ୍ୟାନର, ପୋଷ୍ଟର, ଲିଫଲେଟ ମାଧ୍ୟମରେ ସଚେତନ କରାଯିବ । ପର୍ଯ୍ୟବେକ୍ଷକ ମାଧ୍ୟମରେ ଘର ଘର ଖୋଜା କାର୍ଯ୍ୟକଳାପର ତଦାରଖ ହେବ। ଅଭିଯାନ ସମୟରେ ଦେଖା ଯାଇଥିବା ଯେ କୌଣସି ସମସ୍ୟାର ସମାଧାନ ପାଇଁ ସମ୍ପ୍ରଦାୟ ନେତା/ଜନ ପ୍ରତିନିଧିମାନଙ୍କ ସହ ବୈଠକ ଅନୁଷ୍ଠିତ ହେବ । ଦଳ, ପର୍ଯ୍ୟବେକ୍ଷକ, ମନିଟର, ଚିକିତ୍ସା ଅଧିକାରୀଙ୍କଠାରୁ ପ୍ରାପ୍ତ ତଥ୍ୟ ଉପରେ ତୁରନ୍ତ ବିଶ୍ଳେଷଣ ହୋଇ କାର୍ଯ୍ୟର କାର୍ଯ୍ୟାନୁଷ୍ଠାନ ହେବ । ଏହି ଅଭିଯାନର ଲକ୍ଷ୍ୟ ହେଉଛି ଲୁଚି ରହିଥିବା କୁଷ୍ଠ ରୋଗ ଚିହ୍ନଟ କରିବା, ସମ୍ପ୍ରଦାୟରେ ରୋଗ ସଂକ୍ରମଣକୁ ବାଧା ଦେବା, କୁଷ୍ଠ ପ୍ରତି ନୀତି ନିର୍ଦ୍ଧାରଣଙ୍କ ଦୃଷ୍ଟି ଆକର୍ଷଣ କରିବା, କାର୍ଯ୍ୟକ୍ରମର ଆଇଇସି କାର୍ଯ୍ୟକଳାପକୁ ପ୍ରଭାବଶାଳୀ ଭାବରେ ପରିପୂରକ କରିବା। ଅଭିଯାନ ସମୟରେ ଶତ ପ୍ରତିଶତ ସନ୍ଦିଗ୍ଧ ଯାଞ୍ଚ ହେବ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସେଠୀ କହିଛନ୍ତି।


କୁଷ୍ଠ ରୋଗ ନିରାକରଣ ପାଇଁ ସମନ୍ୱୟ ବୈଠକରେ ଅଧିକାରୀ।

## ହାଇମାଷ୍ଟ ଲାଇଟର ଶୁଭାରମ୍ଭ

ବୀରମହାରାଜପୁର,(ଯୁଗଳ କିଶୋର ମିଶ୍ର): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଚମ୍ପେଶ୍ୱର ଛକ ଏବଂ ତ୍ରିବେଣୀ ଛକଠାରେ ବିଧାୟକ ରଘୁନାଥ ଜଗଦଲାଙ୍କ ଦ୍ୱାରା ହାଇମାଷ୍ଟ ଲାଇଟର ଶୁଭାରମ୍ଭ କରାଯାଇଛି। ଉକ୍ତ ଆଲୋକ ସ୍ଥାପନ ହେବାଦ୍ୱାରା ଉପଜିଲାପାଳ ଅଫିସ ଏବଂ ତ୍ରିବେଣୀ ଛକରେ ରାତ୍ରି ଯାତାୟାତ ସୁବିଧା ହେବ। ଉକ୍ତ ଲାଇଟ ସ୍ଥାପନ ସମୟରେ ଭାଜପା ଜିଲା ସଭାପତି ବେଣୁଧର ଦାଶ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ମଣ୍ଡଳ ସଭାପତି ସୁମନ୍ତ ଜଗଦଲା, ବିଧାୟକ ପ୍ରତିନିଧି ପଦାର୍ଥ ଜଗଦଲା, ଏକଲବ୍ୟ ବେହେରା, ବିପିନ ବିହାରୀ ପଣ୍ଡା, ଜିତେନ୍ଦ୍ରାୟ ଦାସ, ପ୍ରଭାସ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ମୃତଦେହ ରଖି ରାସ୍ତାରୋକୋ

- ରାକେଶଙ୍କୁ ହତ୍ୟା କରାଯାଇଛି: ପରିବାରବର୍ଗ
- ଟ୍ରାକ୍ଟର ମାଲିକ, ଡ୍ରାଇଭର ଗିରଫ

ସୋନପୁର/ବୀରମହାରାଜପୁର,୧୬।୧୧ (ମୃତ୍ୟୁଞ୍ଜୟ ଶତପଥୀ/ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଭଜବଲପୁର ଗାଁର ରାକେଶ ବେରିହା(୨୪)ଙ୍କୁ ଷଡଯନ୍ତ୍ର କରି ହତ୍ୟା କରାଯାଇଥିବା ପରିବାରବର୍ଗ ଅଭିଯୋଗ କରିଛନ୍ତି। ମାମଲାର ନିରପେକ୍ଷ ତଦନ୍ତ ପାଇଁ ରାକେଶଙ୍କ ମା' ସନ୍ତୋଷିନୀ ବୀରମହାରାଜପୁର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ଏସଆଇ ସୀତା ସେଠୀ ମାମଲାର ତଦନ୍ତ କରୁଛନ୍ତି। ପୋଲିସ ଏହି ଘଟଣାରେ ଟ୍ରାକ୍ଟର ମାଲିକ ତଥା ଭଜବଲପୁର ଗ୍ରାମର ରଘୁନାଥ ବେଦବାକ ଓ ଟ୍ରାକ୍ଟର ଡ୍ରାଇଭର ତଥା ଧର୍ମଶାଳା(ପତ୍ରାପାଲି) ଅଞ୍ଚଳର ଦୟାସାଗର ଜଗଦଲାଙ୍କୁ ଗିରଫ କରି ରବିବାର ରାତିରେ କୋର୍ଟଚାଲାଣ କରିଛି। ମାମଲାର ଅଧିକ ତଦନ୍ତ ଜାରି ରହିଛି। ତେବେ ହତ୍ୟାକାରୀଙ୍କୁ ଗିରଫ ଦାବିରେ ପରିବାରବର୍ଗ ରାକେଶଙ୍କ ମୃତଦେହ ରଖି ସୋନପୁର-ବୀରମହାରାଜପୁର ରାସ୍ତାର ଭଜବଲପୁର ଛକଠାରେ ଅପରାହ୍ନରୁ ରାସ୍ତା ଅବରୋଧ କରିଛନ୍ତି। ଏହା ରାତି ସାଢେ ୮ଟା ପର୍ଯ୍ୟନ୍ତ ଚାଲିଛି। ରାସ୍ତାର ଉଭୟପାର୍ଶ୍ୱରେ ଶତାଧିକ ଯାନବାହାନ ଅଟକି ରହିଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ କେ.କେ.ହରିପ୍ରସାଦ, ବୀରମହାରାଜପୁର ଏସ୍‌ଡିପିଓ ହେମନ୍ତ ରାଓଙ୍କ ସମେତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ଜାରି ରଖିଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିଛି।

ସୂଚନା ଅନୁଯାୟୀ, ରାକେଶ ଜଣେ ଟ୍ରାକ୍ଟର ଡ୍ରାଇଭର। ଶୁକ୍ରବାର ସନ୍ଧ୍ୟାରେ ଉଲୁଣ୍ଡା ବ୍ଲକ ଭଜବଲପୁର ଗାଁର ରଘୁନାଥ ବେଦବାକଙ୍କ ଟ୍ରାକ୍ଟରରେ ଧାନ କଟା ମେଶିନ ନେଇ ଅନ୍ୟ ଜଣେ ଡ୍ରାଇଭର ଦୟାସାଗର ଜଗଦଲାଙ୍କ ସହିତ ସେ ସମ୍ବଲପୁର ଜିଲା ରେଢାଖୋଲର କାଏସପାଲିକୁ ଯାଇଥିଲେ। ତେବେ ଶନିବାର ସକାଳେ ବୀରମହାରାଜପୁର ଥାନା ରଥପୁର ଛକ ନିକଟସ୍ଥ ରୁଗୁଡିବନ୍ଧ ହିଡରେ ରାକେଶଙ୍କ ମୃତଦେହ ପଡିଥିବା ନେଇ ସ୍ଥାନୀୟ ଲୋକ ଦେଖିବା ପରେ ପୋଲିସକୁ ଖବର ଦେଇଥିଲେ। ରାକେଶଙ୍କ ତଳିପେଟରେ କଟା ଚିହ୍ନ ଥିବା ଓ ମୃତଦେହ ପଡିଥିବା ସ୍ଥାନରେ ସାମାନ୍ୟ ରକ୍ତଛିଟା ପଡି ନଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପରିବାରବର୍ଗ ସନ୍ଦେହ କରିଥିଲେ। ହତ୍ୟା ପରେ ଅଭିଯୁକ୍ତମାନେ ମୃତଦେହକୁ ଏଠାରେ ରଖି ଦେଇଥିବା ସେମାନେ ଅଭିଯୋଗ କରିଥିଲେ। ପୁଅକୁ ଘରୁ ଡାକି ନେଇ ହତ୍ୟା କରାଯାଇଥିବା ମା' ସନ୍ତୋଷିନୀ ପୋଲିସ ନିକଟରେ ଅଭିଯୋଗ କରିଥିଲେ। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିବା ପରେ ଏହି ରାସ୍ତାରୋକୋ ଆରମ୍ଭ ହୋଇଥିଲା।



ଉଲୁଣ୍ଡା ବ୍ଲକର ଭଜବଲପୁରଠାରେ ରାସ୍ତା ଅବରୋଧ କରାଯାଇଛି।

## କିଡ୍‌ନୀ ରୋଗରେ ଯୁବଚାଷୀଙ୍କ ଅକାଳ ମୃତ୍ୟୁ

ଅମରପାଲି,୧୬।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଳପଦର ପଞ୍ଚାୟତ ଅଧୀନ ବଡ଼ମାଳ ଗ୍ରାମର ଯୁବଚାଷୀ ଅଶ୍ୱିନୀ ପ୍ରଧାନ(୩୮)ଙ୍କ କିଡନୀ ରୋଗରେ ଶନିବାର କଟକରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗତ ୭ ମାସ ହେବ ସେ କିଡନୀ ରୋଗରେ ଆକ୍ରାନ୍ତ ଥିଲେ। ବୁର୍ଲା ବଡ଼ ମେଡିକାଲ, କଟକ ଏବଂ ଭୁବନେଶ୍ୱରର ବିଭିନ୍ନ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟବସ୍ଥାରେ ଆଶାଜନକ ସୁଧାର ଆସି ନ ଥିଲା। ହେଲେ ଧାରଉଧାର କରି ଚାଷୀ ପରିବାର ତାଙ୍କ ଚିକିତ୍ସା କରୁଥିଲେ। ଅଶ୍ୱିନୀ ଧାନ ଓ କପା ଚାଷ କରି ଘର ଚଳାଉଥିଲେ। ତାଙ୍କ ମୃତ୍ୟୁ ପରେ ସ୍ତ୍ରୀ ଇନ୍ଦୁରେଖା ଓ ୩ ବର୍ଷର ଏକ ଶିଶୁ କନ୍ୟା ଅଛନ୍ତି। ବୀରମହାରାଜପୁର ଓ ସୋନପୁର ଅଞ୍ଚଳରେ କିଡନୀ ବିଶେଷଜ୍ଞ ଡାକ୍ତର ନଥିବାରୁ ଏପରି ରୋଗର ଚିକିତ୍ସା ପାଇଁ ରୋଗୀମାନଙ୍କୁ ଦୂରଦୂରନ୍ତରେ ଭରସା କରିବାକୁ ପଡୁଛି। ତାଙ୍କ ବିୟୋଗରେ ପୂର୍ବତନ ସରପଞ୍ଚ ଗୁଲେଖ ପ୍ରଧାନ, ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ, ଜିଲା ପରିଷଦ ସଭ୍ୟା ଚନ୍ଦ୍ରକାନ୍ତି ଦନ୍ତା, ସରପଞ୍ଚ ନିରୂପମା ସେଠୀ, ସମିତି ସଭ୍ୟା ସୁଗନ୍ଧା ଘିବିଲା ଗଭୀର ଶୋକବ୍ୟକ୍ତ କରିଛନ୍ତି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି। ଅଶ୍ୱିନୀଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ବୀର ମାଧୋ ସିଂ ସିନେମା ପାଇଁ ଅଡିଶନ

ସୋନପୁର,୧୬।୧୧(ମୃତ୍ୟୁଞ୍ଜୟ ଶତପଥୀ)

ରିଧି ଟ୍ରଷ୍ଟ ଓ ଏସ୍‌ପି ଏଣ୍ଟରଟେନମେଣ୍ଟ ଆନୁକୂଲ୍ୟରେ ନିର୍ମିତ ହେବାକୁ ଯାଉଥିବା ବୀର ମାଧୋ ସିଂ ସିନେମା ପାଇଁ ଅଡିସନ ସୁବର୍ଣ୍ଣପୁର ସହରସ୍ଥିତ ସୁବର୍ଣ୍ଣା ନାରୀ ଜାଗରଣ କେନ୍ଦ୍ରଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁବର୍ଣ୍ଣପୁର ଜିଲାରୁ ମୋଟ ୪୦ଜଣ ମହିଳା ଓ ପୁରୁଷ କଳାକାର ଯୋଗଦେଇଥିଲେ। ବୀର ମାଧୋ ସିଂଙ୍କ ବୀରୋଚିତ କୃତିକୁ ସାରା ବିଶ୍ୱରେ ପ୍ରଚାର ପ୍ରସାର କରିବା ଏହି ଚଳଚ୍ଚିତ୍ର ନିର୍ମାଣର ମୁଖ୍ୟ ଉଦ୍ଦେଶ୍ୟ। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶକ ହେଉଛନ୍ତି ପ୍ରଦୀପ ଡି ମାଝୀ, ସହ ନିର୍ଦ୍ଦେଶକ ରାଜେନ୍ଦ୍ର ବାଘ ଓ କୀର୍ତ୍ତୀ ଗହୀର। ଅଡିସନରେ ନିର୍ଦ୍ଦେଶକ ଓ ସହ ନିର୍ଦ୍ଦେଶକଙ୍କୁ ସହଯୋଗ କରିଥିଲେ ଶ୍ରଦ୍ଧାଞ୍ଜଳି ମିଶ୍ର ଓ ମିଥୁନ କୁମାର ସାହୁ। ଚଳଚ୍ଚିତ୍ରର ନିର୍ମାତା ହେଉଛନ୍ତି ରିଧି ଟ୍ରଷ୍ଟ ଅଧ୍ୟକ୍ଷ ସୀତାରାମ ଭୋଇ। କାହାଣୀ ଲେଖିଛନ୍ତି ସୁଦର୍ଶନ ବେରିହା। ସ୍କ୍ରିନ୍ ପ୍ଲେ ଓ ଡାଇଲଗ ଲେଖିଛନ୍ତି ଓଜସ୍ୱିନୀ ମାହାର। ଚଳଚ୍ଚିତ୍ରଟି ହିନ୍ଦୀ, କୋସଲି-ସମ୍ବଲପୁରୀ ଭାଷାରେ ହେବ ବୋଲି ଟ୍ରଷ୍ଟର ଅଧ୍ୟକ୍ଷ କହିଛନ୍ତି। ଏହି ଚଳଚ୍ଚିତ୍ର ପାଇଁ ସାଧାରଣରେ ବିଶେଷ ଉତ୍ସାହ ପ୍ରକାଶ ପାଇଥିଲା।

## ଜନଜାତି ଗୌରବ ଦିବସ ପାଳିତ

ବିନିକା,୧୬।୧୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସିଦ୍ଧାର୍ଥ କନିଷ୍ଠ ମହାବିଦ୍ୟାଳୟରେ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଆଧକ୍ଷା ଡ଼ ରେଖା ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତାଭାବେ ବିଶ୍ୱମୟ ଗୁରୁ, ସମ୍ମାନୀତ ଅତିଥିଭାବେ କ୍ରୀଡା ଅଧାପକ ନାରାୟଣ ଚୌଧୁରୀ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ସଂଗ୍ରାମୀ ଜୀବନ ବିଷୟରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଅଧାପକ ଯତୀନ୍ଦ୍ର ଦଣ୍ଡସେନା ମଞ୍ଚ ପରିଚାଳନା କରିଥିବାବେଳେ ଡ଼ ନୀଳମାଧ ଛତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅଧାପକ ମନୋଜ ମେହେର, ଝଲକ କୁମାର ମିଶ୍ର, ଆଶୁତୋଷ ପୁରୋହିତ, ମମିତା ଆଚାର୍ଯ୍ୟ, ଆଶୀର୍ବାଦ ପଧାନ, ପ୍ରଦୀପ ନାଏକ, ସୁବଳ ପଧାନ, ଆଲୋକ ସେଠୀ, ଆକାଶ ପଧାନ, ଅଧାପିକା ତୁଳସୀ ରାୟ, ଦୀପ୍ତି ଭୋଇ, ମହାବିଦ୍ୟାଳୟ ଛାତ୍ରୀଛାତ୍ର ଯୋଗଦେଇଥିଲେ।

## ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା



ଆୟୋଜିତ ସଭାରେ ମୁଖ୍ୟ ଅତିଥି ଜଣେ ଚାଷୀଙ୍କୁ ପୁରସ୍କୃତ କରୁଛନ୍ତି।

ବିନିକା,୧୬।୧୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା କଲେଜ ଛକ କଲ୍ୟାଣ ମଣ୍ଡପଠାରେ ରବିବାର ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା ଯୋଗଦେଇ ମେଳାକୁ ଉଦଘାଟନ କରିଥିଲେ। ଡାକ୍ତର ସୁବ୍ରତ କୁମାର ପୁରୋହିତଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା ମୃତ୍ୟୁଞ୍ଜୟ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତରୁ ୪୫୦ରୁ ଅଧିକ ମତ୍ସ୍ୟଜୀବୀ ଏବଂ ପ୍ରାଣୀପାଳକ ତଥା ସ୍ୱୟଂ ସହାୟକ ଗୋଷ୍ଠୀ ଦଳର ମା'ମାନେ ଅଂଶ ଗ୍ରହଣ କରିଥିଲେ। ଏତଦ୍‌ବ୍ୟତୀତ ଉତ୍ସାହୀ ଜନସାଧାରଣ, ପଞ୍ଚାୟତ ସମିତି ସଭ୍ୟାସଭ୍ୟ, ସରପଞ୍ଚ, ଜିଲା ପରିଷଦ ସଦସ୍ୟ, ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡକ୍ଟର ମୃତ୍ୟୁଞ୍ଜୟ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟବକ୍ତାଭାବେ ଡା ରଞ୍ଜନ କୁମାର ଦାସ, ସମ୍ମାନୀତ ଅତିଥିଭାବେ ବଡିଓ ମଣ୍ଟୁ ଖମାରୀ, ଏମ୍‌ପି ପ୍ରତିନିଧି ବିଶ୍ୱମ୍ଭର ମିଶ୍ର, ନଗରପାଳ ସୁବାଷ ଚନ୍ଦ୍ର ଭୁଏ, ଭାଜପା ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ବିଜୟ ମହାକୁଡ଼, ଅଶୋକ ପୃଷ୍ଟି ଯୋଗଦେଇ ଉପସ୍ଥିତ ଚାଷୀମାନଙ୍କୁ ମାଛ, କୁକୁଡ଼ା ପାଳନ କରି ସ୍ୱାବଲମ୍ବୀ ହେବା ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ବିନିକା ବ୍ଲକର ୪ଜଣ ଅଗ୍ରଣୀ ମତ୍ସ୍ୟଚାଷୀ, ୪ ଜଣ ପ୍ରାଣୀପାଳକ ଓ କୁକୁଡ଼ା ପାଳନ ତଥା ପଞ୍ଚାୟତ ପୋଖରୀରେ ମାଛ ଚାଷ ପାଇଁ ସ୍ୱୟଂ ସହାୟକ ଦଳକୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଦୁଇ ଜଣ ପ୍ରାଣୀ ପାଳକ ଓ ଜଣେ ମତ୍ସ୍ୟ ଚାଷୀଙ୍କୁ ନୂତନ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଚାଷୀ-ବିଶେଷଜ୍ଞ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମତ୍ସ୍ୟ ବିଶେଷଜ୍ଞ ଭାବେ ଗୋଲାପି ବାଡା, ସହକାରୀ ମତ୍ସ୍ୟ ଅଧିକାରୀ ଡୁଙ୍ଗୁରିପାଲି ଶ୍ରବଣ କୁମାର କହଁର, ସହକାରୀ ମତ୍ସ୍ୟ ଅଧିକାରୀ ଉଲୁଣ୍ଡା ଏବଂ ପ୍ରାଣୀ ସମ୍ପଦ ବିଶେଷଜ୍ଞ ଡ଼ା ଦୁର୍ଗା ପ୍ରସାଦ ତ୍ରିପାଠୀ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା କୃଷ୍ଣଚନ୍ଦ୍ର ମହନ୍ତ ଯୋଗଦେଇ ଚାଷୀଙ୍କୁ ମତ୍ସ୍ୟ ଚାଷ ଓ ପ୍ରାଣୀ ପାଳନ ସମ୍ପର୍କିତ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀଙ୍କ ଦଳଗତ ନୃତ୍ୟ ଓ ସ୍ଥାନୀୟ କଳାକାରଙ୍କ ପାଲା ଓ କରମସାନୀ ନୃତ୍ୟ ମାଧ୍ୟମରେ ସରକାରୀ ଯୋଜନା ସମୂହର ପ୍ରଚାର କରାଯାଇଥିଲା। ଡା ଗିରିଜା ଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଡା ଏମ. ରମ୍ୟା, ସୁଶ୍ରୀ ସଙ୍ଗୀତା କିଷାନ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

## ସାମ୍ବାଦିକତା ନିରପେକ୍ଷ ହେବା ଜରୁରୀ

ତରଭା/ବିନିକା, ୧୬।୧୧ (ମାନଭଞ୍ଜନ ମିଶ୍ର/ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ତରଭା ଓ ବିନିକାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ତରଭା ବ୍ଲକ ସାମ୍ବାଦିକ ସଂଘ ତରଫରୁ ଏନଏସି ପାଠାଗାରରେ ଅନୁଷ୍ଠିତ ବୈଠକରେ ସଂଘ ସଭାପତି ଅଶୋକ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ପିଏମଶ୍ରୀ ଜବାହର ନବୋଦୟ ବିଦ୍ୟାଳୟ ଅଧକ୍ଷ ନିଶିକାନ୍ତ ସାମକଁୱର ଯୋଗଦେଇ ନିରପେକ୍ଷ ସାମ୍ବାଦିକତା ପାଇଁ ଆହ୍ୱାନ ଦେଇଥିଲେ। ସମ୍ପାଦକ ମାନଭଞ୍ଜନ ମିଶ୍ର ସଭା ପରିଚଳନା କରିଥିଲେ। ବରିଷ୍ଠ ଖବରଦାତା ଗୌରଚନ୍ଦ୍ର ପରିଛାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ବିନିକା ଦୁର୍ଗା ମନ୍ଦିର ପରିସରରେ ଆଞ୍ଚଳିକ ସାମ୍ବାଦିକ ସଂଘ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିନିକା ଏନଏସି ଅଧକ୍ଷ ସୁବାଷ ଚନ୍ଦ୍ର ଭୁଏ, ସମ୍ମାନିତ ଅତିଥି ଥାନା ଏଏସଆଇ ପ୍ରସନଜିତ ବେହେରା, ଦୁର୍ଗା ମନ୍ଦିର କମିଟି ସଭାପତି ସନ୍ତୋଷ ପଣ୍ଡା, ବ୍ଲକ ଅତିରିକ୍ତ ଭେଟେନେରୀ ଅଫିସର ଗିରିଜା ଶଙ୍କର ଦାସ, ବିଶ୍ୱନାଥ ହାଁସଦା ପ୍ରମୁଖ ଯୋଗଦାନ କରିଥିଲେ। ମୁକେଶ ବଗର୍ତ୍ତି ମଞ୍ଚ ପରିଚାଳନା କରିଥିବାବେଳେ ଅରକ୍ଷିତ ବାଘ ଧନ୍ୟବାଦ ଦେଇଥିଲେ।

## ବୀରମହାରାଜପୁର ଚାମ୍ପିୟନ





ଅତିଥିଙ୍କ ସହ ଚାମ୍ପିୟନ ଦଳ।

### ଚମ୍ପେଶ୍ୱର ବାବା ଏକଦିବସୀୟ ଫୁଟ୍‌ବଲ

ବୀରମହାରାଜପୁର,୧୬।୧୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଫୁଟବଲ ଖେଳ ପଡିଆଠାରେ ଚମ୍ପେଶ୍ୱର ବାବା ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଚମ୍ପାମାଳର ରୋହିତ ହୋତାଙ୍କ ଆୟୋଜନକ୍ରମେ ଆୟୋଜିତ ଟୁର୍ନାମେଣ୍ଟରେ ୮ଗୋଟି ଦଳ ଭାଗ ନେଇଥିଲେ। ପ୍ରଥମ ମ୍ୟାଚରେ ବୀରମହାରାଜପୁର ଦଳ ଲାଡୁରପେଟକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ମ୍ୟାଚରେ ଫୁଲଚରା ବିଶିପଡାକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲା। ସେହିପରି ସୋନପୁର ସୁରେଶ୍ୱରୀ ସ୍ପୋର୍ଟିଂ ଓ ଆଲୋକ ଫୁଟବଲ କ୍ଲବ ମଧ୍ୟରେ ତୃତୀୟ ଲିଗ ମ୍ୟାଚ ହୋଇଥିଲା। ଏଥିରେ ସୁରେଶ୍ୱରୀ ସ୍ପୋର୍ଟିଂ ବିଜୟୀ ହୋଇ ସେମିଫାଇଲରେ ପ୍ରବେଶ କରିଥିଲା। ଶେଷ ଲିଗରେ ଆଦିବାସୀ କ୍ଲବ ଉଲୁଣ୍ଡା ଏବଂ କୁଡ଼ାପଡ଼ା ମୁହାଁମୁହିଁ ହୋଇଥିଲେ। ଏଥିରେ ଉଲୁଣ୍ଡା ଆଦିବାସୀ କ୍ଲବ ବିଜୟୀ ହୋଇଥିଲା। ପ୍ରଥମ ସେମିଫାଇନାଲରେ ବୀରମହାରାଜପୁର ଫୁଲଚରାକୁ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ସୋନପୁର ଉଲୁଣ୍ଡାକୁ ଟାଇବ୍ରେକରରେ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଫାଇନାଲ ଖେଳରେ ବୀରମହାରାଜପୁର ଦଳ ବିଜେତା ଏବଂ ସୋନପୁର ସୁରେଶ୍ୱରୀ ସ୍ପୋର୍ଟିଂ ଉପବିଜେତା ହୋଇ ଟ୍ରଫି ଗ୍ରହଣ କରିଥିଲେ। ଫାଇନାଲ ଖେଳରେ ବୀରମହାରାଜପୁର ବିଧାୟକ ଇଞ୍ଜିନିୟର ରଘୁନାଥ ଜଗଦଲା ମୁଖ୍ୟ ଅତିଥିଭାବେ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ। ଉକ୍ତ ଟୁର୍ନାମେଣ୍ଟକୁ ଉପଖଣ୍ଡ ପୋଲିସ ଅଧିକାରୀ ହେମନ୍ତ ରାଓ ଉଦ୍‌ଘାଟନ କରିଥିଲେ। ବେଣୁଧର ଦାଶ, ଉଷା କୁମାରୀ, ନଳିନୀ ପଣ୍ଡା, ସୂର୍ଯ୍ୟ ନନ୍ଦ, ମହେନ୍ଦ୍ର ଜଗଦଲା, ସନତ ହୋତା, ବିପିନ ପଣ୍ଡା, ଜ୍ୟୋତି ସିଂହ, ନାରାୟଣ ଲୁହା, ଲକ୍ଷ୍ମୀ ନାରାୟଣ ପୁରୋହିତ, ପଦାର୍ଥ ଜଗଦଲା, ସୁରୁ ପଧାନ, ନାରାୟଣ ଜଗଦଲା ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ।

## ଦୁର୍ଗାମାଧବ ମନ୍ଦିର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ

ବୀରମହାରାଜପୁର,୧୬।୧୧(ଯୁଗଳ କିଶୋର ମିଶ୍ର)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟ ଭଙ୍ଗାମୁଣ୍ଡା ମଠରେ ନବନିର୍ମିତ ଦୁର୍ଗା ମାଧବ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ରବିବାର ଅପରାହ୍ନ ୪ଟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମଠାଧୀଶ ହରେକୃଷ୍ଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରତିଷ୍ଠା କାର୍ଯ୍ୟକ୍ରମ ନୀତି ନିର୍ଦ୍ଧାରଣ କରାଯାଇଥିଲା। ଆସନ୍ତା ଫେବୃୟାରୀ ୧ରେ ଅଙ୍କୁରାରୋପଣ, ୨ରେ କଳସ ଶୋଭାଯାତ୍ରା, ୩ରେ ତୁଳସୀ ରାମାୟଣ ପାରାୟଣ ଅନୁଷ୍ଠିତ ହେବ। ବିଶିଷ୍ଟ ପୁରାଣ ଗାୟକ ତରଣୀ ତ୍ରିପାଠୀ ପୁରାଣ ପାଠ କରିବେ। ୪ତାରିଖ ଛପନ ପ୍ରହର ନାମଯଜ୍ଞ ସହିତ ଏକ ଧନୁଯାତ୍ରା ଅନୁଷ୍ଠିତ ହେବ। ୧୧ତାରିଖରେ ପୂର୍ଣ୍ଣାହୁତି ହେବ ବୋଲି ଦିନ ଧାର୍ଯ୍ୟ କରାଯାଇଛି। ଏହି ପ୍ରତିଷ୍ଠା ଉତ୍ସବରେ ଜନପ୍ରତିନିଧି, ବିଭିନ୍ନ ରାଜନୈତିକ ଦଳ କର୍ମକର୍ତ୍ତା, ଉପଖଣ୍ଡ ଓ ବ୍ଲକସ୍ତରୀୟ ଅଧିକାରୀଙ୍କୁ ନିମନ୍ତ୍ରଣ କରିବା ସହିତ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ବୈଠକରେ ସାଫି ମେହେର, ମହାଦେବ ନାଏକ, ଉମେଶ ପ୍ରଧାନ, ଶିବ ମେହେର, ପ୍ରଦ୍ୟୁମ୍ନ କୁମାର କର୍ମୀ, ଉଦ୍ଧବ ମେହେର,ସଞ୍ଜିବ କୁମାର ସାହୁ, ବାବା ଅଚ୍ୟୁତାନନ୍ଦ ଦାସ, ସଞ୍ଜିବ କୁମାର ପ୍ରଧାନ, ହୃଷୀକେଶ ରଥ, ଯୁଗଳ କିଶୋର ମିଶ୍ର, ହିମାଂଶୁ ଶେଖର ପଣ୍ଡା, ତ୍ରିପୁରାରୀ ମଲ୍ଲିକ, ବୈଶାଖୁ ମହାକୁଡ଼ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

## ବ୍ଲକସ୍ତରୀୟ କଳାକାର ସମାବେଶ, ସମ୍ବର୍ଦ୍ଧନା ପର୍ବ

ପଲସାଗୋରା,୧୬।୧୧(ଅଶ୍ୱିନୀ କୁମାର ନନ୍ଦ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଖଟଖଟିଆ ଗ୍ରାମସ୍ଥିତ ବାବା ଗୁପ୍ତେଶ୍ୱର ମନ୍ଦିର ପରିସରରେ ରବିବାର ବୌଦ୍ଧ ଜିଲା ଧାର୍ମିକ ଓ ସାଂସ୍କୃତିକ ମହାସଂଘ ଆନୁକୂଲ୍ୟରେ କଣ୍ଟାମାଳ ବ୍ଲକସ୍ତରୀୟ କଳାକାର ସମାବେଶ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ରମେଶ ପ୍ରସାଦ ମେହେର ସଭାପତିତ୍ୱ କରିଥିଲେ। ସମାବେଶରେ ସାମାଜିକ କର୍ମୀ ରଘୁନାଥ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କ ଏକତା ଉପରେ ଆଲୋକପାତ କରିଥିଲେ। ସାମାଜିକ କର୍ମୀ ସୂର୍ଯ୍ୟ ନାରାୟଣ ପାଢ଼ୀ, ଗଣେଶ୍ୱର ବଡ଼ିଆ, ଶିବ କମ୍ପ, ପୂର୍ଣ୍ଣଚନ୍ଦ୍ର କଠାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ କଳାକାରମାନେ ଖଟଖଟିଆ ବସଷ୍ଟାଣ୍ଡରୁ ଏକ ବିଶାଳ ଶୋଭାଯାତ୍ରା କରିଥିଲେ। ପରେ ବ୍ଲକସ୍ତରୀୟ ଏକ ପୂର୍ଣ୍ଣାଙ୍ଗ କମିଟି ଚୟନ ହୋଇଥିଲା। ଏଥିରେ ବାମଦେବ ମହାନ୍ତି ସଭାପତି ଏବଂ ଜଗନ୍ନାଥ ରାଜହଂସ, ବିଘ୍ନରାଜ ନାୟକ, ବ୍ୟାସଦେବ ମଲ୍ଲିକ, ରମେଶ ମଲ୍ଲିକ, ପରମେଶ୍ୱର ମଲ୍ଲିକ, ଖରଣା ପାତ୍ର, କମଳିନୀ କର୍ଣ୍ଣ, ନମିତା ଝାଙ୍କର ସଦସ୍ୟ ଭାବେ ଚୟନ ହୋଇଥିଲେ। ଏହାସହିତ ପଞ୍ଚାୟତ କମିଟି ମଧ୍ୟ ଗଠନ କରାଯାଇଥିଲା। ମହାସଂଘକୁ ସୁଦୃଢ କରିବା ପାଇଁ ସମସ୍ତ କଳାକାର ଶପଥ ନେଇଥିଲେ। ସମ୍ପାଦକ ଅରୁଣ ମେଣ୍ଡିଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାକାର୍ଯ୍ୟକୁ କଣ୍ଟାମାଳ ବ୍ଲକ ସଭାପତି ବାମଦେବ ମହାନ୍ତି ପରିଚାଳନା କରିଥିଲେ। ଜିଲା ସଂଯୋଜକ ସୁରେନ୍ଦ୍ର କର୍ଣ୍ଣ ସଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଞ୍ଜୁଧର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ କଳାକାରଗଣ।

## ଖବର ପ୍ରକାଶନ ପୂର୍ବରୁ ସତ୍ୟତା ପରଖିବା ଉଚିତ

### ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ସୋନପୁର,୧୬।୧୧(ମୃତ୍ୟୁଞ୍ଜୟ ଶତପଥୀ)

ପ୍ରେସ କାଉନସିଲ ଅଫ୍ ଇଣ୍ଡିଆର ପ୍ରତିଷ୍ଠା ଦିବସ ଅବସରରେ ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ରବିବାର ପାଳିତ ହୋଇଯାଇଛି। ଚଳିତ ବର୍ଷର ଆଲୋଚ୍ୟ ପ୍ରସଙ୍ଗ ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷିରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି ଆଲୋଚନା ସଭାରେ ଜିଲା ସାମ୍ବାଦିକ ସଂଘ ସଭାପତି ଗୋରେଖନାଥ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ କହିଥିଲେ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମ ସବୁବେଳେ ଦେଶ ଓ ସମାଜ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରିଆସୁଛି। ସତ୍ୟର ସନ୍ଧାନ, ନିରପେକ୍ଷ ଖବର ପ୍ରସାରଣ ଓ ଜନମତ ଗଠନ ହେଉଛି ଏହାର ମୂଳ ଲକ୍ଷ୍ୟ। କିନ୍ତୁ ତଥ୍ୟ ଓ ପ୍ରଯୁକ୍ତି ଯୁଗରେ ଆଜିର ଗଣମାଧ୍ୟମ ଯେଉଁ ଆହ୍ୱାନର ସମ୍ମୁଖୀନ ହେଉଛି, ତାହା ହେଲା ଭ୍ରମାତ୍ମକ ଖବର ବା ଫେକ୍ ନ୍ୟୁଜ୍‌ର ବିପଜ୍ଜନକ ପ୍ରସାର। ତେଣୁ ଖବର ପ୍ରକାଶନ ଅବା ପ୍ରସାରଣ ପୂର୍ବରୁ ସତ୍ୟ କି ମିଥ୍ୟା ତାହା ପରଖିବା ଉଚିତ ବୋଲି ପ୍ରଧାନ ପରାମର୍ଶ ଦେଇଥିଲେ।

ମୁଖ୍ୟବକ୍ତାଭାବେ ବରିଷ୍ଠ ଖବରଦାତା ମନୋରଞ୍ଜନ ଯୋଶୀ ଯୋଗଦେଇ କହିଥିଲେ ଆଜିର ଯୁଗ ହେଉଛି ତଥ୍ୟ ବିସ୍ଫୋରଣର ଯୁଗ। ସାମାଜିକ ଗଣମାଧ୍ୟମ ଆସିବା ପରେ ଭ୍ରମାତ୍ମକ ଖବର ପ୍ରସାରଣ ଆହୁରି ବିସ୍ତାରିତ ହୋଇଛି। ତୁରନ୍ତ ଖବର ଦେବା ଓ ପ୍ରଥମେ ପ୍ରସାରଣ କରିବାର ଦୌଡ ଯୋଗୁ ସତ୍ୟତା ପରଖିବା ଉପେକ୍ଷିତ ହୋଇପଡୁଛି। ଫଳରେ ଭ୍ରମାତ୍ମକ ଖବର ଲୋକମାନଙ୍କର ମନୋଭାବ ଓ ବିଶ୍ୱାସକୁ ହାନି ପହଞ୍ଚାଉଛି ବୋଲି ମତଦେଇଥିଲେ। ଜିଲା ସାମ୍ବାଦିକ ସଂଘ ସଭାପତି ସାହୁ କହିଥିଲେ ସତ୍ୟ କେବେ ଲୁଚିଯାଏ ନାହିଁ। ତେଣୁ ଖବରଦାତାମାନେ ଅନୁସନ୍ଧାନ ଧର୍ମୀ ଓ ବାସ୍ତବ ଖବର ପରିବେଷଣ କରିବାକୁ ପରାମର୍ଶ ଦେଇଥିଲେ। ଭାରପ୍ରାପ୍ତ ଡିଆଇପିଆରଓ ଅର୍ଜୁନ ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲା ସାମ୍ବାଦିକ ସଂଘ ସମ୍ପାଦକ ବ୍ୟୋମକେଶ ଦାଶ, ଉପସଭାପତି ପର୍ଶୁରାମ ମିଶ୍ର ଯୋଗଦାନ କରି ଜାତୀୟ ପ୍ରେସ ଦିବସ ପାଳନ ସମ୍ପର୍କରେ ଆଲୋଚନା କରିଥିଲେ। ଗଣମାଧ୍ୟମର ପ୍ରତିନିଧି ବେଣୁଧର ପ୍ରଧାନ, ସ୍ୱାଧୀନ କୁମାର ମେହେର, ମୃତ୍ୟୁଞ୍ଜୟ ଶତପଥୀ, ନବ ମିଶ୍ର, ଦିଲୀପ ପାତ୍ର, ରବିନ୍ଦ୍ର ହୋତା, ଶେଷଦେବ ବାରିକ, ସତ୍ୟବାନ ପୁରୋହିତ, ମନୋରଞ୍ଜନ ତ୍ରିପାଠୀ, ସନ୍ତୋଷ ମିଶ୍ର, ପିତାମ୍ବର ମହାପାତ୍ର, ନିଳକମଳ ମିଶ୍ର ଓ ଦୀନବନ୍ଧୁ ସୁନା ପ୍ରମୁଖ ଯୋଗଦେଇ ଗଣମାଧ୍ୟମର ପରିବର୍ତ୍ତନୀଳ ସ୍ୱରୂପ ବିଷୟରେ ଆଲୋଚନା କରିଥିଲେ। ରାମ ଶଙ୍କର ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ।



ପ୍ରେସ୍ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

# ଭ୍ରାମାତ୍ମକ ଖବର ପରିବେଷଣ ପ୍ରତି ସଜାଗ ହୁଅନ୍ତୁ ଖବରଦାତା

## ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ସୁନ୍ଦରଗଡ଼,୧୬ା୧୧(ଜୟ ନାରାୟଣ ମେଣ୍ଡୁଳି)

ଜିଲା ପ୍ରଶାସନ ଓ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରବିବାର ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଇଛି। ଜାତୀୟ ପ୍ରେସ୍ ଦିବସର ଚଳିତ ବର୍ଷର ବିଷୟଥିଲା ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱାସନୀୟତାର ସଂରକ୍ଷଣ। ସ୍ଥାନୀୟ ଜିଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଦର ବିଧାୟକ ଯୋଗେଶ କୁମାର ସିଂହ, ସୁନ୍ଦରଗଡ଼ ପୌର ପରିଷଦର ଅଧ୍ୟକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲାପାଳ ସୂରଜ କୁମାର ପଟ୍ଟନାୟକ, ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର, ଜିଲା କ୍ରୀଡା ସଂସଦର ସମ୍ପାଦକ ପ୍ରଭାତ ମୁକର ଭୋଳ, ପ୍ରେସ୍ କ୍ଲବର କାର୍ଯ୍ୟକାରୀ ସଭାପତି ଏମଡି ସବୀର, ବରିଷ୍ଠ ଖବରଦାତା ଦେବବ୍ରତ ଜେନା, ପ୍ରେସ୍ କ୍ଲବର ସାଧାରଣ ସମ୍ପାଦକ ଦେବାଶିଷ କବି ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅଧ୍ୟାପିକା ସୁସ୍ମିତା ଭୋଇ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସମ୍ବାଦପତ୍ରର ଇତିହାସ ଉପରେ ଆଲୋଚନା କରିବା ସହିତ ଇଂରେଜ ଶାସନ ବିରୋଧରେ ସମ୍ବାଦ ପତ୍ର ଏବଂ ସାମ୍ବାଦିକଙ୍କ ଐତିହାସିକ ଲେଖନୀ ଉପରେ ମଧ୍ୟ ନିଜ ବକ୍ତବ୍ୟ ରଖିଥିଲେ। ସେ କହିଥିଲେ, ଭ୍ରମାତ୍ମକ ଖବର ପରିବେଷଣ ପ୍ରତି ଖବରଦାତାମାନେ ସର୍ବଦା ସଜାଗ ରହିବା ଆବଶ୍ୟକ। ସତ୍ୟର ସନ୍ଧାନ କରି ତ୍ରୁଟି ବିହୀନ ଖବର ପରିବେଷଣ ଉପରେ ନିଜ ଅଭିଭାଷଣ ମାଧ୍ୟମରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ପୌରଧ୍ୟକ୍ଷା ତନୟା ମିଶ୍ର ନିଜ ଅଭିଭାଷଣରେ କହିଥିଲେ "ଆମେ ଗଣମାଧ୍ୟମ ପ୍ରତିନିଧିଙ୍କ ଦିନରାତି ଅକ୍ଳାନ୍ତ ପରିଶ୍ରମ ଯୋଗୁ ହିଁ ନିଜ ଅଞ୍ଚଳ ତଥା ଦେଶ ବିଦେଶର ସୂଚନା ଓ ଖବର ପାଇ ପାରିଥାଉ। ଏକ ସୁସ୍ଥ ସମାଜ ପ୍ରତି ସମ୍ବାଦପତ୍ର ଏବଂ ଖବରଦାତାମାନଙ୍କର ବଳିଷ୍ଠ ଅବଦାନ ରହିଛି।

କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ସଦର ବିଧାୟକ ସିଂହ ଏହି ଅବସରରେ ନିଜ ବକ୍ତବ୍ୟ ରଖି କହିଥିଲେ, ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ, ଖବର ପ୍ରସାରଣ ମାଧ୍ୟମରେ ସମାଜର ବିଭିନ୍ନ କ୍ଷେତ୍ରରେ ଥିବା ଅସୁବିଧା ଗୁଡ଼ିକ ଲୋକଲୋଚନକୁ ଆଣିଥାନ୍ତି। ନିଷ୍ପାପର ଭାବେ କାର୍ଯ୍ୟ କରି ସମାଜକୁ ଠିକ ଦିଗ ମଧ୍ୟ ପ୍ରଦର୍ଶିତ କରିଥାନ୍ତି। ଏହି ଜିଲା ସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନରେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ଏବଂ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଦେବ ନନ୍ଦ ଓ ପ୍ରିୟଙ୍କା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଣମାଧ୍ୟମ ପ୍ରତିନିଧି, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ଅଭିଭାବକ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ ସମାରୋହରେ ଉପସ୍ଥିତ ଅତିଥିମାନେ।

# ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ

ଲକ୍ଷ୍ମୀପଡ଼ା,୧୬ା୧୧(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲକ୍ଷ୍ମୀପଡ଼ା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ବାଇପାସଠାରେ ହୋ ସମାଜ ସୁଧାର ଆକାଳା ପକ୍ଷରୁ ଶନିବାର ବୀର ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମ ବାର୍ଷିକ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥି ଜଗବନ୍ଧୁ କିଷାନ, ଏଦୁଆ ଓରାମ, ଗୁଣ୍ଡୁରା ଓରାମ ଯୋଗଦେଇଥିଲେ। ଗୋବିନ୍ଦ ଚନ୍ଦ୍ର ଜାରିକା ଅଧ୍ୟକ୍ଷତା କରିଥିଲେ। କୁନି ମୁଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶାଗର ସିଂ ହେମ୍ବ୍ରମ ମଞ୍ଚ ପରିଚାଳନା କରିଥିଲେ। ଆଦିବାସୀ ପାରମ୍ପରିକ ବାଦ୍ୟ ନୃତ୍ୟର ତାଳେ ତାଳେ ଅତିଥିଙ୍କୁ ମଞ୍ଚକୁ ପାଛୋଟି ନିଆଯାଇଥିଲା। ପ୍ରାରମ୍ଭରେ ବଡ ପୁରୁଣାପାଣି ଗ୍ରାମର ଦିଉରୀ କୁସୁରୁ ସାମାଡ଼ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରିଥିଲେ। ଅତିଥିଙ୍କ ସହିତ ସମସ୍ତ ଜନ ସାଧାରଣ ବୀର ବିର୍ସା ମୁଣ୍ଡାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଆଜିର ଯୁବ ସମାଜ ବିର୍ସା ମୁଣ୍ଡାଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ନିଜ ମାଟି ମା ଓ ଜଳ ଜଙ୍ଗଲ ସୁରକ୍ଷା ପାଇଁ ଧ୍ୟାନ ଦେବା ଆବଶ୍ୟକ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ସୁଧାର ଆକାଳାର ବିଦଗ୍ଧ ସମାଜସେବୀଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମରଣ କରାଯାଇଥିଲା। ସଭା ଶେଷରେ ଦାମୋଦର ସାମାଡ଼ ଧନ୍ୟବାଦ ଅର୍ପଣ କରିଥିଲେ। ସୁଧାର ଆକାଳାର ଯମୁନା ଗାଗରାଇ, ନାଦି କେରାଇ, ବାଶେଶ୍ୱର ସାମାଡ଼, ଲକ୍ଷ୍ମଣ ତିଉ, ସିଂରାୟ ଗାଗରାଇ, ଲୟୋଦର ସଏ, ନରେଶ ହେମ୍ବ୍ରମ, ପିରୁ ଗାଗରାଇ, ଆନୁଆ ଓରାମ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଏଥିରେ ବଣେଇ ଉପଖଣ୍ଡର ପ୍ରାୟ ୪୦ ଟି ଗ୍ରାମରୁ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଲୋକେ ଯୋଗ ଦେଇଥିବା ଜଣାପଡ଼ିଛି। ଶେଷରେ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା।

# ଯୁବକଙ୍କ ମୃତଦେହ ଜବତ

## ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ବନ୍ଧମୁଣ୍ଡା,୧୬ା୧୧(ସୁବ୍ରତ ଦେ)

ବନ୍ଧମୁଣ୍ଡା ଥାନା ଅଧୀନ କପାଟମୁଣ୍ଡା ପଞ୍ଚାୟତ ବାରାବାକୁ ଗାଁର ରାସ୍ତା କଡ଼ରୁ ଶନିବାର ସନ୍ଧ୍ୟା ପ୍ରାୟ ୫ଟାରେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଥିଲା। ମୃତକ ହେଲେ କପାଟମୁଣ୍ଡା ଗାଁର ଆକାଶ ଟପ୍ପୋ (୨୩)। ପରିବାର ଲୋକଙ୍କ ଅଭିଯୋଗକୁ ଭିତ୍ତି କରି ବନ୍ଧମୁଣ୍ଡା ପୋଲିସ ଏକ ହତ୍ୟା ମାମଲା ରଜୁ କରିବା ସହ ୨ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମୃତ ଆକାଶଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ଶନିବାର ଅପରାହ୍ନ ପ୍ରାୟ ୨ଟାରେ ୨ ଜଣ ଯୁବକ ଆସି ଆକାଶଙ୍କୁ ବାଇକରେ ବସାଇ କେଉଁ ଆଡେ ନେଇଯାଇଥିଲେ। ପରେ ସନ୍ଧ୍ୟାରେ ବାରାବାକୁ ଗାଁ ରାସ୍ତା କଡରେ ତାଙ୍କ ମୃତଦେହ ପଡ଼ିଥିଲା। ସ୍ଥାନୀୟ ଗ୍ରାମବାସୀ ମୃତଦେହ ଦେଖି ବନ୍ଧମୁଣ୍ଡା ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ।

# ବଡ଼ଗାଁ ଡିଗ୍ରୀ କଲେଜରେ ସଚେତନତା ସଭା



ଜଣେ କୃତୀ ଛାତ୍ରଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ବଡ଼ଗାଁ,୧୬ା୧୧(ଅଶୋକ ଷଡଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁସ୍ଥିତ ଡିଗ୍ରୀ କଲେଜରେ ଶନିବାର କଲେଜ ଅଧ୍ୟକ୍ଷ ହେମନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ୨ଟି ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ବଡ଼ଗାଁ ଥାନା ପକ୍ଷରୁ ସାଇବର ସଚେତନତା ସଭା ହୋଇଥିଲା। ଏଥିରେ ଥାନା ଅଧିକାରୀ ବାଲୁକେଶ୍ୱର ନାଏକ ଅତିଥିଭାବେ ଯୋଗଦେଇ ସାଇବର କ୍ରାଇମ କ'ଣ ଓ ଏହାର ନିରାକରଣ ଉପରେ ବୁଝାଇଥିଲେ। ଅଧ୍ୟକ୍ଷ ପଣ୍ଡା ସାଇବର କ୍ରାଇମର ଭୟାବହତା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ଆତ୍ମନିର୍ଭର ଭାରତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଆଇଆଇସି ବାଲୁକେଶ୍ୱର ନାଏକ ମୁଖ୍ୟ ଅତିଥି ଓ ନର୍ସ କଲେଜର ଡାଇରେକ୍ଟର ଡକ୍ଟର ଅରୁଣ କୁମାର ନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇଥିଲେ। ଆଇଆଇସି ନାଏକ ଆତ୍ମନିର୍ଭର ଭାରତ ପରିପ୍ରେକ୍ଷୀରେ ବିକାଶଶୀଳ ଭାରତର ମୂଲ୍ୟାୟନ କରିଥିଲାବେଳେ ଡକ୍ଟର ନାୟକ ଦୃଢ଼ ମନୋବଳ ଓ କର୍ତ୍ତବ୍ୟନିଷ୍ଠ ହୋଇପାରିଲେ ଆତ୍ମନିର୍ଭର ଭାରତ ହୋଇପାରିବ ବୋଲି କହିଥିଲେ। କାର୍ଯ୍ୟକ୍ରମକୁ ସାଂସ୍କୃତିକ ବିଭାଗର ସମ୍ପାଦିକା ମାଳବିକା ସାମଲ ପରିଚାଳନା କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା,ଅଧ୍ୟାପକ, କର୍ମଚାରୀ ବିଭିନ୍ନ କାର୍ଯ୍ୟ ତୁଲାଇଥିଲା ବେଳେ ଅଧ୍ୟାପକ ସୁଶାନ୍ତ କୁମାର ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

# ଲାଞ୍ଜିଗଡ଼ର ୨ ମହିଳା ଓଡ଼ିଶାର ଶ୍ରେଷ୍ଠ ଚାଷୀ

ଲାଞ୍ଜିଗଡ଼,୧୬ା୧୧(ରମେଶଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକର ୨ମହିଳା ଓଡ଼ିଶାର ଶ୍ରେଷ୍ଠ ଚାଷୀ ଭାବେ ସମ୍ମାନିତ ହୋଇଛନ୍ତି। ସେହି ୨ ମହିଳା ଚାଷୀ ହେଲେ ଲାଞ୍ଜିଗଡ଼ ବ୍ଲକ ଅନ୍ତର୍ଗତ ଲାଖବାହିଲି ପଞ୍ଚାୟତ ଡାଲବୋରା ଗ୍ରାମର ସାଇବେନି ମାଝୀ ଓ ବେନଗାଁ ପଞ୍ଚାୟତ ପଟ୍ଟପଦା ଗାଁର ବାସନ୍ତୀ ହରିଜନ। ଉଭୟ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ମାଣ୍ଡିଆ ଦିବସ ଅବସରରେ ଓଡ଼ିଶାର ଶ୍ରେଷ୍ଠ ଚାଷୀ ଭାବେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝି ଓ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି।

ସୂଚନା ଅନୁସାରେ ସାଇବେନି ଜୈବିକ ଓ ଆଧୁନିକ ପଦ୍ଧତି ଦ୍ୱାରା ମାଣ୍ଡିଆ ଚାଷରେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ସେ ୨ ହେକ୍ଟର ଜମିରୁ ହାରାହାରି ୩୧ କୁଇଣ୍ଟାଲ ମାଣ୍ଡିଆ ଉତ୍ପାଦନ କରିଥିଲେ। ସେ ଏମ୍‌ଏସ୍‌ପି ଦରରେ ମଣ୍ଡିରେ ବିକ୍ରି କରିଥିଲେ। ଅବଶିଷ୍ଟ ବିହନ ସେ ଏଫପିଓ ଆପଲଲ ଲାଞ୍ଜିଗଡ଼କୁ ଯୋଗାଇଥିଲେ। ୧.୫ କୁଇଣ୍ଟାଲ ବିହନ ବ୍ୟାଙ୍କ ପାଇଁ ସଂରକ୍ଷଣ କରିଥିଲେ। ମାଣ୍ଡିଆ ସହିତ ସେ କୋସଲା, ବାଜରା, କାଙ୍ଗୁ, କୋଦୋ ଓ ଖେଡଜନା ଭଳି ବିଭିନ୍ନ କ୍ଷୁଦ୍ରଶସ୍ୟ ଚାଷ କରି ଅତିରିକ୍ତ ଆୟ ସୃଷ୍ଟି କରିଥିଲେ। ନିଜ ସମ୍ପ୍ରଦାୟର ଆର୍ଥିକ ସଶକ୍ତିକରଣରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କ ସଫଳତାରେ କଳାହାଣ୍ଡି ସ୍ୱେଚ୍ଛାସେବୀ ସଂସ୍ଥା ଜନସାହାଯ୍ୟର ତାଲିମ ଓ ପ୍ରେରଣା ରହିଛି। ତାଙ୍କର ଏହି ଉଲ୍ଲେଖନୀୟ କାମ ପାଇଁ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ତାଙ୍କୁ ଶ୍ରେଷ୍ଠ କ୍ଷୁଦ୍ରଶସ୍ୟ ଚାଷୀ ପୁରସ୍କାରରେ ସମ୍ମାନିତ କରିଛନ୍ତି। ସେହିପରି ବାସନ୍ତୀ ହରିଜନ ଦେଶୀ ବିହନ ସଂରକ୍ଷଣ ଓ ପାରମ୍ପରିକ ଫସଲ ଚାଷରେ ଅଗ୍ରଗାମୀ ଭୂମିକା ଗ୍ରହଣ କରିଛନ୍ତି। ସେ ୫.୨୦ ଏକର ଜମିରେ ମାଣ୍ଡିଆ, ୧ଏକରରେ କୋସଲା ଏବଂ ୨ଏକରରେ ଅନ୍ୟାନ୍ୟ କ୍ଷୁଦ୍ରଶସ୍ୟ ଚାଷ କରୁଛନ୍ତି। ସେହିପରି ୬ ଏକର ଅଞ୍ଚଳରେ ପନିପରିବା, ଡାଲି, ତୈଳବୀଜ, ମସଲା ଓ ବିଭିନ୍ନ ପ୍ରଜାତିର ଦେଶୀ ଧାନ (ବାସ୍ନା ଧାନ) ଚାଷ କରିଛନ୍ତି। ତାଙ୍କ ସଂଗୃହିତ ଦେଶୀ ବିହନ ଅନ୍ୟାନ୍ୟ ଚାଷୀଙ୍କୁ ଉପଲବ୍ଧ ହୋଇ ଅଞ୍ଚଳରେ ବିହନ ସଂରକ୍ଷଣ ଓ ପ୍ରଚାରରେ ସହାୟକ ହେଉଛି। ସ୍ଥାୟୀ କୃଷି ଓ ଜୈବ ବିବିଧତା ପ୍ରତି ତାଙ୍କ ଅନୁରାଗ ତାଙ୍କୁ ସଂଗ୍ରହିତ ବିହନ ରାଣୀ ଭାବେ ପରିଚିତ କରିଛି। ତାଙ୍କ ଏହିଅବଦାନ ପାଇଁ ରାଜ୍ୟପାଳ ତାଙ୍କୁ ପାରମ୍ପରିକ ଫସଲ ସଂରକ୍ଷଣରେ ଶ୍ରେଷ୍ଠ ଚାଷୀ ଭାବରେ ସମ୍ମାନିତ କରିଛନ୍ତି। ଏହି ସମାରୋହରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ପ୍ରଭାତୀ ପରିଡା, ଜନସାହାଯ୍ୟ ସଂସ୍ଥାର ସମ୍ପାଦିକା ଅନ୍ୱେଷିତା ସାମଲ, ପ୍ରକଳ୍ପ ପରିଚାଳକ ପୁର୍ଣ୍ଣେନ୍ଦୁ ପଣ୍ଡା, ଉପପ୍ରକଳ୍ପ ପରିଚାଳକ ସୁବାସ ନାଏକଙ୍କ ସହିତ ଜିଲା ଓ ବ୍ଲକ ଅଧିକାରୀ ଉପସ୍ଥିତ ଥିଲେ। ସମସ୍ତେ ଉଭୟ ଚାଷୀଙ୍କୁ ଅଭିନନ୍ଦନ ଜଣାଇ ତାଙ୍କର ଆଗାମୀ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସଫଳତା କଳାହାଣ୍ଡି ଜିଲାରେ ମହିଳା ଚାଷୀଙ୍କ ଉଦ୍ୟମ, ସ୍ୱାଭିମାନ ଓ ସ୍ୱାବଲମ୍ବନର ଗର୍ବନୀୟ ଦୃଷ୍ଟାନ୍ତ ସୃଷ୍ଟି କରିଛି। ଏହା ରାଜ୍ୟରେ ସ୍ଥାୟୀ କୃଷି ଓ ମିଲେଟ ଆନ୍ଦୋଳନକୁ ନୂତନ ଦିଗ ଦେଇଛି।


ଲାଞ୍ଜିଗଡ଼ ବ୍ଲକର ୨ମହିଳା ଚାଷୀ।

# ସିଆରପିଏଫ୍ ଯବାନଙ୍କୁ ଆକ୍ରମଣ

ରାଉରକେଲା, ୧୬ା୧୧(ସଙ୍ଗୀତା ଜେନା)

ରାଉରକେଲା ରେଲୱେ ଷ୍ଟେଶନରେ ଶନିବାର ବିଳମ୍ବିତ ରାତିରେ ସିଆରପିଏଫ୍ ଯବାନ ମୋହିତ ଅଜୟଙ୍କୁ ଜଣେ ଫୁଡ୍ ଭେଣ୍ଡର ଆକ୍ରମଣ କରିଥିବା ସୂଚନା ମିଳିଛି। ଏ ନେଇ ଉକ୍ତ ସିଆରପିଏଫ୍ ଯବାନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଜିଆରପି ପୋଲିସ ଏକ ମାମଲା (ନଂ.୧୪୪/୨୫) ରୁଜୁ କରି ତଦନ୍ତ କରୁଛି।

# ବିନା ସରକାରୀ ନିର୍ଦ୍ଦେଶରେ ସ୍କୁଲ ସମୟ ପରିବର୍ତ୍ତନ

ଲାଠୋର,୧୬ା୧୧
(ଭୁବନେଶ୍ୱର ବାରିକ)

ସାରା ରାଜ୍ୟରେ ଶିକ୍ଷା ବିଭାଗ ପାଇଁ ଗୋଟିଏ ନିୟମ ରହିଥିବା ବେଳେ ବଲାଙ୍ଗିର ଜିଲା ଖପ୍ରାଖୋଲ ବ୍ଲକ ଜାମଗୁଆଁ କ୍ଲଷ୍ଟର ଅଞ୍ଚଳର ତିନୋଟି ବିଦ୍ୟାଳୟ ଶନିବାର ସକାଳେ ବନ୍ଦ ରହିଥିବା ଦେଖା ଯାଇଥିଲା। ସରକାରୀ ନିୟମ ଅନୁଯାୟୀ, ଶନିବାର ଦିନ ବିଦ୍ୟାଳୟରେ ସକାଳୁଆ ପାଠ ପଢା ହେବା କଥା। ହେଲେ ଜାମଗୁଆଁ କ୍ଲଷ୍ଟର ଅଧୀନ ମାଲପଡ଼ା, କହେଇଛାପର ଏବଂ ବାଦିମାଲ ସରକାରୀ ସ୍କୁଲରେ କୌଣସି ସରକାରୀ ନିର୍ଦ୍ଦେଶ ନ ଥାଇ ସକାଳ ବେଳା ସ୍କୁଲ ବନ୍ଦ ଥିବା ଦେଖିବାକୁ ମିଳିଥିଲା। ଫଳରେ କେତେଜଣ ଛାତ୍ରୀଛାତ୍ର ସକାଳେ ସ୍କୁଲ ଆସି ଗେଟରେ ତାଲା ପଡ଼ିଥିବା ଦେଖି ଘରକୁ ଫେରି ଯାଇଥିଲେ। ଏଥିରେ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଏହି ସ୍କୁଲଗୁଡିକରେ ପୂର୍ବାହ୍ନ ୧୦ଟାରୁ ସ୍କୁଲ ଖୋଲାଯାଇ ପାଠ ପଢା ଯାଇଥିଲା। କିନ୍ତୁ ଏପରି ମନମାନୀ ପାଇଁ କିଏ ଦାୟୀ ତାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଜାମଗୁଆଁ କ୍ଲଷ୍ଟର ସିଆରସିସି ସତ୍ୟବ୍ରତ ବେହେରାଙ୍କୁ ପଚାରିବାରେ ଉକ୍ତ କ୍ଲଷ୍ଟରର ଅନ୍ୟ ସ୍କୁଲଗୁଡିକ ଶନିବାର ସକାଳେ ଖୋଲିଥିବା ବେଳେ ସଂପୃକ୍ତ ୩ ସ୍କୁଲରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ସକାଳ ସ୍କୁଲ ବନ୍ଦ ରଖିବା ପାଇଁ କୌଣସି ପ୍ରକାର ନିର୍ଦ୍ଦେଶ ଦିଆଯାଇ ନଥିଲା ବୋଲି ସେ କହିଥିଲେ।

# ମିଳିଲାନି ଆମ୍ବୁଲାନ୍ସ, ବାଇକ୍‌ରେ ଆଣିଲେ ଡାକ୍ତରଖାନା

## ଚିକିତ୍ସାଧୀନ ଅବସ୍ଥାରେ ଗୁରୁତର ସାଇକେଲ ଚାଳକଙ୍କ ମୃତ୍ୟୁ

ଲାଞ୍ଜିଗଡ଼,୧୬ା୧୧
(ରମେଶଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ବିଶ୍ୱନାଥପୁର ଥାନା ଅନ୍ତର୍ଗତ ବିଜେପୁର-ବିଶ୍ୱନାଥପୁର ମୁଖ୍ୟ ରାସ୍ତାର ଖଲୁରଗୁଡା ଗାଁ ମାଣ୍ଡିଆ ରୁଡା ନିକଟରେ ଜଣେ ସାଇକେଲ ଆରୋହୀ ମୁଖ୍ୟ ରାସ୍ତାରେ ପଡ଼ିଯାଇ ଗୁରୁତର ହୋଇଥିଲେ। ହେଲେ ତାଙ୍କୁ ଡାକ୍ତରଖାନା ଆଣିବାକୁ ମିଳି ନ ଥିଲା ଆମ୍ବୁଲାନ୍ସ। ଫଳରେ ୬କିମି ଦୂର ବାଇକରେ ଆଣି ବିଶ୍ୱନାଥପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା ଚାଲିଥିବାବେଳେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତଙ୍କ ମାଝୀ (୩୫)। ତାଙ୍କ ଘର ଲାଞ୍ଜିଗଡ ବ୍ଲକ କୁମାଖଲ ପଞ୍ଚାୟତ ଟିମନବାଡ଼ି ଗାଁ। ସେ ନିଜ ସାଇକେଲରେ ଗାଁଠାରୁ ମଧ୍ୟାହ୍ନ ୧୨ଟା ୩୦ରେ ବିଶ୍ୱନାଥପୁର -ବିଜେପୁର ମୁଖ୍ୟ ରାସ୍ତା ଦେଇ ଲୁମା ଗାଁ ଛକକୁ ଯାଉଥିବାବେଳେ ମାଣ୍ଡିଆରୁଡା ନିକଟରେ ସାଇକେଲରୁ ମୁଖ୍ୟରାସ୍ତାରେ ପଡ଼ିଯାଇଥିଲେ। ଫଳରେ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିଲା। ଖବରପାଇ ସ୍ତ୍ରୀ ସୂର୍ଯ୍ୟ ମାଝୀ ଓ ତାଙ୍କ ଭାଉଜ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ସ୍ଥାନୀୟ ଯୁବକମାନେ ୧୦୮ ଓ ୧୦୨ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ମଧ୍ୟ ମିଳି ନ ଥିଲା। ଫଳରେ ସେହି ରାସ୍ତା ଦେଇ ଆସୁଥିବା ୨ଜଣ ଯୁବକ ୬ କିମି ଦୂର ବାଇକରେ ଆଣିବା ପରେ ବିଶ୍ୱନାଥପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ଚାଲିଥିବା ବେଳେ ତଙ୍କଙ୍କ ମୃତ୍ୟୁ ଘଟିଥିଲା। ଆମ୍ବୁଲାନ୍ସ ଯୋଗାଯୋଗ କରିଥିଲେ ମଧ୍ୟ ସେହି ଅଞ୍ଚଳରେ ଆମ୍ବୁଲାନ୍ସ ଉପଲବ୍ଧ ନ ଥିବା ସୂଚନା ମିଳିଥିଲା। ଫଳରେ ଚିକିତ୍ସା ଯୋଗାଇବା ବିଳମ୍ବ ଯୋଗୁ ଜଣେ ଆଦିବାସୀ ଯୁବକଙ୍କ ମୃତ୍ୟୁ ଘଟିଛି ବୋଲି ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ବରଗଡ଼କୁ ହରାଇ ବୌଦ୍ଧ ଗେହ୍ଲା ମା' ଏଫ୍‌ସି ଫାଇନାଲରେ

ଲୋଇସିଂହା,୧୬ା୧୧(ସୁଶାନ୍ତ ବାରିକ)

ବଲାଙ୍ଗିର ଜିଲା ଲୋଇସିଂହା ଷ୍ଟାଡିୟମର ପ୍ରତିଷ୍ଠା ଦିବସ ଉପଲକ୍ଷେ ଚାଲିଥିବା ରାଜ୍ୟସ୍ତରୀୟ ଲୋଇସିଂହା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ରବିବାର ବରଗଡ ଓ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧-୧ ଗୋଲରେ ଉଭୟ ଦଳ ସମାନ ସ୍କୋରରେ ରହିବାରୁ ଟ୍ରାଇବ୍ରେକରରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା। ଏଥିରେ ୧-୦ ଗୋଲରେ ବରଗଡକୁ ହରାଇ ବୌଦ୍ଧ ଗେହ୍ଲା ମା' ଏଫସି ବିଜୟୀ ହୋଇଛି। ଏ ଗ୍ରୁପରୁ ପ୍ରଥମ ଦଳ ଭାବରେ ବୌଦ୍ଧ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲ ପ୍ରଥମାର୍ଦ୍ଧରୁ ଉଭୟ ଦଳ ବହୁ ଭୋକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ହେଲେ ପ୍ରଥମାର୍ଦ୍ଧରେ କେହି କାହାକୁ ଗୋଲ ସ୍କୋର କରିବାରେ ସକ୍ଷମ ହୋଇ ପାରିନଥିଲେ। ଦ୍ୱିତୀୟାର୍ଦ୍ଧରେ ଖେଳର ୪୬ ମିନିଟ ସମୟରେ ବରଗଡ ଦଳ ଖେଳାଳି ଅମର ଖାଡ଼ିଆ ଗୋଲ ସ୍କୋର କରି ଦଳକୁ ଆଗୁଆ ରଖିଥିଲେ। ଅପରପକ୍ଷେ ଏହାର ୬ ମିନିଟ ପରେ ଅର୍ଥାତ ଖେଳର ୫୨ ମିନିଟ ସମୟରେ ବୌଦ୍ଧ ଦଳର ପ୍ରକାଶ ମହାନନ୍ଦ ଗୋଲ ସ୍କୋର କରି ଖେଳକୁ ବରାବର ସ୍ଥିତିକୁ ଆଣିଥିଲେ। ନିର୍ଦ୍ଧାରିତ ସମୟରେ ଆଉ କେହି ଗୋଲ ସ୍କୋର ନ କରିବାରୁ ଶେଷରେ ଟ୍ରାଇବ୍ରେକରର ସହାୟତା ନେଇଥିଲେ। ବୌଦ୍ଧ ଦଳର ପ୍ରକାଶ ପ୍ଲେୟାର ଅଫ ଦ ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ମ୍ୟାଚରେ ବରଗଡ ଦଳର ଅମର ପ୍ରଥମ ଗୋଲ ଦେଇଥିବାରୁ ତାଙ୍କୁ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ପକ୍ଷରୁ ୨ ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯାଇଥିଲା। ରବିବାର ହାରାପୁର ସରପଞ୍ଚ ରମାକାନ୍ତ ବିଶ୍ୱାଳ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ଖବରଦାତା ଅଭିଲାଷ ହୋତା, ଟ୍ରଷ୍ଟବୋର୍ଡର ବରିଷ୍ଠ ସଦସ୍ୟ ବିଭୁତି ଭୂଷଣ ସାହାଣୀ, ବିଜୟ ବେହେରା ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୋମବାର ଭୁବନେଶ୍ୱର ଓ ଖରସୁଆଁ ସ୍ୱପ୍ନ ଏକାଦଶ ମଧ୍ୟରେ ଖେଳାଯିବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।


ଉଭୟ ଦଳର ଖେଳାଳିଙ୍କ ସହ ଅତିଥି(ବାମ), ପୁରସ୍କାର ପାଇଥିବା ଖେଳାଳି ପ୍ରକାଶ ମହାନନ୍ଦ।

# ଆଇଜିଏଚ୍ ଘରୋଇକରଣ ହେଲେ ଆନ୍ଦୋଳନ



ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଉଛି।

ରାଉରକେଲା, ୧୬ା୧୧(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନାର ଗୋଟିଏ ପରେ ଗୋଟିଏ ୟୁନିଟ୍ ଘରୋଇ ସଂସ୍ଥା ହାତକୁ ଟେକି ଦିଆଯାଉଛି। କିଛିଦିନ ତଳେ ସେଲ୍ ତାଲଚିହି ଓ ବରସୁଆଁ ମାଇନ୍ସକୁ ଆଦାନୀକୁ ଟେକି ଦିଆଯାଇଛି। ସେହିପରି ରାଉରକେଲାରେ ଥିବା କାରଖାନା ପରିଚାଳିତ ୨ଟି ସ୍କୁଲକୁ ରବିଶଙ୍କର ଟ୍ରଷ୍ଟକୁ ଦିଆଯାଇଛି। ଆର୍‌ଏସ୍‌ପି ପରିଚାଳିତ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍) ସମେତ ସହର ସେବା, ପାନୀୟ ଜଳଯୋଗାଣ, ଜନସ୍ୱାସ୍ଥ୍ୟ ଓ ଉଦ୍ୟାନ ବିଭାଗକୁ ମଧ୍ୟ ଘରୋଇକରଣ ମସୁଧା କରାଯାଉଛି। ଏହାକୁ ରାଉରକେଲା ଶ୍ରମିକ ସଂଘ (ଆର୍‌ଏସ୍‌ଏସ୍) ତଥା ମେଣ୍ଟ ଗାଙ୍ଗପୁର ମଜଦୁର ମଞ୍ଚ (ଜିଏମ୍‌ଏମ୍) ପକ୍ଷରୁ ବିଗତ ଦିନରେ ବିରୋଧ କରାଯାଇଛି। ହେଲେ ରାଉରକେଲା ଇସ୍ପାତ କାରଖାନା ପରିଚାଳିତ ଆଇଜିଏଚ୍ ଘରୋଇକରଣ ହେଲେ ଆଗାମୀ ଦିନରେ ସହରରେ ବ୍ୟାପକ ଆନ୍ଦୋଳନ ହେବ। ସେକ୍ଟର-୧୮ ଆର୍‌ଏସ୍‌ଏସ୍ କାର୍ଯ୍ୟାଳୟରେ ଆୟୋଜିତ ଆର୍‌ଏସ୍‌ଏସ୍ ମେଣ୍ଟ ପକ୍ଷରୁ ରବିବାର ଅପରାହ୍ନ ସାଢେ ୫ଟାରେ ଆର୍‌ଏସ୍‌ଏସ୍ ସାଧାରଣ ସମ୍ପାଦକ ପ୍ରଶାନ୍ତ ବେହେରା, ଜିଏମ୍‌ଏମ୍ ଉପସଭାପତି ତଥା ବିରମିତ୍ରପୁର ବିଧାୟକ ରୋହିତ ଯୋଶେଫ୍ ତିର୍କୀଙ୍କ ନେତୃତ୍ୱରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ବେହେରା କହିଲେ, ଆଇଜିଏଚ୍ ପ୍ରସଙ୍ଗକୁ ନେଇ ବଡ଼ଧରଣର ଆନ୍ଦୋଳନ ହେବ। କାରଣ କଟକ ପରେ ଆଇଜିଏଚ୍ ଦ୍ୱିତୀୟ ବୃହତ୍ତମ ହସ୍ପିଟାଲ। ଯାହାର କ୍ଷମତା ହେଉଛି ୬୫୬ ଶଯ୍ୟା। ଏଠାକୁ କେବଳ ରାଉରକେଲା ନୁହେଁ ବରଂ ଛତିଶଗଡ଼, ଝାଡ଼ଖଣ୍ଡରୁ ହଜାର ହଜାର ରୋଗୀ ଆସୁଛନ୍ତି। ସେହିପରି ଇସ୍ପାତ କାରଖାନାରେ କର୍ମଚାରୀ ଓ ଅଧିକାରୀ ସଂଖ୍ୟା ହ୍ରାସ କରି ଆଦାନୀକୁ କାରଖାନା ବିକ୍ରି କରିବାର ଯୋଜନା ରହିଛି। କମ୍ପାନୀ କର୍ତ୍ତୃପକ୍ଷ ତୁରନ୍ତ ଏଥିରୁ ନିବୃତ୍ତ ନହେଲେ ଆଗାମୀ ଦିନରେ ଆଇଜିଏଚ୍ ବଞ୍ଚାଅ ଅଭିଯାନରେ ସାଧାରଣ ଜନତା ସାମିଲ ହେବାକୁ ବେହେରା ଆହ୍ୱାନ ଦେଇଥିଲେ। ଆର୍‌ଏସ୍‌ଏସ୍‌ର ଦିଲ୍ଲୀପ ମହାପାତ୍ର, ଚକ୍ରଧର ପ୍ରଧାନ, ଉପସଭାପତି ଅକ୍ଷୟ ଜେନା, ସତ୍ୟ ସାହୁ, ବାଳକିଶୋର ଶେଖରଦେଓ, ପ୍ରତାପ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବଢୁଛି ଟ୍ରାଫିକ୍ ସମସ୍ୟା, ଲୋକେ ହଇରାଣ

ଝାରସୁଗୁଡ଼ା, ୧୬।୧୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହରରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ବୃଦ୍ଧି ପାଉଛି। ଏଥିଯୋଗୁ ଲୋକମାନେ ଯାତାୟାତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବେଆଇନ ପାର୍କିଂ ଯୋଗୁ ଏଭଳି ସମସ୍ୟା ହେଉଥିବା ଜଣାପଡିଛି। ତୁରନ୍ତ ଏହାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଝାରସୁଗୁଡ଼ା ସହରରେ ଲୋକସଂଖ୍ୟା ଅନୁଯାୟୀ ଯାନବାହନ ବୃଦ୍ଧି ପାଉଛି। ହେଲେ ସେହି ଅନୁପାତରେ ଟ୍ରାଫିକ୍ ବ୍ୟବସ୍ଥା କରାଯାଇପାରୁନାହିଁ। ଫଳରେ ଗାଡ଼ି ଚଳାଚଳରେ ସମସ୍ୟା ହେବା ସହ ଲୋକମାନେ ଯାତାୟାତ ପାଇଁ ହଇରାଣ ହେଉଛନ୍ତି। ଝାରସୁଗୁଡ଼ାର ସରବାହାଲଠାରୁ ବେହେରାମାଲ କିଷାନ ଛକ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଲାଗିରହୁଛି। ଝଣ୍ଡା ଛକରୁ ରେଳଷ୍ଟେଶନ ଛକ ମଧ୍ୟରେ ଅଧିକାଂଶ ବ୍ୟବସାୟୀ ରାସ୍ତାର ଫୁଟ୍‌ପାଥକୁ ପାର୍କିଂ ଭାବେ ବ୍ୟବହାର କରୁଥିବାରୁ ରାସ୍ତା ସଙ୍କୁଚିତ ହୋଇଯାଉଛି। ଏଥିଯୋଗୁ ପ୍ରାୟ ୧୦ରୁ ୧୫ ମିନିଟ୍ ପର୍ଯ୍ୟନ୍ତ ଯାନବାହନ ଅଟକି ରହିବାରୁ ରାସ୍ତା ଜାମ୍ ହୋଇଯାଉଛି। ଅପରପକ୍ଷେ ସରବାହାଲରୁ ଶନିମନ୍ଦିର ପର୍ଯ୍ୟନ୍ତ ଅନେକ ହୋଲ୍‌ସେଲ୍ ଦୋକାନ ରହିଛି। ଉକ୍ତ ଦୋକାନରେ ମାଲ୍ ଅନ୍‌ଲୋଡିଂ ପାଇଁ ଆସୁଥିବା ଟ୍ରକ୍ ଦୀର୍ଘ ସମୟ ଧରି ରାସ୍ତାପାର୍ଶ୍ୱରେ ଅଟକି ରହୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ସେହିପରି କେତେଜଣ ଅମାନିଆ ଅଟୋ ଚାଳକ ନିଜ ଇଚ୍ଛାରେ ରାସ୍ତାର ଯେକୌଣସି ସ୍ଥାନରେ ଅଟକି ଯାତ୍ରୀଙ୍କୁ ନେବାଆଣିବା କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଆବଶ୍ୟକ ସଂଖ୍ୟକ ପୋଲିସ କର୍ମଚାରୀ ନାହାନ୍ତି। କେବଳ ରେଳଷ୍ଟେଶନ ଛକକୁ ଛାଡ଼ିଦେଲେ ପୁରୁଣା ବସ୍‌ଷ୍ଟାଣ୍ଡ, ଝଣ୍ଡା ଛକ, ସରବାହାଲ ଓ କିଷାନ ଛକ ଅଞ୍ଚଳରେ ଜଣେ କିମ୍ବା ୨ ଜଣ ଟ୍ରାଫିକ ପୋଲିସରେ ଠିକ୍‌ଭାବେ ଟ୍ରାଫିକ ନିୟନ୍ତ୍ରଣ କରାଯାଇପାରୁନାହିଁ। ଫଳରେ ପ୍ରତିଦିନ ଯାତ୍ରୀଙ୍କୁ ହନ୍ତସନ୍ତ ହେବାକୁ ପଡୁଛି। ଏହି ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଥିଲେ ମଧ୍ୟ ସୁଧାର ଆସିପାରୁନାହିଁ। ତେଣୁ ତୁରନ୍ତ ଜିଲାପାଳ ଏଥିରେ ହସ୍ତକ୍ଷେପ କରିବା ପାଇଁ ଝାରସୁଗୁଡ଼ା ସହରର ଚିନ୍ମୟ ପଟେଲ, ତ୍ରିନାଥ ତିୱାରୀ, ସଙ୍କୀର୍ତ୍ତନ ପ୍ରଧାନ, ଯୋଗେନ୍ଦ୍ର ମେହେର ପ୍ରମୁଖ ଦାବି କରିଛନ୍ତି।


ଶନି ମନ୍ଦିର ନିକଟ ରାସ୍ତାପାର୍ଶ୍ୱରେ ବେଆଇନ ଭାବେ ଗାଡ଼ି ପାର୍କିଂ କରାଯାଇଛି।

ଏନେଇ ସହରର ଟ୍ରାଫିକ୍ ଦାୟିତ୍ୱରେ ଥିବା ଝାରସୁଗୁଡ଼ା ଟାଉନ୍ ଥାନା ଅଧିକାରୀ ରଞ୍ଜନ ବରିହା କହିଛନ୍ତି, ଅଧିକାଂଶ ବ୍ୟବସାୟୀ ରାସ୍ତାପାର୍ଶ୍ୱରେ ବେଆଇନ ପାର୍କିଂ କରୁଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି। ସେମାନଙ୍କୁ ବାରଣ ସତ୍ତ୍ୱେ ସେମାନେ ମାନୁନାହାନ୍ତି। ଏଥିପାଇଁ ସେମାନଙ୍କଠାରୁ ଜରିମାନା ମଧ୍ୟ ଆଦାୟ କରାଯାଉଛି। ତଥାପି ସେମାନେ ମାନୁ ନ ଥିବାରୁ ଟ୍ରାଫିକ୍ ସମସ୍ୟା ଲାଗିରହୁଛି। ଝାରସୁଗୁଡା ପୌର ପରିଷଦ ଅଧିକାରୀ ପୋଲିସ ସହିତ ରହି ପାର୍କିଂ ବ୍ୟବସ୍ଥା ଉପରେ କଡ଼ାକଡ଼ି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଟ୍ରାଫିକ୍ ସମସ୍ୟା ଦୂର ହୋଇପାରିବ। ଅପରପକ୍ଷେ ଝାରସୁଗୁଡ଼ା ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ କହିଛନ୍ତି, ଟ୍ରାଫିକ୍ ସମସ୍ୟା ସମାଧାନ ପାଇଁ ବିଚାର ଚାଲିଛି। ରାସ୍ତାକୁ ନିଜ ଅକ୍ତିଆରରେ ରଖି ବ୍ୟବହାର କରୁଥିବା ବ୍ୟବସାୟୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା


ବ୍ରଜରାଜନଗର ସରସ୍ୱତୀ ଶିଶୁମନ୍ଦିରରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ।

ଝାରସୁଗୁଡ଼ା, ୧୬।୧୧ (ଆଶିଷ ରଞ୍ଜନ ଦାଶ)

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଓଡ଼ିଶା ପକ୍ଷରୁ ଝାରସୁଗୁଡ଼ା ଜିଲାର ବିଭିନ୍ନ ବିଦ୍ୟାଳୟରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ବରିଷ୍ଠ ଓ କନିଷ୍ଠ ବର୍ଗରେ ୧୦୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଲଖନପୁର ବ୍ଲକ ଅନ୍ତର୍ଗତ କତରବଗାର କ୍ଷମାନିଧି ହାଇସ୍କୁଲ, ବେଲପାହାଡ଼ସ୍ଥିତ ଗିରିଧାରୀ ହାଇସ୍କୁଲ, ବ୍ରଜରାଜନଗର ସରସ୍ୱତୀ ଶିଶୁମନ୍ଦିର, ଝାରସୁଗୁଡ଼ାର ଶ୍ରୀଅରବିନ୍ଦ ବିଦ୍ୟାଳୟ, ସରବାହାଲ ସରସ୍ୱତୀ ଶିଶୁମନ୍ଦିର, କୋଲାବିରା ହାଇସ୍କୁଲ ଓ କିର୍ମିରାଠାରେ ଏହି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଆସନ୍ତା ଜାନୁଆରୀ ୧୨ ତାରିଖରେ ସମସ୍ତ କେନ୍ଦ୍ରର ବିଜେତାଙ୍କୁ ପୁରସ୍କୃତ କରାଯିବ। ଉତ୍କଳ କଳା ପ୍ରତିଷ୍ଠାନର ପ୍ରମୁଖ ଅଞ୍ଜଳିପ୍ରଭା ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ସମସ୍ତ ସଦସ୍ୟା ସଦସ୍ୟ, ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

# ଶିଶୁ ମହୋତ୍ସବ ଉଦ୍‌ଯାପିତ

ଝାରସୁଗୁଡ଼ା, ୧୬।୧୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ଚାଲିଥିବା ୩ ଦିନିଆ ଶିଶୁ ମହୋତ୍ସବ 'ଚିଲଡ୍ରେନ ଫେଷ୍ଟ' ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବେଦାନ୍ତ ଆଲୁମିନିୟମ କମ୍ପାନୀର ଚିଫ୍ ଫାଇନାନ୍ସ ଅଫିସର ଅମିତ୍ ଗୁପ୍ତା, ସମ୍ମାନିତ ଅତିଥି ଭାବେ ଡିଏଭି ସ୍କୁଲ ଓଡ଼ିଶା ଜୋନ୍‌ର ଆଞ୍ଚଳିକ ଅଧିକାରୀ ଲୋକନାଥ ପ୍ରଧାନ, ବ୍ରଜରାଜନଗର ହିଲ୍ ଟପ୍ କଲୋନୀ ଡିଏଭି ସ୍କୁଲ ଅଧ୍ୟକ୍ଷ ଚିନ୍ମୟ ମହାପାତ୍ର, ବନ୍ଧବାହାଲ ଡିଏଭି ସ୍କୁଲ ଅଧ୍ୟକ୍ଷ ପ୍ରଦୀପ କୁମାର ହୋତା, ଇବ୍‌ଭ୍ୟାଲି ଡିଏଭି ସ୍କୁଲ ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନ, ବରିଷ୍ଠ ଆଇନଜ୍ଞ ତାପସ ରାୟ ଚୌଧୁରୀ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ସତୀଶ ପଟେଲ, ବ୍ରଜରାଜନଗର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ବିଶ୍ୱଜିତ୍ ଖମାରୀ, ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ନରେନ୍ଦ୍ର ପଣ୍ଡା, ଝାରସୁଗୁଡ଼ା ମହିଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଟହଲୁ ସାହୁ, ସରୋଜ କୁଅଁର, ଦିଲ୍ଲୀ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ସୁଜାତା ଲେଙ୍କା, କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷ ହରିଲାଲ ପ୍ରଧାନ, ଅଧ୍ୟାପିକା ମନ୍ଦାକିନୀ ଶତପଥୀ, ବାଳଗୋବିନ୍ଦ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା ସ୍ୱାଗତ ଭାଷଣ ଦେଇଥିଲେ।

# ରାଜ୍ୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା: ସର୍ଲାକାନୀ ଟିମ୍ ଚାମ୍ପିୟନ


କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଖେଳାଳି।

ଦେବଗଡ଼, ୧୬।୧୧ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ସୁଗୁଡ଼ା ଗ୍ରାମପଞ୍ଚାୟତ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମରେ ନେତାଜୀ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ୨ ଦିନିଆ ରାଜ୍ୟସ୍ତରୀୟ ଫୁଟ୍‌ବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଢେଙ୍କାନାଳର ପଫୁଲାର ଫୁଟ୍‌ବଲ କ୍ଲବ୍‌କୁ ଟାଇବ୍ରେକର ସହାୟତାରେ ୪-୩ ଗୋଲ୍‌ରେ ପରାସ୍ତ କରି ସମ୍ବଲପୁରର ସର୍ଲାକାନୀ ଫୁଟ୍‌ବଲ ଟିମ୍ ଚାମ୍ପିୟନ ହୋଇଛି। ଭାଷ୍ୟକାର ଭାବେ ପ୍ରଫୁଲ୍ଲ କୁମାର ସାହୁ ମ୍ୟାଚ୍‌ର ଧାରା ବିବରଣୀ ପ୍ରଦାନ କରିଥିଲେ। ନେତାଜୀ କ୍ଲବ୍ ସଭାପତି ଧରଣୀଧର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତିଲେଇବଣି ବ୍ଲକ ଅଧ୍ୟକ୍ଷା ବୃନ୍ଦାବତୀ ଭୋଇ, ଅନ୍ୟ ଅତିଥି ଭାବେ ଉପାଧ୍ୟକ୍ଷା ଆରତି ପ୍ରଧାନ, ସୁଗୁଡ଼ା ସେବା ସମବାୟ ସମିତି ସଭାପତି ସିଦ୍ଧେଶ୍ୱର ଗୁରୁ, ପୂର୍ବତନ ଜିଲା ପରିଷଦ ସଭାପତି ରଞ୍ଜିତ୍ କୁମାର ପଟେଲ, ବିରଞ୍ଚି ନାରାୟଣ ନନ୍ଦ ଓ ଭୋଳେଶ୍ୱର ପ୍ରଧାନ ଯୋଗଦେଇଥିଲେ। ଏହି ଅବସରରେ ଚାମ୍ପିୟନ ଓ ରନର ଅପ୍ ଟିମ୍‌ର ଖେଳାଳିଙ୍କୁ ଟ୍ରଫି ସହ ଅର୍ଥ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ଲବ୍ ସମ୍ପାଦକ ବବୁଲୁ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବ୍‌ର ସଦସ୍ୟ ଅଙ୍କିତ ସାହୁ, କରଣ ସାହୁ, ଗୁନଗୁନ ପ୍ରଧାନ, ରୂପେଶ ସାହୁ, ସୁନିଲ ସାହୁ ଓ ସୁମନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଶିକ୍ଷାର ବିକାଶ ପାଇଁ ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଝାରସୁଗୁଡ଼ା, ୧୬।୧୧ (ଆଶିଷ ରଞ୍ଜନ ଦାଶ)

ଶିଶୁଙ୍କ ଶୈକ୍ଷିକ ସ୍ତରର ମାନ ବୃଦ୍ଧି ପାଇଁ ଝାରସୁଗୁଡ଼ା ଜିଲା ପଞ୍ଚପଡ଼ାସ୍ଥିତ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ପୂର୍ବାହ୍ନରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ମମତା ସିଂହ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଦିଗାମ୍ବର ମାଝୀ ଓ କୋଷାଧ୍ୟକ୍ଷା ପ୍ରିୟଙ୍କା ସାହୁ ମଞ୍ଚାସୀନ ଥିଲେ। ଏଥିରେ ଅତିଥି ଭାବେ ଚନ୍ଦ୍ରକାନ୍ତ ମହାରଣା ଓ ଅଜିତ୍ ମେହର ଯୋଗଦେଇ ଶିକ୍ଷାର ବିକାଶ ପାଇଁ ମା' ମାନଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅଭିଭାବିକା ଭୂମିସୂତା ବେହେରା, ମଧୁସ୍ମିତା ନାଏକ, ଗାୟତ୍ରୀ ମାଝୀ, ପଲ୍ଲିଶ୍ରୀ ନାଏକ, ଗୀତାଞ୍ଜଳି ନାଏକ, ପୂର୍ଣ୍ଣିମା ପଟେଲ ପ୍ରମୁଖ ଯୋଗଦେଇ ଅନେକ ତଥ୍ୟ ଉପସ୍ଥାପନ କରିଥିଲେ। ସମସ୍ତ ଶିଶୁ ଭଉଣୀଙ୍କର ନିଶ୍ଚିନ୍ତ ଭାବରେ ସୁକନ୍ୟା ଯୋଜନା କରାଯିବ ବୋଲି ପ୍ରସ୍ତାବ ରଖାଯାଇଥିଲା। ବୀଣାପାଣି ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଇଂଲିଶ ଭାଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ


କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଅନ୍ୟମାନେ।

ବେଲପାହାଡ଼, ୧୬।୧୧ (ସୁବାସ ପ୍ରଧାନ)

ଇଂଲିଶ ଭାଷାରେ ଦକ୍ଷତା ବୃଦ୍ଧି ତଥା ଇଂଲିଶ ଶିକ୍ଷାଦାନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବେଲପାହାଡ଼ସ୍ଥିତ ପିଏମ୍‌ଶ୍ରୀ ଗିରିଧରଲାଲ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ବ୍ଲକସ୍ତରୀୟ ୫ ଦିନିଆ ଇଂଲିଶ ଭାଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ସିଲ୍ଟ ଭୁବନେଶ୍ୱର ଏବଂ ଓଡ଼ିଶା ସରକାରଙ୍କ ଗଣଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ପ୍ରାଥମିକ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ପାଇଁ ଏହି କାର୍ଯ୍ୟକ୍ରମ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଝାରସୁଗୁଡ଼ା ଜିଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଗଡତିଆ, ବିଶିଷ୍ଟ ଅତିଥି ଭାବେ ସିଲ୍ଟ ଭୁବନେଶ୍ୱରର ଯୁଗ୍ମ ନିର୍ଦ୍ଦେଶିକା ଡ. ଅମ୍ରିତା ପ୍ରୀତିନନ୍ଦା ଯୋଗଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ କୁଶ ସା ଧନ୍ୟବାଦ ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଚିନ୍ଦ୍ର ପଟେଲ, ଶଶିଭୂଷଣ ହୋତା, ଡ. ଲଳିନ୍ଦ୍ର ଅମାତ୍ ଓ ସତ୍ୟପ୍ରିୟ ପଟେଲଙ୍କୁ ସାଧନ କର୍ମୀ ଭାବେ ନିଯୁକ୍ତ କରାଯାଇଥିଲା। ସେମାନଙ୍କ ଦ୍ୱାରା ଇଂଲିଶ ଜାଣିବା ପାଇଁ ନୂଆ ପଦ୍ଧତି, ଶିକ୍ଷଣ ସାମଗ୍ରୀ ଓ ଶ୍ରେଣୀ ଆଧାରିତ କାର୍ଯ୍ୟକଳାପ ପ୍ରଦର୍ଶିତ ହେବା ସହିତ ଗୋଷ୍ଠୀ ଚର୍ଚ୍ଚା ଓ ଡେମୋ କ୍ଲାସ ଆୟୋଜିତ ହୋଇଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ ଲଖନପୁର ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ୫୫ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦେଇଥିଲେ।

# ସଙ୍କୁଳ ମେଧାବୀ ମାର୍ଗଦର୍ଶନ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଦେବଗଡ଼, ୧୬।୧୧ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଦୁଇଦିନ ଧରି ଚାଲିଥିବା ସଙ୍କୁଳ ମେଧାବୀ ମାର୍ଗଦର୍ଶନ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଛି। ସଙ୍କୁଳର ୧୧୫ ଜଣ ମେଧାବୀ ଛାତ୍ରଙ୍କ ଆଗାମୀ ପ୍ରାଦେଶିକ ମେଧା ଓ ଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷା ନିମନ୍ତେ ବିଷୟଗତ ଅଭ୍ୟାସ ପାଇଁ ବିଭିନ୍ନ କୌଶଳ ପ୍ରଶିକ୍ଷକଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତଥା ସଂକୁଳ ସଂଯୋଜକ ଉମାକାନ୍ତ ରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ସମ୍ବଲପୁର ବିଭାଗ ନିରୀକ୍ଷକ ଦିଲ୍ଲୀପ ସାଥୁଆ ଓ ସହନିରୀକ୍ଷକ ପ୍ରଦୀପ କୁମାର ସାହୁ, ଜିଲା ପ୍ରମୁଖ ବିଜୟ କୁମାର ପ୍ରଧାନ, ସଙ୍କୁଳ ପ୍ରମୁଖ ସଦାନନ୍ଦ ସାହୁ, ବିଦ୍ୟାଳୟର ସମ୍ପାଦକ ହୃଦାନନ୍ଦ ଖୁଣ୍ଟିଆ ଯୋଗଦେଇଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଏଥିରେ ପ୍ରଶିକ୍ଷକ ଭାବରେ ଭାରତୀ ଦେହୁରୀ, ବନ୍ଦିତା ପତି, ରଶ୍ମିତା ବିଶ୍ୱାଳ, ଶର୍ମିଳାରାଣୀ କର, ସ୍ୱରୂପାରାଣୀ ପ୍ରଧାନ, ସଙ୍ଗୀତା ଗଡ଼ନାୟକ, ରଞ୍ଜିତା ସାହୁ, ପ୍ରଣତୀ ଦାସ, ଉମାକାନ୍ତ ରଣା, ଯୁଧିଷ୍ଠିର ସାହୁ, ଉମ୍ବରୁଧର ସାହୁ, ବିନୋଦ ବିହାରୀ ପ୍ରଧାନ, ପପେନ୍ଦ୍ର କୁମାର ପଣ୍ଡା, ସୂର୍ଯ୍ୟକାନ୍ତ ସ୍ୱାଇଁ, ପ୍ରତାପ କୁମାର ସ୍ୱାଇଁ ଓ ସନ୍ତୋଷ କୁମାର ନାୟକ ଶିକ୍ଷାଦାନ କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପଶ୍ଚିମ ସମ୍ଭାଗ ସମ୍ପାଦକ ତ୍ରିବିକ୍ରମ ଶତପଥୀ, ବିଦ୍ୟାଳୟ ସଭାପତି ପରମାନନ୍ଦ ସାହୁ ଓ କୋଷାଧ୍ୟକ୍ଷ ରଞ୍ଜନ କୁମାର ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜିଲା କୁଳିତା ସମାଜର ଭାରପ୍ରାପ୍ତ ସଭାପତି ହେମ ପ୍ରଧାନ

ବେଲପାହାଡ଼, ୧୬।୧୧ (ସୁବାସ ପ୍ରଧାନ)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ଅଧୀନ କଦଳୀପିଟା ରାମଚଣ୍ଡୀ ମନ୍ଦିରଠାରେ କୁଳିତା ସମାଜ ପକ୍ଷରୁ ଏକ ସଭା ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲାର ନିର୍ବାଚିତ ସଭାପତି ରାଧାକାନ୍ତ ସା ପଦବୀରୁ ଇସ୍ତଫା ଦେବା ପରେ ଉକ୍ତ ସ୍ଥାନ ପୂରଣ ପାଇଁ ସଭା ଡକାଯାଇଥିଲା। ଏହି ସଭାରେ ସର୍ବସମ୍ମତିକ୍ରମେ ଜିଲା ଉପସଭାପତି ଥିବା ହେମ କୁମାର ପ୍ରଧାନଙ୍କୁ ଭାରପ୍ରାପ୍ତ ସଭାପତି ଭାବେ ମନୋନୀତ କରାଯାଇଛି। ଅବଶିଷ୍ଟ କାର୍ଯ୍ୟକାଳ ପାଇଁ ସେ ଦାୟିତ୍ୱ ସମ୍ଭାଳିବେ।



ଏହି ସଭାରେ ପୂର୍ବତନ ଜିଲା ସଭାପତି ସନ୍ତୋଷ ସାହୁ, ପୂର୍ବତନ ଜିଲା ସାଧାରଣ ସମ୍ପାଦକ ଲଲାଟ ବିଶ୍ୱାଳ, କଦଳୀପିଟା ପୀଠ ସଭାପତି କ୍ଷୀରୋଦ ପ୍ରଧାନ, ସମ୍ପାଦକ ରମେଶ ସା, ଜଗଦୀଶ ପ୍ରଧାନ, ନିରାକାର ବଡ଼ାଇଙ୍କ ସମେତ କୁଳିତା ସମାଜର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଜିଲା ସମ୍ପାଦକ ନରୋତ୍ତମ ପଧାନ ସଭା ପରିଚାଳନା କରିଥିଲେ।

# ୧୭ ଅଭିଯୋଗର ଶୁଣାଣି କଲେ ବିଧାୟକ

ଦେବଗଡ଼, ୧୬।୧୧ (ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳସ୍ଥିତ ଜିଲା ପରିଷଦ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ୧୭ଟି ବ୍ୟକ୍ତିଗତ ଏବଂ ସାମୂହିକ ଅଭିଯୋଗ ଶୁଣିଥିଲେ। ବିଶେଷକରି ବାର୍ଦ୍ଧକ୍ୟ ଭତ୍ତା, ରାସ୍ତା ମରାମତି ଓ ନୂତନ ରାସ୍ତା ନିର୍ମାଣ, ସ୍ୱାସ୍ଥ୍ୟ, ପାନୀୟଜଳ ସମ୍ପର୍କିତ ଅଭିଯୋଗ ହୋଇଥିଲା। ବିଧାୟକ ବିଶ୍ୱାଳ ବିଭାଗୀୟ ଅଧିକାରୀଙ୍କ ସହ ଫୋନ୍ ଜରିଆରେ ଯୋଗାଯୋଗ କରି ତୁରନ୍ତ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ୍ କୁମାର ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଉକ୍ତ ଅଭିଯୋଗ ଶୁଣାଣି ଶିବିର ମାଧ୍ୟମରେ ଲୋକଙ୍କ ସମସ୍ୟା ଜାଣି ହେଉଛି ଏବଂ ସମାଧାନର ବାଟ ବାହାର କରାଯାଉଛି ବୋଲି ବିଧାୟକ କହିଛନ୍ତି।

# ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ଦେବଗଡ଼, ୧୬।୧୧
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ସ୍ଥିତ ସର୍କିଟ ହାଉସ୍‌ଠାରେ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ରବିବାର ପାଳିତ ହୋଇଯାଇଛି। ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବରେଣ୍ୟ ଅତିଥି ଭାବେ ଏସ୍‌ପି ଅନିଲ କୁମାର ମିଶ୍ର, ଭାଜପା ଜିଲା ସଭାପତି ଅରୁଣ କୁମାର ସାହୁ, ଏସ୍‌ୟୁଜେ ଜିଲା ସଭାପତି ପୃଥ୍ୱୀରାଜ ପଟ୍ଟନାୟକ ଓ ଖବରଦାତା ଅଶୋକ କୁମାର ନନ୍ଦ ଯୋଗଦେଇଥିଲେ। ଏହି ଅବସରରେ 'ଭ୍ରମାତ୍ମକ ଖବର ପ୍ରସାରଣ ବୃଦ୍ଧି ପରିପ୍ରେକ୍ଷୀରେ ଗଣମାଧ୍ୟମ ବିଶ୍ୱସନୀୟତାର ସଂରକ୍ଷଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରେସ୍ ଦ୍ୱାରା ସମାଜରେ ସଚେତନତା ବୃଦ୍ଧି ହେବା ସହ ସ୍ୱାଧୀନ ଓ ଦାୟିତ୍ୱପୂର୍ଣ୍ଣ ପ୍ରେସ୍ ସମାଜରେ ଗରିବଙ୍କୁ ନ୍ୟାୟ ଦେବା ଏବଂ ଉନ୍ନତି ପାଇଁ ମୁଖ୍ୟ ମାଧ୍ୟମ ହୋଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ଖବରଦାତାମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା କାର୍ଡ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ମିତ୍ରଭାନୁ ମହାପାତ୍ର, ଜିଲା ସଦର ମହକୁମା ସମେତ ୩ଟି ବ୍ଲକର ଖବରଦାତା ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଓ ଅନ୍ୟ ଅତିଥିବୃନ୍ଦ।

# 'ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ଗଣମାଧ୍ୟମ'

ଝାରସୁଗୁଡ଼ା, ୧୬।୧୧ (ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗରସ୍ଥିତ ରବୀନ୍ଦ୍ର ଭବନଠାରେ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ରବିବାର ପୂର୍ବାହ୍ନରେ ପାଳିତ ହୋଇଯାଇଛି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଜୟ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ଯୋଗଦେଇ କହିଛନ୍ତି, ଭ୍ରମାତ୍ମକ ଖବର ପରିବେଷଣ ନ କରିବା ପାଇଁ ଖବରଦାତା ସଜାଗ ରୁହନ୍ତୁ। ସେହିପରି ମୁଖ୍ୟବକ୍ତା ଅଧ୍ୟାପିକା ଡ. ପୁଷ୍ପାଞ୍ଜଳି ସାହୁ କହିଛନ୍ତି, ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଜାଗ୍ରତ ପ୍ରହରୀ। ଗଣମାଧ୍ୟମ ପ୍ରତିନିଧି କୌଣସି ଚାପର ବଶବର୍ତ୍ତୀ ନ ହୋଇ ନିରପେକ୍ଷ ଭାବେ ସତ୍ୟ ଓ ନିର୍ଭୁଲ ଖବର ପରିବେଷଣ କରନ୍ତୁ। ସମାଜକୁ ସଚେତନ ଓ ଶୃଙ୍ଖଳିତ କରିବା ଗଣମାଧ୍ୟମର ଦାୟିତ୍ୱ ବୋଲି ସାହୁ କହିଛନ୍ତି। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଏସ୍‌ପି ମଧୁଶିକ୍ତା ମିଶ୍ର ଯୋଗଦେଇ ଭ୍ରମାତ୍ମକ ଖବର କିଭଳି ଭାବେ ସମାଜ ଉପରେ କୁପ୍ରଭାବ ପକାଉଛି ସେନେଇ ଆଲୋକପାତ କରିଥିଲେ। ଗଣମାଧ୍ୟମ ପ୍ରତିନିଧି ସତ୍ୟ ଓ ନିର୍ଭୁଲ ଖବର ପରିବେଷଣ କରି ଲୋକଙ୍କ ବିଶ୍ୱାସଭାଜନ ହୁଅନ୍ତୁ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସାମିଲ ହୋଇପାରି ନ ଥିବା ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ତାଙ୍କର ବାର୍ତ୍ତା ପଠାଇ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏଥିରେ ଜିଲାର ବହୁ ଖବରଦାତା ଯୋଗଦେଇଥିଲେ। ଏହି ଅବସରରେ କେତେଜଣ ଖବରଦାତାଙ୍କୁ ପୁରସ୍କୃତ କରାଯାଇଥିଲା।



ରବୀନ୍ଦ୍ର ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭତ୍ତା ଟଙ୍କା ନ ଦେବାରୁ ବାପାଙ୍କୁ ହତ୍ୟା ସନ୍ଦେହ

**କବିସୂର୍ଯ୍ୟନଗର, ୧୬।୧୧ (କୃପାସିନ୍ଧୁ ସ୍ୱାଇଁ)**

ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ନ ଦେବାରୁ ବାପାଙ୍କୁ ପୁଅ ହତ୍ୟା କରିଥିବା ସନ୍ଦେହ କରାଯାଉଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବରିଡା ଗ୍ରାମର ଏ. ଗୋପାଳ ନଗରରେ। ମୃତକ ହେଲେ ପଦ୍ମନାଭ ସାହୁ (୮୫)। ପୋଲିସ ଘଟଣାର ତଦନ୍ତ ଜାରି ରଖି ୫ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

ଖବରରୁ ଜଣାପଡ଼ିଛି, ୪ ପୁଅ ପ୍ରକାଶ ସାହୁ, ତପନ ସାହୁ, ରମେଶ ସାହୁ ଓ ସୁଦାମ ସାହୁଙ୍କୁ ନେଇ ପଦ୍ମନାଭଙ୍କ ପରିବାର। ଶନିବାର ପଦ୍ମନାଭ ସବୁ ମାସ ଭଳି ବାର୍ଦ୍ଧକ୍ୟ ଭତ୍ତା ୩ ହଜାର ଟଙ୍କା ଆଣିଥିଲେ। ପୁଅ ରମେଶ (୪୦) ମଦ ପିଇବା ପାଇଁ ବାପାଙ୍କୁ ଟଙ୍କା ମାଗିବା ସହ ପୁନଃ ବିବାହ ପାଇଁ ଜିଦ୍ ଧରିଥିଲେ। ଏହି ସମୟରେ ପଦ୍ମନାଭଙ୍କ ସପକ୍ଷରେ ତପନ ବାହାରିବାରୁ ରମେଶ ତାଙ୍କୁ ମାଡ଼ ମାରିବା ସହ ତାଙ୍କ ନାକକୁ କାମୁଡି ଦେଇଥିଲେ। ଏନେଇ ବଡ଼ଭାଇ ପ୍ରକାଶ ଥାନାରେ ଅଭିଯୋଗ କରିବା ପରେ ଶନିବାର ସନ୍ଧ୍ୟାରେ ପୋଲିସ ଘରେ ପହଞ୍ଚି ପରିବାର ଲୋକଙ୍କ ସହ ଆଲୋଚନା ପରେ ସମାଧାନ କରି ଫେରିଥିଲା। ରବିବାର ସକାଳୁ ପଦ୍ମନାଭ ନ ଉଠିବାରୁ ରମେଶଙ୍କ ସ୍ତ୍ରୀ ହେମ ଯାଇ ତାଙ୍କୁ ଉଠାଇଥିଲେ। ମାତ୍ର ପଦ୍ମନାଭଙ୍କ ମୃତ୍ୟୁ ଘଟିସାରିଥିଲା। ଏନେଇ ପରିବାର ଲୋକେ ସମସ୍ତେ ଜାଣିବା ପରେ ପଦ୍ମନାଭଙ୍କ ପାଖରେ ପହଞ୍ଚିଥିଲେ। ବିଳମ୍ବିତ ରାତିରେ ରମେଶ ପଦ୍ମନାଭଙ୍କୁ ପିଟିବା ସହ ପେଟକୁ ଛୁରି ଭୁସି ଦେଇଥିବା ସନ୍ଦେହ କରାଯାଉଛି। ଏ ସମ୍ପର୍କରେ ପ୍ରକାଶ ଥାନାରେ ଅଭିଯୋଗ କରିବା ପରେ ଆଇଆଇସି ନିରଞ୍ଜନ ଦାଶ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏନେଇ ନଂ. ୭୮୧/୨୫ରେ ଏକ ମାମଲା ରୁଜୁ ହୋଇଛି। ୪ ଭାଇ ଓ ହେମଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି। ଯିଏ ଅଭିଯୁକ୍ତ ହେବେ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ଦାଶ କହିଛନ୍ତି।

# ନିଲମ୍ବନର ୧୫ ଦିନ ପରେ ଚିଫ୍ ୱାର୍ଡରଙ୍କୁ ପୁନଃ ନିଯୁକ୍ତି

**ଭୁବନେଶ୍ୱର, ୧୬।୧୧ (ତ୍ରିନାଥ ମହାନ୍ତି)**

## ଚୌଦ୍ୱାର ଜେଲରୁ ଦୁଇ ବିହାରୀ କଏଦୀ ଫେରାର ଘଟଣା

- ଅହେତୁକ ଅନୁକମ୍ପାକୁ ନେଇ ଉଠିଲା ପ୍ରଶ୍ନ
- କଏଦୀ ଫେରାର ପଛରେ ଜେଲ ବିଭାଗର ବଡ଼ ଅଧିକାରୀ
- ବାଂଲାଦେଶରେ ଦୁଇ କଏଦୀ ଲୁଚିଥିବା ପୋଲିସର ସନ୍ଦେହ

ଚୌଦ୍ୱାର ଜେଲରୁ ଫେରାର ଦୁଇ ବିହାରୀ କଏଦୀ ରାଜା ସାହାଣୀ ଏବଂ ଚନ୍ଦ୍ରକାନ୍ତ କୁମାର ଏପର୍ଯ୍ୟନ୍ତ ଧରାପଡ଼ିନାହାନ୍ତି। ଜେଲ ବିଭାଗ ଏହି ମାମଲାର ତଦନ୍ତ କରୁଥିବାବେଳେ ନିଲମ୍ବନର ୧୫ ଦିନ ପରେ ନିଲମ୍ବିତ ଚିଫ୍ ୱାର୍ଡର ଭଗତ ଚରଣ ରାମଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି। ତାଙ୍କୁ ଅକ୍ଟୋବର ୧୮ରେ କେନ୍ଦ୍ରାପଡ଼ା ଜିଲାରେ ନିଯୁକ୍ତି ମିଳିଛି। ଦୋଷ ଖସାଇବା ପାଇଁ ଜେଲ ବିଭାଗ ଲୋକଦେଖାଣିଆ ଭାବେ ନିଲମ୍ବନ କରିବା ପରେ ପୁଣି ତାଙ୍କ ନିଯୁକ୍ତିକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଏଦୀ ଫେରାର ପଛରେ ବିଭାଗର ବଡ଼ ଅଧିକାରୀ ଓ କେତେଜଣ କଏଦୀଙ୍କ ସମ୍ପୃକ୍ତି ନେଇ ଉଠୁଥିବା ଅଭିଯୋଗର ସତ୍ୟତା ମଧ୍ୟ ଏଥିରୁ ଦୃଢ଼ୀଭୂତ ହେଉଛି। କାର୍ଯ୍ୟରେ ଅବହେଳା କରିଥିବା ଏହି ୱାର୍ଡରଙ୍କୁ ଅହେତୁକ ଅନୁକମ୍ପା ଦେବା ଜେଲ ବିଭାଗର ଅସଲ ଚେହେରା ପଦାରେ ପଡ଼ିଛି। ଦୁଇ କଏଦୀ ଫେରାର ହେବା ଦିନ ଚିଫ୍ ୱାର୍ଡର ଭଗତ ଚରଣ ରାମଙ୍କ ଡ୍ୟୁଟି ଥିଲା। ଜେଲ ଭିତରେ ସିସିଟିଭି ଏବଂ କଡ଼ା ପ୍ରହରା ଥିବା ସତ୍ତ୍ୱେ କଏଦୀ ଫେରାର ହେବା ଜେଲ କର୍ତ୍ତୃପକ୍ଷଙ୍କ ଉପରେ ସନ୍ଦେହ ସୃଷ୍ଟି କରୁଛି। ଏପରି ସ୍ଥିତିରେ ଚିଫ୍ ୱାର୍ଡରଙ୍କ ଉପରୁ ନିଲମ୍ବନ ହଟାଇବା ପାଇଁ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଓ ଡିଆଇଜି ଜେଲ ଡିଜିଙ୍କୁ ଚିଠି ଲେଖିଥିବା ସୂଚନା ମିଳିଛି। ଏହି ଚିଠି ଆଧାରରେ କାର୍ଯ୍ୟରେ ଅବହେଳା କରିଥିବା ୱାର୍ଡରଙ୍କ ଉପରୁ ନିଲମ୍ବନ ହଟାଯାଇ ପୁନଃ ନିଯୁକ୍ତି ଦିଆଯାଇଥିବା କୁହାଯାଉଛି। କିନ୍ତୁ ସରକାରୀ ନିୟମ ଅନୁସାରେ, ତଦନ୍ତ ଚାଲୁଥିଲେ ବା ତଦନ୍ତରୁ ଘଟଣାରେ ସମ୍ପୃକ୍ତି ନ ଥିବା ଜଣାପଡିଲେ, ନିଲମ୍ବନର ୬ ମାସ ପରେ ନିଯୁକ୍ତି ଦେବା କଥା। କିନ୍ତୁ ଏକ୍ଷେତ୍ରରେ ସବୁ ନିୟମକୁ ଜେଲ ବିଭାଗର ବଡ଼ ଅଧିକାରୀମାନେ ଜଳାଞ୍ଜଳି ଦେଇଦେଲେ। ଆହୁରି ମଧ୍ୟ ଉକ୍ତ ଚିଫ୍ ୱାର୍ଡର ପୂର୍ବରୁ କେନ୍ଦ୍ରାପଡ଼ା ଜେଲରେ ଥିଲେ। ସେଠାରେ କଏଦୀଙ୍କଠାରୁ ଟଙ୍କା ନେବା ଅଭିଯୋଗରେ ଚୌଦ୍ୱାର ଜେଲକୁ ତାଙ୍କୁ ବଦଳି କରାଯାଇଥିଲା। ହେଲେ ଏଠାରେ କଏଦୀ ଫେରାର ମାମଲାରେ ନିଲମ୍ବନ ହୋଇ ପୁଣି କିଭଳି କେନ୍ଦ୍ରାପଡ଼ା ଜେଲକୁ ଗଲେ ତାହା ଅନେକ ପ୍ରଶ୍ନ ସୃଷ୍ଟି କରିଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଚୌଦ୍ୱାର ଜେଲରୁ ଫେରାର ଦୁଇ କଏଦୀଙ୍କ ଖସାଇବା ପଛରେ ୱାର୍ଡର ଏବଂ ଉଚ୍ଚ ଅଧିକାରୀଙ୍କ ହାତ ରହିଥିବା କୁହାଯାଉଛି। ଏଥିରେ ଜେଲରେ ରହୁଥିବା ଜଣେ ଗ୍ୟାଙ୍ଗଷ୍ଟରଙ୍କ ହାତ ରହିଛି। କାରଣ ଦୁଇ କଏଦୀ ଜେଲ୍‌ର ପଛ ପଟ ଦେଇ ଫେରାର ହୋଇଛନ୍ତି। ଜେଲର ପଛପଟରୁ ଷ୍ଟେଶନ ଖୁବ୍ କମ୍ ସମୟ ଲାଗେ। ତେଣୁ ପୂରା ଜେଲ ଭିତର ଓ ବାହାର ନକ୍ସା ଉକ୍ତ ଗ୍ୟାଙ୍ଗଷ୍ଟର ତାଙ୍କୁ ଦେବା ସହ ଫେରାର ହେବାରେ ସହଯୋଗ କରିଥିବା କୁହାଯାଉଛି। ପୋଲିସ ସମ୍ପୃକ୍ତ ଗ୍ୟାଙ୍ଗଷ୍ଟରଙ୍କୁ ତଦନ୍ତ ପରିସରଭୁକ୍ତ କଲେ ବଡ଼ କେଳେଙ୍କାରିର ପର୍ଦ୍ଦାଫାଶ ହେବ। ଦୁଇ କଏଦୀ ଭିନ୍ନ ଭିନ୍ନ ସେଲ୍‌ରେ ରହୁଥିଲେ। କିନ୍ତୁ ଫେରାର ଦିନ କିଭଳି ଏକା ସମୟ ଏବଂ ଏକା ସ୍ଥାନରେ ପହଞ୍ଚିଲେ, ତାହା ମଧ୍ୟ ସନ୍ଦେହଘେରକୁ ଆସୁଛି। କୁହାଯାଉଛି ଫେରାର ପାଇଁ ଦୁଇ କଏଦୀ ଦେଢ଼ମାସ ଆଗରୁ ଯୋଜନା କରିଥିଲେ। ସେମାନେ ଏକ ଆରି ବ୍ଲେଡ୍‌ରେ ସେଲ୍‌ର ଲୁହାକୁ ସବୁଦିନ ଟିକେ ଟିକେ କାଟି ସେଥିରେ ସାବୁନ ଲଗାଇ ଦେଉଥିଲେ। ପୁଣି ଉଭୟ କଏଦୀ ଖାଇବା ଓ ଅନ୍ୟ ସମୟରେ ସେଲ୍‌ରୁ ବାହାରିବା ପରେ ସେଲ୍ ଲୁହା କଟା କେତେବାଟ ଗଲା କଥା ହେଉଥିଲେ। ସେମାନେ ଆରି ବ୍ଲେଡ୍ କେଉଁଠୁ ଆଣିଲେ ଓ ଡ୍ୟୁଟିରେ ଥିବା ୱାର୍ଡର କିପରି କିଛି ଜାଣିପାରି ନ ଥିଲେ? ଫଳରେ ଫେରାର ଦିନ ସମ୍ପୂର୍ଣ୍ଣ କାଟିବା ପରେ ଉଭୟ ସେଲ୍‌ରୁ ବାହାରି ପାଚେରି ବାଡ଼ରେ କପଡ଼ା ଫିଙ୍ଗି ଗତ ଅକ୍ଟୋବର ୩ରେ ଫେରାର ହୋଇଯାଇଥିଲେ।

କୁହାଯାଉଛି, ଫେରାର ହେବା ପରେ ଷ୍ଟେଶନରୁ ସିଧା ବାଲେଶ୍ୱର ଦେଇ ପଶ୍ଚିମବଙ୍ଗରେ ପହଞ୍ଚିଥିଲେ। ସେଠାରୁ ସେମାନେ ବାଂଲାଦେଶ ପଳାଇ ଯାଇଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଏଭଳି ସ୍ଥିତିରେ ଚିଫ୍ ୱାର୍ଡରଙ୍କ ଉପରୁ ନିଲମ୍ବନ ହଠାଇ ପୁନଃ ନିଯୁକ୍ତି ଦେବାକୁ ନେଇ ପ୍ରଶ୍ନ ଉଠିଛି।

# ୫୦ କେ.ଜି. ଗଞ୍ଜେଇ ଜବତ, ଜଣେ ଗିରଫ


**କାଳିମେଲା, ୧୬।୧୧ (ଜୀବନ କୃଷ୍ଣ ଦାସ)**

ମାଲକାନଗିରି ଜିଲା କାଳିମେଲା ପୋଲିସ ଶନିବାର ରାତିରେ ମାଲକାନଗିରି ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥର ଏମ୍‌ଭି-୯୦ ଗ୍ରାମ ନିକଟରୁ ୫୦ କେଜି ଗଞ୍ଜେଇ ଜବତ କରିବା ସହ ଚୋରା ଚାଲାଣରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଏମ୍‌ଭି ୬୬ ଗ୍ରାମର ଯତୀନ ବିଶ୍ୱାସଙ୍କ ପୁଅ ବିପୁଲ ବିଶ୍ୱାସ। ରବିବାର ପୋଲିସ ତାଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଘଟଣାସ୍ଥଳରୁ ଅନ୍ୟ ୩ ଅଭିଯୁକ୍ତ ଖସି ପଳାଇବାରେ ସଫଳ ହୋଇଥିଲେ। ଅଭିଯୁକ୍ତମାନେ ପ୍ଲାଷ୍ଟିକ୍ ବ୍ୟାଗରେ ଗଞ୍ଜେଇ ରଖି ବେଆଇନ ଭାବେ ପଡୋଶୀ ଆନ୍ଧ୍ରପ୍ରଦେଶକୁ ଚାଲାଣ ପାଇଁ ଗାଡିକୁ ଅପେକ୍ଷା କରିଥିଲେ। କାଳିମେଳା ପୋଲିସ ରାତିରେ ପାଟ୍ରୋଲିଂ କରୁଥିବା ସମୟରେ କୌଣସି ସୂତ୍ରରୁ ଖବରପାଇ ଚଢ଼ାଉ କରି ମୋଟର ସାଇକେଲ ସହ ଗଞ୍ଜେଇ ଜବତ କରିଥିଲା। ଏ ସମ୍ପର୍କରେ କାଳିମେଳା ଥାନାରେ କେସ ନଂ ୨୭୩ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଥିବା ଥାନା ଅଧିକାରୀ ମୁକୁନ୍ଦ ମେଲକା ସୂଚନା ଦେଇଛନ୍ତି।

# ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

**କେନ୍ଦୁଝର, ୧୬।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ**

କେନ୍ଦୁଝର ସଦର ଥାନା ଅଞ୍ଚଳରେ ଜଣେ ୯ ବର୍ଷୀୟା ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ ହୋଇଛି। ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ପଶ୍ଚିମବଙ୍ଗ ବାଙ୍କୁରା ଜିଲା ଜଲହରି ଥାନା ଅଞ୍ଚଳର ଆସିଫ ଅନୱାର ଖାନ (୩୨)। ସୂଚନା ଅନୁଯାୟୀ, ପୀଡ଼ିତାଙ୍କ ବାପାଙ୍କ ଗ୍ରାମରେ ଏକ ଗ୍ରୋସରି ଦୋକାନ ଅଛି। ଅଭିଯୁକ୍ତ ସେ ଅଞ୍ଚଳର ଦୋକାନଗୁଡ଼ିକରେ ପାଉଁରୁଟି ବିକିବାକୁ ଯାଇଥାନ୍ତି। ଶନିବାର ପାଉଁରୁଟି ବିକିବା ପାଇଁ ଯାଇଥିବା ବେଳେ ଦୋକାନ ବନ୍ଦ ଥିବାରୁ ସେ ପୀଡ଼ିତାଙ୍କ ଘରକୁ ଯାଇଥିଲେ। ଘରେ କେହି ନ ଥିବା ଦେଖି ନାବାଳିକାଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ। ପରିବାର ଲୋକେ ଫେରି ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଦେଖି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏ ନେଇ ରବିବାର ନାବାଳିକାଙ୍କ ବାପା ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୬୯୭/୨୫) ରୁଜୁ କରି ଅଭିଯୁକ୍ତଙ୍କୁ ସ୍ଥାନୀୟ କାଶିପୁର ନିକଟରୁ ଗିରଫ କରିଥିଲା।

# ଗ୍ରାହକଙ୍କଠାରୁ ଆଦାୟ କିସ୍ତି ଟଙ୍କା ହଡ଼ପ

**ବ୍ରହ୍ମପୁର, ୧୬।୧୧ (ସୁବାସ ଚନ୍ଦ୍ର ପାଢ଼ୀ)**

## ଘରୋଇ ବ୍ୟାଙ୍କର ୨ କର୍ମଚାରୀଙ୍କ ନାଁରେ ମାମଲା

ଏକ ଘରୋଇ ବ୍ୟାଙ୍କର ୨ କର୍ମଚାରୀ ଗ୍ରାହକଙ୍କଠାରୁ ଆଦାୟ କରିଥିବା କିସ୍ତି ଟଙ୍କା ହଡ଼ପ କରି ନେଇଥିବା ଅଭିଯୋଗ ହୋଇଛି। ସେମାନେ କମ୍ପାନୀର ଆକାଉଣ୍ଟରେ ଟଙ୍କା ଜମା ନ କରି ନିଜେ ଖର୍ଚ୍ଚ କରି ଦେଇଛନ୍ତି। ଏ ନେଇ ବ୍ୟାଙ୍କର ଶାଖା ପରିଚାଳକ ରାଜେଶ କୁମାର ହାତି ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ୫୭୬/୨୫ ନମ୍ବରରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ବୈଦ୍ୟନାଥପୁର ଥାନା ଅଞ୍ଚଳରେ ଭେକ୍ଟର ଫାଇନାନ୍ସ ବ୍ୟାଙ୍କ ନାମରେ ଏକ ଘରୋଇ ଆର୍ଥିକ ନେଣଦେଣ ସଂସ୍ଥା ରହିଛି। ଏହି ଘରୋଇ ବ୍ୟାଙ୍କ ଗ୍ରାହକଙ୍କୁ ଋଣ ପ୍ରଦାନ କରିବା ପରେ ମାସିକ କିସ୍ତି ହିସାବରେ ଟଙ୍କା ଆଦାୟ କରୁଛି। ଏହି ବ୍ୟାଙ୍କରେ ନୟାଗଡ଼ ଜିଲା ପଦ୍ମଦେଇପୁର ଗ୍ରାମର ମନୋଜ ପ୍ରଧାନ ଓ କୁରେଇସିଙ୍ଗି ଗ୍ରାମର ମକର ଭୂୟାଁ ଫିଲ୍ଡ ଅଫିସର ଭାବେ କାର୍ଯ୍ୟ କରୁଥିଲେ। ପ୍ରତ୍ୟେକ ଦିନ ସେମାନେ ଗ୍ରାହକଙ୍କଠାରୁ କିସ୍ତି ଆଦାୟ କରିବା ପରେ ବ୍ୟାଙ୍କ ଆକାଉଣ୍ଟରେ ଜମା କରୁଥିଲେ। କିଛି ମାସ ତଳେ ବ୍ୟାଙ୍କର ଅଡିଟ୍ ରିପୋର୍ଟ ଆସିବା ପରେ ପ୍ରାୟ ୧ ଲକ୍ଷ ୫୦ ହଜାର ଟଙ୍କା ବ୍ୟାଙ୍କର ଆକାଉଣ୍ଟରେ ଜମା ହୋଇ ନ ଥିବା ଜଣାପଡ଼ିବା ପରେ ଏହାର ତନାଘନା କରାଯାଇଥିଲା। ଯାଞ୍ଚ ପରେ ଉଭୟ ମନୋଜ ଓ ମକର ଗ୍ରାହକଙ୍କଠାରୁ ମାସିକ କିସ୍ତି ଆଦାୟ କରିଥିଲେ ମଧ୍ୟ ତାହାକୁ ବ୍ୟାଙ୍କର ଆକାଉଣ୍ଟରେ ଜମା ନ କରି ନିଜେ ହଡପ କରି ନେଇଯାଇଥିବା ସ୍ପଷ୍ଟ ହୋଇଥିଲା।

# ଚାକିରି ନାଁରେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ, ଜେଲ ଗଲେ ମହିଳା

**ନୟାଗଡ଼, ୧୬।୧୧ (ଲୋକନାଥ ମିଶ୍ର)**

ଚାକିରି ଦେବାକୁ କହି ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗରେ ନୟାଗଡ଼ ଜିଲା ଇଟାମାଟି ଥାନା ପୋଲିସ ନୟାଗଡର କମଳିନୀ ପାଟଶାଣୀଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଛି। ସେ ୭ଜଣ ବେକାର ଯୁବକଙ୍କଠାରୁ ଚାକିରି କରାଇଦେବେ କହି ଟଙ୍କା ନେଇଥିଲେ। ଚାକିରି କରାଇ ନ ଥିଲେ କି ଟଙ୍କା ଫେରାଇ ନ ଥିଲେ। ଏନେଇ ହରେକୃଷ୍ଣପୁରର ରାକେଶ ଜେନା ଗତ କିଛି ମାସ ତଳେ ଇଟାମାଟି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୦୯/୨୫ରେ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା। ଏହି ଠକେଇ ଘଟଣାରେ କମଳିନୀଙ୍କ ଭାଇ ଓ ଖୋର୍ଦ୍ଧା ଜିଲା ବାଘମାରି ଅଞ୍ଚଳର ଅନ୍ୟ ଜଣେ ସମ୍ପୃକ୍ତ ଥିବା ଜଣାପଡ଼ିଛି।


# Classified Everyday
0674-2580101, 9692975378




REAL ESTATE

SALE

**Twinsity-** କଟକ ଓ ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **"Grand Bazar"** ସମ୍ମୁଖରୁ **NH** ସମ୍ମୁଖର ୧କି.ମି. ଦୂରତାରେ **Rev. Road** ସଂଲଗ୍ନ ଘରବାରି ପ୍ଲଟ କିଣନ୍ତୁ ଓ ଆପଣଙ୍କର ସ୍ୱପ୍ନର ଗୃହ ନିର୍ମାଣ କରନ୍ତୁ । ସନ୍ତୋଷ- **9438362273.** D-12

ଭୁବନେଶ୍ୱର ନଖରାଛକ, ଉତରାଛକ, ସୁନ୍ଦରପଦା, କଟକ ମହାନଦୀ ବିହାରରେ ଘରବାରି ପ୍ଲଟ୍, 2/3 BHK Flat/ Duplex ଅଛି- 8327785834

LIG House (136, 137, 138, 139) for sale at Sector- 3, Niladri Vihar, Near- Pani Tanki, Bhubaneswar, Contact- 9437229575. D-2575

**Apartment sale near Sum Hospital, Bhubaneswar @4500/- Sqft. - 9777433701.** D-09

**Khordha Municipality** ଏରିଆରେ ୨ଏକର ଜାଗା ପିଚୁ ରାସ୍ତାକୁ ଲାଗି ବିକ୍ରିହେବା -7008634668 ଧ-୦୮

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ପ୍ଲଟ ବିକ୍ରି ହେବ- 9178660666. ଧ-୨୫୫୫




The massage felt totally professional! & comfortable at all times- 7978109255. D-211

AFFIDAVIT

By virtue of an affidavit sworn before the Notary Public, Junagarh, dated- 10.11.2025, I, Surjit Surujal, Village/Post- Mathura, P.S.- Junagarh, Dist.- Kalahandi, Odisha, declare that I want to correction the wrong name in my son's Aadhaar from Sitan Surujal, S/o.- Surjeet Surujal to Shitansu Surujal , S/o.- Surjit Surujal. Henceforth, he will be known as Shitansu Surujal , S/o.- Surjit Surujal for all purposes. D-2589

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Balangir, dated- 14.11.2025, I, Rajib Kumbhar, Address At/P.O.- Ranisarda, P.S.- Tarbha, Dist.- Subarnapur (Odisha) declare that I have changed the name of my son from PRI RANYJAN KUMBHAR to PRIYA RANJAN KUMBHAR. Henceforth, he shall be known as PRIYA RANJAN KUMBHAR for all purposes.
Rajib Kumbhar
D-2590

By virtue of an affidavit sworn before Notary Public, Borigumma, dated- 12.09.2025, I, Samari Penthia, Address- Dhaudapalla, P.O.- Sasahandi, P.S.- Borigumma, Dist.- Koraput, Odisha,764056 declare that I have changed the name of daughter from JAYA SURIA PEMNTAIA (Old Name) to JAYASHREE PENTHIA (New Name). Henceforth, she shall be known as JAYASHREE PENTHIA (New Name) for all purposes.
JAYASHREE PENTHIA
D-2587

I, BORA PARTH SARATHI, S/O- BORA JAGANNATH RAO, RESIDENT OF AT- MAKARBAG SAHI, BUXI BAZAR, CUTTACK SADAR, DIST- CUTTACK, PIN- 753001, ODISHA DECLARE BY AFFIDAVIT NO- 76AA763871, DATED - 14/11/2025, THAT NOW ONWARDS I SHALL BE KNOWN AS B. PARTH SARATHI FOR ALL FUTURE PURPOSES.
D-2588

## ମନେ ପଡ଼ନ୍ତି

**ଦ୍ୱାଦଶାହ ଉପଲକ୍ଷେ**



**୰ଗୋପବନ୍ଧୁ ପଟ୍ଟନାୟକ**
ଛତ୍ରପୁର, ଗଞ୍ଜାମ
ଆବିର୍ଭାବ- ୦୨।୦୨।୧୯୫୦
ତିରୋଧାନ- ୦୬।୧୧।୨୦୨୫
ବିଶିଷ୍ଟ ସାହିତ୍ୟିକ, ସୃଜନଶୀଳ ଲେଖକ, ଅନୁବାଦକ, ଝରକା ସାହିତ୍ୟ ପତ୍ରିକାର ପ୍ରତିଷ୍ଠାତା ଓ ସୁଯୋଗ୍ୟ ସମ୍ପାଦକ, ଦୟାମଞ୍ଜରୀ ଟ୍ରଷ୍ଟର ପ୍ରବନ୍ଧକ, ଗୋଦାବରୀଶ ସାହିତ୍ୟ ସଂସଦ ତରଫରୁ ପ୍ରଦତ୍ତ ବାର୍ଷିକ ଦୟାମଞ୍ଜରୀ ପୁରସ୍କାରର ପ୍ରବର୍ତ୍ତକ, ସେବା ନିବୃତ୍ତ ଷ୍ଟେଟ ବ୍ୟାଙ୍କ ଅଫିସର ଶ୍ରୀ ଗୋପବନ୍ଧୁ ପଟ୍ଟନାୟକ ଆଉ ଆମ ଗହଣରେ ନାହାନ୍ତି। ଚଳିତ ନଭେମ୍ବର ମାସ ୦୬ ତାରିଖରେ ନୂଆଦିଲ୍ଲୀ ସ୍ଥିତ ଆଇ.ଏଲ.ବି.ଏସ ହସ୍ପିଟାଲରେ ସମସ୍ତଙ୍କୁ ଶୋକସାଗରରେ ଭସାଇ ସେ ପରଲୋକ ଗମନ କରିଛନ୍ତି, ତାଙ୍କରି ଅମର ଆତ୍ମାର ସଦ୍‌ଗତି ଓ ମୋକ୍ଷପ୍ରାପ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ପ୍ରାର୍ଥନା ସହ ବେଦନାସିକ୍ତ ବନ୍ଧୁ ଓ ପରିବାରବର୍ଗ/ ଆତ୍ମୀୟସ୍ୱଜନ।

**ପ୍ରଥମ ଶ୍ରାଦ୍ଧବାର୍ଷିକ**



**୰ଡ. ଗୋବିନ୍ଦ ଚନ୍ଦ୍ର ନାୟକ**
ସ୍ଥାନ- ଭୁବନେଶ୍ୱର
ଆବିର୍ଭାବ- ୦୧.୦୭.୧୯୪୪
ତିରୋଧାନ- ୩୦.୧୧.୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟର ପ୍ରାର୍ଥନା। ତାଙ୍କର ଆଦର୍ଶ, କର୍ତ୍ତବ୍ୟବୋଧ, ସ୍ନେହ, ତ୍ୟାଗ ଓ ପରୋପକାରିତା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ।
-:ଶୋକସନ୍ତପ୍ତ ;-
ପତ୍ନୀ- ନମିତା, ଝିଅ- ଜ୍ୱାଇଁ, ନାତି ଓ ନାତୁଣୀ, ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ


# ଗୋଟିଏ ରାତିରେ ୩ ମନ୍ଦିରରୁ ଚୋରି, ୨ ଅଟକ

**ଧର୍ମଶାଳା, ୧୬।୧୧ (ବଟକୃଷ୍ଣ ପରିଡ଼ା)**

ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ଶଙ୍ଖାରିଡ଼ିହ ପଞ୍ଚମୁଖୀ ହନୁମାନ ମନ୍ଦିର, ରାଧାନଗର ହନୁମାନ ମନ୍ଦିର ଓ ଡ଼େରାବର ବରେଇଶୁଣୀ ମଠରୁ ୩ଜଣ ଯୁବକ ଶନିବାର ରାତିରେ ପିତ୍ତଳ ବାସନ, ଘଣ୍ଟ , ଦାନ ବାକ୍ସରୁ ଟଙ୍କା ଓ ମୂର୍ତ୍ତି ଚୋରି କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ୍ ମାମଲା ରୁଜୁ କରି ସିସିଟିଭି ଆଧାରରେ ୨ଜଣ ଯୁବକକୁ ଅଟକ ରଖି ତଦନ୍ତ ଚଳାଇଥିବା ଜଣାଯାଇଛି। ସମ୍ପୃକ୍ତ ଯୁବକମାନେ ନିଶା ଖାଇବା ପାଇଁ ମନ୍ଦିରରୁ ଚୋରି କରିଥିବା ସାଧାରଣରେ ଆଲୋଚନା ହେଉଛି।

# ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣା: ୩ ମାସ ପରେ ଚାଳକ ଗିରଫ

**ଭୁବନେଶ୍ୱର, ୧୬।୧୧ (ସତ୍ୟଜିତ ରାଉତ)**

ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟଣାରେ ଏୟାରଫିଲ୍ଡ ଥାନା ପୋଲିସ ଅଭିଯୁକ୍ତ ଚାଳକଙ୍କୁ ୩ ମାସ ପରେ ରବିବାର ଗିରଫ କରିଛି। ସେ ହେଲେ ଏୟାରଫିଲ୍ଡ ଥାନା ଅନ୍ତର୍ଗତ କପିଳପ୍ରସାଦ ଡିପ ସାହିର ଅଦେଇ ସାମଲ (୪୪)। ତାଙ୍କଠାରୁ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟର ଜବତ କରାଯାଇଛି। କୋର୍ଟଚାଲାଣ ପରେ ଅଦେଇଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯୁବକ ହେଲେ ସ୍ଥାନୀୟ ଚଣ୍ଡୀବଜାରରେ ରହୁଥିବା ମୟୂରଭଞ୍ଜର ମାଥୁରି ବାସ୍କେ। ସେ ଅଗଷ୍ଟ ୧୪ ସନ୍ଧ୍ୟାରେ ଅନ୍ୟ ଦୁଇ ସାଙ୍ଗଙ୍କ ସହ ଏକ ବାଇକରେ ଯୋଗେ ବୋତଣ୍ଡା ଯାଉଥିବା ବେଳେ ଭାରସାମ୍ୟ ହରାଇ ସମସ୍ତେ ରାସ୍ତା ଉପରେ ପଡ଼ିଯାଇଥିଲେ। ଏହି ସମୟରେ ଟ୍ରାକ୍ଟର ନେଇ ଆସୁଥିବା ଅଦେଇ ପଛ ପାର୍ଶ୍ୱରୁ ଅତି ଦ୍ରୁତ ଗତିରେ ମାଥୁରିଙ୍କ ଉପରେ ଚଢ଼ି ଚାଲିଯାଇଥିଲେ। ଫଳରେ ମାଥୁରି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଚିକିତ୍ସା ଲାଗି ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ପରେ ଏମ୍ସ ନିଆଯାଇଥିଲା। ସେଠାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ଦୁର୍ଘଟଣା ଘଟାଇ ଅଦେଇ ଫେରାର ହୋଇଯାଇଥିଲେ। ଏନେଇ ମୃତକଙ୍କ ବାପା ଅନ୍ତୁ ବାସ୍କେଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୭୯/୨୦୨୫) ରୁଜୁ କରି ତଦନ୍ତ କରିଥିଲା।

# ବ୍ୟାଟେରି ଚୋରି ଗ୍ୟାଙ୍ଗ ସଦସ୍ୟ ଧରାପଡ଼ିଲେ

**ଭୁବନେଶ୍ୱର, ୧୬।୧୧ (ସତ୍ୟଜିତ ରାଉତ)**

## ୫ରୁ ଊର୍ଦ୍ଧ୍ୱ ବ୍ୟାଟେରି ଜବତ, ସହଯୋଗୀଙ୍କୁ ଖୋଜା ଚାଲିଛି

ବିଭିନ୍ନ ଦୋକାନ ଓ ଗାଡ଼ିରୁ ବ୍ୟାଟେରି ଚୋରି କରିନେଉଥିବା ଏକ ଗ୍ୟାଙ୍ଗର ଜଣେ ସଦସ୍ୟଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ରବିବାର କାବୁ କରିଛି। ପୋଲିସ ତାଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି। ଅଭିଯୁକ୍ତଙ୍କଠାରୁ ଏକ କାର୍ ଓ ସେଥିରେ ଥିବା ୫ରୁ ଊର୍ଦ୍ଧ୍ୱ ବ୍ୟାଟେରୀ ଏବଂ ଅନ୍ୟାନ୍ୟ ଉପକରଣ ଜବତ ହୋଇଛି। ଫେରାର ହେବା ବେଳେ ନିଳାଦ୍ରୀ ବିହାର ଅଞ୍ଚଳରେ ପୋଲିସ ଅଭିଯୁକ୍ତଙ୍କୁ କାବୁ କରିଥିଲା। ତେବେ ଏହି ଗ୍ୟାଙ୍ଗର ଅନେକ ସଦସ୍ୟ ଥିବାବେଳେ ପୋଲିସ ସେମାନଙ୍କୁ ଧରିବାକୁ ପ୍ରୟାସ ଚଳାଇଛି। ଏଥିସହ ଆହୁରି ଅଧିକ ବ୍ୟାଟେରୀ ଜବତ ହେବା ସମ୍ଭାବନା ରହିଛି। ସୋମବାର ଏନେଇ ପୋଲିସ ବିସ୍ତୃତ ସୂଚନା ଦେବ ବୋଲି କହିଛି।

# ଘର ତାଲା ଭାଙ୍ଗି ଟଙ୍କା, ସୁନା ନେଇଗଲେ ଦୁର୍ବୃତ୍ତ

**ବ୍ରହ୍ମପୁର, ୧୬।୧୧ (ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ବାପୁଜୀନଗର ଦ୍ୱିତୀୟ ଲାଇନରେ ଏକ ଘରର ଗ୍ରୀଲ ଓ ମୁଖ୍ୟ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା, ସୁନା ଗହଣା ଓ ମୂଲ୍ୟବାନ ସାମଗ୍ରୀ ନେଇଯାଇଛନ୍ତି। ଗୃହକର୍ତ୍ତା ସୌମ୍ୟରଞ୍ଜନ ପାଳ ଏ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୫୭୫/୨୫ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ବାପୁଜୀନଗର ଦ୍ୱିତୀୟ ଲାଇନରେ ଥିବା ନିର୍ମଳା ରାମ ନିବାସ ପ୍ଲଟ ନଂ ୪୯/୫୦ରେ ସୌମ୍ୟରଞ୍ଜନ ରୁହନ୍ତି। ଗତ ୧୨ ତାରିଖ ସେ ଘରେ ତାଲା ପକାଇ କୌଣସି କାମରେ ଭଞ୍ଜନଗର ଯାଇଥିଲେ। ୧୩ ତାରିଖରେ ଫେରିବା ପରେ ଘରର ଗ୍ରୀଲ ଓ ମୁଖ୍ୟ ଫାଟକରେ ପଡିଥିବା ତାଲା ଭଙ୍ଗାଯାଇଥିବା ଦେଖିଥିଲେ। ଘରେ ଥିବା ଆଲମୀରା ଚାବି ଭଙ୍ଗାଯାଇଥିବା ବେଳେ ସେଥିରେ ଥିବା ଗୋଟାଏ ସୁନା ଚେନ, ଗୋଟିଏ ସୁନା ହାର, ୪ଟି ସୁନା ମୁଦି, ସୁନା କାନଫୁଲ ହଳେ, ରୁପା ପାଉଁଜି ଦୁଇ ହଳ, ୬୦ ହଜାର ଟଙ୍କା, ୪ଟି ହାତ ଘଣ୍ଟା ଆଦି ଚୋରି ହୋଇଥିବା ଦେଖି ଥାନାରେ ଅଭିଯୋଗ କରିଛନ୍ତି ସୌମ୍ୟରଞ୍ଜନ। ପୋଲିସ ସିସିଟିଭି ଫୁଟେଜ ସଂଗ୍ରହ କରି ଚୋର ଦଳଙ୍କୁ କାବୁ କରିବା ପାଇଁ ଯୋଜନା କରୁଛି।

# କ୍ୱାଣ୍ଟମ୍ ଯୁଗର ଅବଦାନ



ନିକୁଞ୍ଜ ବିହାରୀ ସାହୁ

''ବିଜ୍ଞାନଜଗତ ଏହିପରି ଏକ ସଂକଟମୟ ପରିସ୍ଥିତି ଦେଇ ଗତି କରୁଥିବା ସମୟରେ ୧୯୦୦ ଖ୍ରୀଷ୍ଟାବ୍ଦରେ ଜଣେ ଜର୍ମାନୀ ବୈଜ୍ଞାନିକ ମାକ୍ସ ପ୍ଲାଙ୍କ ଏକ ନୂତନ ତତ୍ତ୍ୱ ଆବିଷ୍କାର କଲେ। ତାଙ୍କ ତତ୍ତ୍ୱ ଅନୁସାରେ ଶକ୍ତି ନିରବଚ୍ଛିନ୍ନ ପ୍ରବାହ ପରିବର୍ତ୍ତେ କ୍ଷୁଦ୍ରାତିକ୍ଷୁଦ୍ର ଅନେକ ପ୍ୟାକେଟ ମୁଣାର ବିଚ୍ଛିନ୍ନ ସମାହାର। ସେହି ମୁଣାକୁ 'କ୍ୱାଣ୍ଟମ୍' ବୋଲି କୁହାଗଲା। ଏହି ତତ୍ତ୍ୱ ଅନୁସାରେ ପଦାର୍ଥର ପରମାଣୁ ସମସ୍ତ ମୂଲ୍ୟର ଶକ୍ତି ଉତ୍ସର୍ଜନ କିମ୍ବା ଅବଶୋଷଣ ନକରି କେବଳ କେତକ ନିର୍ଦ୍ଦିଷ୍ଟ ମୂଲ୍ୟର ଶକ୍ତି ବିନିମୟ କରିଥାଏ।''



ନେଲସ ବୋ'ର



ବିଂଶ ଶତାବ୍ଦୀ ପୂର୍ବରୁ ବୈଜ୍ଞାନିକମାନେ ଆତ୍ମସନ୍ତୋଷ ଲାଭ କରୁଥିଲେ ଯେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଅଧିକାଂଶ ଆବିଷ୍କାର ଘଟିସାରିଛି ଏବଂ ଏହି ଦିଗନ୍ତରେ ଆଉ କିଛି ନୂତନ ସମ୍ଭାବନା ବାକି ନାହିଁ। ସେ ସମୟରେ ନିଉଟନଙ୍କ ପ୍ରଦତ୍ତ ପାରମ୍ପରିକ ବିଜ୍ଞାନର ପଦ୍ଧତି ଅନୁସରଣ ପୂର୍ବକ ଏକ ବିଲିଆର୍ଡ଼ ବଲର ଗତିରୁ ଆରମ୍ଭକରି ବିଶ୍ୱବ୍ରହ୍ମାଣ୍ଡରେ ଗ୍ରହ ଉପଗ୍ରହ ଏବଂ ଗାଲାକ୍ସିମାନଙ୍କର ଗତି ବୁଝାଇ ହେଉଥିଲା। ସେ ସମୟରେ ବିଶ୍ୱାସ କରାଯାଉଥିଲା ଯେ ପ୍ରକୃତିରେ ଶକ୍ତି ଏକ ଅବିଚ୍ଛିନ୍ନ ପ୍ରବାହ, ଅର୍ଥାତ କୌଣସି ଉତ୍ତପ୍ତ ବସ୍ତୁର ପରମାଣୁସବୁ ସମସ୍ତ ମୂଲ୍ୟର ଶକ୍ତି ଉତ୍ସର୍ଜନ କିମ୍ବା ଅବଶୋଷଣ କରିଥାନ୍ତି। ମାତ୍ର ଏ କ୍ଷେତ୍ରରେ ଏକ ବ୍ୟତିକ୍ରମ ଥିଲା ଏକ କୃଷ୍ଣବସ୍ତୁର ବିକିରଣ।

### କୃଷ୍ଣବସ୍ତୁର ବିକିରଣ

କୃଷ୍ଣବସ୍ତୁ ଏକ ଆଦର୍ଶ ବସ୍ତୁ, ଯାହା ଆପତିତ ଶକ୍ତିର ସମସ୍ତ ବିକିରଣକୁ ଅବଶୋଷଣ କିମ୍ବା ଉତ୍ସର୍ଜନ କରିଥାଏ ଏବଂ ଉତ୍ସର୍ଜିତ ଶକ୍ତିର ପରିମାଣ କେବଳ ବସ୍ତୁର ତାପମାତ୍ରା ଉପରେ ନିର୍ଭର କରିଥାଏ। ପରେ ବୈଜ୍ଞାନିକମାନେ କୌଣସି କୃଷ୍ଣବସ୍ତୁର ଉତ୍ସର୍ଜନ ନିମନ୍ତେ ତା'ର ଆବୃତ୍ତି ଅନୁସାରେ ଶକ୍ତିର ପରିମାଣକୁ ପରୀକ୍ଷା ମୂଳକ ଭାବେ ଅନୁଧ୍ୟାନ କରି ଲକ୍ଷ୍ୟକଲେ ଯେ, ନିମ୍ନ ଆବୃତ୍ତି ପରିସରରେ ଉତ୍ସର୍ଜିତ ଶକ୍ତି ଆବୃତ୍ତି ସହିତ ଧୀରେ ଧୀରେ ବୃଦ୍ଧି ପାଉଛି ଏବଂ ଉଚ୍ଚ ଆବୃତ୍ତିରେ ଉତ୍ସର୍ଜିତ ଶକ୍ତି ଅଚାନକ ହ୍ରାସ ପାଉଛି। ପାରମ୍ପରିକ ରାଲେ-ଜିନ୍ସଙ୍କ ନିୟମ ଅନୁସାରେ, ବିକିରଣର ଆବୃତ୍ତି ବଢ଼ିଲେ ଉତ୍ସର୍ଜିତ ଶକ୍ତିର ପରିମାଣ ତଦନୁସାରେ ବଢ଼ିଥାଏ। ଅର୍ଥାତ ଅତିବାଇଗଣି ଭଳି ଅତି ଉଚ୍ଚ ଆବୃତ୍ତିରେ କୃଷ୍ଣବସ୍ତୁ ଅସୀମ ଶକ୍ତି ବିକିରଣ କରିବା କଥା, ମାତ୍ର ବାସ୍ତବକ୍ଷେତ୍ରରେ ସେପରି ହୁଏ ନାହିଁ। ଏହି ବ୍ୟତିକ୍ରମକୁ 'ଅତିବାଇଗଣି ସଙ୍କଟ' ବୋଲି କୁହାଗଲା।

ଏହି ସମସ୍ୟାର ସମାଧାନ ପାରମ୍ପରିକ ବିଜ୍ଞାନ ପକ୍ଷରେ ସମ୍ଭବପର ନଥିଲା।

ବିଜ୍ଞାନଜଗତ ଏହିପରି ଏକ ସଂକଟମୟ ପରିସ୍ଥିତି ଦେଇ ଗତି କରୁଥିବା ସମୟରେ ୧୯୦୦ ଖ୍ରୀଷ୍ଟାବ୍ଦରେ ଜଣେ ଜର୍ମାନୀ ବୈଜ୍ଞାନିକ ମାକ୍ସ ପ୍ଲାଙ୍କ ଏକ ନୂତନ ତତ୍ତ୍ୱ ଆବିଷ୍କାର କଲେ। ତାଙ୍କର ତତ୍ତ୍ୱ ଅନୁସାରେ ଶକ୍ତି ନିରବଚ୍ଛିନ୍ନ ପ୍ରବାହ ପରିବର୍ତ୍ତେ କ୍ଷୁଦ୍ରାତିକ୍ଷୁଦ୍ର ଅନେକ ପ୍ୟାକେଟ ମୁଣାର ବିଚ୍ଛିନ୍ନ ସମାହାର। ସେହି ମୁଣାକୁ 'କ୍ୱାଣ୍ଟମ୍' ବୋଲି କୁହାଗଲା। ଏହି ତତ୍ତ୍ୱ ଅନୁସାରେ ପଦାର୍ଥର ପରମାଣୁ ସମସ୍ତ ମୂଲ୍ୟର ଶକ୍ତି ଉତ୍ସର୍ଜନ କିମ୍ବା ଅବଶୋଷଣ ନକରି କେବଳ କେତେକ ନିର୍ଦ୍ଦିଷ୍ଟ ମୂଲ୍ୟର ଶକ୍ତି ବିନିମୟ କରିଥାଏ। ତାଙ୍କର ଏହି ନୂତନ ତତ୍ତ୍ୱ ସେତେବେଳେ ବିଜ୍ଞାନ ଜଗତରେ ଚହଳ ସୃଷ୍ଟି କରିଥିଲା। ମାତ୍ର ଏହି ତତ୍ତ୍ୱର ପ୍ରୟୋଗ ଦ୍ୱାରା କୌଣସି କୃଷ୍ଣବସ୍ତୁର ଆବୃତ୍ତି ଅନୁସାରେ ଉତ୍ସର୍ଜିତ ଶକ୍ତିର ପରିମାଣକ ଠିକ ରୂପେ ବୁଝାଇ ହେଲା। ଏହି ନୂତନ ତତ୍ତ୍ୱକୁ 'କ୍ୱାଣ୍ଟମ୍ ତତ୍ତ୍ୱ' ବୋଲି କୁହାଗଲା। ପ୍ଲାଙ୍କଙ୍କର ଏହି ମହତ୍ତ୍ୱପୂର୍ଣ୍ଣ ଅବଦାନ ପାଇଁ ତାଙ୍କୁ 'କ୍ୱାଣ୍ଟମ୍ ତତ୍ତ୍ୱର ଜନକ' ବୋଲି କୁହାଗଲା।

### ପରମାଣୁର ଗଠନରେ କ୍ୱାଣ୍ଟମ୍ ତତ୍ତ୍ୱର ପ୍ରୟୋଗ

୧୯୧୩ ମସିହାରେ ଡେନମାର୍କର ପଦାର୍ଥବିଜ୍ଞାନୀ ନେଲସ ବୋ'ର ଏହି କ୍ୱାଣ୍ଟମ୍ ତତ୍ତ୍ୱ ପ୍ରୟୋଗ କରି ହାଇଡ୍ରୋଜେନ ପରମାଣୁର ବର୍ଣ୍ଣାଳୀକୁ ସଫଳତାର ସହ ବୁଝାଇବା ସହିତ ପରମାଣୁର ଗଠନ ସମ୍ପର୍କରେ ଏକ ନୂତନ ମତବାଦ ଉପସ୍ଥାପନା କଲେ। ପରମାଣୁର ଗଠନ ସମ୍ପର୍କରେ ପୂର୍ବରୁ ପ୍ରଚଳିତ ମତବାଦ ପରମାଣୁର ସ୍ଥାୟିତ୍ୱ ବୁଝାଇବା ନିମନ୍ତ ଅସମର୍ଥ ଥିଲା। ବୋ'ର ପାରମ୍ପରିକ ବିଜ୍ଞାନ ସହିତ କ୍ୱାଣ୍ଟମ୍ ତତ୍ତ୍ୱର ମିଶ୍ରଣ କରି ଏକ ନୂତନ ମତବାଦ ପ୍ରଣୟନ କଲେ, ଯାହା ପରମାଣୁର ସ୍ଥାୟିତ୍ୱ ଏବଂ ହାଇଡ୍ରୋଜେନ ଭଳି ପରମାଣୁର ବର୍ଣ୍ଣାଳୀ ସଫଳତାର ସହ ବୁଝାଇ ପାରିଲା। ଏହା କ୍ୱାଣ୍ଟମ୍ ତତ୍ତ୍ୱର ଅନ୍ୟ ଏକ ବଡ଼ ସଫଳତା ଥିଲା। ବୋ'ର ମତପୋଷଣ କରିଥିଲେ ଯେ, ପରମାଣୁର ନିଉକ୍ଲିୟସ ଚାରିପଟେ ଘୂରୁଥିବା ଇଲେକ୍ଟ୍ରନ ସମସ୍ତ କକ୍ଷପଥ ଗ୍ରହଣ କରିପାରିବ ନାହିଁ। ତାହା କେବଳ ସେହି କକ୍ଷ ଗ୍ରହଣ କରିପାରିବ ଯେଉଁଠି ତା'ର ସମୁଦାୟ ଶକ୍ତିର ପରିମାଣ ସ୍ଥିର ରହିଥାଏ। ସେଥିପାଇଁ ସେ ଇଲେକ୍ଟ୍ରନର କୌଣୀୟ ସଂବେଗ (Angular momentum) ପାଇଁ ସମସ୍ତ ମୂଲ୍ୟ ଗ୍ରହଣ ପରିବର୍ତ୍ତେ କିଛି ନିର୍ଦ୍ଦିଷ୍ଟ ମୂଲ୍ୟର ପ୍ରସ୍ତାବନା କଲେ।

### ପ୍ରକାଶ-ବୈଦ୍ୟୁତିକ ପ୍ରଭାବ

ବୈଜ୍ଞାନିକ ଆଇନଷ୍ଟାଇନ କ୍ୱାଣ୍ଟମ୍ ତତ୍ତ୍ୱକୁ ଆଉ ପାଦେ ଆଗେଇ ନେଇ ଏହାକୁ ପ୍ରକାଶ କିମ୍ବା ଆଲୋକ କ୍ଷେତ୍ରରେ ପ୍ରୟୋଗ କଲେ। ପୂର୍ବରୁ ବିଶ୍ୱାସ କରାଯାଉଥିଲା ଯେ, ଆଲୋକ ଏକ ତରଙ୍ଗ ଏବଂ ଏହା ଶକ୍ତିର ଏକ ଅବିଚ୍ଛିନ୍ନ ପ୍ରବାହ। ମାତ୍ର ଆଲୋକର ଏହି ଧର୍ମ ବ୍ୟବହାର କରି ପ୍ରକାଶ-ବୈଦ୍ୟୁତିକ ପ୍ରଭାବ ସମ୍ପର୍କୀୟ ପରୀକ୍ଷାର ଫଳାଫଳକୁ ବୁଝାଇବା ସମ୍ଭବ ହେଲା ନାହିଁ। କେତେକ ପଦାର୍ଥ ଉପରେ ଆଲୋକ ପଡ଼ିଲେ ସେଥିରୁ ଇଲେକ୍ଟ୍ରନ ସ୍ୱତଃ ନିର୍ଗତ ହୁଏ, ଯାହାକୁ ପ୍ରକାଶ-ବୈଦ୍ୟୁତିକ ପ୍ରଭାବ କହନ୍ତି।

ପାରମ୍ପରିକ ବିଜ୍ଞାନ ଏହି ପ୍ରକାଶ-ବୈଦ୍ୟୁତିକ ପ୍ରଭାବ ସମ୍ପର୍କୀୟ ମୁଖ୍ୟତଃ ତିନୋଟି ପ୍ରସଙ୍ଗ ଯଥା ଦ୍ୱାରଦେଶୀୟ ଆବୃତ୍ତି, ତତ୍କାଳିକ ଇଲେକ୍ଟ୍ରନ ଉତ୍ସର୍ଜନ ପ୍ରକ୍ରିୟା, ଉତ୍ସର୍ଜିତ ଇଲେକ୍ଟ୍ରନଗୁଡ଼ିକର ଗତିଜ ଶକ୍ତିର ଆପତିତ ଆଲୋକରଶ୍ମିର ତୀବ୍ରତା ପରିବର୍ତ୍ତେ ଆବୃତ୍ତି ଉପରେ ନିର୍ଭରଶୀଳତା ଇତ୍ୟାଦି ବୁଝାଇ ପାରିଲା ନାହିଁ। ଏହି ସଂକଟକୁ ଦୂର କରିବା ପାଇଁ ଆଇନଷ୍ଟାଇନ ମତ ଦେଲେ ଯେ, ଆଲୋକ ଶକ୍ତିର ଏକ ଅବିଚ୍ଛିନ୍ନ ପ୍ରବାହ ପରିବର୍ତ୍ତେ ଅନେକ ଶକ୍ତିମନ୍ତ ବସ୍ତୁତ୍ୱ ବିହୀନ କଣିକା 'ଫୋଟନ'ର ସମାହାର, ଯାହା ଆଲୋକ ବେଗରେ ଗତି କରିଥାନ୍ତି। ସେ ଏହି ତତ୍ତ୍ୱ ପ୍ରୟୋଗ କରି ପ୍ରକାଶ-ବୈଦ୍ୟୁତିକ ପ୍ରଭାବ ସମ୍ପର୍କୀୟ ପର୍ଯ୍ୟବେକ୍ଷଣର ଫଳାଫଳକୁ ଠିକ୍ ରୂପେ ବୁଝାଇ ପାରିଲେ। ଆଇନଷ୍ଟାଇନଙ୍କ ପ୍ରକାଶ-ବୈଦ୍ୟୁତିକ ପ୍ରଭାବ ସମ୍ପର୍କୀୟ ଏହି ଯୁଗାନ୍ତକାରୀ ମତବାଦ ପାଇଁ ତାଙ୍କୁ ୧୯୨୨ ମସିହାରେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ପ୍ରଦାନ କରାଗଲା।

ଏଇବର୍ଷ ତିନିଜଣ ଆମେରିକୀୟ ପଦାର୍ଥବିଜ୍ଞାନୀ ନିଜର କ୍ୱାଣ୍ଟମ୍ ତତ୍ତ୍ୱ ସମ୍ବନ୍ଧୀୟ ଆବିଷ୍କାର ନିମନ୍ତେ ନୋବେଲ ପୁରସ୍କାର ଲାଭ କରିଛନ୍ତି। ସେ ପଦାର୍ଥବିଜ୍ଞାନୀମାନେ ହେଲେ: ଜନ୍ କ୍ଲାର୍କ, ମାଇକେଲ ଏଚ୍. ଡେଭୋରେଟ ଏବଂ ଜନ୍ ମାର୍ଟିନିସ। ସେମାନେ ଏକ ବୈଦ୍ୟୁତିକ ପରିପଥରେ ଶକ୍ତିର କ୍ୱାଣ୍ଟମ୍‌କରଣ ପ୍ରକ୍ରିୟା ତଥା ସ୍ଥୂଳ ପରିସ୍ଥିତିରେ କ୍ୱାଣ୍ଟମ୍ ଯାନ୍ତ୍ରିକୀ ଟନେଲିଙ୍ଗ ପ୍ରଭାବ ଆବିଷ୍କାର ପାଇଁ ଏହି ନୋବେଲ ପୁରସ୍କାର ବିଜେତା ହୋଇଛନ୍ତି।

ଏହିପରି ଭାବରେ କ୍ୱାଣ୍ଟମ୍ ଯୁଗର ସୂତ୍ରପାତ ହୁଏ। ଏହି କ୍ୱାଣ୍ଟମ ତତ୍ତ୍ୱକୁ ଭିତ୍ତିକରି ଆଧୁନିକ ଯୁଗର ଅନେକ ଉପକରଣ ଯଥା ଲେଜର, ଟ୍ରାଞ୍ଜିଷ୍ଟର, ଏଲ୍.ଇ.ଡି. ଶରୀର ଅଭ୍ୟନ୍ତର ଟିସୁର ଫଟୋଚିତ୍ର ଉତ୍ତୋଳନ ନିମନ୍ତେ ବ୍ୟବହୃତ ଏମ୍‌ଆର୍‌ଆଇ ଯନ୍ତ୍ର, କ୍ୱାଣ୍ଟମ୍ କମ୍ପ୍ୟୁଟର, ସୂକ୍ଷ୍ମ ଅଣୁଜୀବଙ୍କ ସ୍ପଷ୍ଟ ଦର୍ଶନ ପାଇଁ ବ୍ୟବହୃତ ସ୍କାନିଙ୍ଗ ଟନେଲିଙ୍ଗ ମାଇକ୍ରୋସ୍କୋପ୍ ଇତ୍ୟାଦି ବିକଶିତ କରାଯାଇ ପାରିଲା। ମାନବ ସମାଜକୁ କ୍ୱାଣ୍ଟମ୍ ତତ୍ତ୍ୱର ଏହି ବିପୁଳ ଅବଦାନକୁ ସ୍ମରଣୀୟ କରିବା ପାଇଁ ଏହି ବର୍ଷ ୨୦୨୫ ମସିହାକୁ 'ଅନ୍ତର୍ଜାତୀୟ କ୍ୱାଣ୍ଟମ୍ ବିଜ୍ଞାନ ଓ ପ୍ରଯୁକ୍ତି ବର୍ଷ' ବୋଲି ଘୋଷଣା କରାଯାଇଛି।

-ଏଜୁକେଶନ ଅଫିସର,
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ମୋ : ୮୦୧୮୭୦୮୪୮

## ପ୍ଲାଷ୍ଟିକ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ



ସାଧାରଣତଃ ବିଭିନ୍ନ କାରଣରୁ ଜଳବାୟୁ ପରିବର୍ତ୍ତନ ଘଟିଥାଏ। ବର୍ତ୍ତମାନ ଏହା ଦିନକୁ ଦିନ ଯେଉଁଭଳି ପ୍ରଦୂଷିତ ହେବାରେ ଲାଗିଛି ତାହା ଉପରେ ପରିବେଶବିତ୍‌ମାନେ ଚିନ୍ତାପ୍ରକଟ କଲେଣି। ଜଳବାୟୁର ଏହି ପରିବର୍ତ୍ତିତ ରୂପ ପାଇଁ ପ୍ଲାଷ୍ଟିକ ପ୍ରଦୂଷଣ କେତେକାଂଶରେ ଦାୟୀ ବୋଲି ସିଡ୍‌ନୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ସର୍ଭେରୁ ଜଣାପଡିଛି। ଅଶୋଧିତ ପେଟ୍ରୋଲିୟମ୍‌ରୁ ପ୍ଲାଷ୍ଟିକ ଉତ୍ପାଦନ କରିବାକୁ ହେଲେ ଯେଉଁ ରାସାୟନିକ ପଦ୍ଧତି ଅବଲମ୍ବନ କରାଯାଏ ସେଥିରୁ ଅନେକ ବିଷାକ୍ତ ଓ ସବୁଜଘର ଗ୍ୟାସ୍ ଉତ୍ପନ୍ନ ହୋଇ ପରିବେଶକୁ ନିର୍ଗମନ ଘଟେ। ପୁଣି ପ୍ଲାଷ୍ଟିକ ପଦାର୍ଥକୁ ଭସ୍ମୀକରଣ ପ୍ରକ୍ରିୟାରେ ପୋଡି ନଷ୍ଟ କରାଯିବା ଦ୍ୱାରା ମଧ୍ୟ ଅନେକ ସବୁଜଘର ଗ୍ୟାସ ବାୟୁମଣ୍ଡଳକୁ ନିର୍ଗତ ହୁଏ। ଗତ ୨୦୧୯ ମସିହାରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାଯାଏ ଯେ, ପ୍ଲାଷ୍ଟିକ ଉତ୍ପାଦନ ଓ ଭସ୍ମୀକରଣ ପ୍ରକ୍ରିୟା ଯୋଗୁ ବାୟୁମଣ୍ଡଳକୁ ସମୁଦାୟ ୮୫୦ ମିଲିୟନ ଟନ୍ ସବୁଜଘର ଗ୍ୟାସ ଉତ୍ସର୍ଜିତ ହୋଇଛି। ଆଗାମୀ ୨୦୫୦ ମସିହା ବେଳକୁ ଏହା ଆଶାତୀତ ବୃଦ୍ଧି ପାଇ କେବଳ ପ୍ଲାଷ୍ଟିକ ଯୋଗୁ ଉତ୍ସର୍ଜିତ ସବୁଜଘର ଗ୍ୟାସର ପରିମାଣ ସମୁଦାୟ ବିଶ୍ୱ ଉତ୍ସର୍ଜନର ୧୪% ମାତ୍ରାରେ ପହଞ୍ଚିବ ବୋଲି ଆଶଙ୍କା ପ୍ରକାଶ କରାଯାଏ। ଏହି ବିପୁଳ ସବୁଜଘର ଗ୍ୟାସ୍ ଯେ ଭବିଷ୍ୟତରେ ବିଶ୍ୱତାପନ ପ୍ରକ୍ରିୟାରେ ସହାୟକ ହୋଇ ବିଶ୍ୱ ଜଳବାୟୁ ପରିବର୍ତ୍ତନର ଧାରାକୁ ଘୋର ତ୍ୱରାନ୍ୱିତ କରିବ ଏଥିରେ ସନ୍ଦେହ ନାହିଁ।

## ଡିପ୍ରେସନ୍ ଦୂର କରିବାର ସହଜ ଉପାୟ



ବର୍ତ୍ତମାନର ବ୍ୟସ୍ତମୟ ଜୀବନରେ ଜଣେ ଡିପ୍ରେସର ସମ୍ମୁଖୀନ ହେବା କିଛି ନୂଆ କଥା ନୁହେଁ। କିନ୍ତୁ ଏହାଠାରୁ ନିଜକୁ କେତେକାଂଶରେ ଦୂରେଇ ରଖିବାର ଏକ ସହଜ ତଥା ସରଳ ଉପାୟ ରହିଛି। ତାହା ହେଲା ଖାଦ୍ୟପେୟ। ଆମେ ଜାଣୁ ଯେ, ଶରୀରକୁ ସୁସ୍ଥ ଓ ମଜଭୁତ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ହେଲେ ଏବେ ଅନେକେ ଖାଇବାରେ ସନ୍ତୁଳନ ନ ରଖିବାରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ବେଜିଂ ୟୁନିଭର୍ସିଟି ପକ୍ଷରୁ ହୋଇଥିବା ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି ଯେ,ଯଦି ଜଣେ ବ୍ୟକ୍ତି ନିଜର ଖାଦ୍ୟପେୟ ଠିକ୍‌ଠାକ୍ ରଖନ୍ତି, ତେବେ ସେ ନିଜକୁ ଡିପ୍ରେଶନଠାରୁ କେତେକାଂଶରେ ଦୂରେଇ ରଖିପାରିବେ। କେତେକ ବ୍ୟକ୍ତି ଡିପ୍ରେସନ୍‌ରେ ରହିବା ସମୟରେ ଅଧିକ ଖାଦ୍ୟ ଖାଇଥାନ୍ତି। ଏହାଦ୍ୱାରା ପରବର୍ତ୍ତୀ ସମୟରେ ସେମାନେ ମେଦବହୁଳତାର ଶିକାର ହୋଇଥାନ୍ତି। ତେଣୁ ଡିପ୍ରେଶନଠାରୁ ନିଜକୁ ଦୂରେଇ ରଖିବା ଲାଗି ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ। ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ପ୍ରୋଟିନ୍, ଓମେଗା ୩ ଫ୍ୟାଟି ଏସିଡ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଥିବା ଖାଦ୍ୟକୁ ସାମିଲ କରନ୍ତୁ। ଗାଜର, ମୂଳା, କଖାରୁ, ପାଳଙ୍ଗ ଶାଗ, ଚିନାବାଦାମ, ଟମାଟୋ, କମଳାଆଦି ଖାଦ୍ୟ ଶରୀର ପାଇଁ ବେଶ୍ ଉପଯୋଗୀ।

## କରୋନାରୀ ଧମନୀ



ହୃଦ୍‌ଯନ୍ତ୍ରକୁ ରକ୍ତ ସଞ୍ଚାରଣ କରାଉଥିବା ଧମନୀଗୁଡ଼ିକୁ କରୋନାରୀ ଧମନୀ କୁହାଯାଇଥାଏ। କାରଣ ଏହା ହୃଦଯନ୍ତ୍ରର ମୁକୁଟ ପରି ପ୍ରତୀୟମାନ ହୁଅନ୍ତି। ଧମନୀରେ କୋଲେଷ୍ଟରଲ, ଆଖେରୋମା ଇତ୍ୟାଦି ଜମି ରକ୍ତ ସଞ୍ଚାଳନର ବାଟ ବନ୍ଦ କରିଥାଏ। ଏଥିପାଇଁ ସ୍ଥଳବିଶେଷରେ ଷ୍ଟେଣ୍ଟ, ବାଇପାସ୍ ସର୍ଜରି ଇତ୍ୟାଦି କରାଯାଇଥାଏ। ରକ୍ତ ଜମାଟ ଓ ଚର୍ବିଜାତୀୟ ଉପାଦାନ ହ୍ରାସ ପାଇଁ ଔଷଧ ଦିଆଯାଇଥାଏ। ଏବେ ବିନା ଅପରେଶନରେ ମଧ୍ୟ ହାର୍ଟ ବ୍ଲକେଜର ଚିକିତ୍ସା କରାଯାଇପାରୁଛି। ଆମ ଶରୀରରେ ରକ୍ତ ସଞ୍ଚାଳନ ଏହିପରି ହୋଇଥାଏ। ପ୍ରଥମେ ଶରୀରର ସମସ୍ତ ଅଙ୍ଗ ଓ ଅଂଶରୁ ଦୂଷିତ ରକ୍ତ ସଂଗ୍ରହ ହୋଇ ଊର୍ଦ୍ଧ୍ୱ ଓ ଅଧ ଭେନା, କାଭା ଦ୍ୱାରା ଦକ୍ଷିଣ ଅଳିନ୍ଦକୁ ଆସି ଦକ୍ଷିଣ ନିଳୟ ଦେଇ ଅଙ୍ଗାରକାମ୍ଳରହିତ ଓ ଅମ୍ଳଜାନଯୁକ୍ତ ହୋଇ ପରିଷ୍କାର ରକ୍ତ ହେବା ପାଇଁ ଫୁସ୍‌ଫୁସ୍‌କୁ ଯାଏ। ସେଠାରୁ ଏହା ଫୁସ୍‌ଫୁସ୍ ଶିରା ଦେଇ ବାମଅଳିନ୍ଦ ଓ ନିଳୟ ମଧ୍ୟ ଦେଇ ଧମନୀ ଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ଯାଇଥାଏ। ଏହି ପ୍ରକ୍ରିୟା ନିରନ୍ତର ଚାଲିଥାଏ। ସାଧାରଣତଃ ହୃତ୍‌ପିଣ୍ଡର ଚାରିଗୋଟି କୋଠରି ମଧ୍ୟରୁ କେବଳ ଗୋଟିଏ ପଟ ଉପର କୋଠରିରୁ ତଳ କୋଠରିକୁ ବାଟ ଥାଏ। ବାମରୁ ଦକ୍ଷିଣ କିମ୍ବା ଦକ୍ଷିଣରୁ ବାମକୁ ବାଟ ନ ଥାଏ। ଏହା ସେପ୍ଟମ ଦ୍ୱାରା ବନ୍ଦ ହୋଇଥାଏ।

## ଉପକାରୀ ଗୁଜୁରାତି



ଗୁଜୁରାତିରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଏହା ପାଚନ କ୍ରିୟାକୁ କେତେକାଂଶରେ ସକ୍ରିୟ କରିଥାଏ। ତା'ସହ ଶରୀରରେ ଥିବା ଏନ୍‌ଜାଇମ୍ ତତ୍ତ୍ୱକୁ ମଧ୍ୟ ଦୃଢ଼ କରେ। ଶ୍ୱାସକ୍ରିୟାକୁ ସତେଜ ରଖେ ଗୁଜୁରାତି। ଏହାକୁ ଖାଇଲେ ପାଟିରେ ଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଯାଇଥାଏ। ଲଣ୍ଡନ ବିଶ୍ୱବିଦ୍ୟାଳୟ ପକ୍ଷରୁ ହୋଇଥିବା ସର୍ଭେରୁ ଜଣାପଡିଛି ଯେ ଗୁଜୁରାତି ଖାଇବା ଦ୍ୱାରା ହୃତ୍‌ପିଣ୍ଡ କାର୍ଯ୍ୟଧାରା କେକୋଂଶରେ ସକ୍ରିୟ ରଖିଥାଏ। ଏଥିରେ ଆଣ୍ଟି ଅକ୍ସିଡାଣ୍ଟ ଗୁଣ ମଧ୍ୟ ରହିଛି, ଯାହାଦ୍ୱାରା ରକ୍ତ ସଞ୍ଚାଳନ ପୂର୍ବାପେକ୍ଷା ସକ୍ରିୟ ରହିଥାଏ। ଗୁଜୁରାତିରେ ଏଭଳି ତତ୍ତ୍ୱ ରହିଛି, ଯାହା ଶରୀରରେ ଥିବା ବିଷାକ୍ତ ଜିନିଷଗୁଡିକୁ ବାହାର କରିଦିଏ। ସବୁଠାରୁ ଖାସ୍ କଥା ହେଲା, ଏହା ଓଜନକୁ ମଧ୍ୟ ସନ୍ତୁଳିତ ରଖେ। ଡାଇବେଟିସ୍ ସମସ୍ୟା ସହ ଜଡିତ ବ୍ୟକ୍ତି ଏହାକୁ ଖାଇପାରନ୍ତି। ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରେ ଗୁଜୁରାତି। ଏହା ମଧ୍ୟ ଶରୀରରେ ଶକ୍ତି ସଞ୍ଚାର କରିଥାଏ।

## ପୃଥୁଳତାରୁ ହୋଇପାରେ ଡାଇବେଟିସ୍



ପୃଥୁଳତା ଏବଂ ଡାଇବେଟିସ୍ ମଧ୍ୟରେ ଯେ ପ୍ରତ୍ୟକ୍ଷ ସମ୍ବନ୍ଧ ରହିଛି। ଅବଶ୍ୟ ଅଧିକାଂଶ ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଏଥିରେ ବଂଶଗତ ପ୍ରଭାବ ପରିଲକ୍ଷିତ ହୋଇଥାଏ। ପୃଥୁଳତା ବା ଓବେସିଟି ବଢ଼ିଗଲେ ତାହା ରକ୍ତରେ ସୁଗାର ପରିମାଣ ବଢ଼ାଇ ଦିଏ। ରକ୍ତରେ ଚର୍ବି ଜମିଲେ ମଧ୍ୟ ତାହା ଡାଇବେଟିସ୍ ରୋଗୀଙ୍କ ପାଇଁ କ୍ଷତିକାରକ। ଏପରି ସ୍ଥିତିକୁ ଡାକ୍ତରୀ ଭାଷାରେ 'ଇନ୍‌ସୁଲିନ୍ ରେଜିଷ୍ଟାନ୍ସ' ବୋଲି କୁହନ୍ତି। ଏହାବ୍ୟତୀତ ପୃଥୁଳତା ଲାଗି ରହିଲେ ଇନ୍‌ସୁଲିନ୍ ତିଆରି କରୁଥିବା 'ବିଟା ସେଲ୍' ନାମକ ଜୀବକୋଷମାନ କ୍ଳାନ୍ତ ହୋଇପଡ଼ନ୍ତି। ପୃଥୁଳକାୟ ବ୍ୟକ୍ତିଙ୍କ ରକ୍ତରେ ଅଧିକ ମାତ୍ରାରେ ଇନ୍‌ସୁଲିନ୍ ଥାଇ ମଧ୍ୟ ତାହା ଆଶାନୁରୂପ କାର୍ଯ୍ୟ କରିପାରେନି। ତେଣୁ ପୃଥୁଳତା ଡାଇବେଟିସ୍ ରୋଗୀଙ୍କ ଚିକିତ୍ସାରେ ଅନ୍ୟତମ ପ୍ରଧାନ ବାଧକ ସାଜିଥାଏ। ମାତ୍ର ଖାଦ୍ୟ ନିୟନ୍ତ୍ରଣ ଓ ନିୟମିତ ବ୍ୟାୟାମ କରନ୍ତୁ। ଏହାଦ୍ୱାରା ପୃଥଳତାକୁ କେତେକାଂଶରେ ହ୍ରାସ କରାଯାଇ ପାରିବ।

## ସ୍ୱାସ୍ଥ୍ୟ ସୂଚନା

- ବ୍ରେକ୍‌ଫାଷ୍ଟ ହେଉଛି ଦିନର ପ୍ରଥମ ଖାଦ୍ୟ। ଏହାକୁ ନିୟମିତ ଖାଇବାକୁ ଭୁଲନ୍ତୁ ନାହିଁ। ଏହି ତାଲିକାରେ ସାଲାଡ, ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ।
- ସଜନା ଶାଗ ରକ୍ତରେ ଗ୍ଲୁକୋଜ୍ ଏବଂ ୟୁରିନ୍‌ରେ ଶର୍କରା ଆଉ ପ୍ରୋଟିନ୍‌ର ପରିମାଣକୁ ସନ୍ତୁଳିତ ରଖେ। ଫଳରେ ରକ୍ତଚାପ କେତେକାଂଶରେ କମିଯିବା ସହ ରକ୍ତରେ ହିମୋଗ୍ଲୋବିନ୍‌ର ପରିମାଣ ବୃଦ୍ଧି ପାଇଥାଏ।
- ନିୟମିତ କିଛି ପରିମାଣରେ ଦହି ଖାଇଲେ ତାହା ଶରୀର ପାଇଁ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ଶରୀରରେ କୋଲେଷ୍ଟରଲ୍ ପରିମାଣକୁ କେତେକାଂଶରେ ସନ୍ତୁଳିତ ରଖେ।
- ଅଙ୍ଗୁରରେ ଆଣ୍ଟି ଅକ୍ସିଡ଼ାଣ୍ଟର ମାତ୍ରା ରହିଛି। ଏହାକୁ ଖାଇଲେ ତାହା ମସ୍ତିଷ୍କର କାର୍ଯ୍ୟଧାରା କେତେକାଂଶରେ ସକ୍ରିୟ ହୋଇଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।
- ବେଡ୍ ରୁମ୍ ପରିବେଶ ସବୁବେଳ ଏପରି ରଖନ୍ତୁ ଯେମିତି ତାହା ନିଦ୍ରାକୁ ପ୍ରଭାବିତ କରିବ ନାହିଁ। ପ୍ରତିଦିନ ଅତିକମ୍‌ରେ ୭-୮ ଘଣ୍ଟା ଶୋଇବାକୁ ଚେଷ୍ଟା କରନ୍ତୁ।
- କଞ୍ଚା ଗାଜର ଖାଇବା ଦ୍ୱାରା ଦାନ୍ତ ଶକ୍ତ ହୋଇଥାଏ। ଏହାକୁ ନିୟମିତ ଖାଇଲେ ତାହା ରକ୍ତଚାପକୁ ମଧ୍ୟ କେତେକାଂଶରେ ସନ୍ତୁଳିତ ରଖେ।



## ଥାଲାସେମିଆ: କିଛି କଥା

ଥାଲାସେମିଆକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଛି। ତାହା ହେଉଛି-ଥାଲାସେମିଆ ମେଜର, ଥାଲାସେମିଆ ମାଇନର ଏବଂ ଥାଲାସେମିଆ ଇଣ୍ଟରମେଡିଆ। ଥାଲାସେମିଆ ମେଜରକୁ ମଧ୍ୟ 'ବିଟା ଥାଲାସେମିଆ' ବୋଲି କହନ୍ତି। ଏହି ପ୍ରକାରଟି ସବୁଠାରୁ ବେଶି ସାଧାରଣ। ଏହି ପ୍ରକାରଟିରେ ଗ୍ଲୋବିନ୍‌ର ବିଟାଚେନ୍ ତିଆରି ବାଧାପ୍ରାପ୍ତ ହୋଇପଡିଥିବାରୁ ଗୁରୁତର ଭାବେ ରକ୍ତହୀନତା ବା ଆନିମିଆ ସୃଷ୍ଟି ହୋଇଥାଏ। ଯେଉଁ ରୋଗାକ୍ରାନ୍ତ ଶିଶୁମାନେ ବର୍ଷେ କି ଦୁଇ ବର୍ଷ ଭିତରେ ମୃତ୍ୟୁବରଣ ନ କରି ବଞ୍ଚିରହନ୍ତି, ସେମାନଙ୍କର ମୁଖମଣ୍ଡଳ ଗୋଲାକାର ଦେଖାଯାଏ। କପାଳ ଓ ମସ୍ତିଷ୍କର ଦୁଇ ପାଖ ହାଡ଼ ଫୁଲିଯାଏ। ହନୁ ହାଡ଼ ବଢ଼ିଯାଏ। ଥାଲାସେମିଆ ଶିଶୁ ସ୍ୱାଭାବିକ ଭାବରେ ବିକାଶ ଲାଭ କରିପାରେନି। ତା'ଠାରେ ଅନିୟମିତ ଭାବରେ ଜ୍ୱର ହୁଏ। ଭୋକ ମରିଯାଏ। ପ୍ରକାଶ ପାଏ କାମଳ। ରୋଗୀ ଦୁର୍ବଳତା ଅନୁଭବ କରେ। ସହଜରେ ଧଇଁସଇଁ ହୋଇପଡେ। ଥାଲାସେମିଆ ରୋଗୀର ହେମୋଗ୍ଲୋବିନ୍‌ର ମାତ୍ରା ଓ ଲୋହିତ ରକ୍ତକୋଷିକାଗୁଡିକର ସଂଖ୍ୟା କମିଯାଏ। ଏଚ.ପି.ଏଲ.ସି. ନାମକ ଏକ ଅତ୍ୟାଧୁନିକ ପରୀକ୍ଷାରୁ ଥାଲାସେମିଆ ରୋଗକୁ ନିର୍ଦ୍ଦିଷ୍ଟ ଭାବରେ ନିର୍ଣ୍ଣୟ କରାଯାଇଥାଏ। ଆନୁଷଙ୍ଗିକ ପରୀକ୍ଷା ଭାବରେ ଅସ୍ଥିମଜ୍ଜା ପରୀକ୍ଷା, ହାଡର ଏକ୍ସ-ରେ କରିବା ବ୍ୟତୀତ ରକ୍ତରେ ଲୌହ ଓ ଫେରିଟିନ୍‌ର ମାତ୍ରା ନିର୍ଦ୍ଧାରଣ କରାଯାଏ। ଥାଲାସେମିଆ ରୋଗୀଙ୍କ ଚିକିତ୍ସା ପାଇଁ ବିଭିନ୍ନ ରକ୍ତ ଭଣ୍ଡାରରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଉପଲବ୍ଧ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ନଭେମ୍ବର ୧୭/୨୦୨୫ Bhubaneswar, Monday, November 17/ 2025

# ଦକ୍ଷିଣ ଆଫ୍ରିକାର ସ୍ମରଣୀୟ ବିଜୟ

## ଅଢ଼େଇ ଦିନରେ ଖେଳ ଶେଷ

**କୋଲକାତା, ୧୬।୧୧(ପି.ଟି.)**

ଭାରତୀୟ ବ୍ୟାଟିଂ ଲାଇନ୍ ଦକ୍ଷିଣ ଆଫ୍ରିକାର କ୍ୱାଲିଟି ସ୍ପିନ ବୋଲିଂ ଆଗରେ ଫେଲ ମାରିଛି। ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ନ ଥିବା ପିଚ୍ ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ ଓ କୁଲଦୀପ ଯାଦବଙ୍କୁ ସୁହାଇବ ବୋଲି ଆଶା କରାଯାଉଥିଲା। ହେଲେ ଦକ୍ଷିଣ ଆଫ୍ରିକୀୟ ସ୍ପିନର ସାଇମନ ହାର୍ମର ଉଭୟ ଇନିଂସରେ ୪ ଲେଖାଏ ଉଇକେଟ ନେଇ ଉଭୟ ଦଳ ମଧ୍ୟରେ ପାର୍ଥକ୍ୟ ସାଜିଥିଲେ। ଫଳରେ ଭାରତ ବିପକ୍ଷରେ ଖେଳାଯାଇଥିବା ପ୍ରଥମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌କୁ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଦଳ ୩୦ ରନରେ ଜିତି ନେଇଛି। ପ୍ରଥମ ଇନିଂସରେ ଦକ୍ଷିଣ ଆଫ୍ରିକା ୧୫୯ ରନ କରିଥିବା ବେଳେ ଭାରତ ୧୮୯ ରନ କରିଥିଲା। ୩୦ ରନରେ ପଛୁଆ ଥିବା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୧୫୩ ରନରେ ସୀମିତ ରହିବା ପରେ ଭାରତ ସମ୍ମୁଖରେ ୧୨୪ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା। ଜବାବରେ ଭାରତ ତା'ର ଦ୍ୱିତୀୟ ଇନିଂସରେ ମାତ୍ର ୯୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଭାରତୀୟ ଅଧିନାୟକ ଶୁବମନ ଗିଲ୍ ବେକଜନିତ ସମସ୍ୟା କାରଣରୁ ହସ୍ପିଟାଲରେ ଭର୍ତ୍ତି ହୋଇଥିବାରୁ ବ୍ୟାଟିଂ ଲାଗି ଉପଲବ୍ଧ ନ ଥିଲେ। ଏହା ଦକ୍ଷିଣ ଆଫ୍ରିକା ଦଳର ଗତ ୧୫ ବର୍ଷରେ ଭାରତ ମାଟିରେ ପ୍ରଥମ ଟେଷ୍ଟ ବିଜୟ। ଅନ୍ୟପକ୍ଷରେ ଘରୋଇ ପରିବେଶରେ ଖେଳାଯାଇଥିବା ଗତ ୬ ଟେଷ୍ଟରେ ଏହା ଭାରତୀୟ ଦଳର ଚତୁର୍ଥ ପରାଜୟ। ଏହି ବିଜୟ ସହ ଦ. ଆଫ୍ରିକା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ୧-୦ର ଅଗ୍ରଣୀ ହାସଲ କରିଛି। ମ୍ୟାଚ୍‌ର ଉଲ୍ଲେଖନୀୟ ବୋଲିଂ ପ୍ରଦର୍ଶନ କରିଥିବା ହାର୍ମରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ୨୨ ତାରିଖଠାରୁ ଗୁଆହାଟୀରେ ଖେଳାଯିବ।

ରବିବାର ତଥା ମ୍ୟାଚ୍‌ର ତୃତୀୟ ଦିନ ଦକ୍ଷିଣ ଆଫ୍ରିକା ଦଳ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୯୩/୭ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନର ଦୁଇ ଅପରାଜିତ ବ୍ୟାଟର ଟେମ୍ବା ବଭୁମା ଓ କର୍ବିନ ବୋଷ୍ଟ ଅଷ୍ଟମ ଉଇକେଟରେ ୪୪ ରନ ଯୋଡ଼ିଥିଲେ। ୨୫ ରନ କରି ଖେଳୁଥିବା ବୋଷ୍ଟଙ୍କୁ ଯଶପ୍ରୀତ ବୁମରା କ୍ଲିନ ବୋଲ୍ଡ କରିଥିଲେ। ଏହାପରେ ହାର୍ମର (୭) ଓ କେଶବ ମହାରାଜ (୦)ଙ୍କୁ ଗୋଟିଏ ଓଭରରେ ମହମ୍ମଦ ସିରାଜ ଆଉଟ୍ କରି ଦକ୍ଷିଣ ଆଫ୍ରିକାର ଇନିଂସର ଅନ୍ତ ଘଟାଇଥିଲେ। ଅଧିନାୟକ ବଭୁମା ୫୫ (୪ ଚୌକା) ରନ କରି ଅପରାଜିତ ରହିଥିଲେ। ଭାରତ ପାଇଁ ରବୀନ୍ଦ୍ର ଜାଡେଜା ୪ ଉଇକେଟ ନେଇଥିବାବେଳେ କୁଲଦୀପ ଯାଦବ ଓ ସିରାଜ ୨ ଲେଖାଏ ଏବଂ ବୁମରା ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।


ଉଇକେଟ ନେବାପରେ ସାଇମନ ହାର୍ମରଙ୍କୁ ଟେମ୍ବା ବଭୁମାଙ୍କ ବଧେଇ।

୧୨୪ ରନର ଟାର୍ଗେଟ ନେଇ ଓହ୍ଲାଇଥିବା ଭାରତ ଆରମ୍ଭରୁ ଦୁଇ ଓପନରଙ୍କୁ ହରାଇଥିଲା। ଯଶସ୍ୱୀ ଜୟସ୍ୱାଲ ଖାତା ଖୋଲିପାରି ନ ଥିବାବେଳେ ଲୋକେଶ ରାହୁଲ ୧ ରନ କରି ଆଉଟ୍ ହୋଇଥିଲେ। ଗିଲ୍‌ଙ୍କ ଅନୁପସ୍ଥିତିରେ ଟପ୍ ଅର୍ଡରରେ ବ୍ୟାଟିଂ କରିଥିବା ଧ୍ରୁବ ଜୁରେଲ ୧୩ ଓ ରିଷଭ ପନ୍ତ ୨ ରନ କରି ପାଭିଲିଅନ ଫେରିଥିଲେ। ୱାଶିଂଟନ ସୁନ୍ଦର (୩୧ ରନ, ୨ ଚୌକା) ଓ ରବୀନ୍ଦ୍ର ଜାଡେଜା (୧୮ରନ୍,୨ ଚୌକା) ଦଳକୁ କିଛିଟା ଆଶା ଦେଇଥିଲେ। ହେଲେ ଦୁହିଁଙ୍କ ଉଇକେଟ ପଡ଼ିବା ଦକ୍ଷିଣ ଆଫ୍ରିକାର ବିଜୟ ପ୍ରାୟ ନିଶ୍ଚିତ ହୋଇଯାଇଥିଲା। ଶେଷ ଆଡ଼କୁ ଅକ୍ଷର ପଟେଲ ଆଟାକିଂ ବ୍ୟାଟିଂ କରି ୧ ଚୌକା ଓ ୨ ଛକା ସହିତ ୨୬ ରନ କରି ଅଷ୍ଟମ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ଏହାର ପରବର୍ତ୍ତୀ ବଲରେ ସିରାଜଙ୍କ ଉଇକେଟ ନେଇ କେଶବ ମହାରାଜ ଭାରତୀୟ ଇନିଂସରେ ପୂର୍ଣ୍ଣଚ୍ଛେଦ ପକାଇଥିଲେ। ଭାରତ ମାତ୍ର ୯୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଭ୍ରମଣକାରୀ ଦଳ ପାଇଁ ହାର୍ମର ୪ ଉଇକେଟ ନେଇଥିବାବେଳେ ମାର୍କୋ ଜାନସେନ ଓ ମହାରାଜ ୨ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୫୯/ଅଲଆଉଟ୍। ଭାରତ ପ୍ରଥମ ଇନିଂସ: ୧୮୯/ଅଲଆଉଟ୍। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୧୫୩/ଅଲଆଉଟ୍ (ଟେମ୍ବା ବଭୁମା-୫୫*, କର୍ବିନ ବୋଷ୍ଟ-୨୫, ରବୀନ୍ଦ୍ର ଜାଡେଜା-୪/୫୦, ମହମ୍ମଦ ସିରାଜ-୨/୨, କୁଲଦୀପ ଯାଦବ-୨/୩୦)। ଭାରତ ଦ୍ୱିତୀୟ ଇନିଂସ: ୯୩/ଅଲଆଉଟ୍ (ୱାଶିଂଟନ ସୁନ୍ଦର-୩୧, ଅକ୍ଷର ପଟେଲ-୨୬, ସାଇମନ ହାର୍ମର-୪/୨୧, ମାର୍କୋ ଜାନସେନ-୨/୧୫, କେଶବ ମହାରାଜ-୨/୩୭)।

## ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର

**ଭୁବନେଶ୍ୱର, ୧୬।୧୧ (ତପନ ସ୍ୱାଇଁ)**

ପଟିଆସ୍ଥିତ ୬ପକେଟ୍ସ କ୍ଲବରେ ଚାଲିଥିବା ୩୧ତମ ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ରାଜ୍ୟ ର୍‍ୟାଙ୍କିଙ୍ଗ୍ ଚାମ୍ପିୟନଶିପ୍‌ର ସବ୍‌ଜୁନିୟର ଫାଇନାଲରେ ଅଜଲାନ ଅଲୀଙ୍କୁ ହରାଇ ବିଶେଷ ସିଘଲ ଚାମ୍ପିୟନ ହୋଇଛନ୍ତି। ସିନିୟର ବିଲିୟାର୍ଡ୍ସର କ୍ୱାର୍ଟର ଫାଇନାଲରେ ସୁବ୍ରତ ଦାସ ୨-୦ରେ ଚେତନ ଆନନ୍ଦ, ସମୀର ଅଲୀ ୨-୦ରେ ଆୟୁଷ୍ମାନ ଏବଂ ଚିରଞ୍ଜୀବ ସିଂ ୨-୧ରେ ବିଶେଷ ସିଘଲଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି।




# ଗୋଲକୁଣ୍ଡା ଗାର୍ଡିଆନ୍ସ ଚାମ୍ପିୟନ



ଚାମ୍ପିୟନ ଗୋଲକୁଣ୍ଡା ଗାର୍ଡିଆନ୍ସ ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

## ଆଇକନିକ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ ଉଦ୍‌ଯାପିତ

**ଭୁବନେଶ୍ୱର, ୧୬।୧୧(ତପନ ସ୍ୱାଇଁ)**

ଆଇକନିକ୍ ସ୍ପୋର୍ଟ୍ସ ଫାଉଣ୍ଡେଶନ (ଆଇଏସ୍‌ଏଫ୍) ଓ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ)ର ମିଳିତ ଆନୁକୂଲ୍ୟରେ ଆଇକନିକ୍ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍ (ଆଇଓସିପିଏଲ୍)-୨୦୨୫ ରବିବାର ଉଦ୍‌ଯାପିତ ହୋଇଛି। ମୋଟ ୧୧ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଗୋଲକୁଣ୍ଡା ଗାର୍ଡିଆନ୍ସ, ବାରବାଟୀ ବ୍ୟାଟଲର୍ସ ଓ ଭିକ୍ଟୋରିଆ ଭିକ୍ଟର୍ସ ୧୭ ପଏଣ୍ଟ ଲେଖାଏ ପାଇ ଅଭିଯାନ ଶେଷ କରିଛନ୍ତି। ତେବେ ଟାଇବ୍ରେକ୍‌ରେ ଗାର୍ଡିଆନ୍ସ ଚାମ୍ପିୟନ ହୋଇଥିବାବେଳେ ବ୍ୟାଟଲର୍ସ ରନରଅପ୍ ଏବଂ ଭିକ୍ଟର୍ସ ତୃତୀୟ ସ୍ଥାନ ଅଧିକାର କରିଛି। ଗାର୍ଡିଆନ୍ସ ୧୧ ମ୍ୟାଚରୁ ୭ ବିଜୟ, ୩ ଡ୍ର ଓ ୧ ପରାଜୟ, ବ୍ୟାଟଲର୍ସ ୮ ବିଜୟ, ୧ ଡ୍ର ଓ ୨ ପରାଜୟ ଏବଂ ଭିକ୍ଟର୍ସ ୮ ବିଜୟ, ୧ ଡ୍ର ଓ ୨ ପରାଜୟ ଲାଭ କରିଛି। ପ୍ରତିଯୋଗିତାରେ ୨ ଗ୍ରାଣ୍ଡମାଷ୍ଟର, ୧୪ ଅନ୍ତର୍ଜାତୀୟ ମାଷ୍ଟର, ୩ ମହିଳା ଅନ୍ତର୍ଜାତୀୟ ମାଷ୍ଟର, ୮ ଫିଡେ ମାଷ୍ଟର, ୩ ମହିଳା ଫିଡେ ମାଷ୍ଟର, ୬ କ୍ୟାଣ୍ଡିଡେଟ୍ ମାଷ୍ଟର ଓ ଜଣେ ମହିଳା କ୍ୟାଣ୍ଡିଡେଟ୍ ମାଷ୍ଟରଙ୍କ ସହ ୩୭ଜଣ ଫିଡେ ଟାଇଟଲଧାରୀଙ୍କୁ ମିଶାଇ ମୋଟ ୯୬ ଖେଳାଳି ଅଂଶଗ୍ରହଣ କରିଥିଲେ। ଚାମ୍ପିୟନ ଗୋଲକୁଣ୍ଡା ଗାର୍ଡିଆନ୍ସ ଦଳରେ ଆର୍ଯ୍ୟନ ଅର୍ନଭ ସାମନ୍ତରାୟ, ଫିଡେ ମାଷ୍ଟର ମୋହିତୋଷ ଦେ, ଅନ୍ତର୍ଜାତୀୟ ମାଷ୍ଟର ଆରାଧ ଗର୍ଗ, ସ୍ୱପ୍ନିଲ ପ୍ରିୟଦର୍ଶୀ, କ୍ୟାଣ୍ଡିଡେଟ ମାଷ୍ଟର ମୁକୁନ୍ଦ ହେମନ୍ତ ଅଗ୍ରୱାଲ, ମହିଳା ଫିଡେ ମାଷ୍ଟର ଅର୍ଶିୟା ଦାସ, ରାକେଶ କୁମାର ନାୟକ ଓ ସୋୟମ ଲକ୍ଷ୍ମୀଦତ୍ତ ସାବତ ସାମିଲ ଥିଲେ।

ବିଜେତା ଟିମଙ୍କୁ ୫ ଲକ୍ଷ, ପ୍ରଥମ ରନର୍ସ ଅପକୁ ୩ ଲକ୍ଷ ଓ ଦ୍ୱିତୀୟ ରନର୍ସ ଅପକୁ ୨ ଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ତଥା ଅଲ୍ ଝାଡ଼ଖଣ୍ଡ ଚେସ୍ ଆସୋସିଏସନ ସଭାପତି ପ୍ରଦୀପ କୁମାର ବର୍ମା, ସମ୍ମାନିତ ଅତିଥି ଏସାର ମିନମେଟ୍ ଲିମିଟେଡର ସିଇଓ ଶଶି ଶେଖର ମହାନ୍ତି, ଜେମିନୀ ଅଏଲ୍ ସିନିୟର ମ୍ୟାନେଜର (କମର୍ସିଆଲ) ପ୍ରଦୀପ୍ତ କିଶୋର ମହାପାତ୍ର, ଏସଏନଏମ୍ ଗ୍ରୁପ୍ ଚେୟାରମ୍ୟାନ ପ୍ରଦୀପ୍ତ ମହାନ୍ତି, ସଂଗୀତ ନିର୍ଦ୍ଦେଶକ ପ୍ରେମ ଆନନ୍ଦ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଆଇଏସଏଫ୍ ଟିମର ନିର୍ଦ୍ଦେଶକ ସଞ୍ଜୟ ଚୌଧୁରୀ, ଚିଦାମ୍ବିକା ଖଟୁଆ, ଶେଖ ଅବଦୁଲ ସମିମ୍, ଜାତୀୟ ସଭାପତି ପ୍ରଦିପ୍ତ ମହାନ୍ତି, ରାଜ୍ୟ ସଭାପତି ବିଭୁ ପ୍ରସାଦ ମିଶ୍ର, ରାଜ୍ୟ ସମ୍ପାଦକ ସଞ୍ଜୟ ଦାସ, ରାଜ୍ୟ ଆବାହକ ରାଶି ଅଗ୍ରୱାଲ, ଆଞ୍ଚଳିକ ପରିଚାଳକ ଦର୍ଶନ କୁମାର ବେହେରାଙ୍କ ସମେତ ଅଲ୍‌ଓଡ଼ିଶା ଚେସ୍ ଆସୋସିଏଶନ ସମ୍ପାଦକ ଦେବବ୍ରତ ଭଞ୍ଜ, କାର୍ଯ୍ୟକାରିଣୀ ସଦସ୍ୟ ରିତେଶ ରଥ, ଅଭିଶେକ ଆଚାର୍ଯ୍ୟ, ଆୟୋଜକ କମିଟି ସଦସ୍ୟ ମାନସ ପାଣି, ବି.ଏନ. ସାହୁ, ବିଷ୍ଣୁ ଅଗ୍ରୱାଲ, ଧନଞ୍ଜୟ ସାବତ, ଅର୍ଘ୍ୟ ଅର୍ପଣ ପରିଡା,ପଦ୍ମିନୀ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ମୁକ୍ତେଶ୍ୱର, କିଶୋର ସ୍ପୋର୍ଟିଂ ବିଜୟୀ

## ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍

**ଭୁବନେଶ୍ୱର, ୧୬।୧୧ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ସ୍ମାରକୀ 'ବି' ଡିଭିଜନ ଫୁଟବଲ ଲିଗ୍‌ର ରବିବାର ଅନୁଷ୍ଠିତ ୨ଟି ମ୍ୟାଚରେ ମୁକ୍ତେଶ୍ୱର ଏବଂ କିଶୋର ସ୍ପୋର୍ଟିଂ ବିଜୟ ହାସଲ କରିଛି। ପ୍ରଥମ ମ୍ୟାଚରେ ମୁକ୍ତେଶ୍ୱର ସ୍ପୋର୍ଟିଂ ୪-୧ ଗୋଲରେ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଅନିଲ ନାୟକ ୨ଟି ଏବଂ ପ୍ରତ୍ୟୁଷ ସିଂ ଓ ଶରତ ମିନ୍ୟାକା ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରତିପକ୍ଷ ଦଳରୁ ନିଖିଲ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଡବଲ ଗୋଲ ସ୍କୋରର ଅନିଲ ନାୟକଙ୍କୁ ଅତିଥି ରାଜ୍ୟର ପ୍ରତିଷ୍ଠିତ ଆଥ୍‌ଲେଟିକ୍ସ କୋଚ୍ ନୀଳମାଧବ ଦେଓ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚରେ କିଶୋର ସ୍ପୋର୍ଟିଂ ୨-୦ ଗୋଲରେ ସିଲିକନ୍ ୟୁନିଭର୍ସିଟିକୁ ହରାଇ ଦେଇଛି। କିଶୋର ସ୍ପୋର୍ଟିଂ ପକ୍ଷରୁ ଆଶିଷ ବାହାଲା ଓ ସିଦ୍ଧାନ୍ତ ଦାସ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ରାଜ୍ୟର ପ୍ରତିଷ୍ଠିତ କ୍ରୀଡ଼ା ବିଜ୍ଞାନୀ ବିଶେଷଜ୍ଞ ମୁକ୍ତି ପ୍ରସାଦ ଦାଶ ଓ ସସ୍ମିତା ଦାଶ ଅତିଥିଭାବେ ଯୋଗଦେଇ ସିଦ୍ଧାନ୍ତ ଦାସଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।



ସିଦ୍ଧାନ୍ତ ଦାସ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଭାରତର ଧନୁଷ ସ୍ୱର୍ଣ୍ଣ, ମୁର୍ତାଜାଙ୍କୁ ରୌପ୍ୟ

## ବଧିର ଅଲିମ୍ପିକ୍ସ

**ନୂଆଦିଲ୍ଲୀ, ୧୬।୧୧ (ପି.ଟି.)**

ଭାରତୀୟ ଶୁଟର ଧନୁଷ ଶ୍ରୀକାନ୍ତ ବିଶ୍ୱ ମଞ୍ଚରେ ତାଙ୍କର ପ୍ରଭାବୀ ପ୍ରଦର୍ଶନ ଅବ୍ୟାହତ ରଖିଛନ୍ତି। ଟୋକିଓରେ ଚାଲିଥିବା ବଧିର ଅଲିମ୍ପିକ୍ସରେ ସେ ପୁରୁଷ ୧୦ମିଟର ଏୟାର ରାଇଫଲ ପ୍ରତିଯୋଗିତାରେ ଭାଗ ନେଇ ସ୍ୱର୍ଣ୍ଣ ଜିତି ଭାରତକୁ ପଦକ ତାଲିକାରେ ସାମିଲ କରିଛନ୍ତି। ୨୩ବର୍ଷୀୟ ଏହି ଶୁଟର ୨୦୨୨ରେ ମାତ୍ର ୧୯ବର୍ଷ ବୟସରେ କାକ୍ସିଆସ ଡୁ ସୁଲ୍ (ବ୍ରାଜିଲ)ରେ ବଧିର ଅଲିମ୍ପିକ୍ସରେ ପ୍ରଥମ ଥର ଭାଗ ନେଇଥିଲେ ଏବଂ ଦୁଇଟି ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଏଠାରେ ଆଉ ଏକ ଚମତ୍କାର ପ୍ରଦର୍ଶନ କରି ସେ ୨୫୨.୨ ପଏଣ୍ଟ ସ୍କୋର ସହ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି, ଯାହାକି ଏକ ବଧିର ଫାଇନାଲରେ ଏକ ନୂଆ ବିଶ୍ୱ ରେକର୍ଡ। ଭାରତର ମହମ୍ମଦ ମୁର୍ତାଜା ଭାନିଆ ଫାଇନାଲରେ ୨୫୦.୧ ସ୍କୋର କରି ରୌପ୍ୟ ପଦକ ଲାଭ କରିଥିବା ବେଳେ ଦକ୍ଷିଣ କୋରିଆର ବାଏକ୍ ସିଅଙ୍ଗହାକ୍ ୨୨୩.୬ ସ୍କୋର ସହ ବ୍ରୋଞ୍ଜ ପାଇଛନ୍ତି। ହାଇଦ୍ରାବାଦରେ ଟ୍ରେନିଂ ନେଉଥିବା ଏହି ଚାମ୍ପିୟନ ଶୁଟର ୬୩୦.୬ ସ୍କୋର ସହ ପ୍ରଥମ ସ୍ଥାନ ଅଧିକାର କରି ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ବଧିର ଅଲିମ୍ପିକ୍ସରେ ଏହା ଏକ ରେକର୍ଡ। ମୁର୍ତାଜା(୬୨୬.୩) ଦ୍ୱିତୀୟ ସ୍ଥାନରେ ରହିଥିଲେ। ୨୦୨୨ରେ କାକ୍ସିଆସ ଡୁ ସୁଲ୍‌ରେ ସେ ଉଭୟ ବ୍ୟକ୍ତିଗତ ଓ ମିକ୍ସଡ ଟିମ୍ ସ୍ୱର୍ଣ୍ଣ ଜିତିଥିଲେ।

# ବିପ୍ଳବ, ଅନିଲ ଇନିଂସ ସମ୍ଭାଳିଲେ

## ରଣଜୀ ଟ୍ରଫି

**ଭୁବନେଶ୍ୱର, ୧୬।୧୧ (ତପନ ସ୍ୱାଇଁ)**

ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ରଣଜୀ ଟ୍ରଫି ଏଲିଟ ଗ୍ରୁପ୍ 'ଏ' ମ୍ୟାଚ ରବିବାର କିଟ୍ କ୍ରିକେଟ ଷ୍ଟାଡିୟମରେ ଆରମ୍ଭ ହୋଇଛି। ଓଡ଼ିଶା ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ମଧ୍ୟଭାଗରେ ଅଭିଜ୍ଞ ବିପ୍ଳବ ସାମନ୍ତରାୟ ଓ ଅନିଲ ପରିଡ଼ା ଇନିଂସ ସମ୍ଭାଳି ଓଡ଼ିଶାର ସମ୍ମାନ ରଖିଛନ୍ତି। ପ୍ରଥମ ଦିବସ ଶେଷ ବେଳକୁ ଓଡ଼ିଶା ୭ ଉଇକେଟ ହରାଇ ୨୪୩ ରନ ସଂଗ୍ରହ କରିଛି। ଅନିଲ ୯୮ ରନକରି ଅପରାଜିତ ରହିଛନ୍ତି। ଏହି ମ୍ୟାଚରେ ଉଇକେଟ କିପର ସାୱନ ପହାରିଆ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଛନ୍ତି। ମ୍ୟାଚ ପୂର୍ବରୁ ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ ତାଙ୍କୁ ଓଡ଼ିଶା କ୍ୟାପ ପ୍ରଦାନ କରିଛନ୍ତି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଓଡ଼ିଶା ଦଳର ଅଧିନାୟକ ଶୁଭ୍ରାଂଶୁ ସେନାପତି। ମାତ୍ର ନାଗାଲାଣ୍ଡ ବୋଲରମାନେ ସକାଳେ ପିଚ୍‌ର ଆର୍ଦ୍ରତାରୁ ଫାଇଦା ଉଠାଇ ଓଡ଼ିଶାର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ପରିସ୍ଥିତି ଏପରି ହୋଇଥିଲା ଯେ ଓଡ଼ିଶା ୩୪ ରନ ମଧ୍ୟରେ ୪ଟି ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଦୁଇ ଓପନର ଗୌରବ ଚୌଧୁରୀ ଓ ସ୍ୱସ୍ତିକ ସାମଲ ଯଥାକ୍ରମେ ୧୦ ଓ ୯ ରନ କରିଥିବାବେଳେ ଗୋବିନ୍ଦ ପୋଦ୍ଦାର ଖାତା ଖୋଲିପାରି ନ ଥିଲେ। ଅଧିନାୟକ ଶୁଭ୍ରାଂଶୁ ଭଲ ଆରମ୍ଭ କରିଥିଲେ ହେଁ ୧୩ ରନକରି ପ୍ୟାଭିଲିୟନ ଫେରିଥିଲେ। ଚଳିତ ସିଜନର ୪ଟି ମ୍ୟାଚ ପରେ ଦଳକୁ ଡାକରା ପାଇଥିବା ବିପ୍ଳବ ଓ କ୍ୟାରିୟରର ଦ୍ୱିତୀୟ ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ ଖେଳିବାକୁ ସୁଯୋଗ ପାଇଥିବା ଅନିଲ ଚାପର ବଶବର୍ତ୍ତୀ ନ ହୋଇ ୫ମ ଉଇକେଟରେ ୩୫୪ ବଲ୍‌ରୁ ୧୭୯ ରନର ପାର୍ଟନରଶିପ୍ ଗଢ଼ି ଓଡ଼ିଶାକୁ ଲଜ୍ଜାଜନକ ସ୍ଥିତିରୁ ଉଦ୍ଧାର କରିଥିଲେ। ଶତକ ହାସଲର ନିକଟବର୍ତ୍ତୀ ହୋଇଥିବା ବିପ୍ଳବ ୯୨ ରନ କରିଥିବାବେଳେ ଇମଲିୱାତି ଲେମଟୁରଙ୍କ ବଲ୍‌ରେ ଏଲବିଡବ୍ଲ୍ୟୁ ହୋଇଯିବାରୁ ଯୋଡ଼ି ଭାଙ୍ଗିଥିଲା। ସେ ୧୪୫ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୯ ଚୌକା ଓ ୧ ଛକା ମାରିଥିଲେ। ଅନିଲ କିନ୍ତୁ ୯୮ ରନରେ ଅପରାଜିତ ରହି କ୍ୟାରିୟରର ପ୍ରଥମ ଶତକ ହାସଲର ଦ୍ୱାରରେ ପହଞ୍ଚିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେ ତାଙ୍କର ସର୍ବୋଚ୍ଚ ସ୍କୋର ୯୯* ରନ। ଚଳିତବର୍ଷ ପ୍ରାରମ୍ଭରେ ଜାନୁଆରୀ ୩୦ରୁ ଫେବୃଆରୀ ୨ ପର୍ଯ୍ୟନ୍ତ କଟକରେ ଅନୁଷ୍ଠିତ ସର୍ଭିସେସ ବିପକ୍ଷ ଏକମାତ୍ର ମ୍ୟାଚର ଦ୍ୱିତୀୟ ଇନିଂସରେ ଓଡ଼ିଶା ଅଲ୍‌ଆଉଟ ହେବା ବେଳକୁ ସେ ୯୯ ରନରେ ଅପରାଜିତ ରହିଥିଲେ। କିଟ୍ ଗ୍ରାଉଣ୍ଡରେ ଅନିଲ ୨୪୯ଟି ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୯ ଚୌକା ଓ ୧ ଛକା ମାରିଛନ୍ତି। ତେବେ ଏତିକିରେ କାର୍ଯ୍ୟ ସରିନାହିଁ। ଓଡ଼ିଶା ପ୍ରଥମ ଇନିଂସ ସ୍କୋରକୁ ଯଥା ସମ୍ଭବ ଆଗକୁ ନେବା ଦାୟିତ୍ୱ ଏବେ ଅନିଲଙ୍କ ଉପରେ। ଟେଲ୍ ଏଣ୍ଡରଙ୍କୁ ସାଥିକରି ତାଙ୍କୁ ଏଠାରେ ଏକ ବଡ଼ ଇନିଂସ ଖେଳିବାକୁ ହେବ। ନାଗାଲାଣ୍ଡ ବୋଲରଙ୍କ ମଧ୍ୟରେ ଇମଲିୱାତି ଲେମଟୁର, ରୋନିତ ମୋରେ ଓ ରଙ୍ଗସେନ ଜୋନାଥନ ୨ଟି ଲେଖାଏ ଏବଂ ଦୀପ୍ ବୋରା ଗୋଟିଏ ଉଇକେଟ ନେଇଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୪୩/୭ (ଅନିଲ ପରିଡ଼ା-୯୮*, ବିପ୍ଳବ ସାମନ୍ତରାୟ-୯୨, ଇମଲିୱାତି ଲେମଟୁର-୨/୨୫, ରୋନିତ ମୋରେ-୨/୪୫, ରଙ୍ଗସେନ ଜୋନାଥନ-୨/୬୧, ଦୀପ୍ ବୋରା-୧/୨୮)।




କିଟ୍ ଷ୍ଟାଡିୟମରେ ରବିବାର ଶଟ୍ ଖେଳିବା ଅବସରରେ ଅନିଲ ପରିଡ଼ା ଓ ବିପ୍ଳବ ସାମନ୍ତରାୟ।

# ପାକିସ୍ତାନକୁ ହରାଇଲା ଭାରତ

**ଭୁବନେଶ୍ୱର, ୧୬।୧୧ (ବିଜୟ ରଣା)**

ଶ୍ରୀଲଙ୍କାର କଲମ୍ବୋଠାରେ ଚାଲିଥିବା ପ୍ରଥମ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୮ ଉଇକେଟରେ ହରାଇ ଦେଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ନିର୍ଦ୍ଧାରିତ ଓଭରରେ ୮ଉଇକେଟ ବିନିମୟରେ ୧୩୫ରନ କରିଥିଲା। ଦଳ ପକ୍ଷରୁ ମେହେରନ୍ ଅଲି-୬୬ରନ (୪୪ ବଲ୍) ବୁଶ୍ରା ଅଶ୍ରଫ ୪୪ (୩୮ ବଲ୍)ରନ କରିଥିଲେ। ଭାରତ ତରଫରୁ ଫୁଲ ସୋରେନ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବ୍ରେକ୍ ଥ୍ରୁ ଆଣିଥିଲେ। ମିଡଲ ଓଭରରେ ଅନୁ କୁମାରୀ ଶୃଙ୍ଖଳିତ ବୋଲିଂ କରିଥିଲେ। ଗଙ୍ଗା କଦମ ଟାଇଟଲ ବୋଲିଂ କରି ପାକିସ୍ତାନ ବ୍ୟାଟରମାନଙ୍କ ଉପରେ ଚାପ ସୃଷ୍ଟି କରିଥିଲେ। ଜବାବରେ ଭାରତ ୧୦.୨ଓଭରରେ ୨ଉଇକେଟ ବିନିମୟରେ ୧୩୬ ରନ କରି ମ୍ୟାଚ ଜିତିନେଇଥିଲା। ଭାରତ ତରଫରୁ ଆନେଖା ଦେବୀ ୬୪ (୩୪ ବଲ୍) ଓ ଅଧିନାୟିକା ଦୀପିକା ଟିସି ୪୫ (୨୧ ବଲ୍) ରନ କରିଥିଲେ। ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିସାରିଥିବା ଭାରତର ଏହା ଥିଲା କ୍ରମାଗତ ୫ମ ବିଜୟ। ସୋମବାର ଶ୍ରୀଲଙ୍କା ବନାମ ଅଷ୍ଟ୍ରେଲିଆ ମ୍ୟାଚ ଖେଳାଯିବ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ